

ଫଲେଶ୍ୱରନାଥ ମନ୍ଦିରରେ ପୂଜାର୍ଚ୍ଚନା କଲେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପୁଣି ତେଲୁଗୁ ସିନେମାକୁ ଫେରୁଛନ୍ତି ସାମନ୍ଥା |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୫ Vol. 22 No-115 25 JULY 2025 FRIDAY, BHUBANESWAR ଶୁକ୍ରବାର, ୨୫ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ରାଷ୍ଟ୍ରପତିଙ୍କୁ ଭେଟିଲା ବିଜେପି ଟିମ୍

ଭୁବନେଶ୍ୱର,୨୪।୭(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପିର ଏକ ଟିମ୍ ଗୁରୁବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିବା ସୂଚନା ମିଳିଛି। ରାଷ୍ଟ୍ର ହିତରେ ଜାରି କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି ଟିମ୍‌ରେ ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସଂଗଠନ ସଂପାଦକ ମାନସ ମହାନ୍ତି ସାମିଲ ଥିଲେ।

### ଆଇଏଏସ୍ ଧୃମାନ ଚକମାଙ୍କୁ ଜାମିନ୍

କଟକ,୨୪।୭(ଭାସ୍କର ନ୍ୟୁଜ): ଜଣେ କ୍ରସର ମାଲିକଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପଜିଲ୍ଲାପାଳ ଧୃମାନ ଚକମାଙ୍କୁ ଜାମିନ ମିଳିଛି। ତାଙ୍କୁ ୫ ଲକ୍ଷ ଟଙ୍କାର ଦୁଇ ଜାମିନଦାରଙ୍କ ବଦଳରେ ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଛି।

### ବଜ୍ରପାତରେ ୩ ମୃତ

ବସ୍ତା/ଝାରସୁଗୁଡ଼ା,୨୪।୭(ଭାସ୍କର ନ୍ୟୁଜ): ଗୁରୁବାର ବଜ୍ରପାତ ଘଟି ବାଲେଶ୍ୱର ଜିଲ୍ଲା ବସ୍ତା ବରୁଣଗଡ଼ିଆ ଗାଁରେ ବିଲରେ କାମ କରୁଥିବାବେଳେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବାବେଳେ ଝାରସୁଗୁଡ଼ା ସହରରେ ମାର୍କେଟିଂ କରୁଥିବାବେଳେ ବଜ୍ରପାତ ହେବାରୁ ମା ଓ ପୁଅ ମୃତ୍ୟୁବରଣ କରିଛନ୍ତି।

### ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୪।୭(ଭାସ୍କର ନ୍ୟୁଜ): ଛତିଶଗଡ଼ ବିଜାପୁର ପୋଲିସ ନିକଟରେ ମାଓବାଦୀ ଓଡ଼ିଶା ରାଜ୍ୟ • ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୮୨,୧୮୪.୧୭
ସର୍ବାଧିକ: ୩୨ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୨୪। ।୨୦୨୫ ର ମତାମତ**

ରାଜ୍ୟରେ ବଢି ଚାଲିଥିବା ଦୁଷ୍କର୍ମ, ଗଣଦୁଷ୍କର୍ମରେ ରୋକ୍ ଲାଗି ପାରିବ କି ?




**ଆଜିର ପ୍ରସଙ୍ଗ**

ବଳଙ୍ଗା ପୀଡ଼ିତାଙ୍କ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଥମୁନି ନିର୍ଯାତନା

# ଫସିବେ ଏମ୍‌କେସିଜି ପ୍ରଫେସର !




- ୨୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଭିଯୋଗ
- ଅଭିଯୋଗକୁ ସ୍ୱୀକାର କଲେ ଅଧିକ୍ଷକ
- ଉଭୟପକ୍ଷଙ୍କ ଉପସ୍ଥିତିରେ ବୈଠକ
- ତର୍ଜମା ଚାଲିଛି, ନିଷ୍ପତ୍ତି ଜଣାଇବୁ

ବ୍ରହ୍ମପୁର,୨୪।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀର ମୋହନ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପରେ ସାରା ରାଜ୍ୟରେ ଗୋଟିଏ ପରେ ଗୋଟିଏ ନିର୍ଯାତନା ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଆସୁଛି। ପ୍ରତିଦିନ ଏଭଳି ଘଟଣାମାନ ଦେଖିବାକୁ ମିଳୁଛି। ଯାହାକି ଲୋକଙ୍କ ଉପରେ ଏକ କୁପ୍ରଭାବ ପକାଉଛି। ଫକୀରମୋହନ ପରେ ପୁରୀ ନିମାପଡ଼ା ବଳଙ୍ଗାରେ ମଧ୍ୟ ଜଣେ ନାବାଳିକାଙ୍କୁ ନିଆଁ ଲଗାଇବା ଘଟଣା ଏବେ ବି ଚହଳ ସୃଷ୍ଟି କରୁଛି। ପୀଡ଼ିତା ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଏସବୁ ଭିତରେ ଗୁରୁବାର ବ୍ରହ୍ମପୁରସ୍ଥିତ ଏମ୍‌କେସିଜିରୁ ଏକ ବଡ଼ ଧରଣର ନିର୍ଯାତନା ଅଭିଯୋଗ ଆସିଛି। ମେଡ଼ିକାଲ କଲେଜର ୨୦ରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଅଧିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏମକେସିଜିର ଶିଶୁବିଭାଗ ଆସୋସିଏଟ୍ ପ୍ରଫେସର ଭାରତୀ ଦାଶଙ୍କ ନାମରେ ଏହି ଅଭିଯୋଗ ଆସିଛି। ପ୍ରଫେସର ଏହି ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗ ପାଇଥିବା ନେଇ ହସ୍ପିଟାଲର ଅଧିକ୍ଷକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗ ମିଳିବା ପରେ ଉଭୟପକ୍ଷଙ୍କୁ ବସାଇ ବୈଠକ କରାଯାଇଛି। ଏହି ବୈଠକରେ ଡିନ୍‌ଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ରହିଥିଲେ। ତେବେ ବୈଠକର ନିଷ୍କର୍ଷ ମିଳିପାରି ନାହିଁ। ଅଧିକ୍ଷକ କହିଛନ୍ତି ଯେ ଆମେ ଏ ନେଇ ତର୍ଜମା କରୁଛୁ ଓ ପରେ ନିଷ୍ପତ୍ତି ଜଣାଇବୁ। ତେବେ ଏଠାରେ ପ୍ରଶ୍ନ ଉଠୁଛି, କଲେଜ ଗୁଡ଼ିକରେ ନିର୍ଯାତନାର ମାତ୍ରା କାହିଁକି ବୃଦ୍ଧି ପାଉଛି। ଫକୀରମୋହନ କଲେଜରେ ଜଣେ ଛାତ୍ରୀ ନିର୍ଯାତନା ଓ ନ୍ୟାୟ ନ ମିଳିବାରୁ ନିଜକୁ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ । ସେହିପରି ନିମାପଡ଼ା ବଳଙ୍ଗାରେ ୩ଜଣ ଦୁର୍ବୃତ୍ତ ଜଣେ ନାବାଳିକାଙ୍କୁ ନଦୀ ପଠାରେ କିରାସିନି ଢାଳି ନିଆଁ ଲଗାଇଦେଲେ। ଏହାପରେ ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ନିର୍ଯାତନା ସଂପର୍କିତ ଅଭିଯୋଗମାନ ଆସିବାରେ ଲାଗିଛି। ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବେ ବୋଲି ପୀଡ଼ିତାମାନେ ଚେତାବନୀ ଦେଇଛନ୍ତି, ଯାହାକି ଉଭୟ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅନ୍ୟପକ୍ଷରେ ଗୁରୁବାର ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ଗୁରୁବାର କଲେଜର ମୁଖ୍ୟ କ୍ୟାମ୍ପସରେ ଗୋଟିଏ ଟିମ୍ ଓ ଇଷ୍ଟ କ୍ୟାମ୍ପସରେ ଆଉ ଏକ ଟିମ୍ ଖୋଳତାଡ଼ କରିଥିବା ସୂଚନା ମିଳିଛି। ଶିକ୍ଷା ବିଭାଗକୁ ଯାଇ ପଚରାଉଚୁରା କରିଛି ଟିମ୍। ବୁଧବାର କଲେଜର ୨ ଛାତ୍ରୀଙ୍କ ବୟାନ ମଧ୍ୟ ରେକର୍ଡ ହୋଇଥିଲା।

## ଦୁଇଦିନିଆ ବ୍ରିଟେନ ଗସ୍ତରେ ମୋଦୀ

# ଭାରତ-ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ,୨୪।୭: ଭାରତ ଓ ବ୍ରିଟେନ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏବେ ଦୁଇଦେଶ ମଧ୍ୟରେ ସାମଗ୍ରୀର କାରବାର ଓ ବାଣିଜ୍ୟ ପୂର୍ବାପେକ୍ଷା ସହଜ ଓ ଶସ୍ତା ହେବ। ଏହି ଚୁକ୍ତିପରେ ଭାରତୀୟ ବଜାରରେ ବିଦେଶୀ ସାମଗ୍ରୀ ଶସ୍ତା ହେବ, ଯେତେବେଳେ କି ଭାରତରୁ ହେବାକୁ ଥିବା ରପ୍ତାନୀରେ ବଡ଼ ଲମ୍ଫ ପ୍ରଦାନ କରିବାର ଆଶା ଦେଖାଦେବ। ଉଭୟ ଦେଶର ବିଶେଷଜ୍ଞ ଓ ବ୍ୟବସାୟୀ ଏହି ଚୁକ୍ତିନାମାକୁ ସ୍ୱାଗତ କରିଛନ୍ତି। ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଲାଗୁ ହେବାପରେ ୯୯ ପ୍ରତିଶତ ଭାରତୀୟ ରପ୍ତାନୀରେ ବ୍ରିଟେନରେ ଶୁଳ୍କ ଲାଗିବ ନାହିଁ। ଏହା ପୂର୍ବରୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବାସଭବନ ଚେକର୍ସରେ ଆତିଥ୍ୟ ପ୍ରଦାନ କରିଥିଲେ। ଉଭୟ ନେତା ଆଲୋଚନା ପୂର୍ବରୁ ବ୍ୟକ୍ତିଗତ ଭାବେ କଥା ମଧ୍ୟ ହୋଇଥିଲେ। ୟୁକେର ଫ୍ରି ଟ୍ରେଡ ଡିଲ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆମେ ସରକାର ଓ ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କୁ ଧନ୍ୟବାଦ ଦେଉଛୁ କି ସେ ପହଲଗାମ ଆତଙ୍କୀ ହମଲାର କଡ଼ା ନିନ୍ଦା କରିଛନ୍ତି ଏବଂ ଆତଙ୍କବାଦ ବିରୋଧରେ ଭାରତ ସହ ଛିଡ଼ା ହେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମୋଦୀ ଆହୁରି କହିଛନ୍ତି ଯେ ଭାରତ-ୟୁକେ ୟୁକ୍ରେନ ସଂଘର୍ଷ, ଇଣ୍ଡୋ ପେସିଫିକ୍ ଓ ମଧ୍ୟପ୍ରାଚ୍ୟକୁ ନେଇ ମତ ପ୍ରଦାନ କରି ଆସୁଛନ୍ତି। ଆମେ ଯଥାଶୀଘ୍ର ଏହାର ସମାଧାନ ଚାହୁଁଛି। ଆଜିର ଯୁଗର ଚାହିଦା ବିସ୍ତାରବାଦ ନୁହେଁ ବରଂ ବିକାଶବାଦ। ମୋଦୀ ଆହୁରି କହିଥିଲେ ଯେ ଏହି ଡିଲ୍‌ରେ ଦୁଇଦେଶ ମଧ୍ୟରେ କେବଳ ସମ୍ପର୍କ ମଜବୁତ ହେବନି, ଏହାସହ ଚାକିରି କ୍ଷେତ୍ରରେ ବୃଦ୍ଧି ଘଟିବ। ୟୁକେରୁ ଆସୁଥିବା ସାମଗ୍ରୀ • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଓଡିଶା ଆଦିବାସୀ ମହାସଂଘ

# ‘ଆଦିବାସୀଙ୍କ ବିକାଶ ଆମର ପ୍ରାଥମିକତା’



ଭୁବନେଶ୍ୱର, ୨୪।୭(ଭାସ୍କର ନ୍ୟୁଜ): ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡିଶାର କର୍ମକର୍ତ୍ତା ଓ ସଦସ୍ୟ ମାନେ ଭେଟି ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଦିବାସୀ ମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ ଆଦିବାସୀ ମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ • ପୃଷ୍ଠା ୫ ଦେଖନ୍ତୁ

## ବଳଙ୍ଗା ପୀଡ଼ିତା ସଂକଟାପନ୍ନ

# ପୋଡ଼ି ଘଟଣାର ରହସ୍ୟ ହେଉନି ଉନ୍ମୋଚନ

ନିମାପଡ଼ା, ୨୪।୭ (ଭାସ୍କର ନ୍ୟୁଜ): ନିମାପଡ଼ା-ବଳଙ୍ଗା ପୀଡ଼ିତାଙ୍କ ଅବସ୍ଥା ଉଦ୍‌ବେଗ ଜନକ ଥିବା ବେଳେ ଏହି ଘଟଣାର ସସ୍‌ପେନ୍ସ ଲାଗି ରହିଛି । ଦିନକୁ ଦିନ ଘଟଣା ଜଟିଳ ହେବାକୁ ବସିଥିବା ବେଳେ ପୀଡ଼ିତା ପୋଡ଼ି ରହସ୍ୟ ଉନ୍ମୋଚନ ହୋଇପାରୁ ନାହିଁ।

**ପୀଡ଼ିତାଙ୍କ ବୟାନ ରେକର୍ଡ ପାଇଁ ଦିଲ୍ଲୀ ଗଲା କ୍ରାଇମବ୍ରାଞ୍ଚ**



ପୀଡ଼ିତାଙ୍କ ବୟାନ୍ ରେକର୍ଡ଼ କରିବାକୁ କ୍ରାଇମ୍ ବ୍ରାଂଚର ଏକ ୫ ଜଣିଆ ଟିମ୍ ଦିଲ୍ଲୀ ଯାତ୍ରା କରିଛନ୍ତି । ବର୍ତ୍ତମାନ ପୀଡ଼ିତାଙ୍କ ପରିବାର ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ପୀଡ଼ିତାଙ୍କ ଘରେ ଛଅ ଦିନ ହେବ ଚୁଲି ଜଳୁ ନାହିଁ । ଝିଅର ଏପରି ଅବସ୍ଥା ଦେଖି ତାଙ୍କ ପରିବାର ସମେତ ବସ୍ତି ସ୍ତବ୍ଧ ହୋଇଯାଇଛି । କ୍ରାଇମ୍ ବ୍ରାଂଚ ଟିମ୍ ଓ ସ୍ପେଶାଲ୍ ସ୍କ୍ୱାର୍ଡ଼ ଲାଗି ପଡ଼ିଥିବା ବେଳେ ଛଅ ଦିନ ବିତି ଯାଇଥିଲେ ମଧ ଏହି ରହସ୍ୟ ଖୋଲୁ ନାହିଁ । କିପରି ଛାତ୍ରୀ ପୋଡ଼ି ହେଲେ ତାହାକୁ ନେଇ ନିମାପଡ଼ା ସମେତ ସାରା ରାଜ୍ୟରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ପୀଡ଼ିତାଙ୍କ ମାଆଙ୍କୁ ଭେଟିବାକୁ ଯାଇଥିବା ବେଳେ ପୀଡ଼ିତାଙ୍କ ମାଆ ଝିଅର ସ୍ୱାସ୍ଥ୍ୟ ସଂପର୍କରେ କିଛି ଜାଣି ନାହାନ୍ତି ବୋଲି • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଆଇଏସ ସ୍ତରରେ ଅଦଳବଦଳ
ହେବ କିଛି ବଡ଼ ଖେଳ,
ପ୍ରଶାସନ ଯିବ ଲୋକଙ୍କ ପାଖକୁ
ଲୋକେ ବୁଲିବେନି ହଳ !
ଅଫିସର ମାଳମାଳ,
ତଥାପି ରହୁଛି ସମସ୍ୟା ଅନେକ
ନଦୀ ଥିଲେ ନାହିଁ ଜଳ !!

## ସଡ଼କ ଦୁର୍ଘଟଣା ନେଇ ଗଡ଼କରୀଙ୍କ ଚାଞ୍ଚଲ୍ୟକର ତଥ୍ୟ

# ପ୍ରତି ଘଣ୍ଟାରେ ଯାଉଛି ୬ ଜୀବନ



ନୂଆଦିଲ୍ଲୀ,୨୪।୭: ୨୦୨୫ର ପ୍ରଥମ ୬ ମାସରେ ସମଗ୍ର ଦେଶରେ ଜାତୀୟ ରାଜପଥରେ ୨୬,୭୭୦ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ୬ଜଣଙ୍କ ପ୍ରାଣହାନୀ ହୋଇଛି। ଏପରି ଏକ ଚାଞ୍ଚଲ୍ୟକର ତଥ୍ୟ ଗୁରୁବାର ପ୍ରଦାନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ। ସେ କହିଥିଲେ, ୨୦୨୪ରେ ଜାତୀୟ ରାଜପଥରେ ୫୨,୬୦୯ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ରୋକିବା ପାଇଁ ସରକାର ଏଟିଏମ୍‌ଏସ୍, ରୋଡ୍ ସେଫ୍ଟି ଅଡିଟ ଏବଂ ଅନେକ ଟ୍ରାଫିକ ନିୟମ ଲାଗୁ କରିଛନ୍ତି। ଏଥିସହ ଜନସଚେତନତା ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି। ଶ୍ରୀ ଗଡ଼କରୀ ଆହୁରି କହିଥିଲେ ଯେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କିଛି ବ୍ୟସ୍ତବହୁଳ ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ ଓ ଏକ୍ସପ୍ରେସ୍ ଓ୍ୱେରେ ଆଡଭାନ୍ସଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ୍‌ସ ସ୍ଥାପନ କରିଛି। ଏଥିରେ ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ଓ୍ୱେ, ଟ୍ରାନ୍ସ-ହରିଆଣା, ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ଓ୍ୱେ ଭଳି ରାସ୍ତା ରହିଛି। ଏହି ସିଷ୍ଟମରେ ଇଲେକ୍ଟ୍ରୋନିକ୍ସ ମନିଟାରିଂ ଉପକରଣ ଲଗାଯାଇଛି। ଯେଉଁଥିରୁ ଦୁର୍ଘଟଣା କିମ୍ବା ଜରୁରିକାଳୀନ ସ୍ଥିତି ବିଷୟରେ ତୁରନ୍ତ ସୂଚନା ମିଳିପାରୁଛି। ଫଳରେ ଘଟଣାସ୍ଥଳକୁ ତୁରନ୍ତ ସହାୟତା ପଠାଇବା ସହ ଜୀବନ ବଞ୍ଚାଇବା ସହଜ ହେଉଛି। ସେ କହିଥିଲେ, ନୂତନ ଉଚ୍ଚ ଘନତ୍ୱ ଏବଂ ହାଇସ୍ପିଡ୍ କରିଡର ପ୍ରକଳ୍ପରେ • ପୃଷ୍ଠା ୫ ଦେଖନ୍ତୁ

## ଆଇଏଏସ୍ ସ୍ତରରେ ଅଦଳବଦଳ

# ୧୩ ଆଇଏଏସ୍‌ଙ୍କୁ ନୂତନ ଦାୟିତ୍ୱ

ଭୁବନେଶ୍ୱର,୨୪।୭(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ପୁଣି ଅଦଳବଦଳ କରିଛନ୍ତି। ୧୩ଜଣ ଆଇଏଏସ୍‌ଙ୍କୁ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ସଚିବ ଭାବେ ବଦଳି କରାଯାଇଛି। ସେହିପରି ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସମର୍ଥ ବର୍ମାଙ୍କୁ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଦୀପଙ୍କର ମହାପାତ୍ରଙ୍କୁ ହକି ପ୍ରମୋଶନ କାଉନସିଲର ସିଇଓ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରଣତି ଦାସଙ୍କୁ ବାଲିଗୁଡ଼ା, କସ୍ତୁରୀ ପଣ୍ଡାଙ୍କୁ • ପୃଷ୍ଠା ୫ ଦେଖନ୍ତୁ

| ଅଧିକାରୀଙ୍କ ନାମ | ଦାୟିତ୍ୱ |
|---|---|
| ରାଜେଶ ପ୍ରଭାକର ପାଟିଲ | ସମବାୟ ସଚିବ |
| ବିଜୟ କେତନ ଉପାଧ୍ୟାୟ | ସଂସ୍କୃତି ସଚିବ |
| ସମର୍ଥ ବର୍ମା | ଲଘୁ ଖଣିଜ ନିର୍ଦ୍ଦେଶକ |
| ଦୀପଙ୍କର ମହାପାତ୍ର | ସିଇଓ, ହକି ପ୍ରମୋଶନ କାଉନସିଲ |
| ପ୍ରଣତି ଦାସ | ଉପଜିଲ୍ଲାପାଳ, ବାଲିଗୁଡ଼ା |
| ପ୍ରେକ୍ଷା ଅଗ୍ରୱାଲ | ଉପଜିଲ୍ଲାପାଳ, ଧର୍ମଗଡ଼ |
| କସ୍ତୁରୀ ପଣ୍ଡା | ଉପଜିଲ୍ଲାପାଳ, କରଞ୍ଜିଆ |
| ଅଭିଷେକ ଦିଲ୍ଲୀପ | ଉପଜିଲ୍ଲାପାଳ, ଗୁଣୁପୁର |
| ଅସ୍ମି ଏଏଲ୍ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ଅବିନାଶ କୁମାର | ଉପଜିଲ୍ଲାପାଳ, ବ୍ରହ୍ମପୁର |
| ତେଜସ୍ୱିନୀ ବେହେରା | ଉପଜିଲ୍ଲାପାଳ, ସୁନ୍ଦରଗଡ଼ |
| ସି.ସରବଣା | ଉପଜିଲ୍ଲାପାଳ, କୁଚିଣ୍ଡା |
| ଶିବ ମାଲବ୍ୟ | ଉପଜିଲ୍ଲାପାଳ, ଆନନ୍ଦପୁର |

## ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

# ୨୪ ଘଣ୍ଟାରେ ଅବପାତ ରୂପ ନେବ



ଭୁବନେଶ୍ୱର,୨୪।୭(ଭାସ୍କର ନ୍ୟୁଜ): ଉତ୍ତର ବଙ୍ଗୋପସାଗରରେ ଗୁରୁବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବା ସମ୍ଭାବନା ରହିଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳକୁ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ, ପ୍ରବଳରୁ ଅତି ପ୍ରବଳ ଓ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ, ଅରେଞ୍ଜ ଓ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୪ ଘଣ୍ଟା ମଧ୍ୟରେ • ପୃଷ୍ଠା ୫ ଦେଖନ୍ତୁ



କରଞ୍ଜିଆ (ଭାସ୍କର ନ୍ୟୁଜ):ଭାରତୀୟ ମଜଦୁର ସଂଘର ଜିଲ୍ଲା ସ୍ତରୀୟ ୭୧ ତମ ପ୍ରତିଷ୍ଠା ଦିବସ ବୁଧବାର ଦିନ କରଞ୍ଜିଆ ଏନ୍ ଏ ସି କଲ୍ୟାଣ ମଣ୍ଡପ ଠାରେ ପାଳନ ହୋଇଯାଇଛି। ମଜଦୁର ସଂଘ ଜିଲ୍ଲା ସାଧାରଣ ସଂପାଦକ ବୋଧିରଜତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାଇରଙ୍ଗପୁର ସାଂଗଠନିକ ଜିଲ୍ଲା ସଂଘ ଚାଳକ ଜଗବନ୍ଧୁ ମହାନ୍ତ ଓ ମୁଖ୍ୟ ବକ୍ତାଭାବେ ରାଜ୍ୟ ପ୍ରଭାରୀ ତଥା ମୟୂରଭଞ୍ଜ ଜିଲ୍ଲା ବିଏମଏସର ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଙ୍ଗନୱାଡ଼ି ରାଜ୍ୟ ସମ୍ପାଦିକା ନିଳାଦ୍ରି ପାତ୍ର ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମନୋରମା ବେହେରା ଓ ନୀଳାଦ୍ରୀ ପାତ୍ର ଦେଶାତ୍ମକବୋଧକ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୨୧ ବ୍ଲକ ରୁ ଶତାଧିକ ବ୍ଲକ ପ୍ରତିନିଧି ଉପସ୍ଥିତ ଥିଲେ। ଉତ୍ସବରେ ଅଙ୍ଗନୱାଡ଼ି କର୍ମୀ, ଆଶା, ପାଚିକା, ଉଜ୍ଜ୍ୱଳା, ମାଇନ୍ସ, ଇଣ୍ଡଷ୍ଟ୍ରି, ଗ୍ରାମୀଣ କୃଷି ଶ୍ରମିକ ମଜଦୁର୍ ସଂଘ, ଓ ଅଣସଂଗଠିତ ଶ୍ରମିକମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜଗବନ୍ଧୁ ମହାନ୍ତ ନିଜ ବକ୍ତବ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦ୍ୱାରା ପରିଚାଳିତ ଭାରତୀୟ ମଜଦୁର ସଂଘ ସର୍ବ ଭାରତୀୟ ସ୍ତରରେ ଏକ ନମ୍ବର ଅଣରାଜନୈତିକ ଶ୍ରମିକ ସଂଗଠନ ବୋଲି ପ୍ରକାଶ କରିଥିଲେ। ଏହି ସଙ୍ଗଠନ ସମାଜର ସବୁବର୍ଗର ଲୋକଙ୍କ କାମ କୁ ଅଗ୍ରାଧିକାର ଦେଇଥାଏ। ଅନ୍ୟମାନଙ୍କ ମଧ୍ୟରେ ମନୋରମା ବେହେରା, ଅଶୋକ କୁମାର ମହାନ୍ତ, ଜୟନ୍ତ କୁମାର ବେହେରା,ମେଘରାୟ ମାରାଣ୍ଡି, ଅଲେଖ ସେଠୀ, ଲଳିତା ନାଏକ, ତପନ ନାଏକ, ସସ୍ମିତା ନାଏକ୍ ପ୍ରମୁଖ ସହଯୋଗ କରିଥିଲେ। ଶେଷ ରେ ଜିଲ୍ଲା ସଂଗଠନ ସମ୍ପାଦକ ମେଘରାୟ ମାରାଣ୍ଡି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।



# ପୋଖରୀ ନିଲାମକୁ ନେଇ ଏସ୍ଏସ୍ଜିର ଧାରଣା ପାଇଁ ସଜବାଜ




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟିତ୍ୱ ହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ୫ବର୍ଷ ନିମନ୍ତେ ପୋଖରୀ ନିଲାମ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଆର୍ଥିକ କ୍ଷତିର ସମ୍ମୁଖିନ ହୋଇଛନ୍ତି। ଏଦିଗରେ ବ୍ଲକ ପ୍ରଶାସନ ତରଫରୁ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଓ ସଭ୍ୟାମାନେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ବରପଡା ସରକାରୀ ପୋଖରୀକୁ ୫ବର୍ଷ ନିମନ୍ତେ ବ୍ଲକ ପ୍ରଶାସନ ତରଫରୁ ନିଲାମ ଦିଆଯାଇଥିଲା। ସ୍ଥାନୀୟ ବରପଡା ବୀଣାପାଣି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହି ପୋଖରୀକୁ ୫ବର୍ଷ ନିମନ୍ତେ ନିଲାମ ସୂତ୍ରରେ ନେଇ ମାଛ ଚାଷ କରିଥିଲେ। ୫ବର୍ଷରେ ୫ଲକ୍ଷଟଙ୍କା ମୂଲ୍ୟରେ ଏହି ନିଲାମ ନିଆଯାଇଥିଲା। ତେବେ ଏହି ପୋଖରୀର ବହୁ ଅଂଶ ଜବର ଦଖଲ ହୋଇଥିଲା ବେଳେ ପୋଖରୀକୁ ଯିବା ନିମନ୍ତେ କୌଣସି ରାସ୍ତାର ସୁବିଧା ନାହିଁ। ଏପରିକି ସ୍ଥାନୀୟ ଅଂଚଳର ବର୍ଷାଜଳ ମଧ୍ୟ ଏହି ପୋଖରୀ ଦେଇ ନିଷ୍କାସନ ହେଉଅଛି। ପୋଖରୀକୁ ବନ୍ଧଦେବା ନିମନ୍ତେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରିକି ବର୍ଷାଜଳ ପ୍ରବେଶ କରିବା କାରଣରୁ ପୋଖରୀରେ ଥିବା ମାଛ ଗୁଡିକ ଅନ୍ୟତ୍ର ଉଠି ଚାଲିଯାଉଛନ୍ତି। ତେବେ ଏହି ପୋଖରୀ ନା ନା ସମସ୍ୟା ଘେରରେ ରହିଥିଲେ ମଧ୍ୟ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ଫଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମାଛ ଚାଷ କରିଥିଲେ ମଧ୍ୟ ଏବେ ଆର୍ଥିକ କ୍ଷତିର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ସ୍ଥାନୀୟ ବୁହାଲୋ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରାଯାଇ ଆସୁଥିଲେ ମଧ୍ୟ ପ୍ରଶାସନ ତରଫରୁ ଏହାର ପ୍ରତିକାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆଗାମୀ ଦିନରେ ସ୍ୱୟଂ ସହାୟିକ ଗୋଷ୍ଠୀ ତରଫରୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ପ୍ରକାଶ।

# ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ମାଡ଼

ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ରାଜସୁନାଖଳା ବିଦ୍ୟୁତ ବିଭାଗର ଜଣେ କାର୍ଯ୍ୟରତ କର୍ମଚାରୀଙ୍କୁ ମାଡ ମାରିବା ଘଟଣା ଅଭିଯୋଗରେ ବାଙ୍କୋଇ ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି ବିଦ୍ୟୁତ ବିଭାଗର ଅଧିକାରୀମାନେ। ଘଟଣା ପ୍ରକାଶ ଗତରାତିରେ କଡବ ସେକ୍ସନ ଅଧୀନ ଆରିକମା ଗ୍ରାମରେ ବିଦ୍ୟୁତ ବ୍ରେକଡାଉନ ହୋଇଥିଲା ଖବର ପାଇ ସେହି ସେକ୍ସନରେ କାର୍ଯ୍ୟରତ ସୌମ୍ୟରଞ୍ଜନ ବରାଳ ତାଙ୍କର ଆଉ ଦୁଇ ଜଣ ସହଯୋଗୀ ଶତ୍ରୁଘନ ବେହେରା, ରଞ୍ଜନ କୁମାର ସ୍ୱାଇଁଙ୍କୁ ନେଇ କରେଣ୍ଟ ସଜ କରୁଥିଲେ ଠିକ ସେହି



## ଫାଣ୍ଡିରେ ଏତଲା

ସମୟରେ ଅରିକମା ଗ୍ରାମର ଚାରି ଜଣ ଦୁର୍ବୃତ୍ତ ମନୋଜ ବରାଡ, ମିଥୁନ ପାଇକରାୟ, ବନ ନାୟକ ଏବଂ ବାପ୍ପା ବିଶ୍ୱାଳ ନାମକ ଯୁବକ ଆସି ଗାଳି ଗୁଲଜ କରିବା ସହିତ ଠେଙ୍ଗାରେ ବାଡେଇ ଲହୁଲୁହାଣ କରି ପଳାଇ ଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବିଦ୍ୟୁତ ବିଭାଗର ଜେଇ ବାଙ୍କୋଇ ଫାଣ୍ଡି ଅଧିକାରୀଙ୍କୁ ଜଣାଇ ଥିଲେ। ସଙ୍ଗେ ସଙ୍ଗେ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳକୁ ଯାଇ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବାଙ୍କୋଇ ମେଡିକାଲ ପରେ ଅଧିକ ଗୁରୁତର ହେବାରୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। ଏହାକୁ ନେଇ ଆଜି ବିଦ୍ୟୁତ ବିଭାଗର ଉପରସ୍ଥ ଅଧିକାରୀ ମାନେ ଲିଖିତ ଅଭିଯୋଗ ନେଇ ନ୍ୟାୟ ଦାବିରେ ବାଙ୍କୋଇ ଫାଣ୍ଡିର ଦ୍ୱାରସ୍ଥ ହୋଇ ଦୋଷୀଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଖବର ପାଇ ବୋଲଗଡ ଥାନା ଅଧିକାରୀଣି ସ୍ନିଗ୍ଧାମୟୀ ବରାଳ ଘଟଣା ସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି।

## ■ ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା

# ଆକ୍ରମଣକାରୀ ଯୁବକ ଗିରଫ

ଗୋପ (ଭାସ୍କର ନ୍ୟୁଜ): ସ୍ପଷ୍ଟ ଦିବାଲୋକରେ ଜଣେ ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ନିରାଶ ହେବାପରେ ପରେ ମରଣାନ୍ତକ ଆକ୍ରମଣ କରିଥିବା ଯୁବକଙ୍କୁ ଗତକାଲି ବିଳମ୍ବିତ ରାତିରେ ଗୋପ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ କୁ ପଠାଇ ଦିଆଯାଇଛି। ସୂଚନା ମୁତାବକ ଗୋପ ଥାନା ଅନ୍ତର୍ଗତ ବେଦପୁର ଗ୍ରାମର ଲକ୍ଷ୍ମନ ପୃଷ୍ଟିଙ୍କ ଭଉଣୀ କନକଲତା ମହାପାତ୍ର (୪୮) ଜଣେ ମାନସିକ ବିକୃତ ମହିଳା ହୋଇଥିବା ବେଳେ ସେ ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କ ଘର ନିକଟ ଭରତ ବେହେରାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ଏକୁଟିଆ ପାଇ ସେହି ଗ୍ରାମର ହର ମୋହନ ସାହୁ ତାଙ୍କ ପ୍ରତି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ନିକଟସ୍ଥ କେନାଲ ବନ୍ଧକୁ ଟାଣିନେଇଥିଲେ। ସେ ନଯିବାରୁ ହର ତାଙ୍କୁ ଟଣା ଓଟରା କରିବା ସହ ତଳେ ପକାଇ ତାଙ୍କ ବେକ ଚିପିବା ସହ ଏକ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ମାନସିକ ବିକୃତ ମହିଳାଙ୍କ ଦୁଇଟି ଗୋଡ଼ ଏବଂ ଏକ ହାତ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା। ଖବରପାଇ ତାଙ୍କ ଭାଇ ଲକ୍ଷ୍ମନ ପୃଷ୍ଟି ଘଟଣା ସ୍ଥଳରେ ପହଞ୍ଚିବାରୁ ହର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ମହିଳାଙ୍କୁ ଗୋପ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଡ଼ାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ । ତେବେ ଏହି ମହିଳା କଳିଙ୍ଗ ହସପିଟାଲରେ ଚିକିତ୍ସାଧୀନ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସେପଟେ ଗୋପ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଏକ ମାମଲା ରୁଜୁ କରି ଗତକାଲି ରାତିରେ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି।

# ନାରୀ ସମାଜ ପକ୍ଷରୁ ଚାରାରୋପଣ




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ପାର୍କ ଲାଇନ ସ୍ଥିତ ନାରୀ ସମାଜ ଶିକ୍ଷାକେନ୍ଦ୍ର ଓ ଡିମ୍ବୋ ରାଧାକୃଷ୍ଣ ମନ୍ଦିର କମିଟି ମିଳିତ ଆନୁକୁଲ୍ୟରେ ଡିମ୍ବୋ ଠାରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ନାରୀ ସମାଜର ସମସ୍ତ ସଦସ୍ୟା ମାନଙ୍କୁ ସ୍ୱାଗତ କରାଯିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଥମେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ ଶୁଭାରମ୍ଭ ହୋଇଥିଲା।ଏହାପରେ ମନ୍ଦିର ର ନିଜସ୍ୱ ଜମିରେ ପ୍ରାୟ ୨ଶହ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଛି।ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟିର କର୍ମକର୍ତ୍ତା ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।ନାରୀ ସମାଜ ଶିକ୍ଷା କେନ୍ଦ୍ର ପକ୍ଷରୁ କମିଟିକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।ପରିବେଶ ସବୁଜିମା ଦୃଷ୍ଟିରୁ ବୃକ୍ଷ ରୋପଣ ତଥା ନବୀକରଣର ଗୁରୁତ୍ୱ ଉଦବୋଧନ କରି ଏପରି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ନାରୀ ସମାଜ ଶିକ୍ଷା କେନ୍ଦ୍ର ର ସମସ୍ୟ ସଦସ୍ୟା ଓ ରାଧାକୃଷ୍ଣ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବର୍ଷିୟାନ ବିଜେଡି ନେତାଙ୍କ ପରଲୋକ

## ବିଭିନ୍ନ ମହଲରେ ଶୋକ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବିଶିଷ୍ଟ ବିଜେଡି ନେତା କୃଷ୍ଣଚନ୍ଦ୍ର ସ୍ୱାଇଁ (ଦନେଇ) ଭାଇଙ୍କର ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଶ୍ରୀ ସ୍ୱାଇଁ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ରହିବା ସହ ବଡଖିର ଗ୍ରାମପଂଚାୟତର ବିଜେଡି ଦଳର ଜଣେ ଛାମୁଆଁ କାର୍ଯ୍ୟକର୍ତ୍ତା ରୂପେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ମାହାଙ୍ଗା ଜଣେ ବରିଷ୍ଠ କାର୍ଯ୍ୟକର୍ତାଙ୍କୁ ହରାଇଲା ବୋଲି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କ ମୃତ୍ୟୁରେ ଜିଲ୍ଲାପରିଷଦ ସଭ୍ୟ ବିପ୍ଲବ କେଶରୀ କାପ,ସରପଂଚ ହିମାଂଶୁ ନାରାୟଣ ମଲ୍ଲ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ପଂଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ, ଜୟଦେବ ସାହୁ, ଦେବ ପ୍ରସାଦ ସାହୁ, ପୂର୍ବତନ ସରପଂଚ କ୍ଷରୋଦ କୁମାର ପଣ୍ଡା, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ଏନ୍‌ଟିପିସି ଦର୍ଲିପାଲିରେ ସାମୁଦାୟିକ ସଚେତନତା ପ୍ରସ୍ତୁତି କାର୍ଯ୍ୟକ୍ରମ



ସୁନ୍ଦରଗଡ଼(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ରେ ଜିଲ୍ଲା ଜରୁରୀକାଳୀନ ବିଭାଗ ଏବଂ କାରଖାନା ଏବଂ ଡିଡିଏଫ୍ ଆଣ୍ଡ ବି , ରାଉରକେଲା ଡିଭିଜନର ସହଯୋଗରେ ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନରେ କାର୍ଯ୍ୟକାରୀ ପରିଚିତି ଏବଂ ସାମୁଦାୟିକ ସଚେତନତା ପ୍ରସ୍ତୁତି କାର୍ଯ୍ୟକ୍ରମ ୨୦୨୫-୨୬ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ୍), ତୃତୀୟ ବାଟାଲିୟନ, ମୁଣ୍ଡାଲି, କଟକର ସକ୍ରିୟ ଅଂଶଗ୍ରହଣରେ ପରିଚାଳିତ ହୋଇଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଅଂଶୀଦାରମାନଙ୍କ ମଧ୍ୟରେ କାର୍ଯ୍ୟକ୍ଷମ ସମନ୍ୱୟ ଉନ୍ନତ କରିବା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ ବିଷୟରେ ଜନସଚେତନତା ବୃଦ୍ଧି କରିବା ଥିଲା। ଏଥିରେ ଏନଟିପିସି କର୍ମଚାରୀ ପ୍ରଥମ ପ୍ରତିକ୍ରିୟାକାରୀ ଏବଂ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନାରେ ନିୟୋଜିତ ପ୍ରମୁଖ ଅଂଶୀଦାରମାନଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ବ୍ୟାପକ କାର୍ଯ୍ୟକ୍ରମରେ ଏନଡିଆରଏଫ୍ ଦଳ ଦ୍ୱାରା ଲାଇଭ୍ ପ୍ରଦର୍ଶନ, ଆନ୍ତଃକ୍ରିୟାଶୀଳ ଅଧିବେଶନ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ପ୍ରସ୍ତୁତି ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ ବ୍ୟବହାରିକ ତାଲିମ ମଡ୍ୟୁଲ୍ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନେକ ବିଶିଷ୍ଟ ଅତିଥି ଏବଂ ଅଧିକାରୀଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା । ଯେଉଁଥିରେ ଅନ୍ତର୍ଭୁକ୍ତ ବିଭୁ ପ୍ରସାଦ, ଡିଡିଏଫଏଣ୍ଡବି, (ରାଉରକେଲା ଡିଭିଜନ), ଅଶ୍ୱିନ କୁମାର ପଣ୍ଡା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, (ସୁନ୍ଦରଗଡ଼), ସୁଭେନ୍ଦୁ ଶେଖର ରାଉତ, ଏଡିଏଫଏଣ୍ଡବି, (ରାଉରକେଲା ଡିଭିଜନ), ସ୍ୱରାଜ କୁମାର ତ୍ରିପାଠି, ଏଡିଏଫଏଣ୍ଡବି, (ରାଉରକେଲା ଡିଭିଜନ), ସନ୍ତୋଷ କୁମାର ସାହୁ, ପ୍ରତିନିଧି, ଏନଡିଆରଏଫ, ମୁଣ୍ଡାଲି (ତୃତୀୟ ବାଟାଲିୟନ), ହରେ ରାମ ସିଂହ, ଜିଏମ (ଓ ଆଣ୍ଡ ଏମ୍), ଏନଟିପିସି ଦର୍ଲିପାଲି, ଧର୍ମେନ୍ଦ୍ର ସିଂହ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ସିଆଇଏସଏଫ, ଏନଟିପିସି ଦର୍ଲିପାଲି। ଏହି କାର୍ଯ୍ୟକ୍ରମକୁ ପି.କେ.ଏମ୍. ଦ୍ୱାରା ସମ୍ମାନିତ କରାଯାଇଥିଲା।

# ଯୁବକଙ୍କୁ ଆକ୍ରମଣ ଉଦ୍ୟମ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ହଳଦୀ ବସନ୍ତ ଛକରୁ ଅଫିସ ବନ୍ଦ କରି ରୁମକୁ ଫେରିଥିବା ଉତ୍ତାରଣ ଗ୍ରାମର ଶରତ କୁମାର ସାହୁଙ୍କୁ ତୋଟା ସାହି ଛକ ପାଖରେ ଗାଡି ଅଟକାଇ ଧକା ମାରିବା ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାରିଦେବାକୁ ଧମକ ଦେଇଥିଲେ ନୂଆ ଗାଁ ଅଞ୍ଚଳର ଅକ୍ଷୟ ସେନାପତି ଓ ନିଆଳିର ମଧୁସ୍ମିତା ସାହୁ ଓରଫ ଚୁମୁକି। ଏମିତିକି ଅନେକ ଲୋକ ନାଁରେ ଧର୍ଷଣ ଅଭିଯୋଗ କରିଛି,ତୋ ନାଁରେ କରିଦେବି ବୋଲି ଶରତକୁ ଧମକ

## ଥାନାରେ ମାମଲା

ଦେଇ ସେଠାରୁ ପଳାଇଥିଲେ। ଏ ନେଇ ଶରତ ନିଆଳି ଥାନାରେ ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ଉଭୟ ଙ୍କ ନାମରେ ୩୨୫/୨୫ ରେ ମାମଲା ରୁଜୁ କରି ସଂଗୀନ ଦଫା ଲଗାଇଛି। ୧୨୬-କ୍ଲଜ, ୨୯୬, ୩୫୧, ୩, ଓ ୫୧ ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏମିତିକି ମଧୁସ୍ମିତା ସାହୁଙ୍କ ନାମରେ ପୂର୍ବରୁ ନିଆଳି ଥାନାରେ ମାମଲା ଥିବାବେଳେ ସେ ନିଜର କ୍ଷମତା ବଳରେ ନିଆଳି ଥାନାରେ ଅନେକ ନିରୀହ ଲୋକଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥାନ୍ତି। ସେ ଜଣେ ପେସାଦାର ଏତଲା କାରୀ। ନିଆଳି ମହୋତ୍ସବ ସମୟରେ ଗ୍ରାମାଞ୍ଚଳ ଏସ୍‌ପି ଙ୍କ ନିକଟରେ ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ରେ କରିବେ ବୋଲି ପ୍ରତିଶ୍ରୁତି ଦେଇ ମହୋତ୍ସବରେ ଦଙ୍ଗା ସୃଷ୍ଟି କରିଥିବାରୁ ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରାଇଥିବାରୁ ଗ୍ରାମାଞ୍ଚଳ ଏସ ପି ଚେତାବନୀ ଦେବା ସହ ଆଗାମୀ ମହୋତ୍ସବକୁ ଅନୁମତି ନ ଦେବା ପାଇଁ କହିଥିଲେ।

# ଟ୍ରକ୍ ମାଲିକ ସଂଘ ପକ୍ଷରୁ କୋଇଲା ପରିବହନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର (ଭସ୍କ ନ୍ୟୁଜ): ତାଳଚେର ଟ୍ରକ୍ ମାଲିକ ସଂଘର ସଭାପତି ଅରବିନ୍ଦ ଭୁତିଆଙ୍କ ନେତୃତ୍ୱରେ ସ୍ଥାନୀୟ ଟ୍ରକ ମାଲିକମାନେ ଆଜି ଟ୍ରକ ଯୋଗେ କୋଇଲା ପରିବହନକୁ ନେଇ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତାଳଚେର ଉପଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ମାଧ୍ୟମ ରେ ଅବଗତ କରାଇବା ସହିତ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ସୌଭାଗ୍ୟକ୍ରମେ ତାଳଚେରକୁ ଅନୁଗୁଳ ଜିଲ୍ଲାପାଳ ଆସିଥିବାରୁ ସେ ମଧ ଏହି ବିଷୟ ପ୍ରତି ଧ୍ୟାନ ଦେବା ପାଇଁ ଟ୍ରକ ମାଲିକଙ୍କ ପକ୍ଷରୁ ନିବେଦନ କରିଛନ୍ତି । କିପରି ଭାବରେ ବିଗତ ୬/ ୭ ମାସ ହେଲା ୱାଗନ ଯୋଗେ ଅଧିକ ରୁ ଅଧିକ କୋଇଲା ପରିବହନ ଯୋଗୁଁ ଆଜି ତାଳଚେର ଟ୍ରକ ମାଲିକ ମାନେ ନିଜର ଟ୍ରକ ବ୍ୟବସାୟ କୁ ହରେଇ ବସିଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଅବଗତ କରାଇବା ସହିତ ଟ୍ରକ ମାଲିକମାନଙ୍କ ପେଟ ପାଟଣା ପ୍ରତି ନଜର ଦେବାକୁ କହିଥିଲେ । ଅପର ପକ୍ଷରେ ବର୍ତ୍ତମାନ ସମୟ ରେ ୧୪୯/୫୩ ଜାତୀୟ ରାଜପଥ ଅତି ମାତ୍ରା ରେ ଭାଙ୍ଗିରୁଜି ଖାଲ ଖମଣ ହୋଇ ଯାଇଥିବାରୁ ୫ ଦିନରେ ଗୋଟିଏ ଟ୍ରିପ ମଧ୍ୟ କୋଇଲା ପରିବହନ କରିପାରୁ ନାହିଁ । ତେଣୁ ରାସ୍ତା ସମସ୍ୟା ଓ ୱାଗନରେ କୋଇଲା ପରିବହନକୁ ନେଇ ହେଉଥିବା କ୍ଷତି କୁ ନେଇ ଟ୍ରକ୍ ମାଲିକ ମାନେ ବହୁତ ଦୁଃଖ କଷ୍ଟରେ ଜୀବନ ଯାପନ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଗାଡ଼ିର ମରାମତି ଦୂରେଥାଉ ନିଜ ପରିବାର ପ୍ରତିପୋଷଣ କରିବା ମଧ୍ୟ ଆଉ ସମ୍ଭବ ନୁହେଁ। ତେଣୁ ଏପରି ହେବା ଦ୍ୱାରା ତାଳଚେର ୪ ରୁ ୫ ହଜାର ଟ୍ରକ ମାଲିକ ଙ୍କ ପରିବାର ପ୍ରଭାବିତ ହେବା ସହ ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ରେ ନିର୍ଭର କରୁଥିବା ପ୍ରାୟ ୫୦୦୦୦ ପରିବାରଙ୍କ ଦାନା ପାଣିରୁ ବଞ୍ଚିତ ହେବାକୁ ବସିଲାଣି । ଏହାକୁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତର ସହିତ ବିଚାର କରିବାକୁ ଏହି ଦାବିପତ୍ର ରେ ଉଲ୍ଲେଖ ରହିଥିବା ସହ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ଅନୁଗୁଳ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁନିବେଦନ କରିଛନ୍ତି ।

# ସବ୍‌ରେଜିଷ୍ଟର ଅଫିସ ବାର୍ ଆସୋସିଏସନ ସଭାଗୃହକୁ ସ୍ଥାନାନ୍ତର ଦାବି



ଆଳି, (ଭାସ୍କର ନ୍ୟୁଜ):ଆଳି ତହସିଲ ପରିସର ମଧ୍ୟରେ ଥିବା ଆଳି ସବରେଜିଷ୍ଟର ଅଫିସ ତଥା ବିବାହ ପଞ୍ଜିକରଣ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ଏହାକୁ ଆଳି ବାର ଆସୋସିଏସନ ସଭା ଗୃହକୁ ଅସ୍ଥାୟୀ ରୂପେ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି । ଆଳି ବାର ଆସୋସିଏସନ ପକ୍ଷରୁ ପୂର୍ବରୁ ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଥିବାବେଳେ ଆଜି ଆଳି ବାର ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଏକତ୍ରିତ ହୋଇ ଏକ ଅଧିବେଶନ ରେ ପ୍ରସ୍ତାବ କୁ ଗୃହୀତ କରିଛନ୍ତି । ସୂଚନା ସୂତ୍ରରୁ ପ୍ରକାଶ ଯେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲରେ ଥିବା ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେବ ଭଙ୍ଗା ଦଦରା ବିପଦପୂର୍ଣ୍ଣ ଗୃହ ମଧ୍ୟ ରେ ଚାଲୁଅଛି । କେଉଁଠି ଘରର ଛାତରୁ ରଡ଼ ଦେଖାଗଲାଣି କେଉଁଠି ଛାତରୁ ପ୍ଲାଷ୍ଟର ଖସିଲାଣି ତ କେଉଁଠି କାନ୍ଥ ଫାଟି ଆଁ କଲାଣି ତାହାରି ତଳେ ବିପଦପୂର୍ଣ୍ଣ ଅବସ୍ଥାରେ ସରକାରୀ ଅଫିସର ମାନେ କାର୍ଯ୍ୟ ତୁଲାଉଛନ୍ତି । କେତେବେଳେ ଯେ ବର୍ଷା ହେଲେ ଛାତରୁ ପାଣି ଗଡି ଅଫିସରେ ଥିବା କାଗଜପତ୍ର ଓଦା ହୋଇ ନଷ୍ଟ ହେବାକୁ ବସିଲାଣି ତ କେତେବେଳେ ଛାତ ଭୁଶୁଡି ପଡିବ ତାହା କହି ହେବ ନାହିଁ । ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବୀ ଜୋର ଧରିଥିଲା । ସରକାର ଏହାକୁ ମେଂଢପୁର ପଞ୍ଚାୟତ ଗୋପ ନିକଟ ମାଣିଖଣ୍ଡ ନିକଟକୁ ସ୍ଥାନାନ୍ତର କରିବା ପାଇଁ ଚିନ୍ତା କରୁଥିବା ବେଳେ ଆଳି ବାର ଆସୋସିଏସନ ଓ ଏହାର ସଦସ୍ୟ ମାନେ ଏହାକୁ ତହସିଲ ପରିସର ମଧ୍ୟରେ ରଖିବାକୁ ପ୍ରଚେଷ୍ଟା ଜାରି ରଖିଥିଲେ । ଏହି କାର୍ଯ୍ୟାଳୟ ଆରମ୍ଭ ହେଲା ଦିନ ରୁ ସାଧାରଣ ଲୋକ ମାନଙ୍କ ଉଦ୍ଦେଶ୍ୟରେ ଏହାକୁ ତହସିଲ ପରିସର ମଧ୍ୟ ରେ ସ୍ଥାପନ କରାଯାଇଥିଲା । ଫଳରେ ଏହିଠାରେ ଅର୍ଥାତ ତହସିଲ ପରିସର ମଧ୍ୟରେ ବା ଗୋଟିଏ ସ୍ଥାନ ରେ ସବୁପ୍ରକାରର ସୁବିଧା ଲୋକ ମାନେ ଉପଲବ୍ଧ କରି ପାରୁଥିଲେ । ଫଳରେ ଚୋରି ଓ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଲୋକମାନେ ସାଧାରଣ ଲୋକମାନଙ୍କ ସହ କିଛି ଘଟଣା ଘଟେଇବାକୁ ଡରୁଥିଲେ । ଏହି କାର୍ଯ୍ୟାଳୟର ନୂତନ ଅଫିସ ହେବା ପର୍ଯ୍ୟନ୍ତ ଏହାକୁ ପୂର୍ବପରି ତହସିଲ ପରିସର ମଧ୍ୟରେ ଆଳି ବାର ଆସୋସିଏସନ ର ସଭାଗୃହରେ ଚାଲୁ ରଖିବା ପାଇଁ ପୂର୍ବ ନିଷ୍ପତ୍ତି କ୍ରମେ ଆଜି ଏକ ଅଧିବେଶନ କରାଯାଇ ନିଷ୍ପତ୍ତି ପତ୍ର କୁ ଆଳି ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଙ୍କୁ ପ୍ରଦାନ କରିଥିଲେ।

# ପତ୍ରପଡ଼ା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି; ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ପତ୍ରପଡା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତିରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ର, ଛାତ୍ରୀ ଆକ୍ରାନ୍ତ। ସମସ୍ତେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ୨ ଗୁରୁତରଙ୍କୁ ଆନନ୍ଦପୁର ରେଫର କରାଯାଇଛି । ଘଟଣାରୁ ପ୍ରକାଶ ପତ୍ରପଡା ଆଶ୍ରମ ବିଦ୍ୟାଳୟରେ ହଠାତ୍ ଝାଡ଼ାବାନ୍ତି ବ୍ୟାପିବାରୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରିବା ପରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସ୍ୱର୍ଣ୍ଣଲତା ଡାଙ୍ଗିଲ, ଚାନ୍ଦିନୀ ହୋଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗୁଲୁ ସୟ, ଶୁଭଶ୍ରୀ ମଢେଇ, ଦେଓଲା ମାରାଣ୍ଡି, କାଇରି କାଲୁଣ୍ଡିଆ, ଲକ୍ଷ୍ମୀରାଣୀ ହାଇବୁରୁ, ପ୍ରତାପ ହୋ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କ ଚିକିତ୍ସା ଖବର ପଚାରି ବୁଝିଛନ୍ତି । କେଉଁ କାରଣରୁ ଝାଡାବାନ୍ତି ବ୍ୟାପିଲା ତାର କାରଣ ଅନୁସନ୍ଧାନ କରାଯାଉଛି।

# କୁରୁମୁଣ୍ଡା ନାଳରେ ୪ ଫୁଟର ବନ୍ୟାଜଳ

## ପ୍ରଖର ସ୍ରୋତରେ ଭାସିଗଲା ଟ୍ରାକ୍ଟର, ଅଳ୍ପକେ ବର୍ତ୍ତିଲେ ଦୁଇ



କନ୍ଧମାଳ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ମନମୁଣ୍ଡା - ଶଗଡା ରାସ୍ତାର କୁରୁମୁଣ୍ଡା ନାଳ ଉପରେ ୪ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି ।ଯାହା ଫଳରେ ମନମୁଣ୍ଡା - ଶଗଡା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି ।ଉଭୟ ପାର୍ଶ୍ୱରେ ଅନେକ ଗାଡି ମୋଟର ସହ ଶତାଧିକ ଲୋକେ ଅଟକି ରହିଛନ୍ତି ।ଗତ ବୁଧବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ଅନେକ ସ୍ଥାନରେ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଅନେକ ରାସ୍ତା ସହ ଚାଷ ଜମି ଜଳମଗ୍ନ ହୋଇଛି ।ଗୁରୁବାର ଉକ୍ତ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ସକାଳ ୯ଟା ସମୟରେ ଏକ ଟ୍ରାକ୍ଟର ଚାଷ ପାଇଁ କୁରୁମୁଣ୍ଡା ପଟରୁ ବରଗୋଛା ପଟକୁ ଆସିବା ପାଇଁ ନାଳ ପାରି ହେଉଥିବା ସମୟରେ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲା । ଟ୍ରାକ୍ଟର ଚାଳକ ସହ ଜଣେ ସହଯୋଗୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ପହଁରି ପହଁରି ବହୁ ଦୂର କୂଳରେ ଲାଗିଥିଲେ । ବହୁଦିନ ହେଲା ଉକ୍ତ ନାଳରେ ଏକ ସୁଉଚ୍ଚ ପୋଲ କରିବା ପାଇଁ ଅଞ୍ଚଳବାସୀ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ଦାବୀ କରି ଆସୁଥିଲେ ମଧ୍ୟ କେହି ତାଙ୍କ କଥାକୁ ଶୁଣୁ ନ ଥିବା ଅଭିଯୋଗ ହୋଇଛି । ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ନାଳରେ ଏକ ସୁଉଚ୍ଚ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ନାବାଳିକା କାଉଡିଆ ଅପହରଣ ଘଟଣା

# ଅଭିଯୁକ୍ତ ଅଟକ, ନାବାଳିକା ଉଦ୍ଧାର

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ପହଂଗା ଅଞ୍ଚଳର ଜଣେ ନା ବାଳିକା କୋଣାର୍କ ବାଲି କପିଳେଶ୍ୱର ମନ୍ଦିରକୁ ଶନିବାର ଠାରୁ ଶ୍ରାବଣୀ ପାଣି ଢାଳିବାକୁ ଯାଇ ସୋମବାର ଦିନ ଅପ ହରଣ ହୋଇଥିବା ନିଆଳି ଥାନାରେ ପରିବାର ଲୋକ ଅଭିଯୋଗ କରିଥିଲେ। ଏମିତିକି ଏତେଲାରେ ଜଳାରପୁର ପଂଚାୟତ ୱାଡ ପଲ୍ଲୀ ଗ୍ରାମର ଜଣେ ଯୁବକ ଲିପୁ ସାହୁ ଜଣେ ଯୁବକ ଅପହରଣ କରି ନେଇଥିବା ଅଭିଯୋଗ ପତ୍ର ରେ ଦର୍ଶାଇଥିଲେ। ନିଆଳି ଥାନା ପୋଲିସ ୩୨୬/୨୫ରେ ମାମଲା ରୁଜୁ କରିଥିଲେ। ଝିଅର ମା’ ନିଆଳି ଥାନାରେ ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ଉକ୍ତ ଘଟଣା ଗୁରୁତର ଶହ ନେଇ ନିଆଳି ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ବୁଧବାର ରାତିରେ ପୁରୀ ଜିଲ୍ଲା କୋଣାର୍କ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଅଟକ ରଖିଛନ୍ତି। ବାପ, ମା’ ୩ଦିନ ହେବ ନଖାଇ ନପିଇ ଝିଅ ଚିନ୍ତାରେ ରହିଥିବା ବେଳେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ମୋବାଇଲ ଟ୍ରାକିଂ ଓ ବିଭିନ୍ନସୂତ୍ରରୁ ଖବର ପାଇ ନାବାଳିକାକୁ ଉଦ୍ଧାର କରିଛି ବୋଲି ନିଆଳି ଥାନା ପୋଲିସ ଆଇଆଇସି ବିଜୟ କୁମାର ମଲିକ ଅଭିଯୁକ୍ତକୁ ଅଟକ ରଖିଛନ୍ତି।

# ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ହାତିଆମ୍ବ ଆଶ୍ରମ ବିଦ୍ୟାଳୟରେ ଆଜି ସ୍ୱାଗତ ଓ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା (ଏସ ଏସ ଡି ) ବିଭାଗର ଡି ଆଇ ଅଜୟକୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ , କୋରୁକୋଣ୍ଡା ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ପ୍ରିୟବ୍ରତ ଦଣ୍ଡପାଟ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ମଣ୍ଡଳ ସଭାର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବିଦ୍ୟାଳୟ ଉପରେ ନିଜର ବକ୍ତବ୍ୟ ରଖିଥିବାବେଳେ ସମସ୍ତ ନୂତନ ଭାବରେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଦେଇ ଅତିଥି ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା ।ନୂତନ ଭାବରେ ଜିଗ ଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ହେଲେ ଭାରତୀ ସାହୁ , ଆଦିତ୍ୟ କୁମାର ବେହେରା , ସବିତା କୁମାରୀ ମିଶ୍ର , ରମେଶ ଚନ୍ଦ୍ର ସେଠି , ମୋନାଲିଶା ହୋତା , ଉପେନ୍ଦ୍ର କୁମାର ମିନାୟକ , ସେହିପରି ବିଦ୍ୟାଳୟରେ ବହୁତ ଦିନ ଧରି ନିଜର ଶ୍ରମଦାନ କରିଥିବା ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ହେଲେ ବିନୋଦ ବିହାରୀ ପାତ୍ର , ଦୁର୍ଯ୍ୟୋଧନ କୀର୍ଶାନୀ , ସ୍ନେହମୟୀ ଭୋଳ ,ଧୀରେନ କୁମାର ବେହେରା , ଚନ୍ଦ୍ରକଳା କୁଆସିଙ୍କୁ ଅଶ୍ରୁଳ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଭାରେ ବିଦାୟ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ନିଜର ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷକ ବଦଳି ହୋଇ ଗୋଟିଏ ବିଦ୍ୟାଳୟରୁ ଅନ୍ୟ ବିଦ୍ୟାଳୟକୁ ଯାଇଥାଏ ସତ, କିନ୍ତୁ ନିଜର କର୍ତ୍ତବ୍ୟ କୁ କେବେ ଭୁଲି ନଥାଏ । ଶିକ୍ଷକର କର୍ତ୍ତବ୍ୟ ଶିକ୍ଷାଦାନ ତେଣୁ ଜଣେ ଶିକ୍ଷକ କେବେବି ହେଲେ ବଦଳି ହେଲେ ନିଜର କର୍ତ୍ତବ୍ୟକୁ ଭୁଲି ନଥାଏ । ସବୁବେଳେ ଜଣେ ଶିକ୍ଷକ ତାର ବିଦ୍ୟାଳୟ କୁ ନିଜର ପରିବାର ଭାବି କାର୍ଯ୍ୟ କରିଥାଏ । ବିଦାୟ ସମ୍ବର୍ଦ୍ଧନା ସମୟରେ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ମଧ୍ୟ ଶୋକ ପ୍ରକାଶ କରିଥିଲେ । ସଭା ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଖୋଲିଲା ଇଣ୍ଡିଆନ ବ୍ୟାଙ୍କର ସିଏସ୍ପି ଶାଖା

ସୋର, (ଭାସ୍କର ନ୍ୟୁଜ): ସୋର ବ୍ଲକ ମାଣିପୁର ବଜାରରେ ଇଣ୍ଡିଆନ ବ୍ୟାଙ୍କର ଏକ ସିଏସ୍ପି ଶାଖା ଖୋଲିଛି। ଏହି ଶାଖାକୁ ମାଣିପୁର ସରପଞ୍ଚ ସରୋଜ କୁମାର ମହାପାତ୍ର ଓ ଇଣ୍ଡିଆନ ବ୍ୟାଙ୍କ ବାଲେଶ୍ୱର ଜିଲା କ୍ଷେତ୍ର



କାର୍ଯ୍ୟନିର୍ବାହୀ ଅଧିକାରୀ ଜୀବନ କୃଷ୍ଣ ପଣ୍ଡା ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ଅଂଚଳରେ ବ୍ୟାଙ୍କର ସୁବିଧା ନଥିବାରୁ ଲୋକେ ନାନାଦି ଅସୁବିଧାକୁ ସମ୍ମୁଖୀନ ହେଉଥିଲେ। ଏହାକୁ ଲକ୍ଷକରି ଅନିରୁଦ୍ଧ ପାଣିଗ୍ରାହୀ ଲୋକମାନଙ୍କ ଉଦେଶ୍ୟରେ ଏହି ବ୍ୟାଙ୍କର ସିଏସ୍ପି ଶାଖା ଖୋଲିଥିବା କହିଛନ୍ତି।



କଟକ(ଭାସ୍କର ନ୍ୟୁଜ୍): ୨୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ଓଡିଶା ହାଇକୋର୍ଟରୁ ଜାମିନ ମିଳିଛି। ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଇଜଲାସ ରଘୁବଂଶୀଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ତଦନ୍ତକାରୀ ସଂସ୍ଥାକୁ ତଦନ୍ତରେ ସହଯୋଗ କରିବାକୁ ଅଦାଲତ ସର୍ତ୍ତ ରଖିଛନ୍ତି । ଗତ ମଙ୍ଗଳବାର ହାଇକୋର୍ଟ ତାଙ୍କ ଜାମିନ ଆବେଦନ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିବାବେଳେ ଆଜି ମାମଲାର ରାୟ ପ୍ରକାଶ ପାଇଛି । ସୂଚନାଥାଉକି ଗତ ମଇ ୩୦ରେ ୨୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଶ୍ରୀ ରଘୁବଂଶୀ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ଭୁବନେଶ୍ୱରରୁ ଜଣେ ଖଣି ବ୍ୟବସାୟୀଙ୍କ ନିକଟରୁ ୨୦ ଲକ୍ଷ ଟଙ୍କା ଲାଂଚ ଗ୍ରହଣ ମାମଲାରେ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍ (ଆଇଆର୍ଏସ୍) ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଗିରଫ କରି କୋର୍ଟରେ ହାଜର କରିଥିଲା । ଶ୍ରୀ ରଘୁବଂଶୀ ୨ କୋଟି ଲାଞ୍ଚ ଦାବି କରିଥିବା ବେଳେ ୨୦ ଲକ୍ଷ ଟଙ୍କା ଗ୍ରହଣ କରିବା ସମୟରେ ସିବିଆଇ ହାତରେ ଧରାପଡିଥିଲେ । ମାମଲାରେ ରଘୁବଂଶୀଙ୍କୁ ସିବିଆଇକୁ ରିମାଣ୍ଡରେ ନେବାକୁ ୧୪ ଦିନ ପାଇଁ ଅନୁମତି ଦେଇଥିଲେ ।

### ଶିଶୁ ସୁରକ୍ଷା ତଦାରଖ କମିଟିର ସମୀକ୍ଷା ବୈଠକ

# ସବୁ ବିଭାଗର ସମ୍ମିଳିତ ଉଦ୍ୟମରେ ସଫଳ ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ ତଥା ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାରେ ରହିଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା, କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୂଚନା ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ଏବଂ ସମର୍ଥନ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଓଡିଶାରେ କେନ୍ଦ୍ର ସରକାରଙ୍କ ମିଶନ ବାତ୍ସଲ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାଗତ ବ୍ୟବସ୍ଥା ବିଷୟରେ ବିଶଦ୍ ଉପସ୍ଥାପନ କରିଥିଲେ। କେନ୍ଦ୍ରସ୍ତରୀୟ ମିଶନ ବାତ୍ସଲ୍ୟ ଅନୁମୋଦନ ପରିଷଦ ଓ ମିଶନ ବାତ୍ସଲ୍ୟ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ ୟୁନିଟ୍, ରାଜ୍ୟ ସ୍ତରରେ ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା(ସାରା), ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସ୍ତରୀୟ ତଦାରଖ କମିଟି, ରାଜ୍ୟ, ଜିଲ୍ଲା ଏବଂ ଗ୍ରାମ ଓ ପଞ୍ଚାୟତସ୍ତରରେ ତ୍ରିସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଆଦି କାର୍ଯ୍ୟ କରୁଛି। ରାଜ୍ୟରେ ୩୦ଟି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ୩୧ଟି ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି), ୩୪ଟି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ୩୬ଟି ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ୍ ୟୁନିଟ୍, ୨୨୦ଟି ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) କାର୍ଯ୍ୟ କରୁଛି । ରାଜ୍ୟରେ ୮୧୫୦ ଶିଶୁଙ୍କୁ ସଂସ୍ଥାଗତ ବ୍ୟବସ୍ଥାରେ ଏବଂ ୬୩୧୭ ଶିଶୁଙ୍କୁ ଅଣ ସଂସ୍ଥାଗତ ବ୍ୟବସ୍ଥାରେ ଯତ୍ନ ନିଆଯାଉଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ କଲ୍ୟାଣ କମିଟିର ସହଭାଗିତାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଚାଇଲ୍ଡ ହେଲ୍ପଲାଇନ୍-୧୦୯୮, ସଫଳତାର ସହ କାର୍ଯ୍ୟକାରୀ କରାଯାଉଥିବା ସମ୍ପର୍କରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ତଥ୍ୟ ଉପସ୍ଥାପନ କରିଥିଲେ । ଯଶୋଦା ଯୋଜନା ଅଧିନରେ ପ୍ରତି ୪ ବର୍ଷରେ ଥରେ ଅର୍ଫାନ ସର୍ବେକ୍ଷଣ କରାଯାଉଛି । 'ଆମରି ଶିଶୁ ପୋର୍ଟାଲ' କାର୍ଯ୍ୟକାରୀ କରି ଶିଶୁ ପୋଷଣ ଓ ସୁରକ୍ଷା ସହ ଜଡ଼ିତ ସମସ୍ତ ତଥ୍ୟକୁ ଅଦ୍ୟତନ କରାଯାଉଛି । ଅଦ୍ୟାବଧି ୫୧ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଭିନ୍ନ ପ୍ରକାର ସୁବିଧା ଓ ସହାୟତା ପ୍ରଦାନ କରାଯାଉଥିବା ସଂପର୍କରେ ବିଭାଗୀୟ ପ୍ରମଖ ଶାସନ ସଚିବ ଶ୍ରୀମତୀ ଶର୍ମା ପ୍ରକାଶ କରିଥିଲେ । ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡରେ ଶିଶୁ ସହାୟତା କେନ୍ଦ୍ର ଖୋଲାଯିବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ଜିଲ୍ଲା ଗସ୍ତ ସମୟରେ ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନଙ୍କୁ ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି । ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ନ୍ୟାୟ ଦାବିରେ ରାଜ୍ୟପାଳଙ୍କୁ ଭେଟିଲେ ମିଳିତ ବିରୋଧୀ ଦଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳଙ୍କୁ ଭେଟି ମହିଳାଙ୍କୁ ନ୍ୟାୟ ଦାବି କରି ରାଜ୍ୟର ୮ ବିରୋଧୀ ଦଳ ତରଫରୁ ଗୁରୁବାର ଅପରାହ୍ନରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରାଯାଉ, ଯାହା ମହିଳାଙ୍କ ବିରୁଦ୍ଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏହାସହ ପୋଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧକ୍ଷା ନିଯୁକ୍ତି କରିବା ପାଇଁ ଦାବି କରାଯାଇଛି । ଓଡ଼ିଶାରେ ପଡ଼ିରହିଥିବା ମହିଳା ସଂପର୍କୀୟ ୧୧,୦୦୦ରୁ ଅଧିକ ଅଭିଯୋଗର ତୁରନ୍ତ ସମାଧାନ କରାଯାଉ। ମହିଳା ପୋଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ କରାଯାଉ । ମହିଳାଙ୍କ ବିରୁଦ୍ଧରେ ହେଉଥିବା ଅପରାଧିକ ମାମଲା ୬ ମାସ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଦାବି କରାଯାଇଛି । ମହିଳା ଅପରାଧିକ ମାମଲାରେ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮.୩%ରୁ ବଢ଼ାଇ ଜାତୀୟ ହାର ୨୬.୬% ପର୍ଯ୍ୟନ୍ତ ପହଞ୍ଚିବା ପାଇଁ କୁହା ଯାଇଛି । ମାଦକ ଦ୍ରବ୍ୟ ସେବନ ଜନିତ ଅପରାଧ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଓ ସ୍କୁଲ-କଲେଜରେ ଯୌନ ନିର୍ଯାତନା ରୋକିବା ପାଇଁ ନିୟମିତ ସଚେତନ ଏବଂ ତଦାରଖ ବ୍ୟବସ୍ଥା କରାଯାଉ। ସାର୍ବଜନୀନ ସ୍ଥାନରେ ସୁନିଶ୍ଚିତ ବିଦ୍ୟୁତ ବ୍ୟବସ୍ଥା, ସିସିଟିଭି, ପୋଲିସ୍ ପେଟ୍ରୋଲିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଉ। ଜଷ୍ଟିସ ବର୍ମା କମିଟିର ସୁପାରିଶ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଉ। ପୋଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ଦିଆଯାଉ। କମ୍ୟୁନିଟି ପୋଲିସ୍ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଦାବି କରାଯାଇଛି । ପ୍ରତିନିଧି ଦଳରେ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ରାଜ୍ୟ ସଭାପତି ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇ ରାଜ୍ୟ ସହ ସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମଏଲ)-ଲିବେରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ଏହି ପ୍ରତିନିଧି ଦଳରେ ନେତୃତ୍ୱ ନେଇଥିଲେ।

## ଓଡ଼ିଶା କ୍ଷେତ୍ର ପକ୍ଷରୁ ଆୟକର ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆୟକର ବିଭାଗ, ଓଡ଼ିଶା କ୍ଷେତ୍ର ପକ୍ଷରୁ ୧୬୬ତମ ଆୟକର ଦିବସ ଭୁବନେଶ୍ୱରର ଜୟଦେବ ଭବନରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରମିତା ଶତପଥୀ ତ୍ରିପାଠୀ, ଓଡ଼ିଶା କ୍ଷେତ୍ରର ପ୍ରମୁଖ ମୁଖ୍ୟ ଆୟକର କମିଶନର, ଯୋଗ ଦେଇଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଆୟକର ବିଭାଗର ପ୍ରିନ୍ସିପାଲ ଡାଇରେକ୍ଟର (ପିଡିଆଇଟି ଆଇଏନଭି) ଡ. ସଂଦୀପ ଗୋଏଲ, ପ୍ରିନ୍ସିପାଲ ଚିଫ୍ କମିଶନର ସରୋଜ କୁମାର ମହାପାତ୍ର ଏବଂ ଭୁବନେଶ୍ୱରର ସିଆଇଟି (ପ୍ରଶାସନ ଏବଂ ଟିପିଏସ୍) ଶୋଭନ କୃଷ୍ଣ ସାହୁ ଯୋଗ ଦେଇଥିଲେ। ଏହି ସମାରୋହ ସ୍ୱେଚ୍ଛାକୃତ ଟିକସ ଅନୁପାଳନ, କରଦାତା ସେବା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଆୟକର ବିଭାଗର ନିରନ୍ତର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଥିଲା। ଭିଡିଓ ଅଭିଭାଷଣରେ, ସିବିଡିଟି ଅଧକ୍ଷ ରବି ଅଗ୍ରୱାଲ ଅଧିକ ସ୍ୱଚ୍ଛତା, ଦକ୍ଷତା, ସରଳୀକରଣ ଏବଂ ଡିଜିଟାଲାଇଜେସନ୍ ଦିଗରେ ଆୟକର ବିଭାଗର ପରିବର୍ତ୍ତନକାରୀ ଯାତ୍ରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଶତପଥୀ ତ୍ରିପାଠୀ ବିଭାଗ ଦ୍ୱାରା ଗ୍ରହଣ କରାଯାଉଥିବା ସେବା ଭିତ୍ତିକ ଆଭିମୁଖ୍ୟ ଏବଂ ପରବର୍ତ୍ତୀ ସଫଳତା ମାଇଲଖୁଣ୍ଟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୟୁର ଆର୍ଟ ଗ୍ରୁପ ପକ୍ଷରୁ ଛଉ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଉଲ୍ଲେଖନୀୟ ସେବା ପାଇଁ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳର ଡାକ୍ତରଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର, ଏକ ୱାକାଥନ ଓ ବିଭାଗ କର୍ମଚାରୀଙ୍କ ପିଲାଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

## ବିଜେଡି କର୍ପୋରେଟରଙ୍କ ନାଁରେ ଯୁବତୀ ଆଣିଲେ ସଙ୍ଗୀନ୍ ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ନେଇ ରାଜଧାନୀ ଭୁବନେଶ୍ୱରର ଜଣେ ବିଜେଡି କର୍ପୋରେଟରଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆସିଛି। ୨୦୨୩ରୁ ସମ୍ପର୍କ ରଖିଥିବା ନେଇ ଲକ୍ଷ୍ମୀସାଗର ଥାନାରେ ଏତଲା ହୋଇଛି। ପୀଡିତା ତାଙ୍କର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେତେବେଳେ ମୁଁ ନାବାଳିକା ଥିଲି। କାର୍ଯ୍ୟାନୁଷ୍ଠାନ ନ ହେଲେ ଆତ୍ମାହୁତି ଦେବି। ମାମଲା ରୁଜୁ କରି ପୀଡ଼ିତାଙ୍କ ବୟାନ ରେକର୍ଡ କଲା ପୋଲିସ। ଡାକ୍ତରୀ ମାଇନା ପାଇଁ ପୀଡ଼ିତା କ୍ୟାପିଟାଲ ହସ୍ପିଟାଲ ଯାଇଛନ୍ତି। ଅନ୍ୟପଟରେ ପୀଡ଼ିତାଙ୍କ ଅଭିଯୋଗ ନେଇ ଅମରେଶ ଜେନାଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅଭିଯୋଗରେ ପୀଡ଼ିତା କହିଛନ୍ତି ଯେ, ୨୦୨୩ ମସିହାରେ 'ରଜ ମହୋତ୍ସବ'ରେ ଅମରେଶ ଜେନାଙ୍କ ସହ ଦେଖା ହୋଇଥିଲା। ସେ ଏକ ମୋବାଇଲ ଉପହାର କରିଥିଲେ। ବିବାହର ପ୍ରଲୋଭନ ଦେଖାଇ ପୁରୀ ନେଇ ଥିଲେ। ସେଠାରେ ସେ ଶାରିରୀକ ସଂପର୍କ ରଖିଥିଲେ। ଯୁବତୀଙ୍କୁ ପ୍ରତାରଣା ଦେବା ସହ ଭ୍ରୂଣ ହତ୍ୟା ଓ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଲକ୍ଷ୍ମୀ ସାଗର ଥାନା ପୋଲିସ ମାମଲା ରୁଜୁ କରିଛି। ମାମଲା ରୁଜୁ ପରେ ଧାରା ୧୮୩ରେ ବୟାନ ରେକର୍ଡ କରାଯାଇଛି। ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରିବାକୁ ମେଡିକାଲ ପଠାଇଛି।

## ରାଜଧାନୀରୁ ନକଲି ସରକାରୀ ଚାକିରିଆ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରୁ ନକଲି ସରକାରୀ ଚାକିରିଆ ଗିରଫ । ଲୋକସେବା ଭବନରେ ନକଲି ଆଇଡି ଦେଖାଇ ପଶିବା ବେଳେ ମାଡ଼ିବସିଲେ ସୁରକ୍ଷା କର୍ମୀ । ଏନେଇ ଅଭିଯୋଗ ହେବାରୁ କ୍ୟାପିଟାଲ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ସନ୍ଦୀପ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ତା ନିକଟରୁ ନକଲି ଆଇକାର୍ଡ ଜବତ କରିଛି । ସୂଚନାନୁଯାୟୀ ଗତକାଲି ଦିନ ପ୍ରାୟ ୩:୪୦ ମିନିଟ ସମୟରେ ସନ୍ଦୀପ ଲୋକସେବା ଭବନ ଗେଟ ନମ୍ବର ୬ ରେ ଏକ ନକଲି ଆଇ କାର୍ଡ ଧରି ଭିତରକୁ ପଶିବାକୁ ଚେଷ୍ଟା କରିଥିଲା ।

## ପୋଲିସ୍ ଏସ୍ଆଇ ନିଯୁକ୍ତି ମାମଲା, ବୟସସୀମା ୩ ବର୍ଷ କୋହଳ

କଟକ(ଭାସ୍କର ନ୍ୟୁଜ୍): ପୋଲିସ୍ ଏସ୍.ଆଇ ନିଯୁକ୍ତି ସମ୍ପର୍କିତ ମାମଲାରେ ୩ ବର୍ଷ ବୟସସୀମା କୋହଳ ହୋଇଛି । ହାଇକୋର୍ଟରେ ପୋଲିସ୍ ଏସ୍.ଆଇ ନିଯୁକ୍ତି ସମ୍ପର୍କିତ ମାମଲାରେ ରବୟସସୀମା କୋହଳ କରିବାକୁ ହୋଇଥିବା ଆଗତ ଏକାଧିକ ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ଅଦାଲତଙ୍କୁ ଏହା ଅବଗତ କରାଇଛନ୍ତି । ତେବେ ଯେଉଁ ଆବେଦନକାରୀମାନେ ବୟସସୀମା କୋହଳ କରିବାକୁ ଆବେଦନ କରିଛନ୍ତି ସେମାନଙ୍କ ପାଇଁ ଏହା ଲାଗୁ ହେବ । ୨୦୧୮ ମସିହାଠାରୁ ପୋଲିସ୍ ଏସ୍.ଆଇ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ବୟସସୀମା କୋହଳ କରିବାକୁ ଏ ସମ୍ପର୍କରେ ଏକାଧିକ ଆବେଦନକାରୀଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିଲା । ସୂଚନାଥାଉକି ନିକଟରେ ରାଜ୍ୟ ସରକାର ଗତ ଜାନୁୟାରୀ ୧୭ ତାରିଖରେ ପୋଲିସ୍ ଏସ୍.ଆଇ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହା ପରେ ପୁଲିସ୍ ଏସ୍ ଆଇ ପଦବୀ ନିମନ୍ତେ ବୟସସୀମା କୋହଳ କରିବାକୁ ଆବେଦନ କରାଯାଇଥିଲା । ରୁଜୁ ମାମଲାରେ ଦର୍ଶାଯାଇଥିଲା ଯେ ଗତ ୨୦୧୮ ମସିହା ପରଠାରୁ ପୁଲିସ୍ ଏସ୍ଆଇ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଏଣୁ ବୟସସୀମା କୋହଳ କରାନଗଲେ ବହୁ ପ୍ରାର୍ଥୀ ଆବେଦନରୁ ବଞ୍ଚିତ ହେବେ । ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଥିଲେ ।

## ଅଢ଼େଇ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି କରି ୨ ଗିରଫ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଘଞ୍ଚ ଜଙ୍ଗଲରେ ବି ଆଜି ଜାତିୟ ପଶୁ 'ବାଘ' ମଧ୍ୟ ସୁରକ୍ଷିତ ନାହାନ୍ତି । ଶିକାରୀ ନିଜର ସ୍ୱାର୍ଥ ପାଇଁ ତଥା କମ ସମୟରେ ଲକ୍ଷପତି ହେବା ପାଇଁ ଅବାଧ ବାଘ ଶିକାର କରିବାକୁ ପଛାଉ ନାହାନ୍ତି। ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଏଭଳି ଏକ ଘଟଣାର ପର୍ଦ୍ଦାଫାସ କରିଛି ଏସ୍‌ଟିଏଫ୍। ବାଘଛାଲ ବିକ୍ରି ପାଇଁ ମୂଲଚାଲ ଚାଲିଥିବା ବେଳେ ଏସ୍‌ଟିଏଫ୍‌ର ଟିମ୍ ଅତର୍କିତ ଚଢ଼ାଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଭୁବନେଶ୍ୱରରେ ବାଘ ଛାଲ ଡ଼ିଲ ବେଳେ ଏସ୍‌ଟିଏଫ୍‌ର ଟିମ୍ ଅତର୍କିତ ଚଢ଼ଉ କରିଥିଲେ। ଇନଫୋସିଟି ରୋଡ଼ରେ ଅଢେଇ ଲକ୍ଷ ଟଙ୍କାରେ ଛାଲ ବିକ୍ରି କରିବା ପାଇଁ ଦୁଇ ଅଭିଯୁକ୍ତ ଭୁବନେଶ୍ୱର ଆସିଥିଲେ । ତେବେ ଏହି ଡିଲ ଚାଲିଥିବା ବେଳେ ଏସ୍‌ଟିଏଫ୍ ଅତର୍କିତ ଚଢ଼ାଉ କରିଥିଲା। ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି, ବାଘ ଛାଲ ଜବତ କରାଯାଇଛି। ଯେଉଁ ବାଘକୁ ଶିକାର କରାଯାଇଛି, ଏହାର ବୟସ ପାଖାପାଖି ୧୦ ବର୍ଷ ହେବ। ନୟାଗଡ଼ର ବାଣୀଗୋଛା ଜଙ୍ଗଲରେ ବାଘ ଶିକାର କରାଯାଇଥିଲା। ବାଘର ଅନ୍ୟ ସବୁ ଜିନିଷ ମିଳିପାରି ନାହିଁଓ ବାଘର ନଖ, ମାଂସ, ଦାନ୍ତ ଆଦି କୁଆଡେ ଗଲା ସେନେଇ ଖୋଳତାଡ଼ ଜାରି ରହିଛି।

## ବିଜେପିରେ ମିଶିଲେ ବ୍ରଜରାଜନଗରର ୧୦ ସରପଞ୍ଚ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ଉପରୁ ଆସ୍ଥା ହରାଇ ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି । ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଏବଂ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଲଖନପୁର ବ୍ଲକର ୧୦ ଜଣ ସରପଞ୍ଚ ବିଜେପିରେ ସାମିଲ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ବିକାଶକୁ ଆଗେଇ ନେବା ପାଇଁ ସହାୟକ ହେବା ସହିତ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ହୋଇଛି । ଆଗାମୀ ଦିନରେ ଅନେକ ସଂଖ୍ୟାରେ ବିଜେଡି କର୍ମୀ ବିଜେପିରେ ସାମିଲ ହେବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି, ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ଝାରସୁଗୁଡା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ରେ କଟକ ସଦର ବ୍ଲକ୍‌ରେ ଜନଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୨୮ ତାରିଖ ସୋମବାର କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହେବ । ପ୍ରତ୍ୟେକ ସୋମବାର ହେଉଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ନିଜର ଅଭିଯୋଗ ଦାଖଲ କରିବା ନିମନ୍ତେ ଜନଶୁଣାଣି ୱେବ ପୋର୍ଟାଲ/ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସ୍ଲଟ ବୁକିଂ କରିବାକୁ ଅନୁରୋଧ କରାଯାଉଛି । ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକାରୁ ଶନିବାର ରାତ୍ର ୧୧ ଘଟିକା ୫୯ ମିନିଟ ପର୍ଯ୍ୟନ୍ତ ଜନଶୁଣାଣୀ ପୋର୍ଟାଲ ଜନଶୁଣାଣି.ଓଡ଼ିଶା.ଜିଓଭି.ଇନ୍‌ରେ ସ୍ଲଟ୍ ବୁକିଂ କରାଯାଇପାରିବ ।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ବନ୍ୟଜନ୍ତୁ ଏବଂ ଧନଜୀବନ ସୁରକ୍ଷା ପାଇଁ ବିଦ୍ୟୁତ୍ ସତର୍କତା

DSPL -183

ଜଙ୍ଗଲ ଭିତରେ ଅନଧିକୃତ ଭାବେ ବିଦ୍ୟୁତ୍ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ ।



ଫସଲ ସୁରକ୍ଷା ପାଇଁ ବାଡ଼ି ବଗିଚାର ଚତୁପାର୍ଶ୍ୱରେ ଥିବା ତାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ ।



ଘରର ବିଦ୍ୟୁତ୍ ସଂଯୋଗ ଅନଧିକୃତ ଭାବେ ଅନ୍ୟ ସ୍ଥାନକୁ ବିସ୍ତାର କରନ୍ତୁ ନାହିଁ



OIPR 04025/13/0013/2526

ଏହି ସବୁ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ମନୁଷ୍ୟ, ବନ୍ୟଜନ୍ତୁ ମାନଙ୍କ ଜୀବନହାନିର କାରଣ ହୋଇପାରେ। ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଯଦି ଏହି ବେଆଇନ କାମ କାହାର ନଜରରେ ଆସୁଛି, ତେବେ ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଓ ଜଙ୍ଗଲ ବିଭାଗକୁ ତୁରନ୍ତ ଜଣାନ୍ତୁ।

ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



# ପ୍ରଶ୍ନପତ୍ର ପ୍ରଘଟର ଅନ୍ତରାଳେ

## ରାଜ୍ୟର ହଜାର ହଜାର ପରୀକ୍ଷାର୍ଥୀଙ୍କ ଦୁର୍ଦ୍ଦଶା

ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ଓଡ଼ିଶା ଟିଚର ଏଲିଜିବିଲିଟ୍ ଟେଷ୍ଟ (ଓ.ଟି.ଇ.ଟି)କୁ ବାଧ୍ୟତାମୂଳକ କରାଯାଇଛି। ଗତ ୨୦ ତାରିଖ ରବିବାର ଏହି ସ୍ୱତନ୍ତ୍ର ଟେଷ୍ଟ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ଏବଂ ରାଜ୍ୟର ୭୫ ହଜାର ୪୦୩ଜଣ ଶିକ୍ଷକ ଟେଷ୍ଟ ଦେବାକୁ ଆବେଦନ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ପ୍ରାଥମିକ ଶିକ୍ଷକ ଓ.ଟି.ଇ.ଟି ପରୀକ୍ଷା ଦେବାକୁ ଶନିବାର ରାତିରୁ ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚି ସାରିଥିଲେ ଓ ସବୁପ୍ରକାର ପ୍ରସ୍ତୁତି ଶେଷ କରିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ରବିବାର ପରୀକ୍ଷା ଆରମ୍ଭ ହେବାର ଅଳ୍ପ କେତେଘଣ୍ଟା ପୂର୍ବରୁ ଏହି ପରୀକ୍ଷାକୁ ବାତିଲ କରାଯାଇଥିବାର ହଠାତ୍ ଘୋଷଣା କରାଗଲା, ଯଦ୍ୱାରା ଦୂରଦୂରାନ୍ତରୁ ଖର୍ଚ୍ଚାନ୍ତ ହୋଇ ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚି ଥିବା ହଜାର ହଜାର ଶିକ୍ଷକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଖବର ନେବାରେ ଜଣାଗଲା ଯେ, ଶନିବାର ଅପରାହ୍ନରେ ଏକ ହାତଲେଖା ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ସରକାର ବାଧ୍ୟ ହୋଇ ମଧ୍ୟରାତ୍ରୀରେ ଏହି ପରୀକ୍ଷାକୁ ବାତିଲ କରିବାକୁ ନିଷ୍ପତ୍ତି ନେଲେ। ରାଜ୍ୟର ୭୫ହଜାର ପ୍ରାଥମିକ ଶିକ୍ଷକଙ୍କ ଭାଗ୍ୟ ନିର୍ଦ୍ଧାରଣ ପାଇଁ ଉଦ୍ଦିଷ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଏଭଳି ଗୁରୁତର ତ୍ରୁଟିକୁ ହାଲୁକା ଭାବରେ ବିଚାର କରାଯାଇପାରିବ ନାହିଁ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଏଥିନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଶିକ୍ଷକଙ୍କୁ ପଦୋନ୍ନତିରୁ ବଞ୍ଚିତ କରିବାକୁ ଏହା ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି। ଅଭିଜ୍ଞତାରୁ ଦେଖାଯାଇଛି ଯେ କେବଳ ଓ.ଟି.ଇ.ଟି ନୁହେଁ, ନିକଟ ଅତୀତରେ ରାଜ୍ୟର ଅନେକ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଏବଂ ସେଥିପାଇଁ ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହା ରାଜ୍ୟରେ ଶିକ୍ଷା-ଶିକ୍ଷକ-ଶିକ୍ଷାୟତନ ବ୍ୟବସ୍ଥାରେ ଥିବା ଗୁରୁତର ତ୍ରୁଟିକୁ ଦର୍ଶାଇବା ସହିତ ଅଦୂରଦର୍ଶିତାର ପରିଚୟ ଦେଉଛି। ତେବେ ଓ.ଟି.ଇ.ଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣା କିଛିଟା ପ୍ରଶ୍ନବାଚୀ ଓ ସନ୍ଦେହ ସୃଷ୍ଟି କରୁଛି। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସିଲ୍ ବନ୍ଦ ଥିବା ପ୍ରଶ୍ନପତ୍ର ଖୋଲିଲା କିପରି ଏବଂ ପ୍ରଘଟ ହୋଇଥିବା ହାତଲେଖା ପ୍ରଶ୍ନପତ୍ର ମୂଳ ପ୍ରଶ୍ନପତ୍ର ସହ ସମାନ ବୋଲି କର୍ତ୍ତୃପକ୍ଷ ଜାଣିଲେ କିପରି ଓ ସେଥିପାଇଁ ୭୫ହଜାର ଶିକ୍ଷକଙ୍କୁ ଅସୁବିଧାର ସମ୍ମୁଖୀନ କରାଇଲେ କାହିଁକି, ଏଭଳି ଅନେକ ପ୍ରଶ୍ନ ମନରେ ଉଙ୍କି ମାରୁଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା କୌଣସି ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ବିଭ୍ରାଟ ଘଟିଥିବା କିଛି ଅସମ୍ଭବ ନୁହେଁ। ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ୨୦୧୨ ମସିହାରେ ଏନ୍.ସି.ଇ.ଟି ନିର୍ଦ୍ଦେଶକ୍ରମେ ଆମ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ଓ.ଟି.ଇ.ଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ପଡୁଛି। ସେହିପରି ୨୦୧୨ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପଦୋନ୍ନତି ଲାଗି ସ୍ୱତନ୍ତ୍ର ଓ.ଟି.ଇ.ଟି କୁ ବାଧ୍ୟତାମୂଳକ କରାଯାଇଛି। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ଏପରି ବ୍ୟବସ୍ଥା ନଥିବା ବେଳେ ଓଡ଼ିଶାରେ ଏହାକୁ କାହିଁକି ଲାଗୁ କରାଯାଇଛି, ତାହା ବୁଝି ହେଉନାହିଁ। ସେହି ଦୃଷ୍ଟିରୁ ୨୦୧୨ ମସିହା ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ କ୍ଷେତ୍ରରେ ଓ.ଟି.ଇ.ଟି ପରୀକ୍ଷା ବାଧ୍ୟତାମୂଳକ କରାଯିବା ବ୍ୟବସ୍ଥାର ପୁନର୍ବିଚାର ହେବା ସେମାନଙ୍କ ସମ୍ମାନ ଓ ଅଧିକାର ଦୃଷ୍ଟିରୁ ଏକାନ୍ତ ଜରୁରି।

# ରୋଜଗାର ପନ୍ଥା ମଣିଷର ଦୂରଦୃଷ୍ଟି, ଆଗ୍ରହ ଓ ଏକାଗ୍ରତାର ଫଳ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

ଜୀବନ ସର୍ବଦା ଜୀବିକା ସହ ସଂଶ୍ଳିଷ୍ଟ। ଦେଶ ସ୍ୱାଧୀନ ହେବା ପରେ ମଣିଷ ଏଠି ସ୍ୱାଧୀନ ଭାବରେ ତା'ଜୀବିକା ଅର୍ଜନ କରିପାରୁଛି। ଏହା ହିଁ ଭାରତବର୍ଷ ଭଳି ସ୍ୱାଧୀନ ରାଷ୍ଟ୍ରରେ ଗଣତନ୍ତ୍ର ଶାସନ ପ୍ରତି ଈଶ୍ୱରଙ୍କ ଅଶେଷ ଅବଦାନ। ଭାରତ ଏବେ ୧୪୩ କୋଟିରୁ ଊର୍ଦ୍ଧ୍ୱ ଜନତାଙ୍କର ଏକ ବିଶାଳ ରାଷ୍ଟ୍ର। ଭାରତ ଏଇ ଭିତରେ ଚୀନ ଭଳି ରାଷ୍ଟ୍ରକୁ ଜନସଂଖ୍ୟାରେ ଟପି ଯାଇଛି। ତେବେ ଜନସଂଖ୍ୟା ତୁଳନାରେ ଜୀବନ ଧାରଣର ନୀତି ସ୍ପଷ୍ଟ ନ ହେଲେ ଏପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକେ ସୁଖୀ ରହିବେ କିପରି ? ଲୋକଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଆଖି ଆଗରେ ରଖି ସମସ୍ତ ନୀତି ନିୟମ ପ୍ରଣୟନ କରାଯାଇଥାଏ। ସେଗୁଡିକ ମଧ୍ୟରେ 'ଜୀବିକା ଅର୍ଜନ' ସର୍ବପ୍ରଥମେ ଆସେ। ତା'ପରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଆଦି ବିଷୟ କ୍ରମାନ୍ୱୟରେ ବିଚାର ହୁଏ। ଏପରିକି ଜଣେ ଶିକ୍ଷା ଦିକ୍ଷା କିଛି ନ ପାଇ ମୂର୍ଖ ତୁଲ୍ୟ ରହି ମଧ୍ୟ ମୂଲିଆ ବା ମଜୁରିଆ ହୋଇ ରୋଜଗାର କରିପାରିବ। ଏହି ପନ୍ଥା ଆପଣେଇଲେ ତାକୁ ଭୋକରେ ରହିବାକୁ ପଡିନଥାଏ। ସେଥିପାଇଁ ମଧ୍ୟ ନୀତିନିୟମ ଖଞ୍ଜା ହୋଇଛି। ଜଣେ ମଜୁରିଆର ସର୍ବାଧିକ ମଜୁରି ଯେତେ ହୋଇ ପାରିବ ସମକାଳୀନ ଅବସ୍ଥା ଓ ପାରିପାର୍ଶ୍ୱିକ ପ୍ରଭାବକୁ ବିଚାର କରି ତାହା ଧାର୍ଯ୍ୟ ହୋଇଥାଏ। ଏହି ଦୃଷ୍ଟାନ୍ତ ସୂଚାଇ ଦେଇଥାଏ ରୋଜଗାର ପନ୍ଥା ବ୍ୟକ୍ତିଗତ ହେଲେ ମଧ୍ୟ ଏହା ସରକାରଙ୍କ ନୀତିନିୟମ ପରିସରଭୁକ୍ତ।

ଏଠାରେ ଆଉ ଏକ ବଡ଼ ଦୃଷ୍ଟାନ୍ତ ଦେଇ ମଣିଷକୁ ସଚେତନ କରିବାକୁ ଭାବୁଛି। ଜଣେ ସୁନ୍ଦର ସୁଠାମ ଯୁବକ ଚାକିରି ଅନ୍ୱେଷଣରେ ବାହାରି ନିଜ ଗାଁ ରୁ ସହର ଅଭିମୁଖେ ଚାଲିଆସିଲା। ଅନେକ ଦିନ ସହରରେ ବୁଲି ବୁଲି ଚାକିରି ନ ପାଇବାରୁ ହଠାତ୍ ଦିନେ ତା' ମୁଣ୍ଡରେ ଏକ ବୁଦ୍ଧି ଉଦ୍ରେକ ହେଲା। ସେ ଅଜଣା ଭାବେ ଜଣେ ଫିଲ୍ମ ପ୍ରଯୋଜକଙ୍କ ଅଫିସ୍ ପାଖରେ ପହଞ୍ଚିଗଲା। ସେଠାରେ ସେ ଖୋଦ୍ ପ୍ରଯୋଜକଙ୍କୁ ଭେଟି ତାଙ୍କ କମ୍ପାନୀରେ ଖଣ୍ଡେ ଚାକିରି କରିବ ବୋଲି ନିବେଦନ କରିଥିଲା। ପ୍ରଯୋଜକ ପ୍ରଥମେ ତାକୁ ନାସ୍ତି ବାଣୀ ଶୁଣାଇ ଦେଇଥିଲେ ମାତ୍ର ଯୁବକଟି ବାରମ୍ବାର ଅନୁରୋଧ କରିବାରୁ ପ୍ରଯୋଜକ ରାଜି ହୋଇଥିଲେ। ପ୍ରଯୋଜକ ଜଣକ ଖୁବ ଚତୁର ଥିଲେ। ସେ ଯୁବକର ତାଳୁ ଠାରୁ ତଳିପା ପର୍ଯ୍ୟନ୍ତ ତନ୍ନ ତନ୍ନ କରି ଚାହିଁ ଦେଖିଲେ ପିଲାଟି ଯୁବ ବୟସର। ଖୁବ ସୁନ୍ଦର, ଚତୁର ଓ ଶିକ୍ଷିତ ମଧ୍ୟ। ଗାଁରେ ଗ୍ରୀଷ୍ମଛୁଟିରେ ଅନ୍ୟାନ୍ୟ ଯୁବକମାନଙ୍କ ସଙ୍ଗେ ମଞ୍ଚ ଅଭିନୟରେ ହୀରୋ ହୋଇ ବେଶ ନାଁ ଗାଁରେ କମାଇଛି ବୋଲି ସେ ଅନୁସନ୍ଧାନରୁ ଜାଣିପାରିଲେ। ପ୍ରଯୋଜକ ଭାବିନେଲେ ସେ ଯୁବକ ତାଙ୍କର ଆଗାମୀ ଫିଲ୍ମ ପାଇଁ ହୀରୋ ଭୂମିକାରେ ଉତ୍ତୀର୍ଣ୍ଣ ହେବ। ଯଦି ବାହାରୁ ହୀରୋ ପାଇଁ ଯାହାକୁ ଚୁକ୍ତିବଦ୍ଧ କରି ଆଣିବେ ସେ ଗୋଟିଏ ଫିଲ୍ମକୁ ଲକ୍ଷାଧିକ ଟଙ୍କା ନେବ। ତେଣୁ ତାଙ୍କ ପାଖରେ ଚାକିରି କରିଥିବା ଯୁବକକୁ ହୀରୋ କରି ଟଙ୍କା ବଞ୍ଚାଇବାର ଯୋଜନା କଲେ ଏବଂ ତାକୁ ନିଜ ପ୍ରଯୋଜନା ସଂସ୍ଥାରେ ରଖିଲେ। ପ୍ରଯୋଜକ ଥିଲେ ମହାସିଆଣିଆ। ସେ କିପରି ଜାଲିଆତି କରି ସଂସ୍ଥା ଗଢି ଦୁଇଟା ଫିଲ୍ମ କରି ରାଜ୍ୟରେ ଚହଳ ସୃଷ୍ଟି କଲେ ତାହା ସେ ଜାଣନ୍ତି। ସେଥିପାଇଁ ସେ ଅନ୍ୟ ପ୍ରଯୋଜକଙ୍କ ଚକ୍ଷୁଶୀଳ ହୋଇଥିଲେ। ଇତି ମଧ୍ୟରେ ନୂଆ ହିରୋଙ୍କୁ ନେଇ ପ୍ରଯୋଜକ ନୂଆ ଫିଲ୍ମ ସୁଟିଂ କଲେ ଏବଂ ତାହା ମୁକ୍ତି ଲାଭ ପୂର୍ବରୁ ଯେଉଁଭଳି ପ୍ରଚାରିତ ହେଲା ସେଥିରେ ପ୍ରଯୋଜକଙ୍କ ଭାଉ କାହିଁ କେତେ ଗୁଣରେ ବଢିଗଲା। ଦର୍ଶକଙ୍କ ଆଗ୍ରହ ବଢିବା ସହ ନୂଆ ହୀରୋକୁ ଦେଖିବା ପାଇଁ ଆହୁରି ବ୍ୟଗ୍ର ହୋଇ ଉଠିଥିଲେ। ଯଥା ସମୟରେ ଫିଲ୍ମଟି ମୁକ୍ତିଲାଭ କଲା ଏବଂ ଏପରି ଗହଳି ହେଲା ଯେ ଜଣା ପଡୁଥିଲା ଫିଲ୍ମ ଆଉ ପରଦାରୁ ହଟିବ ନାହିଁ। କିନ୍ତୁ ଫିଲ୍ମର ଧାରା ଯେ ସରକାରୀ ଆଇନ ଅନ୍ତର୍ଭୁକ୍ତ, ସେଥିରୁ ତାହା ବାଦ ଯିବ କିପରି ? ପ୍ରଯୋଜକ ସେଇ ହିରୋକୁ ନେଇ ଦ୍ୱିତୀୟ ଫିଲ୍ମ ନିର୍ମାଣ କରି ଦର୍ଶକଙ୍କ ବାଃ ବାଃ ସାଉଣ୍ଟି ଥିଲେ। ଉଭୟେ ପ୍ରଯୋଜକ ଏବଂ ନାୟକ ନିଜ ନିଜର ବୁଦ୍ଧି ଓ ଭାଉ ଦୃଷ୍ଟିରୁ କାହାକୁ ଖାତିର କଲେ ନାହିଁ। ହିରୋର ଯୁବସୁଲଭ ଗୁଣ ଦର୍ଶକ ଜଗତକୁ ମନମୁଗ୍ଧ କରି ଦେଇଥିଲା। ତାଙ୍କ ପାଇଁ ବିଭିନ୍ନ ଆଡୁ ବିବାହ ପ୍ରସ୍ତାବ ଆସିଥିଲା କିନ୍ତୁ ସେ ନୀରବତା ଅବଲମ୍ବନ କରିଥିଲେ। ସେ ଜାଣିବାକୁ ପାଇଥିଲେ ଯେ ପ୍ରଯୋଜକ ନିଜ କନ୍ୟାକୁ ତାଙ୍କ ହାତରେ ଛନ୍ଦି ଦେବାର ମସୁଧାରେ ଅଛନ୍ତି।

ଦିନେ ଅଚାନକ ପ୍ରଯୋଜକଙ୍କ ପ୍ରଯୋଜନା ସଂସ୍ଥା ଉପରକୁ କଳା ବାଦଲ ମାଡି ଆସିଲା। ସରକାରଙ୍କ ପକ୍ଷରୁ ଏ ସଂସ୍ଥା ଉପରେ ଚଢାଉ ହେଲା। ବହୁ ଜାଲ୍ କାଗଜପତ୍ର ସାଙ୍ଗକୁ ସଂସ୍ଥା ମଧ୍ୟ ଜାଲ ରେଜିଷ୍ଟ୍ରେସନରେ ଚାଲିଥିଲା। ଉଭୟେ ପ୍ରଯୋଜକ ଓ ନାୟକ ଆୟକରର ଖିଲାପ ଥିଲେ। ହୀରୋ ଜଣକ ସମସ୍ତଙ୍କ ଅଜ୍ଞାତରେ ହୋଟେଲରେ ଦେହ ବ୍ୟବସାୟି ଯୁବତୀଙ୍କ ଘେରରେ ଛନ୍ଦି ହୋଇ ରହିଛନ୍ତି। ଅନେକ ବିରୋଧ ହେବାରୁ ସେ ଦୁହିଁଙ୍କୁ ଗିରଫ କରି ଜେଲ୍‌କୁ ପଠାଇ ଦିଆଗଲା। ଏଠାରେ ଏପରି ଦୃଷ୍ଟାନ୍ତ ଦେବାର ଉଦ୍ଦେଶ୍ୟ ହେଲା, କାର୍ଯ୍ୟ କରିବାର ପନ୍ଥା ଦୁଇ ଭାଗରେ ବିଭକ୍ତ, ଯଥା – ସୁପନ୍ଥା ଓ କୁପନ୍ଥା। ସେହିପରି ସୁନାମ ବା ଦୁର୍ନାମ ଦୁଇପ୍ରକାରେ ନାମ କମାଯାଇପାରେ। ଯିଏ ଯାହାକୁ ବାଛିଲା ସେହି ବାଟରେ ଯାଇ ରୋଜଗାର କଲା। ମୂଲିଆ ମୂଲ ଲାଗି ରୋଜଗାର କରୁଥିଲା ବେଳେ ଚାଷୀ ଚାଷ କରି ରୋଜଗାର କରୁଛି, କଳାକାର ଅଭିନୟ କରି ରୋଜଗାର କରୁଛି ଏବଂ ବରିଷ୍ଠ ପଦାଧିକାରୀ ମାନେ ଚାକିରି କରିବା ସହ ବିଭିନ୍ନ ଫନ୍ଦ ଫିକର କରି ରୋଜଗାର କରୁଛି; କିନ୍ତୁ ପନ୍ଥାର ଭଲ ମନ୍ଦକୁ ବିଚାର ନ କରି ଯିଏ ରୋଜଗାର ଆଡେ ମନ ବଳେଇଲା ସିଏ କେତେବେଳେ ଯେ ଅଚାନକ କେଉଁଭଳି ପରିଣତି ଭୋଗ କରିବ ତାହାର ପୂର୍ବାନୁମାନ କରିବା ଅସମ୍ଭବ। ଯେପରି ଆଜିର ସମାଜରେ ଚିଟ୍‌ଫଣ୍ଡ ମାଲିକ, ଲାଞ୍ଚ ଖୋର ଅଧିକାରୀ, ବାହୁବଳୀ ଯନ୍ତ୍ରୀମାନେ ଅସାଧୁ ଉପାୟରେ କୋଟି କୋଟି ଟଙ୍କା ଉପାର୍ଜନ କରି ଜେଲ ଦଣ୍ଡ ଭୋଗୁଛନ୍ତି, ତେବେ ଏପରି ରୋଜଗାରର ମୂଲ୍ୟ କ'ଣ ! ସ୍ୱାଧୀନତା ପରେ ସରକାର ନୂଆ ନୂଆ ବିଭାଗ ସୃଷ୍ଟି କରିବା ଫଳରେ ସେ ସମୟର ଯୁବକ, ଯୁବତୀମାନେ ଚାକିରି ଆଶାୟୀ ହୋଇ ବିଭିନ୍ନ ବିଭାଗରେ ପଶି ଯାଇଥିଲେ। ସେ ସମୟରେ ଯୋଗ୍ୟତା ଭିତ୍ତିକ ଶିକ୍ଷା ଅନୁସାରେ ଚାକିରିରେ ପଦ ଯଥେଷ୍ଟ ଥିଲା। ପ୍ରାର୍ଥୀ ସଂଖ୍ୟା ସୀମିତ ଥିବାରୁ ସମସ୍ୟା ସୃଷ୍ଟି ହେଉ ନ ଥିଲା। କିନ୍ତୁ ଆଜିର ଏକବିଂଶ ଶତାବ୍ଦୀରେ ଆଶାୟୀ ପ୍ରାର୍ଥୀ ଅନୁସାରେ ପଦ ନାହିଁ। ଏଣୁ ବେକାରୀ ସଂଖ୍ୟା ବେଶୀ ହେବାରୁ ସରକାର ସମସ୍ତଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଉଛନ୍ତି। ଜନସଂଖ୍ୟା ବୃଦ୍ଧିକୁ ଆଉ ରୋକି ହେବନାହିଁ କି ଆଶାୟୀ ପ୍ରାର୍ଥୀ ସଂଖ୍ୟାକୁ ବିରୋଧ କରିହେବ ନାହିଁ। ଦେଶର ପ୍ରତ୍ୟେକ ଯୁବଗୋଷ୍ଠୀ ବେଳହୁଁ ଜାଣି ରଖିବା ଉଚିତ୍, ଦେଶରେ ଯେତେ ଜନସଂଖ୍ୟାର ବୃଦ୍ଧି ଘଟୁଛି ସେତେ ଦାବିଦାର ସୃଷ୍ଟି ହେଉଛି। ଏହାକୁ ଅବରୋଧ କରିହେବନି କି ଅସ୍ୱୀକାର ମଧ୍ୟ କରି ହେବନାହିଁ। ବର୍ତ୍ତମାନ ଭାରତ ବର୍ଷରେ ଧନ୍ଦାମୂଳକ ରୋଜଗାରର ଯୁଗ ଆସିଛି। ସମୟାନୁକ୍ରମେ ରୋଜଗାର ପନ୍ଥା ପାଇଁ ଅନେକ ଘଟଣା ଘଟୁଛି। ପ୍ରତ୍ୟେକ ବିଷୟରେ ଧନ୍ଦା ଅଛି। କିନ୍ତୁ ସବୁକୁ କରି ଜାଣିଲେ ହେଲା। ବାଚାଳଙ୍କ ପରି ନଧାଇଁ ସତ୍ୟ ନିଷ୍ଠ ହୋଇ କାର୍ଯ୍ୟ କରିବା ଦରକାର। ଦୃଷ୍ଟାନ୍ତ ସ୍ୱରୂପ ନିକଟ ଅତୀତରେ ଆମ ଦେଶରେ ରୋଜଗାର ପ୍ରସଙ୍ଗରେ ଏକ ବିରାଟ ସମ୍ବାଦ ପ୍ରଚାରିତ ହୋଇଥିଲା। ପଞ୍ଜାବର ଜଣେ ସ୍ୱଳ୍ପ ବୟସର ଯୁବକ, ବୟସ ମାତ୍ର ୨୩ ବର୍ଷ। ବିଦ୍ୟା କିଛି ନାହିଁ। ପରିବାରର ସ୍ୱଚ୍ଛଳ ଅବସ୍ଥା, ସେମାନେ ଉଚ୍ଚ ଶିକ୍ଷିତ। ବଡ ଚାକିରିରେ ଅବସ୍ଥାପିତ। ସେମାନଙ୍କର ଇଚ୍ଛା ଥିଲା ପୁଅକୁ ଉଚ୍ଚଶିକ୍ଷିତ କରିବେ, ମାତ୍ର ପୁଅ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ପାରିନଥିଲା। ବାରମ୍ବାର ସେହି ଶ୍ରେଣୀରେ ଅକୃତକାର୍ଯ୍ୟ ହୋଇଥିଲା। ପିତାମାତାଙ୍କୁ ବଡ଼ ବାଧା ବାଧିଲା। ସେମାନେ କାରଣ ଅନୁଧ୍ୟାନ କରି ଜାଣିଲେ ଯେ ପୁଅ ଦିନ ରାତି କମ୍ପ୍ୟୁଟର ସଙ୍ଗେ ରହି ତା'ର କାର୍ଯ୍ୟକାରୀ ଗୁଣଧର୍ମକୁ ଅହୋରାତ୍ର ଧ୍ୟାନ ଦେବା ଫଳରେ ପାଠ ହେଲା ନାହିଁ। ସେ ସେହି କମ୍ପ୍ୟୁଟରର ବିଷୟରେ ନିଜର ଦୂରଦୃଷ୍ଟିକୁ ପ୍ରୟୋଗ କରି ସେଥିରେ ଏଭଳି ସଫଳତା ଲାଭ କଲା ଯାହାଫଳରେ ସେ ବହୁ ବଡ଼ ବଡ଼ କମ୍ପାନୀମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଲା। ଉକ୍ତ ଧନ୍ଦାରୁ ମାସିକ ଦୁଇ ତିନି ଲକ୍ଷ ରୋଜଗାର କରିପାରୁଛି। ଘରୋଇ ଭାବରେ ମାଟ୍ରିକ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ସହ ଭବିଷ୍ୟତରେ ଗ୍ରାଜୁଏଟ ହେବାର ଲକ୍ଷ୍ୟ ରଖିଛି। ପରିଶେଷରେ ଏତିକି କହିବି ମଣିଷର ରୋଜଗାର ପନ୍ଥା ତା'ର ଦୂରଦୃଷ୍ଟି, ଆଗ୍ରହ ଏବଂ ଏକାଗ୍ରତା ଦ୍ୱାରା ବନ୍ଧା ହୋଇ ରହିଛି। ଏଠାରେ ଯୋଗ୍ୟତା ଭିତ୍ତିକ ବିଦ୍ୟାର ପ୍ରୟୋଜନ ବାଧ୍ୟତାମୂଳକ ନୁହେଁ। ନିଜର ଇଚ୍ଛାଶକ୍ତି ଓ ସତ୍ୟନିଷ୍ଠ ବଳରେ ସେ ଦୁନିଆ ଜୟ କରିପାରେ।

# ସବୁଜ ଶକ୍ତି



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯିବା ପରେ ଏହି କ୍ଷେତ୍ରର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି କ୍ଷେତ୍ର ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସାମ୍ପ୍ରତିକ ସମୟରେ ପର୍ଯ୍ୟଟନ ବହୁ ଉଦ୍ଦେଶ୍ୟ ସାଧନକାରୀ ହୋଇଛି। ଏହା ଏବେ ବହୁ ଭାଗରେ ମଧ୍ୟ ବିଭକ୍ତ। ପରିବେଶ ପର୍ଯ୍ୟଟନ ଠାରୁ ନେଇ ଧର୍ମୀୟ ପର୍ଯ୍ୟଟନ, ଚିକିତ୍ସା ପର୍ଯ୍ୟଟନ, ଐତିହ୍ୟ ପର୍ଯ୍ୟଟନ, ସାଂସ୍କୃତିକ ପର୍ଯ୍ୟଟନ ଆଦି ଭାବରେ ପରିଚିତ ହେଉଛି। ଏହି ଶିଳ୍ପ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲକ୍ଷାଧିକ ଲୋକ ଜଡିତ ରହିଛନ୍ତି ଏବଂ ସେମାନଙ୍କର ପରିବାର ପ୍ରତିପୋଷଣ ହେଉଛନ୍ତି। ଏହା ମଧ୍ୟ ଏକ ଅଞ୍ଚଳର ବିକାଶ ଏବଂ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଉଛି। କେନ୍ଦ୍ର ସରକାର ପର୍ଯ୍ୟଟନର ବିକାଶ ପାଇଁ ସ୍ୱଦେଶ ଦର୍ଶନ ନାମକ ଏକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ବୁଦ୍ଧିଷ୍ଟ ସର୍କିଟ ଏବଂ ଉପକୂଳ ସର୍କିଟ ମଧ୍ୟ ରହିଛି, ଯେଉଁଥିରେ ଓଡ଼ିଶାର ବୌଦ୍ଧଧର୍ମ ସହିତ ସମ୍ପୃକ୍ତ ସ୍ଥାନସମୂହ, କୀର୍ତ୍ତିରାଜି ଏବଂ ଉପକୂଳ ଅଞ୍ଚଳଗୁଡିକ ରହିଛି। ସେହିସବୁ ସ୍ଥାନରେ ପର୍ଯ୍ୟଟନ କେନ୍ଦ୍ର ସ୍ଥାପନ ସହିତ ସେଗୁଡିକର ବିକାଶ କରାଯାଉଛି। ପର୍ଯ୍ୟଟକମାନେ ପ୍ୟାକେଜ ଜରିଆରେ ସେଗୁଡିକ ଗସ୍ତ କରିବାର ସୁବିଧା ଯୋଗାଇ ଦିଆଯାଉଛି। ଆମ ରାଜ୍ୟରେ ଧର୍ମୀୟ ଓ ଐତିହ୍ୟ ପର୍ଯ୍ୟଟନକୁ ମଧ୍ୟ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଉଛି। ପର୍ଯ୍ୟଟନର ବିକାଶ ଦ୍ୱାରା ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆମ ଦେଶ ଓ ଆମ ରାଜ୍ୟକୁ ଆସିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ଅର୍ଥନୀତିକୁ ଆଗକୁ ବଢିବାରେ ସହାୟତା କରିବା ସହିତ ଅନେକଙ୍କୁ କର୍ମନିଯୁକ୍ତି ସୁଯୋଗ ମଧ୍ୟ ଯୋଗାଇ ଦେଉଛି। କେନ୍ଦ୍ର ସରକାରଙ୍କର ହୃଦୟ ଯୋଜନା (ନ୍ୟାସନାଲ ହେରିଟେଜ ସିଟି ଡେଭଲପମେଣ୍ଟ ଆଣ୍ଡ ଅଗ୍‌ମେଣ୍ଟେସନ)ରେ ସହରାଞ୍ଚଳର ଅର୍ଥନୈତିକ ବିକାଶ ଏବଂ ପ୍ରାଚୀନ ଐତିହ୍ୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିରେ ଦେଶର ଅନ୍ୟାନ୍ୟ ସହରସହିତ ଓଡ଼ିଶାର ତୀର୍ଥକ୍ଷେତ୍ର ପୁରୀକୁ ସ୍ଥାନିତ କରାଯାଇଛି। ଏହି ସ୍ଥାନଗୁଡିକୁ ସରକାର ଆର୍ଥିକ ସହାୟତା ଯୋଗାଇଦେଇ ସେଗୁଡିକର ଯୋଜନାବଦ୍ଧ ଉନ୍ନତି, ସ୍ଥାନୀୟ ଲୋକଙ୍କର ଆର୍ଥିକ ବିକାଶ ଏବଂ ପ୍ରାଚୀନ ଐତିହ୍ୟର ସଂରକ୍ଷଣ ନିମନ୍ତେ ପଦକ୍ଷେପ ନେଉଛନ୍ତି। ତାହାଛଡା ଏବେ କ୍ରୀଡା ଭିତ୍ତିକ ପର୍ଯ୍ୟଟନ ମଧ୍ୟ ଗୁରୁତ୍ୱ ଲାଭ କରୁଛି। ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ ସମୟରେ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଲୋକ ଉକ୍ତ ସ୍ଥାନକୁ ଆସୁଛନ୍ତି, ଯାହା କେବଳ କ୍ରୀଡା ନୁହେଁ ବରଂ ଉକ୍ତ ଅଞ୍ଚଳର ବିକାଶରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସହାୟକ ହେଉଛି। ପର୍ଯ୍ୟଟନ ସହିତ ସଡ଼କ ପରିବହନ, ବିମାନ ସେବା, ରେଳ ସେବା, ଟ୍ୟାକ୍ସି ସେବା, ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବହୁ ଆନୁସଙ୍ଗିକ କ୍ଷେତ୍ର ଜଡିତ ରହିଛି। ତେଣୁ ପର୍ଯ୍ୟଟନର ବିକାଶ ଦ୍ୱାରା ଏହିସବୁ କ୍ଷେତ୍ରର ବିକାଶ ମଧ୍ୟ ସମ୍ଭବ ହୋଇପାରୁଛି। କେନ୍ଦ୍ର ସରକାର ଓଡ଼ିଶାରେ ପର୍ଯ୍ୟଟନ ବିକାଶ ନିମନ୍ତେ ୩ଟି ଆର୍ଦ୍ରଭୂମିକୁ ରାମସର୍ ସ୍ଥଳ ଭାବରେ ଚିହ୍ନଟ କରିଛନ୍ତି। ପର୍ଯ୍ୟଟନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜ୍ୟର ୨୧ଟି ରେଳଷ୍ଟେସନର ଆଧୁନିକିକରଣ କାର୍ଯ୍ୟ ହାତକୁ ନିଆଯାଇ ସେଗୁଡିକର ପୁନଃ ନିର୍ମାଣ କରାଯାଉଛି। ସେ ବାବଦରେ ପ୍ରାୟ ୯୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସେହିଭଳି ସେବା ପ୍ରଦାନକାରୀଙ୍କ ପାଇଁ ଦକ୍ଷତା ନିର୍ମାଣ (ସିବିଏସ୍‌ପି) ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ହେରିଟେଜ ଚାରିଟେବଲ ଟ୍ରଷ୍ଟକୁ ୭୫,୪୪୫ କୋଟି ୪୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଓଡ଼ିଶାରେ ବହୁ ପ୍ରାଚୀନ ଧର୍ମୀୟ ଏବଂ ଐତିହ୍ୟ ସ୍ଥଳ ରହିଥିବାବେଳେ ସେଗୁଡିକର ବିକାଶ କରିବା ଏବଂ ସେଗୁଡିକ ଦେଶ ବିଦେଶର ପର୍ଯ୍ୟଟକଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି। ଆମ ରାଜ୍ୟରେ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର, ମନ୍ଦିରମାଳିନୀ ଭୁବନେଶ୍ୱର, ଚନ୍ଦ୍ରଭାଗା, ପୁରୀ ଓ ଗୋପାଳପୁର ବେଳାଭୂମି, ଶିମିଳିପାଳ, ଭିତରକନିକା ଭଳି ଅଭୟାରଣ୍ୟ, ଧଉଳିଗିରି-ରତ୍ନଗିରି-ଲଳିତଗିରି ବୌଦ୍ଧ ଧର୍ମ ସହିତ ସଂଯୁକ୍ତ ସ୍ଥାନ, ଏହାବ୍ୟତୀତ ଅନେକ ଐତିହାସିକ, ପାରିବେଶିକ ଏବଂ ମନୋରମ ପର୍ଯ୍ୟଟନ ସ୍ଥଳଗୁଡିକ ରହିଥିବାବେଳେ ସେଗୁଡିକର ବିକାଶ ସହିତ ପର୍ଯ୍ୟଟକଙ୍କ ପାଇଁ ସେଠାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଦିଗରେ ଅନେକ ପଦକ୍ଷେପ ହାତକୁ ନିଆଯାଇଛି।

**ବିକଶିତ ଓଡ଼ିଶାର ଚିତ୍ର**

# ଭିଆଇପି ଦର୍ଶନ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ, ମୋ: ୯୪୩୭୬୪୨୯୪୭

ଭାରତ ଅନେକ ଧର୍ମ, ବିଶ୍ୱାସ ଏବଂ ସମ୍ପ୍ରଦାୟର ଦେଶ। ବିଶ୍ୱରେ ଏପରି କୌଣସି ଦେଶ ନାହିଁ ଯେଉଁଠାରେ ଏତେ ଧାର୍ମିକ ବିବିଧତା, ଆସ୍ଥା, ବିଶ୍ୱାସ ଅଛି। ଏହା ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ସମଗ୍ର ଭାରତରେ ଏପରି ୫୪୦୦ ପ୍ରମୁଖ ଧାର୍ମିକ ସ୍ଥାନ ଅଛି, ଯେଉଁଠାରେ ପ୍ରତିଦିନ ପ୍ରାୟ ୧୨କୋଟି ଭକ୍ତ ଦର୍ଶନ ପାଇଁ ପହଞ୍ଚନ୍ତି। ଏଥିମଧ୍ୟରୁ କାଶୀ ବିଶ୍ୱନାଥ, ଅଯୋଧ୍ୟାର ରାମ ମନ୍ଦିର, ତିରୁପତି ବାଲାଜୀ, ବୈଷ୍ଣୋ ଦେବୀ ମନ୍ଦିର, ଜଗନ୍ନାଥଧାମ ପୁରୀ, ଶିରିଡି ସାଇ ମନ୍ଦିର, ଖ୍ୱାଜା ନିଜାମୁଦ୍ଦିନଙ୍କ ଦରଗା, ବାଙ୍କେ ବିହାରୀ ମନ୍ଦିର, କୃଷ୍ଣ ଜନ୍ମସ୍ଥଳ ଭଳି ପ୍ରମୁଖ ବିଶ୍ୱାସ କେନ୍ଦ୍ରଗୁଡ଼ିକରେ ପ୍ରତିଦିନ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳେ। କିନ୍ତୁ ଏହି ଧାର୍ମିକ ସ୍ଥାନଗୁଡ଼ିକ ମଧ୍ୟରୁ ଅନେକରେ ଜନସାଧାରଣଙ୍କ ବିଶ୍ୱାସର ଶୋଷଣର ଏକ ଦୁଷ୍ଟଚକ୍ର ଚାଲିଛି। ଆଶ୍ଚର୍ଯ୍ୟଜନକ ସଦ୍ୟତମ ମାମଲା କାଶୀ ବିଶ୍ୱନାଥ ମନ୍ଦିର ସହିତ ଜଡିତ। ଯେଉଁଠାରେ ପୋଲିସ ଜୁନ୍ ୧୦ତାରିଖରେ ମନ୍ଦିର ପରିସରରେ ୨୧ଜଣ ନକଲି ପୂଜାରୀ ଏବଂ ପଣ୍ଡିତଙ୍କୁ ଧରିଥିଲା। ସେମାନେ ଭକ୍ତଙ୍କ ଠାରୁ ୫୦୦ ଟଙ୍କାରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଭିଆଇପି ଦର୍ଶନ ନାମରେ ୧୦୦୦ ଟଙ୍କା ଆଦାୟ। ଗତ ସପ୍ତାହରେ ରାଜସ୍ଥାନର ମେହାଣ୍ଡିପୁର ବାଲାଜୀ ମନ୍ଦିରରେ ଭିଆଇପି ଦର୍ଶନ ନାମରେ ଭକ୍ତ ଏବଂ ପ୍ରଶାସକଙ୍କ ମଧ୍ୟରେ ବହୁତ ଝଗଡ଼ା ହୋଇଥିଲା। ମାମଲା ପୋଲିସ ଷ୍ଟେସନରେ ପହଞ୍ଚି ଥିଲା। ସେହିପରି ପୋଲିସ ମଥୁରାର ପ୍ରସିଦ୍ଧ ବାଙ୍କେ ବିହାରୀ ମନ୍ଦିରରେ ଭିଆଇପି ଦର୍ଶନର ମିଥ୍ୟା ଆଶା ଦେଇ ଭକ୍ତଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ନକଲି ବାବାମାନଙ୍କୁ ଗିରଫ କରିଥିଲା। ଚଳିତ ବର୍ଷ ଜାନୁଆରୀରେ ପୋଲିସ ଆଜମେରରୁ ଅନେକ ଲୋକଙ୍କୁ ଗିରଫ କରିଥିଲା। କଟକଣା ସତ୍ତ୍ୱେ ଏହି ବ୍ୟବସାୟ କମି ନାହିଁ। ଏହି ଉପାଦାନଗୁଡ଼ିକ କିଛି ଦିନ ପାଇଁ ଚୁପ୍ ରୁହନ୍ତି ତା'ପରେ ପୁଣି ସକ୍ରିୟ ହୋଇଯାଆନ୍ତି। ପ୍ରକୃତରେ ଧାର୍ମିକ ସ୍ଥଳରେ ଭିଆଇପି ସଂସ୍କୃତି ଏକ ବିଭ୍ରାଟ। କାଶୀ ବିଶ୍ୱନାଥରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ପୋଲିସକୁ ଯାହା କହିଥିଲେ ତାହା ଶୁଣି ଉଚ୍ଚ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଗଲେ। ଏହି ଅଭିଯୁକ୍ତମାନେ କହିଥିଲେ ଯେ ସେମାନେ ଦୀର୍ଘ ସମୟ ଧରି ଏହି କାମ କରିଆସୁଛନ୍ତି। ଭିଆଇପି ଦର୍ଶନ ନାମରେ ଭକ୍ତଙ୍କ ଠାରୁ ଟଙ୍କା ଆଦାୟ କରିବାରେ ଏକ ସୁସଂଗଠିତ ଗ୍ୟାଙ୍ଗ ସକ୍ରିୟ ଅଛନ୍ତି। ଏଥିରେ ଶହ ଶହ ସଦସ୍ୟ ସମ୍ପୃକ୍ତ। ଯେଉଁମାନେ ପ୍ରମୁଖ ଧାର୍ମିକ ସ୍ଥାନରେ ଦର୍ଶନ ନାମରେ ଭକ୍ତଙ୍କ ଠାରୁ ଟଙ୍କା ଆଦାୟ କରନ୍ତି। ଏହି ଲୋକମାନଙ୍କର ସୁରକ୍ଷାରେ ନିୟୋଜିତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ପୋଲିସମାନଙ୍କ ସହିତ ସମ୍ପର୍କ ରହିଛି। ବର୍ତ୍ତମାନ ଏପରି ଗ୍ୟାଙ୍ଗ ବିରୋଧରେ ଏକ ଅଭିଯାନ ଚାଲିଛି। ସାରା ଦେଶରେ ମନ୍ଦିର ଏବଂ ମସଜିଦ୍‌ରେ ଅନେକ ଲୋକ ଅଛନ୍ତି ଯେଉଁମାନେ ବେଆଇନ ଦର୍ଶନ ବ୍ୟବସ୍ଥା କରନ୍ତି ଏବଂ ପ୍ରସାଦ ନାମରେ ମନଇଚ୍ଛା ଟଙ୍କା ଆଦାୟ କରନ୍ତି। ନକଲି ପୂଜକ, ବାବା, ପଣ୍ଡିତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପ୍ରକୃତରେ ଆଦାୟକାରୀ ଗ୍ୟାଙ୍ଗର ସଦସ୍ୟମାନେ ଭିଆଇପି ଦର୍ଶନ ପାଇଁ ଭକ୍ତମାନଙ୍କୁ ପ୍ରଲୋଭିତ କରନ୍ତି। ମନ୍ଦିରରେ ପ୍ରବଳ ଭିଡ଼ ଦେଖି ଭକ୍ତମାନେ ସହଜରେ ସେମାନଙ୍କ କଥାରେ ରାଜି ହୋଇଥାନ୍ତି। ଧାର୍ମିକ ସ୍ଥଳରେ ବଢୁଥିବା ଭିଆଇପି ସଂସ୍କୃତି ଯୋଗୁଁ ଅନେକ ଘରୋଇ କମ୍ପାନୀ ମଧ୍ୟ ଏହି ବ୍ୟବସାୟରେ ସାମିଲ ହୋଇଛନ୍ତି। ସେମାନେ ବାଉନ୍ସର ଯୋଗାଇ ଦେଉଛନ୍ତି। ପୋଲିସ ସମ୍ପ୍ରତି ଏପରି କିଛି କମ୍ପାନୀକୁ ଧରିଛି। ଯେତେବେଳେ ମନ୍ଦିର ପରିଚାଳନା କମିଟି ମଥୁରାରେ ନକଲି ବାଉନ୍ସର ଗୋଷ୍ଠୀର କାର୍ଯ୍ୟକଳାପ ବିଷୟରେ ଜାଣିବାକୁ ପାଇଲା ସେତେବେଳେ ଦୁଇଜଣ ବାଉନ୍ସରଙ୍କୁ ଗିରଫ କରିଥିଲା। ବାସ୍ତବରେ ଧାର୍ମିକ ସ୍ଥଳଗୁଡ଼ିକରେ ଧନୀ ହୁଅନ୍ତୁ କି ନେତା-ଅଭିନେତା ହୁଅନ୍ତୁ ବା କୌଣସି ବିଶେଷ ବ୍ୟକ୍ତି ସମସ୍ତେ କେବଳ ଜଣେ ଭକ୍ତ। ପବିତ୍ର ସ୍ଥାନଗୁଡ଼ିକରେ ସମାନତାର ଏହି ଧାରଣାକୁ ପୁନଃସ୍ଥାପିତ କରିବାର ଆବଶ୍ୟକତା ଅଛି। ସମ୍ପ୍ରତି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଏହି ଭିଆଇପି ସଂସ୍କୃତି ଉପରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ସେ ବେଙ୍ଗାଲୁରୁର ଏକ ଧାର୍ମିକ ସ୍ଥଳରେ ଏକ ନୂତନ କ୍ୟୁ କମ୍ପ୍ଲେକ୍ସ ଉଦ୍‌ଘାଟନ କରିବାକୁ ଆସିଥିଲେ। ସେଠାରେ ସେ କହିଥିଲେ ଧାର୍ମିକ ସ୍ଥଳରେ ଭିଆଇପି ଦର୍ଶନର ସଂସ୍କୃତି ଶେଷ ହେବା ଉଚିତ। ସତ୍ୟ ଏହା ଯେ ଆମେ ଏହି ସଂସ୍କୃତିକୁ ବିକଶିତ ହେବାକୁ ଦେଇଛନ୍ତି। ସ୍ୱତନ୍ତ୍ର ଦେଖାଯିବା ଏବଂ ଭିଡ଼କୁ ଏଡ଼ାଇବାର ପ୍ରବୃତ୍ତି ଯୋଗୁଁ ଆମେ ଦାଦାଗିରି କରୁଥିବା ଦଳ ଦ୍ୱାରା ଲୁଟିତ ହେଉଛନ୍ତି। ଦେଶର ସମସ୍ତ ତୀର୍ଥସ୍ଥାନ, ମନ୍ଦିର ଏବଂ ଦରଗାରେ କାଶୀ ବିଶ୍ୱନାଥ ଭଳି ଏକ ଅଭିଯାନ ଚଳାଇବା ଆବଶ୍ୟକ। ଯାହାଦ୍ୱାରା ଆସ୍ଥାର କେନ୍ଦ୍ରଗୁଡ଼ିକରେ ଚାଲିଥିବା ଏପରି ବେଆଇନ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରାଯାଇପାରିବ। କାରଣ ଏହା କେବଳ ଧାର୍ମିକ ସ୍ଥଳର ମର୍ଯ୍ୟାଦା ହ୍ରାସ କରେ ନାହିଁ ବରଂ ସାଧାରଣ ଭକ୍ତଙ୍କ ବିଶ୍ୱାସକୁ ଗଭୀର ଆଘାତ ଦିଏ।

# ଆତ୍ମ-ସାକ୍ଷାତ ଅଜ୍ଞତା ଦୂର କରିବାର ଚାବିକାଠି



ମାନସ କୁମାର କର
କୋଟାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ମଣିଷ ହେଉଛି ଏକ ସାମାଜିକ ପ୍ରାଣୀ ଯେଉଁମାନେ ବିଭିନ୍ନ ସମାଜରେ ରହି ବିକଶିତ ହୋଇଛନ୍ତି। ସାମାଜିକ ସମ୍ପର୍କ ପାରସ୍ପରିକ ବିକାଶ ଏବଂ ସନ୍ତୋଷର ଆଧାର ଗଠନ କରେ। ତଥାପି, ଅନେକ ଲୋକ ଅଛନ୍ତି ଯେଉଁମାନେ ଏକା ରହୁଛନ୍ତି ଏବଂ ଏବେ ବି ଖୁସି ଅଛନ୍ତି। ସେମାନଙ୍କୁ ଦେଖିଲେ, ଆମ ମନରେ ଏକ ପ୍ରଶ୍ନ ଉଠିପାରେ, 'ସେମାନେ କ'ଣ ଏକା ଅନୁଭବ କରନ୍ତି ନାହିଁ ?'

ଏକୁଟିଆ ରହିବା କିମ୍ବା ନିଜକୁ ଏକୁଟିଆ ଅନୁଭବ କରିବା ହେଉଛି ନିଜ ଠାରୁ, ଅନ୍ୟମାନଙ୍କ ଠାରୁ ଏବଂ ସମାଜ ଠାରୁ ବିଚ୍ଛିନ୍ନ ହେବାର ଭାବନା।

'ମୁଁ ଏକାକୀ' ଭାବନା ଏକ ଅକ୍ଟୋପସ୍ ପରି ଯାହା ବ୍ୟକ୍ତିକୁ ତା'ର ଶକ୍ତିଶାଳୀ ବାହୁରେ ଘେରି ରଖେ, ଏବଂ ତାଙ୍କୁ ହତାଶା ଏବଂ ନକାରାତ୍ମକତାର ଏକ ଅନ୍ଧାର ଚାଦରରେ ଫସାଇ ଦିଏ। ଏହି ତିକ୍ତତା ସାଧାରଣତଃ କଷ୍ଟକର ସମୟରେ ଅଧିକ ଅନୁଭୂତ ହୁଏ, ଯେପରିକି କୋଭିଡ -୧୯ ମହାମାରୀ ସମୟରେ ! ଆମେ ନିଜକୁ ଯେପରି ଏକୁଟିଆ ଅନୁଭବ କରିବା ଆରମ୍ଭ କଲୁ, ସେ ସମୟରେ ଆମର ସମ୍ପୂର୍ଣ୍ଣ ଧ୍ୟାନ ଏହା ଉପରେ ରହିଯାଇଥିଲା ଏବଂ ତା'ପରେ ଆମେ କେବଳ ଏହାର ଶିକାର ହୋଇ ଦୁଃଖ ଭୋଗିବା ଛଡା ଆଉ କିଛି ଉପାୟ ନଥିଲା। କିଛି ପାରିବାରିକ ସମସ୍ୟା କିମ୍ବା ବ୍ୟକ୍ତିଗତ ଅସନ୍ତୋଷ ଯୋଗୁଁ ମଧ୍ୟ ଜଣେ ଏକୁଟିଆ ଅନୁଭବ କରିପାରେ। କେତେକ ସମୟରେ, ଏପରି ଭାବନାର କୌଣସି ସ୍ପଷ୍ଟ କାରଣ ନଥାଏ। ତଥାପି, ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଏକୁଟିଆ ଏବଂ ଅବସାଦ ବାହ୍ୟ ପରିସ୍ଥିତି ଯୋଗୁଁ ନୁହେଁ ବରଂ ଆମର ଆଭ୍ୟନ୍ତରୀଣ ଧାରଣା ଦ୍ୱାରା ହୋଇଥାଏ।

ଅଧିକାଂଶ ସମୟରେ, ଆମେ ଭାବୁ ଯେ ଆମକୁ ସମାଜରେ କେହି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ତଥାପି, ସତ୍ୟ ହେଉଛି ଯେ ଜଣେ ନିଜକୁ ଗ୍ରହଣ କରେ ନାହିଁ, ଯାହା ନିଜ ପ୍ରତି ନକାରାତ୍ମକତା ହିଁ ପ୍ରବଳ ଦୁଃଖ ଆଣିଥାଏ। ଏହା ଆତ୍ମସମ୍ମାନର ଅଭାବ, ଚାପ ଏବଂ ଅନ୍ୟମାନଙ୍କ ଆଶା ଯୋଗୁଁ ଆମ ଉପରେ ପଡ଼ିଥିବା ଚାପର ପରିଣାମ। ଯେତେବେଳେ ଆମେ ଅନ୍ୟମାନଙ୍କ ଭାବନା ସହିତ ଖାପ ଖୁଆଇବାରେ ବିଫଳ ହେଉ, ସେତେବେଳେ ଆମେ ଭିତରୁ ନିରାଶ ଅନୁଭବ କରୁ। ଯଦିଓ ଆମେ ଆମ ଚାରିପାଖରେ ଥିବା ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ ଚାହିଁ ମଧ୍ୟ, ଆମେ କରିପାରି ନଥାଉ। ଏହି ଆନ୍ତରିକ ଶକ୍ତିହୀନତା ଆମକୁ ନକାରାତ୍ମକ ଚିନ୍ତାଧାରା ଆଡ଼କୁ ନେଇଯାଏ।

ଅକ୍ରମ ବିଜ୍ଞାନ ଏକ ଆଧ୍ୟାତ୍ମିକ ବିଜ୍ଞାନ ଯାହା ବ୍ୟାଖ୍ୟା କରେ ଯେ ଏକାକୀତା ଅନୁଭବ କରିବାର ମୂଳ କାରଣ ହେଉଛି ନିଜକୁ ପ୍ରକୃତ ବୁଝିବାର ଅଭାବ।

ଯେତେବେଳେ ଆମେ ନିଜକୁ ଏକାକୀ ଅନୁଭବ କରୁଛୁ ସେତେବେଳେ ଆମକୁ କ'ଣ କରିବା ଉଚିତ ? ଏବଂ ଏକାକୀ ଅନୁଭବକୁ କିପରି ବନ୍ଦ କରିପାରିବା ? ସାଧାରଣତଃ କିଛି ଲୋକ, ସେମାନଙ୍କର ଦୁଃଖକୁ ଭୁଲିଯିବା ପାଇଁ, ଚଳଚ୍ଚିତ୍ର ଦେଖିବା, ଖାଦ୍ୟ ଖାଇବା ଇତ୍ୟାଦି ପରି ଅନ୍ୟାନ୍ୟ କାର୍ଯ୍ୟକଳାପରେ ନିଜକୁ ଲିପ୍ତ ରଖନ୍ତି। ତଥାପି, ଏଗୁଡ଼ିକ କେବଳ କ୍ଷଣିକ ବିଭ୍ରାନ୍ତି ଯାହା ଜଣେ ବ୍ୟକ୍ତିଙ୍କୁ ବ୍ୟସ୍ତ ଅନୁଭବ କରାଏ, ଯାହା ଏକୁଟିଆରୁ ଏକ ଆଳଙ୍କାରିକ ଆରାମ ଦିଏ। ତଥାପି, ଯେତେବେଳେ ଜଣେ ବ୍ୟକ୍ତି ଚଳଚ୍ଚିତ୍ର ଦେଖିବା କିମ୍ବା ଖାଇବା ବନ୍ଦ କରେ, ସେତେବେଳେ ଏକାକୀତାର ସମାନ ଭାବନା ପୁନର୍ବାର ଦେଖାଯାଏ। ଏହାର ଅର୍ଥ ହେଉଛି ଆମେ ଏହି ଭାବନାକୁ ଗ୍ରହଣ କରୁନାହୁଁ ବରଂ ଏଥିରୁ ଦୂରେଇ ଯାଉଛୁ। ତେଣୁ, 'ମୁଁ ଏକାକୀ ଅନୁଭବ କରୁଛି'କୁ ଗ୍ରହଣ କରିବା ହେଉଛି ଏହାକୁ ଦୂର କରିବାର ପ୍ରଥମ ପଦକ୍ଷେପ। ତେବେ ହିଁ ଆମେ ଏଥିରୁ ବାହାରି ଆସିବାର ଏକ ଉପାୟ ପାଇପାରିବା।

ନକାରାତ୍ମକ ଚିନ୍ତାଧାରା କେବଳ ସେତେବେଳେ ଆମ ଉପରେ ପ୍ରଭାବ ପକାଇପାରେ ଯେତେବେଳେ ଆମେ ସେମାନଙ୍କୁ ଆମ ଭିତରେ ରହିବାକୁ ଦେଉ ! ସେମାନଙ୍କ କଥା ନ ଶୁଣି ତୁରନ୍ତ ସେମାନଙ୍କୁ ସକାରାତ୍ମକ ଚିନ୍ତାଧାରାରେ ପରିଣତ କରିବା ଆମର ଦୃଢ଼ ସଂକଳ୍ପ ଏବଂ ଆତ୍ମବିଶ୍ୱାସକୁ ଉନ୍ନତ କରିବାରେ ସାହାଯ୍ୟ କରେ। ସଠିକ୍ ବୁଝାମଣା ଏବଂ ସକାରାତ୍ମକତା ଏଠାରେ ପ୍ରତିଷେଧକ ଭାବରେ କାର୍ଯ୍ୟ କରେ। ଯଦି ଆମେ ଏଗୁଡ଼ିକୁ ବ୍ୟବହାର ନ କରିବା ତେବେ ଆମେ କେବେବି ଏହି ନକାରାତ୍ମକତାରୁ ବାହାରି ପାରିବା ନାହିଁ। ଜୀବନର ସମାନ ପର୍ଯ୍ୟାୟ ଦେଇ ଯାଇଥିବା ମହାନ ବ୍ୟକ୍ତିଙ୍କ ଜୀବନ ଅଭିଜ୍ଞତାକୁ ଉଜ୍ଜ୍ୱଳ କରୁଥିବା ଆତ୍ମଜୀବନୀ ଏବଂ ପୁସ୍ତକ ପଢ଼ି ଆମେ ସଠିକ୍ ବୁଝାମଣା ଏବଂ ସକାରାତ୍ମକତା ଉଭୟ ପାଇପାରିବା। ଯଦି ଏହା ପରେବି ଆମେ ନିଜକୁ ଏକୁଟିଆ ଅନୁଭବ କରିବା, ତେବେ ଏହାର ମୁକାବିଲା କରିବା ସହିତ ଏହି ଉତ୍ସଗୁଡ଼ିକରୁ ପ୍ରେରଣା ନେବା ଉଚିତ।

ଆତ୍ମ-ସାକ୍ଷାତ ହେଉଛି ନିଜ ବିଷୟରେ ଥିବା ଭୁଲ ଧାରଣା ଏବଂ ନିଜ ବିଷୟରେ ଅଜ୍ଞତା ଦୂର କରିବାର ଚାବିକାଠି। ଆତ୍ମ-ସାକ୍ଷାତ ପରେ ଭିତରରୁ ଏକ ଆଭ୍ୟନ୍ତରୀଣ ଆନନ୍ଦର ଭାବନା ଉତ୍ପନ୍ନ ହୁଏ ଏବଂ ଭୁଲ କିମ୍ବା ନକାରାତ୍ମକ ଭାବନା ସହିତ ଲଢ଼ିବାର ଶକ୍ତି ଦ୍ୱିଗୁଣିତ ହୋଇଯାଏ। ଏହା କେବଳ ଜଣେ ପ୍ରତ୍ୟକ୍ଷ ଜ୍ଞାନୀ ବ୍ୟକ୍ତିଙ୍କ କୃପା ଦ୍ୱାରା ହିଁ ଘଟେ। ଯେତେବେଳେ ଆମେ ଜ୍ଞାନୀ ବ୍ୟକ୍ତିଠାରୁ ଆମେ କିଏ (ଆମର ପ୍ରକୃତ ପରିଚୟ କ'ଣ) ଜାଣିପାରୁ, ସେତେବେଳେ ଗଭୀର ଅନ୍ଧକାର ଆଭ୍ୟନ୍ତରୀଣ ଶାନ୍ତିରେ ପରିଣତ ହୁଏ। ତେଣୁ, ଆତ୍ମ-ସାକ୍ଷାତ ହେଉଛି ନିଜକୁ ଏକୁଟିଆ ଅନୁଭବ ନକରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ।



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ଶିକ୍ଷା ମଣ୍ଡଳଅଧିନ ଧରାଧରପୁର ପଞ୍ଚାୟତ ତଥା ଅଞ୍ଚଳର ଅଗ୍ରଣୀ ଶିକ୍ଷାଅନୁଷ୍ଠାନ କୁତାମଚଣ୍ଡୀ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ଦୃଢବ୍ରତ ନାୟକଙ୍କ ବିୟୋଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିଷରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଆତ୍ମାଙ୍କ ସଦଗତି ପ୍ରାପ୍ତି ନିମନ୍ତେ ୨ମିନିଟ ନିରବ ପ୍ରର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଶିକ୍ଷକ ଭକ୍ତବସଳ ସ୍ୱାଇଁ, ପାବନି ଚରଣ ବିଶ୍ୱାଳ ଓ ଅଶୋକ କୁମାର ରାଉତଙ୍କ ସମେତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଶ୍ରୀ ନାୟକଙ୍କ ବିୟୋଗରେ ବିଦ୍ୟାଳୟର ଅପୂରଣୀୟ କ୍ଷତିଘଟିଛି। ସେ ଜଣେ ଏକଧାରରେ ସମାଜସେବୀ, ଶିକ୍ଷାବିତ, ଶିଶୁବସଳ ଥିଲେ। ତାଙ୍କ ମରଶରୀର ଏ ଧରାଧାମ ଛାଡି ଚାଲିଯାଇଥିଲେ ବି ତାଙ୍କ ଆତ୍ମା ଏହି ବିଦ୍ୟାଳୟରେ ଚିରଦିନ ପାଇଁ ଆମମାନଙ୍କ ଗହଣରେ ଥିବ ଓ ଏହି ଅନୁଷ୍ଠାନକୁ ଶୁଭ ଦୃଷ୍ଟିରେ ଚାହିଁଥିବ। ତାଙ୍କ ତ୍ୟାଗ ନିକଟରେ ଏ ଅନୁଷ୍ଠାନ ଚିରଋଣି ହୋଇ ରହିଥିବ ବୋଲି ମତପ୍ରକାଶ ପାଇଥିଲା।



### ଖଣି ଅଧିକାରୀଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

# ବାଲି ଉତ୍ତୋଳନ ବନ୍ଦ ନହେଲେ ପୁନର୍ବାର ଆନ୍ଦୋଳନ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ବିଂଝାରପୁର ବ୍ଲକ୍‌ରେ ବାଲିମାଫିଆଙ୍କ ରାଜୁତି ସୀମା ଟପିଛି। ଗୋଟିଏ ପଟେ ବିନା କାଗଜ ପତ୍ର ଓ ସରକାରୀ ଅନୁମତି ବିନା ନଦୀଗର୍ଭରୁ ଅବିଚାରିତ ବାଲି ଉତ୍ତୋଳନ ତ ଅନ୍ୟପଟେ ବିପୁଳ ରାଜସ୍ୱହାନୀ ଓ ନଦୀବନ୍ଧ, ଏପରିକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନଷ୍ଟ ହେଉଛି । ବିଞ୍ଝାରପୁର ବିଜେପି ପକ୍ଷରୁ ବିଭିନ୍ନ ସମୟରେ ଏନେଇ ପ୍ରତିବାଦ କରାଯାଇଛି । ମାତ୍ର କେତେକ ଅସାଧୁ ସରକାରୀ ବାବୁ, ରାଜନେତା ଓ ବାଲିମାଫିଆଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ଆଇନକୁ ଏଠି ଦଳି ମକଚି ଦିଆଯାଉଛି । ବିଂଝାରପୁର ବ୍ଲକ ଅନ୍ତର୍ଗତ ଗୌଡ଼ ସାହି, କଲ୍ୟାଣପୁର ବାଲିଘାଟ ସହିତ ଅନ୍ୟ ଘାଟରେ ବେଆଇନ ଭାବେ ହେଉଥିବା ବାଲି ଉତ୍ତୋଳନ (ସରକାରଙ୍କ ଗାଇଡ ଲାଇନ ବାହାରେ) ଜୁନ ୧୫ରୁ ଅକ୍ଟୋବର ମାସ ଯାଏ ନଦୀରୁ ବାଲି ଉତ୍ତୋଳନ ନିୟମ ନଥିଲେ ମଧ୍ୟ ବେନିୟମ ଭାବେ ରାତିରେ ଡଙ୍ଗା ଓ ମଟର ବୋଟ ସାହାଯ୍ୟରେ ବାଲି ଉତ୍ତୋଳନ ଜାରି ରହିବା ସହ ନଦୀବନ୍ଧକୁ ଦୁର୍ବଳ କରି ଚାଲିଛନ୍ତି। ଫଳରେ ରାସ୍ତା ଉପରେ ବହୁ ପରିମାଣରେ ବାଲିଗଦା ହୋଇ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଗୌଡ଼ ସାହି ବାଲିଘାଟର ଦୀର୍ଘ ବର୍ଷେ ପାଖାପାଖି ହେବ ନିଲାମ ରଦ୍ଦ ହୋଇଯାଇଥିଲେ ମଧ୍ୟ ଏବେ ସୁଦ୍ଧା ବେଧଡକ ଭାବେ ଖରା ସମୟରେ ଶହ ଶହ ହାଇୱା ଗାଡ଼ିରେ ବାଲି ଉତ୍ତୋଳନ କରାଯିବା ସହ ଏବେ ମଧ୍ୟ ମଟର ବୋଟ ସାହାଯ୍ୟରେ ରାତି ସମୟରେ ବାଲି ଉତ୍ତୋଳନ ଜାରି ରହିଛି। ବିଜେପି ନେତ୍ରୀ ବବିତା ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ଦଳ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କୁ ଭେଟିବା ସହ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ପ୍ରତିନିଧି ଦଳରେ ନିରଞ୍ଜନ ବେହୁରିଆ, ବିତନା ସରପଞ୍ଚ ରମେଶ ମଲ୍ଲିକ, ୨୮ନଂ ମଣ୍ଡଳ ସଭାପତି ମନୋରଞ୍ଜନ ସାହୁ, ବିଶ୍ୱଜିତ୍ ସାମଲ, ଜ୍ୟୋତି ପ୍ରକାଶ ନାୟକ, ସୁନୀଲ କୁମାର ସାହୁ, ସ୍ମୃତି ରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମଲ୍ଲିକ ଯଦୁମଣି ଧଳ, ବିଜନ ସାମଲ ପ୍ରମୁଖ ଖଣି ଅଧିକାରୀଙ୍କୁ ଭେଟି ବେଆଇନ୍ ବାଲି ଉତ୍ତୋଳନ ବନ୍ଦ କରିବାକୁ ଦାବି କରିଥିଲେ ।

# ୨ ମନ୍ଦିରରୁ ଚୋରି ମାମଲାରେ ୬ ଗିରଫ



ଛତ୍ରପୁର(ଭାସ୍କର ନ୍ୟୁଜ): ଗତ ୧୬ ତାରିଖ ବିଳମ୍ବିତ ରାତ୍ରରେ ଛତ୍ରପୁର ଥାନା ଅଧିନ ଉଜ୍ଜଳେଶ୍ୱରୀ ମନ୍ଦିର ଓ ଚମାଖଣ୍ଡି ଥାନା ଅଧିନ କଣମଣା ଗ୍ରାମରେ ଥିବା ମା' କନକ ଦୁର୍ଗାଙ୍କ ମନ୍ଦିରରୁ ଚୋରି ହୋଇଥିଲା। ଏନେଇ ଗୁରୁବାର ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଚମାଖଣ୍ଡି ଥାନା ଚନ୍ଦ୍ରପଦା ଗ୍ରାମର ଅମିତ ପ୍ରଧାନ, ରୁଦ୍ର ପ୍ରଧାନ, ଟୁକୁନା ପ୍ରଧାନ, ଦାସ ପ୍ରଧାନ, ରଘୁ ପ୍ରଧାନ ଓ ଦେବରାଜ ପ୍ରଧାନ । ସେମାନଙ୍କ ଠାରୁ ଗୋଟିଏ ସାନ ରୁପା ମୁକୁଟ, ଦୁଇ ଗୋଟି ବଡ ରୁପା ମୁକୁଟ, ଗୋଟିଏ ଷ୍ଟିଲ ହୁଣ୍ଡି, ଏକ ହଜାର ଟଙ୍କା ଓ ଏକ ବାଇକ ଜବତ କରାଯାଇଛି । ସୂଚନାଥାଉ କି, ଛତ୍ରପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାଶ୍ୱରେ ଥିବା ଉଜ୍ଜଳେଶ୍ୱରୀ ମନ୍ଦିରରୁ ପୂଜକଙ୍କୁ ବାନ୍ଧି ଆକ୍ରମଣ କରିବା ସହ ମା'ଙ୍କ ମୁକୁଟ ଓ ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ନେଇ ଛତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା । ସେହିପରି ଚମାଖଣ୍ଡି ଥାନା ଅଧିନ କଣମଣା ଗ୍ରାମରେ ଥିବା ମା' କନକ ଦୁର୍ଗାଙ୍କ ମନ୍ଦିରରୁ ମଧ୍ୟ କିଛି ଦୁର୍ବୃତ୍ତ ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଛତ୍ରପୁର ଥାନାରେ ୪୫୩ ଓ ଚମାଖଣ୍ଡି ଥାନାରେ ୩୨୭ ପ୍ରକାରେ ୨ଟି ମାମଲା ରୁଜୁ କରାଯାଇଥିଲା। ପରେ ଛତ୍ରପୁର ଥାନା ଓ ଚମାଖଣ୍ଡି ଥାନା ପୋଲିସକୁ ନେଇ ଏକ ଟିମ ଗଠନ କରାଯାଇ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଏସଡିପିଓ ଘଡେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ସମୟରେ ଛତ୍ରପୁର ଥାନାଧିକାରୀ ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ।

## ସରକାରଙ୍କ ନିର୍ଦ୍ଦେଶକୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଫୁଁ'

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚିତ୍ରଶିଳ୍ପୀମାନେ ଦୁର୍ଦ୍ଦିନରେ ଥିବାବେଳେ ସରକାରଙ୍କ କୌଣସି ସହାୟତା ମିଳିପାରୁ ନାହିଁ । ଚିତ୍ରଶିଳ୍ପୀ ଅଣଦେଖା ହୋଇ ରହିଛନ୍ତି । ଯାହାକୁ ନେଇ ଚିତ୍ରଶିଳ୍ପୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ପ୍ରତ୍ୟେକ ସ୍କୁଲ ଓ କଲେଜରେ ହେଲ୍ପଲାଇନ୍ ନଂ ଜାରି କରିବା ପାଇଁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ରହିଛି । ସ୍କୁଲ କାନ୍ଥରେ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଏହା ଲେଖାଯିବା ପାଇଁ ନିର୍ଦ୍ଦେଶ ଥିବାବେଳେ କେତେକ ଶିକ୍ଷକ ଏହାକୁ ସ୍କୁଲ କାନ୍ଥରେ ନଲେଖି ୬୦ ରୁ ୭୦ ଟଙ୍କା ଦେଇ ଫ୍ଲେକ୍ସ ବ୍ୟାନର କରି ସ୍କୁଲରେ ଝୁଲାଇ ଦେଉଛନ୍ତି । ସରକାର ପଲିଥିନ୍ ବର୍ଜନ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଶିକ୍ଷକମାନେ ଫ୍ଲେକ୍ସକୁ ବେଖାତିର କରି ଚାଲିଛନ୍ତି । ସବୁ ଜାଣି ମଧ୍ୟ ବ୍ଲକ୍ ଶିକ୍ଷାଧିକାରୀ ନ ଜାଣିଲା ପରି ନିରବ ରହିବା ପଛରେ କି ଉଦ୍ଦେଶ୍ୟ ରହିଛି ନା କାହା ଚାପରେ ଶିକ୍ଷାଧିକାରୀ ନିରବ ରହୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ସୂଚନା ଅନୁଯାୟୀ, ରାଜ୍ୟରେ ଛାତ୍ରୀ ପୋଡ଼ି ଘଟଣା ହଲଚଲ ସୃଷ୍ଟି କରିଥିବା ବେଳେ ପ୍ରତ୍ୟେକ ସ୍କୁଲ ଓ କଲେଜ କାନ୍ଥରେ ହେଲ୍ପ ଲାଇନ୍ ନମ୍ବର ଓ ଏଥେନେଇ ବାର୍ତ୍ତା ଲେଖାଯିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଶିକ୍ଷକମାନେ ନିର୍ଦ୍ଦେଶକୁ ଅବମାନନା କରି କାନ୍ଥରେ ନ ଲେଖି ଖୁବ୍ କମ୍ ଦାମ୍‌ରେ ଦୁଇ ଫୁଟିଆ ଫ୍ଲେକ୍ସ କରି ସ୍କୁଲରେ ଝୁଲାଇ ଦେଉଛନ୍ତି । ୭୦ ଟଙ୍କାରେ ଫ୍ଲେକ୍ସ ବନା ଯାଉଥିବା ବେଳେ ଏହି ବାବଦରେ ଆସୁଥିବା ଅର୍ଥ ଆଉ କୁଆଡ଼େ ଯାଉଛି ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି । ଏହି ଘଟଣାକୁ ନେଇ ନିମାପଡ଼ାର ଚିତ୍ରଶିଳ୍ପୀମାନେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ତଥ୍ୟ ଅନୁଯାୟୀ, ଦୁଇଦିନ ପରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ କାନ୍ଥରେ ଲେଖାହେବ ବୋଲି କହୁଥିବା ବେଳେ ଅନେକ ଶିକ୍ଷକ ଏହି ନିୟମକୁ ନ ମାନି ଫ୍ଲେକ୍ସ କରି ବଳକା ଟଙ୍କାକୁ କ'ଣ କରୁଛନ୍ତି ତାହାକୁ ନେଇ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ତାଲା, ରୋଗୀ ହନ୍ତସନ୍ତ



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଦୋବଲ ପଞ୍ଚାୟତ ସୋଧ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ଗତ ୨ ମାସ ହେଲା ଅଚଳ ରହିଛି । ଲୋକଙ୍କ ପାଇଁ ଥିବା ଏ ଉପକେନ୍ଦ୍ର ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳିଛି । ଏଠାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ ଜଣକ ଏବେ ପ୍ରସବକାଳୀନ ଛୁଟିରେ ରହିଛନ୍ତି । ଦୁଇ ମାସ ହେଲା ସେ ଛୁଟିରେ ଥିବାରୁ ଉପକେନ୍ଦ୍ର ବନ୍ଦ ରହିଛି । କୌଣସି ପଦକ୍ଷେପ ନିଆନଗଲେ ଆଉ ୪ମାସ ମଧ୍ୟ ଏମିତି ବନ୍ଦ ରହିବ ବୋଲି ଆଶଙ୍କା କରାଯାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟ ସେବା କାରଣରୁ ଦୋବଲ ପଞ୍ଚାୟତର ଇଟୁଆ ଓ ସୋଧ ସମ୍ବେଦନଶୀଳ ଅଞ୍ଚଳ। ଗାଁର ଗୋଟିଏ ପଟେ ଗେଙ୍ଗୁଟି ନଦୀ ପ୍ରବାହିତ। ଆଉ ଗାଁ ଭିତରେ ଗଡ଼ିଆ ପୋଖରୀ ଭର୍ତ୍ତି। ତା ସହିତ ଗାଁ ଚାରିପଟେ ବାଉଁଶ ବଣ। ଏଣୁ ଏ ଗାଁରେ ବର୍ଷା ଋତୁରେ ଡେଙ୍ଗୁ, ମାଲେରିଆ ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିଥାଏ। ୧୧ବର୍ଷ ତଳେ ୨୦୧୪ରେ ସୋଧ ଗାଁରେ ଡେଙ୍ଗୁ ବ୍ୟାପିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଗତବର୍ଷ ଓ ଏ ବର୍ଷ ଝାଡ଼ାବାନ୍ତି ମଧ୍ୟ ବ୍ୟାପିଥିଲା। ଏସବୁ ଦୃଷ୍ଟିରୁ ଏଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଜଣେ କର୍ମଚାରୀଙ୍କୁ ନେଇ ଚାଲିଥିବାରୁ କେନ୍ଦ୍ରଟି ଚାଲି ପାରୁନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ବିଶେଷକରି ଗର୍ଭବତୀ, ପ୍ରସୂତିଙ୍କ ଯତ୍ନ ଓ ପ୍ରସବ କରାଇବାକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟ କରିଥାଏ। ସେହିପରି ପରିବାର ନିୟୋଜନ, ଗର୍ଭନିରୋଧ, ସଂକ୍ରାମକ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହା କାମ କରିଥାଏ। ଏଥିଲାଗି ଉପକେନ୍ଦ୍ର ଅଧିନରେ ଜଣେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଥାଏ। ହେଲେ ସୋଧରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟକର୍ମୀ ପ୍ରସବକାଳୀନ ଛୁଟି ନେଇଥିବାରୁ ଆଉ କାହାକୁ ଦାୟିତ୍ୱ ମଧ୍ୟ ଦିଆଯାଇ ନାହିଁ। ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ବନ୍ଦ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ୧୦ କିଲୋମିଟର ଦୂର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ରାତିରେ ଯଦି କେବି ଅସୁସ୍ଥ ହୁଅନ୍ତି, ସେମାନେ ଧାମନଗର ଯିବା ଲାଗି ହଇରାଣ ହୋଇଥାନ୍ତି। ଅପରପକ୍ଷରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ମନ୍ମଥ କୁମାର ସାମନ୍ତସିଂହାର ଏନେଇ କହିଛନ୍ତି ଯେ, ଆମ ପାଖରେ ଆଉ କର୍ମଚାରୀ ନାହାନ୍ତି। ତେଣୁ ସୋଧକୁ କର୍ମଚାରୀ ଯୋଗାଇ ଦିଆଯାଇ ପାରୁନି।

## ପାରାଦୀପ ବ୍ୟାଙ୍କ ପରିସରରୁ ମ୍ୟାନେଜରଙ୍କ ସ୍କୁଟି ଚୋରି



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଏକ ବ୍ୟାଙ୍କ ପରିସର ମଧ୍ୟରୁ ସ୍କୁଟି ଚୋରି ଘଟଣା ସିସିଟିଭିରେ କଏଦ ହୋଇଛି । ସୂଚନାନୁଯାୟୀ ପାରାଦୀପ ବ୍ୟାଙ୍କ ଲାଇନ୍‌ରେ ଥିବା ୟୁନିୟନ୍ ବ୍ୟାଙ୍କ ପରିସର ମଧ୍ୟରୁ ବ୍ୟାଙ୍କ ମ୍ୟାନେଜରଙ୍କ ସ୍କୁଟି ଚୋରି ହୋଇଥିବା ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ସ୍କୁଟି ଚୋରି କରିବା ପାଇଁ ଦୁର୍ବୃତ୍ତ ଜଣଙ୍କ ବ୍ୟାଙ୍କ ନିକଟରେ କିଛି ସମୟ ଚଳପ୍ରଚଳ ହେବା ସହ ଗାଡିର ସିଟ୍ ଖୋଲି ଦେଖୁଛି ଓ ପରେ ସ୍କୁଟିକୁ ଆରାମରେ ନେଇ ଫେରାର ହୋଇଯାଉଛି। ଯାହାକି ଏହି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ବେଳେ ପାରାଦୀପ ଆଦର୍ଶ ଥାନା ପୋଲିସ ତଦନ୍ତ ଜାରି ରଖିଛି । ତେବେ ବ୍ୟାଙ୍କ ସମ୍ମୁଖରେ ସବୁବେଳେ ପୋଲିସ ଡିୟୁଟିର ବ୍ୟବସ୍ଥା ଥିଲାବେଳେ, ସମ୍ପୃକ୍ତ ଯୁବକ ଜଣଙ୍କ କିପରି ସ୍କୁଟି ଧରି ଫେରାର ହୋଇଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଡ଼େଣ୍ଣୁଆଁ ପଞ୍ଚାୟତରେ ସରକାରୀ ପ୍ଲଟ୍‌ରୁ ଚାକୁଣ୍ଡା ଗଛ କାଟିବାକୁ ନେଇ ତୁମୁଳକାଣ୍ଡ ସୃଷ୍ଟି ହୋଇଛି । ପ୍ରତିବାଦକାରୀଙ୍କୁ ତିନିଭାଇ ମିଶି ମାଡ଼ ମାରିଥିବା ଓ ଛୁରୀ ଦେଖାଇ ଭୟଭୀତ କରିବା, ପଥରରେ ଛେଚି ହତ୍ୟା ଉଦ୍ୟମ କରିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅଭିଯୁକ୍ତଙ୍କୁ ଖସାଇବା ପାଇଁ କେତେକ ବ୍ୟକ୍ତି ଲାଗି ପଡ଼ିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଡ଼େଣ୍ଣୁଆଁ ପଞ୍ଚାୟତ ଛେନୁଆଁ ଗ୍ରାମରେ ସରକାରୀ ପ୍ଲଟ୍‌ରେ ଥିବା ଏକ ଚାକୁଣ୍ଡା ଗଛକୁ ନୃସିଂହ ପାଇଟାଳ, ତାଙ୍କର ଭାଇ ଲିଙ୍ଗରାଜ ପାଇଟାଳ, ଚଇନ ପାଇଟାଳ କାଟି ନେଉଥିବାରୁ ସେହି ଗ୍ରାମର ବିଧୂ ଭୂଷଣ ମୁଖୀ ପ୍ରତିବାଦ କରିଥିଲେ । ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଗାଳି ଗୁଲଜ କରିବା ସହ ମାଡ଼ ମାରି ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ । ପାଖରେ ରଖିଥିବା ଏକ ଛୁରୀ ବାହାର କରି ଭୟଭୀତ କରିବା ସହ ପଥରରେ ଛେଚି ହତ୍ୟା ଉଦ୍ୟମ କରୁଥିବା ସମୟରେ କେତେକ ବ୍ୟକ୍ତି ସେଠାରେ ପହଞ୍ଚିବାରୁ ଅଭିଯୁକ୍ତମାନେ ପଳାଇଥିଲେ । ବିଧୂ ଭୂଷଣ ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୨୯୬/୧୧୫(୧)/୩୦୩(୨)/୩୫୧(୨), ଥାନା କେସ୍ ନଂ-୨୨୨/୨୫ରେ ମାମଲା ରୁଜୁ କରି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି ।

## ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

ଆଳି(ଭାସ୍କର ନ୍ୟୁଜ): ବ୍ୟାଙ୍କରୁ ଟଙ୍କା ଉଠାଇ ଫେରିବା ବେଳେ ଟଙ୍କା ଲୁଟ ନେଲେ ଦୁର୍ବୃତ୍ତ । ବ୍ୟବସାୟୀଙ୍କଠୁ ୨ ଲକ୍ଷ ଟଙ୍କା ଝାମ୍ପିନେଇ ଚମ୍ପଟ ମାରିଲେ ଦୁର୍ବୃତ୍ତ । ଆଳି ଥାନା ଅଧୀନରେ ଦିନକୁ ଦିନ ଲୁଟପାଟ୍ ମାମଲା ବଢ଼ି ଚାଲିଛି । ଗୁରୁବାର ଦିନ ୧୦.୪୫ରେ ଷ୍ଟେଟ ବ୍ୟାଙ୍କ ଶାଖାରୁ ଆଳି ଥାନା ଅନ୍ତର୍ଗତର ଖଡୋଳ ଗାଁର ପିତାମ୍ବର ଦାସ ୨ଲକ୍ଷ ଟଙ୍କା ଉଠାଇ ସାଇକେଲ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ନିଆଳ ଗ୍ରାମ ରାସ୍ତାରେ ୨ଯୁବକ ବାଇକ୍‌ରେ ଆସି ତାଙ୍କଠୁ ଟଙ୍କା ଝାମ୍ପି ନେଇ ଫେରାର୍ ହୋଇଯାଇଥିଲେ। ଏନେଇ ପିତାମ୍ବର ଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତନାଘନା ଆରମ୍ଭ କରିଥିବା ଜଣାପଡିଛି ।

## ଆଦର୍ଶ ଜଳ ପରିଚାଳନାରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅଭିନବ ପଦକ୍ଷେପ



ବ୍ୟାସନଗର(ଭାସ୍କର ନ୍ୟୁଜ): ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଷ୍ଟିଲ ଉଦ୍ୟୋଗରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହି ପ୍ଲାଣ୍ଟ ମଧୁର ଜଳ ବ୍ୟବହାରରେ ୪୦%ରୁ ଅଧିକ ହ୍ରାସ ଆଣିବା ସହ ପରିବେଶଗତ ପ୍ରଭାବ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ପ୍ଲାଣ୍ଟରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ପଦ୍ଧତି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ସହାୟତାରେ ଅନେକ ପଦକ୍ଷେପ ନିଆଯାଇଛି, ଯାହା ପ୍ଲାଣ୍ଟ କାର୍ଯ୍ୟରେ ମଧୁର ଜଳ ବ୍ୟବହାରକୁ ଧୀରେ ଧୀରେ ହ୍ରାସ କରିଚାଲିଛି। ପ୍ଲାଣ୍ଟରେ ଗତ ୭ବର୍ଷ ଧରି ସେଣ୍ଟ୍ରାଲ୍ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ, ହାଇ-ଏଫିସିଏନ୍ସି ରିଭର୍ସ ଅସ୍ମୋସିସ୍ ଟେକ୍ନୋଲୋଜି, ମେକାନିକାଲ୍ ଭେପର ରିକମ୍ପ୍ରେସନ୍, ବାୟୋଲୋଜିକାଲ୍ ଅକ୍ସିଡ଼ାଏସନ ଏଣ୍ଡ ଡିଫେନଲାଇଜେସନ୍ ପ୍ଲାଣ୍ଟ ଉଚ୍ଚସ୍ତରୀୟ ଟ୍ରିଟମେଣ୍ଟ ଆଦି ପ୍ରଯୁକ୍ତି ବ୍ୟବହାର କରି ପ୍ଲାଣ୍ଟ ମଧୁର ଜଳ ଉପରେ ନିର୍ଭରତାରେ ୪୦% ପର୍ଯ୍ୟନ୍ତ ହ୍ରାସ ଆଣିପାରିଛି, ଯାହା ପରିବେଶ ଉପଯୋଗୀ ପଦକ୍ଷେପରେ ଷ୍ଟିଲ ଉଦ୍ୟୋଗ ପାଇଁ ଏକ ଅଭିନବ ଦିଗଦର୍ଶନ ସ୍ଥାପନ କରିଛି। ଜଳ ସଂରକ୍ଷଣ ଦିଗରେ ପ୍ରତିବଦ୍ଧତା ଦର୍ଶାଇ, ପ୍ଲାଣ୍ଟ କଳିଙ୍ଗନଗରରେ ବର୍ଷାଜଳ ଅମଳ ପାଇଁ ଏକ ରେନୱାଟର ହାର୍ଭେଷ୍ଟିଂ-କମ୍-ପର୍କୋଲେସନ୍ ପଣ୍ଡ ବିକଶିତ କରିଛି। ୧୦,୫୦୦ ବର୍ଗମିଟର କ୍ଷେତ୍ରରେ ବ୍ୟାପ୍ତ ଏହି ପୋଖରୀର ଜଳ ସଂରକ୍ଷଣ କ୍ଷମତା ୪୬,୦୦୦ କ୍ୟୁବିକ ମିଟର ଏବଂ ଏଥିରେ ୧୦,୦୦୦ ବର୍ଗମିଟରରେ ସବୁଜ ବଳୟର ଆବରଣ ରହିଛି। ଏହି ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ମାଧ୍ୟମରେ ମୂଲ୍ୟବାନ ବର୍ଷା ଜଳ ଭୂଗର୍ଭସ୍ଥ ଜଳସ୍ତର ବୃଦ୍ଧି ପାଇଁ ବ୍ୟବହାର କରାଯାଉଛି। ଏହା ସହିତ, ପ୍ଲାଣ୍ଟ ଜିରୋ ଇଫ୍ଲୁଏଣ୍ଟ ଡିସ୍ଚାର୍ଜ ପ୍ଲାଣ୍ଟ ଭାବରେ କାର୍ଯ୍ୟ କରୁଛି। ପ୍ଲାଣ୍ଟରେ ବ୍ୟବହୃତ ସମସ୍ତ ଜଳ ଉନ୍ନତ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଶୁଦ୍ଧ କରାଯାଇ ପୁନର୍ବ୍ୟବହାର କରାଯାଏ ଏବଂ କୌଣସି ଅଶୁଦ୍ଧ ଜଳ ପ୍ଲାଣ୍ଟରୁ ବାହାରକୁ ନିଷ୍କାସିତ ହୁଏ ନାହିଁ। ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ପଦକ୍ଷେପ ମାଧ୍ୟମରେ ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଅକ୍ଷୟ ଶକ୍ତିର ବ୍ୟବହାର ପାଇଁ ସୌର ଶକ୍ତିକୁ ମଧ୍ୟ ସାମିଲ କରିଛି। ଏଥିପାଇଁ ୧୦.୧ ମେଗାୱାଟ୍ କ୍ଷମତା ବିଶିଷ୍ଟ ଫ୍ଲୋଟିଂ ସୌର ଶକ୍ତି ପ୍ରକଳ୍ପ ଜଳାଶୟ ଉପରେ ସ୍ଥାପନ କରାଯାଇଛି ଯାହା ଦ୍ରୁତ ବାଷ୍ପିକରଣ ପ୍ରକ୍ରିୟାକୁ ଅନେକ ମାତ୍ରାରେ ପ୍ରତିହତ କରୁଛି।

## ବନ୍ଧୁକ ଦେଖେଇ ମା-ପୁଅଠୁ ୩ ଲକ୍ଷ ଟଙ୍କା ଲୁଟ୍

ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ନିରାଳ ଋଷିପୁର ରାସ୍ତା ନିକଟରେ ମା'-ପୁଅକୁ ବନ୍ଧୁକ ଓ ଛୁରୀ ଦେଖେଇ ଜୀବନରେ ମାରି ଦେବାକୁ ଧମକ ଦେଇ ତିନି ଲକ୍ଷ ଟଙ୍କା ଲୁଟି ନେଲେ ଚାରି ଦୃର୍ବୃତ୍ତ। ସୂଚନା ଅନୁସାରେ ମାଁ ମହାଲକ୍ଷ୍ମୀ ଏସଏଚଜି ଗ୍ରୁପର ଛବିତା ବେହେରା ଓ ପାଞ୍ଚଜଣ ସଦସ୍ୟ ଗୁରୁବାର ଆସିକା ୟୁନିୟନ ବ୍ୟାଙ୍କ୍‌ରୁ ତିନି ଲକ୍ଷ ଟଙ୍କା ଗ୍ରୁପ୍ ଲୋନ୍ ଉଠେଇ ଥିଲେ । ଗ୍ରୁପ୍ ଲୋନ୍ ଟଙ୍କା ନେଇ ମା' ଛବିତା ବେହେରା ଓ ବିକ୍ରମ ବେହେରା ଏକ ବାଇକ୍ ଯୋଗେ ନିଜ ଘର ଋଷିପୁରକୁ ଫେରୁଥିବା ବେଳେ ନିରାଳ-ଋଷିପୁର ରାସ୍ତା ନିକଟରେ ଚାରିଜଣ ମୁଖା ପିନ୍ଧା ଦୃର୍ବୃତ୍ତ ଦୁଇଟି ବାଇକ୍ ଯୋଗେ ଆସି ମା'-ପୁଅକୁ ଅଟକାଇବା ସହ ବନ୍ଧୁକ ଓ ଛୁରୀ ଦେଖେଇ ମାରିଦେବାକୁ ଧମକ ଦେଇ ପ୍ରଥମେ ବାଇକ୍ ଚାବି ଛଡେଇ ନେବା ସହ ତିନି ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୃର୍ବୃତ୍ତ । ଘଟଣା ବିଷୟରେ ଖବରପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି ।

## ବିଞ୍ଝାରପୁର ବ୍ଲକ୍ କଂଗ୍ରେସର ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ବିଂଝାରପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ବାଲେଶ୍ୱରର ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି କାମନା, ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି ସହ ଅଶ୍ରୁଳ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ବିଞ୍ଝାରପୁର କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ୍ କଂଗ୍ରେସ ସଭାପତି ପ୍ରବୋଧ କୁମାର ସାହୁ, କଂଗ୍ରେସ ବିଧାୟିକା ପ୍ରାର୍ଥୀ କନକଲତା ମଲ୍ଲିକ, ପ୍ରତାପ ଦାସ, ଧନେଶ୍ୱର ସାମଲ, ଜଳଧର ଜେନା, ଶ୍ରୀଧର ଜେନା, ହିମାଂଶୁ ମହଲ, ଶ୍ରୀଧର ନାୟକ, ମଧୁ ସାହୁ, ଜ୍ଞାନେନ୍ଦ୍ର ବେହୁରିଆ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ ନୀରବ ପ୍ରାର୍ଥନା ଓ ପରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ନ୍ୟାୟ ପାଇଁ ସବୁଠି ନେହୁରା ହୋଇ ନିରାଶ ହେବାରୁ ଅନ୍ୟ ଉପାୟ ନପାଇ ଆତ୍ମାହୁତି କରିଛି। ଅଭିଯୁକ୍ତଙ୍କ ମଧ୍ୟରୁ କେତେକ କାରାଗାରରେ। ମାତ୍ର ଏବେବି ତାଙ୍କ ମୃତ୍ୟୁ ରହସ୍ୟମୟ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ । ବିଜେପି ସରକାରକୁ ମାତ୍ର ବର୍ଷେ ପୁରିଛି। ମାତ୍ର ଏହି ସମୟ ମଧ୍ୟରେ ନାରୀ ନିର୍ଯାତନା ମାମଲା ଯଥେଷ୍ଟ ବୃଦ୍ଧି ପାଇଛି। ରାଜ୍ୟରେ ମହିଳା ସୁରକ୍ଷିତ ନୁହଁନ୍ତି ବୋଲି କଂଗ୍ରେସ ସଭାପତି ଶ୍ରୀ ଦାସ କହିବା ସହ କଂଗ୍ରେସ ଆଉ ହାତବାନ୍ଧି ଚୁପ୍ ବସିବ ନାହିଁ। ସାଧାରଣ ଜନତାଙ୍କୁ ସେମାନଙ୍କ ହକ୍ ଦେବାକୁ ରାଜରାସ୍ତାକୁ ଓହ୍ଲାଇବ ଓ ସ୍ୱର ଉତ୍ତୋଳନ କରିବ ବୋଲି କହି ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ବେଶ୍ କିଛି ବର୍ଷ ହେଲା ନୀରବି ଯାଇଥିବା ଭାରତୀୟ ଜାତୀୟ କଂଗ୍ରେସ ଏବେ ସମଗ୍ର ରାଜ୍ୟ ଓ ବିଞ୍ଝାରପୁରରେ ବଳ ଗୋଟାଇବା ସହ ରାଜ୍ୟ ସରକାରଙ୍କ ଦୋଷ ତ୍ରୁଟିର ପ୍ରତିବାଦ ଗଣତାନ୍ତ୍ରିକ ପଦ୍ଧତିରେ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

## ଭୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ସ୍ୱାଗତ



ଭୁବନ(ଭାସ୍କର ନ୍ୟୁଜ): ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଦ୍ୟାର୍ଥୀଙ୍କ ନିମନ୍ତେ ଗୁରୁବାର ପବିତ୍ର ଚିତାଲାଗି ଅମାବାସ୍ୟା ଗୁରୁବାରଠାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଛି । ଏହି ଅବସରରେ ଭୁବନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଫୁଲ ଚନ୍ଦନ ଦେଇ ନବାଗତ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା । ପରେ +୨ ଅଧ୍ୟକ୍ଷା ସୁପ୍ତିମୟୀ ସେନଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜର ନୀତିନିୟମ, ଆଦର୍ଶ ଓ ଶୃଙ୍ଖଳା ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରୀମାନେ ଦେଶ ଗଠନ ରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଣତୀ ବେହେରା ଓ ଅର୍ଥନୀତି ଅଧ୍ୟାପିକା ମଞ୍ଜୁସା ମଞ୍ଜରୀ ମିଶ୍ର, ଇଂରାଜୀ ଅଧ୍ୟାପିକା ଡ଼ଃ ତେଜସ୍ୱିନି ବେହେରା, ବାଣିଜ୍ୟ ବିଭାଗ ଅଧ୍ୟାପକ ସୁଧାଂଶୁ ଶେଖର ଓଝା, ବରିଷ୍ଠ କିରାଣୀ ବିଜୟ କୁମାର ପୃଷ୍ଟି ପ୍ରମୁଖ ନବାଗତ ଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ ।

## ବାଲିଗାଡି ଧରପଗଡ : ୩ ଜବତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱରରେ ଏଡିପିଓଭାବେ ସୁବ୍ରତ ବେହେରା ଯୋଗଦେବା ପରେ ଚୋରା ବାଲିଗାଡି ଧରପଗଡ ଆରମ୍ଭ ହୋଇଛି । ଗତ ବୁଧବାର ମଧ୍ୟ ରାତିରେ ୬୦ନଂ ଜାତୀୟ ରାଜପଥ ହସ୍‌ପିଟାଲ ବାଇପାସ୍ ନିକଟରେ ଯାଞ୍ଚ କରୁଥିବା ବେଳେ ୩ ଡମ୍ପର ଜବତ ହୋଇଛି । ଜବତ ହୋଇଥିବା ଡମ୍ପର ଡବ୍ଲୁବି୩୧ଏ-୫୮୫୫, ଓଡି୨୨ୱାଇ-୯୯୯୫, ଓଡି୨୨ଜେଡ-୦୨୮୫ କୋର୍ଟ ସମ୍ମୁଖ ଡମ୍ପିଂ ୱାର୍ଡରେ ରଖାଯାଇ ଥିବାବେଳେ ଅନ୍ୟଏକ ଡମ୍ପର ଖସି ପଳାଇବାକୁ ଯାଇ ରାସ୍ତା ପାର୍ଶ୍ୱକୁ ଓଲିଟି ପଡିଥିଲା । ପୋଲିସ୍ ଭୟରେ ଭୁଲ ରାସ୍ତାରେ ଗଲାବେଳେ ଶ୍ୟାମସୁନ୍ଦର ଦାସ ମହାପାତ୍ରଙ୍କ ଘର ନିକଟରେ ଓଲିଟି ପଡିଥିଲା। ଦୁର୍ଘଟଣାଗ୍ରସ୍ତ ଡମ୍ପରକୁ ପୁଲିସ୍ ଉପସ୍ଥିତିରେ ଜେସିବି ସାହାଯ୍ୟରେ ଉଦ୍ଧାର କରାଯାଇଥିବା ଶୁଣିବାକୁ ମିଳୁଛି। ଘଟଣା ସ୍ଥଳରୁ ଡମ୍ପର ଚାଳକ ଫେରାର ଥିବା ବେଳେ ହେଲପର ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଦୁର୍ଘଟଣାଗ୍ରସ୍ତ ଡମ୍ପରଟି ଜଣେ ପ୍ରଭାବଶାଳୀ ବ୍ୟକ୍ତିର ହୋଇଥିବାରୁ ଏହାକୁ ଖସାଇ ଦେବା ଲାଗି ଚେଷ୍ଟା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି ।

### ସମୁଦ୍ର ଅଶାନ୍ତ ଯୋଗୁଁ ମାଛ ଧରିବାକୁ ନଯିବା ପାଇଁ ସୂଚନା

ପାରାଦ୍ୱୀପ(ଭାସ୍କର ନ୍ୟୁଜ): ୨୪ରୁ ୨୬ ତାରିଖ ୩ଦିନ ପର୍ଯ୍ୟନ୍ତ ଅଶାନ୍ତ ରହିବ ସମୁଦ୍ର। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସହିତ ଉଚ୍ଚ ଜୁଆର ଓ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ସମୁଦ୍ରକୁ ମାଛ ଧରିବା ପାଇଁ ନଯିବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ବିଭାଗ ପକ୍ଷରୁ ପାରାଦ୍ୱୀପର ନେହରୁବଙ୍ଗଳା ମାଛଧରା ବନ୍ଦର, ଅଠରବାଙ୍କି ବାଲିପ୍ଲଟ, ନୂଆ ବଜାର ନୋଳିଆ ସାହି, ଷଣ୍ଢକୁଦ ବସ୍ତି ଓ ଚଉମୁହାଣୀ ପ୍ରଭୃତି ମାଛଧରା ସ୍ଥାନ ଓ ମତ୍ସ୍ୟଜୀବୀଙ୍କ ବସ୍ତି ଅଞ୍ଚଳରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ କୌଣସି ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ନଯିବା ସହିତ ଯେଉଁମାନେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଛନ୍ତି ସେମାନେ ୨୪ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ ସୂଚନା ଦିଆଯାଇଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଦ୍ଧନାସ୍ଥିତ ଉତ୍ସବ ଚରଣ ଗାଜିଆଣୀ ଚଣ୍ଡୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳାର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷ କଳା ଛାତ୍ରଛାତ୍ରୀ ନୂତନ କରି ପ୍ରବେଶ କରୁଥିବା ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କୁ ଚନ୍ଦନ, ପୁଷ୍ପ ପ୍ରଦାନ କରିଥିଲେ। ପ୍ରବେଶ ଉତ୍ସବରେ ଦ୍ୱିତୀୟ ବର୍ଷ କଳା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ କୁମାରୀ ରଶ୍ମିତା ଜେନାଙ୍କୁ ଅନୁଷ୍ଠାନର କିରାଣୀ ଗଙ୍ଗା ନାରାୟଣ ଦାସ ମହାପାତ୍ର ତାଙ୍କ ପିତୃମାତୃଙ୍କ ସ୍ମୃତି ଉଦ୍ଦେଶ୍ୟରେ ଛାତ୍ରୀଙ୍କୁ ୨ ହଜାର ଟଙ୍କାର ଏକ ଚେକ ସହ ଏକ ଡାଇରୀ ପ୍ରଦାନ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ହରିଶଙ୍କର ଦାସ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କାଳିକିଙ୍କର ମହାନ୍ତି ମୁଖ୍ୟ ଅତିଥି ଭାବେ ନୂତନ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ବିଷୟରେ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହେମନ୍ତ କୁମାର ସାହୁ, ଗୀତାରାଣୀ ନାଏକ, ସୁସ୍ମିତା ଦାସ, ଚିତ୍ତରଞ୍ଜନ ଦାସ, ମଧୁସୂଦନ ପ୍ରଧାନ, ହରିଶଙ୍କର ବେହେରା, ନବକୃଷ୍ଣ କାମିଲା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶ୍ରୀ ପରେଶ ଚନ୍ଦ୍ର କାମିଲା, ରାଜେଶ ଦାସ, ଜଗନ୍ନାଥ ନନ୍ଦି ଓ ଯୋଗେନ୍ଦ୍ର କୁମାର ସାମଲ ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ କଲେଜର କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଜଗତସିଂହପୁର ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଦୁର୍ଘଟଣାର କାରଣ ଉପରେ ଗୁରୁତ୍ୱାରୋପ କରି ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ କହିଥିଲେ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ୟ କହିଥିଲେ ଯେ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ ସେ ପ୍ରତି ଦୃଷ୍ଟି ଦିଆଯାଉ। ନୂତନ ଭାବେ ପ୍ରଣୀତ ହୋଇଥିବା ରାହବୀର ଯୋଜନା ବିଷୟରେ ଅବଗତ କରାଇଥିଲେ । ଏହି ଯୋଜନା ଅନୁଯାୟୀ, ଯେଉଁମାନେ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଗୋଲଡ୍ଡେନ ଅୱାର ଭିତରେ ଡାକ୍ତରଖାନା ପହଞ୍ଚାଇବେ ସରକାରଙ୍କ ତରଫରୁ ୨୫୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ବୈଠକରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ରାସ୍ତା ମରାମତି, ଶିକ୍ଷା, ସଚେତନତା, ଆଇନ ଅମାନ୍ୟକାରି ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦୁର୍ଘଟଣାର ମାତ୍ରା କମାଇ ପାରିବ ବୋଲି ମତ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ନିରଞ୍ଜନ ବେହେରା କହିଲେ ଯେ ଗତ ୨ ମାସରେ ଏନଫୋର୍ସମେଣ୍ଟ ଫଳରେ ଦୁର୍ଘଟଣାର ମାତ୍ରା କମିଛି। ତେଣୁ ପୋଲିସ, ପ୍ରଶାସନ, ପରିବହନ ବିଭାଗ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ଭବ। ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମଧ୍ୟ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିବା ସହ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ ପାଖରେ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦର୍ଶନ ପାଇଁ ଉପଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱୀପ ମଞ୍ଚାସିନ ଥିଲେ। ଜିଲ୍ଲାରେ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ୧୮ବର୍ଷରୁ କମ ପିଲାଙ୍କ ଗାଡ଼ି ଚଳାଇବା ଉପରେ କଟକଣା, ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଗାଡ଼ି ଚାଳକଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ୍ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଓ ବୁଦ୍ଧିଜୀବୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବୈଠକରେ କମିଟିର ସଦସ୍ୟ, ବସ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ନାରୀ ସମ୍ମାନ ଆଉ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ବିହୀତ ପଦକ୍ଷେପର ସମର୍ଥନ ସ୍ୱରୂପ ଜିଲ୍ଲାର ସରକାରୀ ସ୍ନାତକ ମହାବିଦ୍ୟାଳୟ ଚିତ୍ରକୋଣ୍ଡା ଠାରେ ଏକ ସଚେତନ ଧର୍ମୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟ ରେ ଆୟୋଜିତ ଏହି ଏକଦିବସୀୟ କର୍ମଶାଳାରେ ନାରୀ ସୁରକ୍ଷା ବାବଦରେ, ଛାତ୍ରୀମାନଙ୍କ ପ୍ରତି ଅସଦାଚରଣ ବିରୁଦ୍ଧରେ ଏବଂ ମହିଳାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଦିଗରେ ବିଶଦ ଆଲୋଚନା କରାଯାଇଥିଲା। ଏହି ସଚେତନ ଧର୍ମୀ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ଯୌନ ନିର୍ଯାତନା ମୁକ୍ତ ଏକ ସୁରକ୍ଷିତ ସମ୍ମାନଜନକ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷଣ ପରିବେଶ ସୃଷ୍ଟି କରିବାର ଶପଥ ଗ୍ରହଣ କରିଥିଲେ। ଏହି କର୍ମଶାଳାରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଶକ୍ତି-ଶ୍ରୀ ଆପ୍, ୧୮୧ ହେଲ୍ପଲାଇନ୍ ନମ୍ବର୍ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହ ସେପରି କିଛି ସମ୍ଭାବ୍ୟ ପରିସ୍ଥିତିରୁ କିପରି ମୁକୁଳି ହେବ ସେଥି ପ୍ରତି ସତର୍କ ରହିବାକୁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନେ ବିଶେଷ ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଭ୍ୟନ୍ତରୀଣ ଅଭିଯୋଗ ସମିତି ସଦସ୍ୟମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ସଦସ୍ୟମାନେ ନିଜ ନିଜ ଭୂମିକା ବିଷୟରେ ସୁନ୍ଦର ଭାବରେ ବୁଝାଇବା ସହ ଛାତ୍ରଛାତ୍ରୀମାନେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ କିପରି ସଚେତନ କରାଇପାରିବେ ସେ ସମ୍ବନ୍ଧରେ କହିଥିଲେ।

## ତହସିଲ ପକ୍ଷରୁ ବସୁନ୍ଧରା ପଟ୍ଟା ବଣ୍ଟନ

ଚିକିଟି,(ଭାସ୍କର ନ୍ୟୁଜ୍) : ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲରେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରାଙ୍କ କର କମଳରେ ଅନେକ ବେଘର ଲୋକଙ୍କୁ ବସୁନ୍ଧରା ପଟ୍ଟା ବଣ୍ଟନ କରଯାଇଥିଲା। ଏହି ଅବସରରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଯୋଗଦାନ କରି ଏହି ତହସିଲରେ ଅବସ୍ଥାନ କରୁଥିବା ସମସ୍ତ ଜନସାଧାରଣଙ୍କ ସେବାରେ ଆମ୍ଭେ ସବୁବେଳେ ଚେଷ୍ଟାରତ ବୋଲି ପ୍ରକାଶ କରିବା ସହ ଆଗାମୀ ଦିନରେ ଆମ୍ଭେ ନିଜର ପ୍ରଚେଷ୍ଟା ବଳରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଜାଗା ଖଣ୍ଡେ ନିୟମ ଅନୁଯାୟୀ ପ୍ରଦାନ କରିବୁ ବୋଲି ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ମୋଟ ୧୯ଜଣଙ୍କୁ ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ପଟା ପ୍ରଦାନ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ଉକ୍ତ କାର୍ଯକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ନାୟକ ଯୋଗଦାନ କରି ଅନେକ ବ୍ୟକ୍ତିଙ୍କ ନିଜର ଜାଗା ନଥିବା ହେତୁ ଆମ୍ଭେ ଯୋଜନା ମୁତାବକ ଆବାସର ଲକ୍ଷ ପୂରଣ କରିବାରେ ଅସୁବିଧାରେ ରହୁଛୁ। ଏଭଳି ବସୁନ୍ଧରା ଯୋଜନା ଅନୁଯାଇ ଲୋକେ ପଟା ପାଇଲେ ସେମାନଙ୍କୁ ଆମ୍ଭେ ଆବାସ ଯୋଜନାରେ ସାମିଲ କରିପାରିବୁ ବୋଲି ମଧ୍ୟ ପ୍ରକାଶ କରିଥିଲେ।

## ଜମି ଅଧିଗ୍ରହଣରେ ବିଳମ୍ବ
# ନିର୍ମାଣ ହୋଇପାରୁନି ଜାମୁହତାକୁ ସଂଯୋଗ ରାସ୍ତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜମି ଅଧିଗ୍ରହଣ ହୋଇପାରୁନଥିବାରୁ ଜାମୁହତାକୁ ସଂଯୋଗ ରାସ୍ତା ନିର୍ମାଣ ହୋଇପାରୁନି। କେନ୍ଦୁଝର ସହର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଜାମୁହତାକୁ ସଂଯୋଗ ରାସ୍ତା ନିର୍ମାଣ ଅନେକ ଥର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ଥାନୀୟ ଲୋକ ଅଭିଯୋଗ ଜଣାଇଛନ୍ତି। ବେଲଦା-ଜୁଡ଼ିଆ ରାସ୍ତାର ଜାମୁହତାକୁ ସଂଯୋଗ ହେଉଥିବା ସ୍ଥାନ ଠାରୁ ୩୦୦ ମିଟର ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଏକ ମାଟି ରାସ୍ତା ଥିବାରୁ ଏଠାରେ ଦୈନିକ ଶହ ଶହ ଗାଡ଼ିମଟର ଯିବା ଆସିବା କରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ପ୍ରତିଦିନ ଉକ୍ତ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାବେଳେ ଦମକଳ, ଆମ୍ବୁଲାନ୍ସ, ପୋଲିସ ପେଟ୍ରୋଲିଂ ଯାନ, ସ୍କୁଲ ବସ, ମଧ୍ୟାହ୍ନଭୋଜନ ଯାନ, ପିଡିଏସ୍ ସାମଗ୍ରୀ ବୋଝେଇ ଗାଡିଗୁଡିକ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସ୍କୁଲ, କଲେଜ ପଢୁଆ ଛାତ୍ରଛାତ୍ରୀମାନେ ମଧ୍ୟ ଯାତାୟତରେ ହଇରାଣ



ହେଉଛନ୍ତି। ଏହି ରାସ୍ତାଦେଇ ନ୍ୟୁ କଲୋନୀ, ମାଇନିଂ ରୋଡ, ଗୋବିନ୍ଦପୁର ଲୋକ ନିର୍ଭର କରିଥାନ୍ତି। ଜାମୁହତା ସଂଯୋଗ ସ୍ଥାନ ଠାରୁ ୩୦୦ମିଟର ପର୍ଯ୍ୟନ୍ତ ରାସ୍ତା ବେସରକାରୀ ଜମି ଉପରେ ହୋଇଥିବାରୁ ପୌରପାଳିକା ପକ୍ଷରୁ ନୂତନ ରାସ୍ତା ନିର୍ମାଣ କରି ପାରୁନାହିଁ। ଦୀର୍ଘ ବର୍ଷ ହେବ କେନ୍ଦୁଝର ମୁଖ୍ୟାଳୟରେ ଏହି ରାସ୍ତା ସମସ୍ୟା ଦୂର ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ। ଜମି ଅଧିଗ୍ରହଣ କରାଯାଇ ରାସ୍ତା ନିର୍ମାଣ କରାଗଲେ ଲୋକଙ୍କ ବହୁ ଦିନର ସମସ୍ୟା ଦୂର ହେବ। ଖରାପ ରାସ୍ତା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଆଦିବାସୀ ଲୋକଙ୍କ ଜମିରେ ଗାଡି ଚଳାଚଳ ହେଉଥିବାବେଳେ ସେମାନେ ମଧ୍ୟ କ୍ଷତିପୂରଣ ରାଶି ମିଳିଲେ ଜମି ଦେବାକୁ ରାଜି ଥିବା କହିଛନ୍ତି। ତେଣୁ ପ୍ରଶାସନ ଅତିଶୀଘ୍ର ଏହି ରାସ୍ତା ଉପରେ ଦୃଷ୍ଟି ଦେଇ ଜମି ଅଧିଗ୍ରହଣ କାର୍ଯ୍ୟ ପରେ ରାସ୍ତାକୁ ଏକ କଂକ୍ରିଟ ରାସ୍ତା କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗୁଣି ସନ୍ଦେହରେ ହତ୍ୟା ଉଦ୍ୟମ:୪ ଆକ୍ରମଣକାରୀ କୋର୍ଟଚାଲାଣ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଅଧିନସ୍ତ ଏଲଙ୍ଗାବାଲସା ଗ୍ରାମରେ ଜଣେ ବୃଦ୍ଧଙ୍କୁ ସୋମବାର ଦିନ ଗୁଣି ସନ୍ଦେହରେ ହତ୍ୟା ଉଦ୍ୟମ କରାଯାଇଥିଲା। ଆକ୍ରମଣରେ ବୃଦ୍ଧ ଜଣକ କୋରାପୁଟ ଜିଲ୍ଲା ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ବନ୍ଧୁଗାଁ ଥାନାରେ ନିଜର ପୁଅ କେଶିବ କାଡ୍ରାକା ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତରଫରୁ ତଦନ୍ତ କରାଯାଇଥିଲା। ସେହି ସମୟରେ ୪ ଜଣ ଆକ୍ରମଣକାରୀ ଫେରାର ହୋଇ ଯାଇଥିଲେ। ଆଜି ପୋଲିସ ସେହି ୪ ଜଣ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସୂଚନା ଅନୁଯାୟୀ ଏଲଙ୍ଗାବାଲସା ଗ୍ରାମର ଆଚା କାଡ୍ରାକା ଗତ ବର୍ଷ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଇଥିଲେ। ସେଠାରେ ଜ୍ୱର ହେବାରୁ ଆଚା ନିଜ ଘରକୁ ଫେରି ଆସିଥିଲେ। ଜ୍ୱର ନ କମିବାରୁ ଆଚା ଚେରମୂଳି ଔଷଧ ଖାଉଥିଲେ। ଜ୍ୱର ଓ କାଶ ଲାଗି ରହିବାରୁ ଗାଁର ଆଶା ଦିଦି ଲୀଳା



କୁମାରୀ ଗୌଡ ଆଚାଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କଫ ନମୁନା ପରୀକ୍ଷା ପରେ ଆଚାଙ୍କୁ ଯକ୍ଷ୍ମା ହୋଇଥିବା ଜଣା ପଡ଼ିଥିଲା। ପରେ ଆଶା ଦିଦି ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ଆଣି ଆଚାକୁ ଖାଇବାକୁ ଦେଇଥିଲେ। କିନ୍ତୁ ଆଚା ଔଷଧ ନ ଖାଇ ଚେରମୂଳି ଖାଇବା ସହିତ କ୍ୱାକ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷାରେ ଟାଏଫଏଡ ହୋଇଥିବା ଜଣା ପଡ଼ିଥିଲା। ପୁଣି ଥରେ ଆଲମଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରକ୍ତ ପରୀକ୍ଷା କରିବା ପରେ ଜଣ୍ଡିସ ହୋଇଥିବା ଜଣାପଡ଼ିଥିଲା। ଡାକ୍ତର ଦେଇଥିବା ଔଷଧ ବ୍ୟବହାର କରି ଆସୁଥିଲେ। ଔଷଧ ଖାଇବା ପରେ ମଧ୍ୟ ସୁସ୍ଥ ନ ହେବାରୁ ଗାଁର ବୃଦ୍ଧ ମାଲି କାଡ୍ରାକାଙ୍କୁ ଗୁଣି ଗାରେଡ଼ି କରିଥିବା ସନ୍ଦେହ କରିଥିଲେ। ପରେ ପରିବାର ଲୋକେ ମାଲିକୁ ଭେଟି ଗୁଣି ଗାରେଡ଼ି କରିଥିବା କହି ଧମକ ଦେଇ ଫେରି ଆସିଥିଲେ। ସୋମବାର ଦିନ ଅପରାହ୍ନ ୨ଟା ସମୟରେ ଆଚାଙ୍କ ସମ୍ପର୍କୀୟ ଭାଇ ଆଦମା କାଡ୍ରାକା, ଲାଚା କାଡ୍ରାକା, ଉଦେଶ କାଡ୍ରାକା ଓ ବତି କାଡ୍ରାକା ମିଳିତ ଭାବେ ମାଲିଙ୍କ କୁଡ଼ିଆ ଘରକୁ ଯାଇ ମାଲିକୁ ଗାଁ ଦାଣ୍ଡକୁ ନେଇ ଆସିଥିଲେ। ପରେ ମାଲିକୁ ବାଉଁଶ ଠେଙ୍ଗାରେ ମୁଣ୍ଡରେ ମାରୁଥିବା ବେଳେ ହାତ ଦେଇ ଥିଲେ ଯାହା ଦ୍ୱାରା ହାତଟି ଭାଙ୍ଗି ଯାଇଥିଲା। ପରେ ମାଲିକୁ ପାଖ ଜଙ୍ଗଲକୁ ଫାଶୀ ଦେବା ପାଇଁ ଉଠେଇ ନେଇ ବେକରେ ଦୌଡ଼ି ଦେଇ ଏକ ଧାରୁଆ ଗାଗଡ଼ା ନେଇ ଥିଲେ। ଧାରୁଆ ଅସ୍ତ୍ରଟି ଗାଁ ର ଜଣେ ଲୋକ ଛଡେଇ ନେଇ ଚାଲି ଯାଇ ଥିବା ମାଲି କହିଥିଲେ। ଏ ନେଇ ବନ୍ଧୁଗାଁ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଖବର ପାଇବା ପରେ ଏଏସ୍ଆଇ ବି ଟି ସାଧୁ ପୋଲିସ ଟିମ ପହଞ୍ଚି ମାଲିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ। ଆକ୍ରମଣକାରୀ ୪ ଜଣ ଫେରାର ହୋଇ ଯାଇଥିଲେ। ଗତକାଲି ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଓ ପୋଲିସ ଟିମ ଗାଁରେ ପହଞ୍ଚି ୪ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିବା ସହିତ ଆକ୍ରମଣ କରିବା ବେଳେ ବ୍ୟବହୃତ ଠେଙ୍ଗା, ଅସ୍ତ୍ର ଓ ପୋଷାକ ଗୁଡିକୁ ଜବତ କରି ଆଜି କୋର୍ଟଚାଲାଣ କରିଛନ୍ତି।

## ୨୪ ଘଣ୍ଟାରେ ୪ ଅଭିଯୁକ୍ତ ଗିରଫ



ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତ ଜୋଙ୍କ ପୋଲିସକୁ ସଫଳତା। ଡକାୟତି ଦଳକୁ ୨୪ ଘଣ୍ଟା ମଧ୍ୟରେ ଠାବ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଦୁଇ ପିସ୍ତଲ ଏବଂ ଧାରୁଆ ଅସ୍ତ୍ର ଜବତ୍ କରିଛନ୍ତି। ଏହି ଘଟଣାରେ ଗୋଟିଏ ବାଇକ୍ ଜବତ୍ କରିଥିବା ବେଳେ ଦୁଇ ଗୋଟି ମୋବାଇଲ୍ ନଗଦ ୧୬୦୦/- ଟଙ୍କା ଜବତ କରିଛନ୍ତି। ଜୋଙ୍କ ଥାନା କେଶ ନମ୍ବର୍ ୧୫୬/୨୦୨୫ ରେ ଚାରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଖରୀଆର ରୋଡ ପୋଲିସ ପକ୍ଷରୁ ପ୍ରକାଶ।

## ଲାଞ୍ଚ ନ ଦେବାରୁ କର୍ମଚାରୀ କାଟିଦେଲେ ବିଦ୍ୟୁତ ତାର

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ସରକାର ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଅନେକ ସ୍ଥାନରେ ଉପଭୋକ୍ତା ମାନେ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖାଦେଇଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବିଳାସପୁର ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରିପଡ଼ା ଠାରେ। ସୂଚନା ଅନୁସାରେ, ଗତ କିଛି ଦିନ ତଳେ ପାଣ୍ଡିରିପଡ଼ା ଗ୍ରାମକୁ ଯାଇଥିବା ବିଦ୍ୟୁତ ତାରରେ କୌଣସି ପ୍ରକାର ତ୍ରୁଟି ଯୋଗୁଁ ବିଦ୍ୟୁତ ସେବା ବ୍ୟାଘାତ ହୋଇଥିଲା। ତାପରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ଗ୍ରାହକ ସେବାକେନ୍ଦ୍ରକୁ ଫୋନ କରାଯାଇଥିଲା। ଗତ ୨୦ ତାରିଖ ଦିନ ଶଶାଙ୍କ ସାହୁ ଓ ସୁବଳ କ୍ଷେତୀ ନାମକ ଦୁଇଜଣ ବିଦ୍ୟୁତ୍ କର୍ମଚାରୀ ଉକ୍ତ ଗ୍ରାମକୁ ଯାଇ ବିଦ୍ୟୁତ ସଜାଡ଼ିଥିଲେ। ତାପରେ ଗ୍ରାମବାସୀଙ୍କୁ ୬୦୦ ଟଙ୍କା ଲାଞ୍ଚ ସ୍ୱରୂପ ମାଗିଥିଲେ। ତୁମେ ଦୁଇ ଜଣ ବିଦ୍ୟୁତ୍ କର୍ମଚାରୀ, ତୁମେ ତ ଦରମା ପାଉଛ। ଆଉ ଆମେ କାହିଁକି ତୁମକୁ ଲାଞ୍ଚ ଦେବୁ ବୋଲି ଗ୍ରାମବାସୀ ଯୁକ୍ତିତର୍କ କରି ଅରାଜି ପ୍ରକାଶ କରିଥିଲେ। ଅଧିକ ଯୁକ୍ତିତର୍କ ହେଲାପରେ ସେ ଦୁଇଜଣଙ୍କୁ ୩୦୦ଟଙ୍କା ଦେଇଥିଲେ। ପରଦିନ ସକାଳେ ସେଦୁଇ କର୍ମଚାରୀ ଆସି ଗାଁର ମୁଖ୍ୟ ବିଦ୍ୟୁତ୍ ତାରକୁ କାଟି ଦେଇ ଚାଲିଯାଇଥିଲେ। ଯାଫଳରେ ଗାଁଟି ସାରା ଅନ୍ଧାର ହୋଇ ଗ୍ରାମରେ ଏକଥା ପ୍ରଘଟ ହୋଇଯାଇଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ ମନମୁଣ୍ଡା ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏସମ୍ପର୍କରେ ମନମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଡିଲେଶ୍ୱର ଆଚାର୍ଯ୍ୟଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସାମ୍ବାଦିକଙ୍କ ଭାଇ ଅରୁଣଦୋୟଙ୍କ ପରଲୋକ

କଣିହାଁ, (ଭାସ୍କର ନ୍ୟୁଜ୍) : ଅନଗୁଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନ ଅଧିନସ୍ଥ ବିଜିଗୋଳ ଗ୍ରାମର ଅରୁଣ ଧରଙ୍କ ତୃତୀୟ ପୁତ୍ର ଅରୁଣଦୋୟ ଧର(୪୬)ଙ୍କର ଗତକାଲି ମଙ୍ଗଳବାର ଅକାଳ ବିୟୋଗ ହୋଇଯାଇଛି। ସେ ଫୁସଫୁସ ସଂକ୍ରମଣ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧୀନଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ସାମ୍ବାଦିକ ଜ୍ୟୋତି ରଞ୍ଜନ ଧରଙ୍କ ବଡଭାଇ। ସେ ଜଣେ ମିଷ୍ଟଭାଷି, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯାଇଛି।

## ଲଗାଣ ବର୍ଷାରେ ମାଥିଲି ବେହାଲ



ମାଥିଲି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ସଦର ମହକୁମାରେ ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ। ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ୩୨୬ ଜାତୀୟ ରାଜପଥ ଉପରେ ଆଣ୍ଠୁଏ ପାଣି ଓ ମାଥିଲି ଗ୍ରାମର ଅନୁଗୁଳିଆ ସାହିରେ ଘର ଭିତରେ ପାଣି ପଶିଲାଣି। ଡ୍ରେନ୍ ସଫା ନଥିବା ହେତୁ ଏପରି ସମସ୍ୟା ଉପୁଜୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବର୍ଷା ଏପରି ଲାଗିରୁହେ ତେବେ ଘର ଦ୍ୱାର କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।

## ନାରୀ ନିର୍ଯାତନା ନିରାକରଣ କର୍ମଶାଳା

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଅନ୍ତର୍ଗତ ବଡଚଣା ସ୍ଥିତ ନୂଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ନାରୀ ନିର୍ଯାତନା ନିବାରଣ ଆଇନ୍ ସଚେତନତା ଓ କାର୍ଯ୍ୟକ୍ଷେତ୍ରରେ ସଦ୍‌ଭାବ ତଥା ୟୁଜିସି, ନିୟମାବଳୀ ୨୦୧୫ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର କର୍ମଶାଳା ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ସମିତି ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଡକ୍ଟର ସରିତା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଛତିଆ ସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡକ୍ଟର ସୁମିତ୍ରା ନନ୍ଦ ଯୋଗଦେଇ ନାରି ନିର୍ଯାତନା ନିବାରଣ ଆଇନ୍ ୨୦୧୩ ଓ ୟୁଜିସି ନିୟମାବଳୀ ୨୦୧୫ ସମ୍ପର୍କିତ ବହୁ ତତ୍ତ୍ୱଭିତ୍ତିକ ତଥ୍ୟ ମାନ ତର୍ଜମା କରିବା ସହିତ ନାରୀ ମାନସିକତାର ପରିବର୍ତ୍ତନ ହିଁ ସମାଜକୁ ସୁଦୃଢ଼ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ପବିତ୍ରମୋହନ ମାହାଲା ଧୈର୍ଯ୍ୟ, ସହନଶୀଳତା, ତଥା ଉତ୍ତମ ବିଚରବୋଧ ନାରୀ ନିର୍ଯାତନାକୁ ପ୍ରତିହତ କରିବ ବୋଲି ପୁରାଣ ପୃଷ୍ଠାରୁ ବହୁ ଉପାଦେୟ ଦୃଷ୍ଟାନ୍ତ ମାନ ଦର୍ଶାଇବା ସହ ଆତ୍ମହତ୍ୟା ନୁହେଁ ବରଂ ଆତ୍ମବଳ ହିଁ ସବୁ ସମସ୍ୟାର ସମାଧାନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଂଯୋଜିକା ଡକ୍ଟର ସରିତା ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ନାରାୟଣ ମୁଦୁଲି, ଅଶୋକ କୁମାର ସାହୁ, ନାରୀ ସୁରକ୍ଷା ଓ ସାମାଜିକ ସଚେତନତା ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟମାନ ଉପସ୍ଥାପନ କରିଥିଲେ। କମିଟିର ସଦସ୍ୟକ୍ଷ ଅଧ୍ୟାପିକା ନିରୁପମା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଅଧ୍ୟାପକ ଗିରିଶ ରାଉଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଦିବାସୀ ସମାଜର ସମ୍ପାଦକ କମଳନାଥଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ମାଥିଲି, (ଭାସ୍କର ନ୍ୟୁଜ୍): ଟେମୁରୁପାଲ୍ଲୀ ପଞ୍ଚାୟତର ସର୍ଗୀଗୁଡା ଗ୍ରାମର ବିଶିଷ୍ଟ ଆଦିବାସୀ ସଙ୍ଗର ମୁଖ୍ୟ ନେତା କମଳନାଥ ମାଝୀଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଏକ ବୃହତ୍ ଶୂନ୍ୟତା ସୃଷ୍ଟି ହୋଇଛି। ଯାହାକି ସେମାନଙ୍କ ପରିବାର, ଗ୍ରାମବାସୀ ଓ ସମସ୍ତ ଆଦିବାସୀ ଭାଇ-ଭଉଣୀମାନେ ଅନୁଭବ କରୁଛନ୍ତି। ଏହି ଶୋକାହତ ଅବସରରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଏବଂ ତାଙ୍କ ସହଯୋଗୀ କଂଗ୍ରେସ କର୍ମୀମାନେ ସ୍ୱୟଂ ଘଟଣାସ୍ଥଳକୁ ପହଞ୍ଚି ଶୋକସନ୍ତପ୍ତ ପରିବାର ଲୋକଙ୍କ ସହ ଦୁଃଖ ବାଣ୍ଟିଛନ୍ତି। ବିଧାୟକ ମହୋଦୟ ତାଙ୍କ ମୃତ୍ୟୁ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ପରିବାରକୁ ସାନ୍ତ୍ୱନା ଓ ସମର୍ଥନ ପ୍ରଦାନ କରିଛନ୍ତି। କମଳନାଥ ମାଝୀଙ୍କ ମୃତ୍ୟୁ ଆମ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ। ଶ୍ରୀ ମାଝୀ ଜଣେ ସମାଜସେବୀ ଓ ମେଳାପି ବ୍ୟକ୍ତି ଥିଲେ। କଟକ ବଡ଼ ମେଡ଼ିକାଲ ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ଜଣା ପଡ଼ିଛି।

# ଗୁଡାରି ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଗୁଣପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଗୁଡାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ମନୋମୁଖି ଶାସନକୁ ବିରୋଧ କରି ଅନାସ୍ଥା ପ୍ରସ୍ତାବ ପାଇଁ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ଲକ୍‌ର ସମିତି ସଭ୍ୟ ସରପଞ୍ଚ ମାନେ ଆବେଦନ କରିଥିଲେ। ଉପଜିଲ୍ଲାପାଳ ଏହାର ବିଚାର କରି ଆବେଦନ ଗ୍ରହଣ କରି ୨୪ତାରିଖ ଦିନ ଅନାସ୍ଥା ପାଇଁ ଭୋଟ ଗ୍ରହଣ ପ୍ରକ୍ରିୟା ଦିନ ଧାର୍ଯ୍ୟ କରିଥିଲେ। ଏହିକ୍ରମରେ ଗୁଡାରି ବ୍ଲକ୍ ପରିସରରେ ଗୁରୁବାର ଦିନ ପୋଲିସ୍‌ର କଡା ସୁରକ୍ଷା ମଧ୍ୟରେ ଭୋଟ ଦାନ ପ୍ରକ୍ରିୟା ସରିଛି। ଏହି ଭୋଟ ଗ୍ରହଣ ପ୍ରକ୍ରିୟାରେ ଅଧ୍ୟକ୍ଷାଙ୍କ ସମେତ ୧୮ ଜଣ ଭୋଟ ଦେବାର ନିୟମ ରହିଥିଲା। କିନ୍ତୁ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଭୋଟ ଗ୍ରହଣ ପ୍ରକ୍ରିୟାରେ ସାମିଲ୍ ହୋଇନଥିବା ବେଳେ ଅନ୍ୟ ଜଣେ ନାୟବ ସରପଞ୍ଚ ଇସ୍ତଫା ପୂର୍ବରୁ ଦେଇ ସାରିଛନ୍ତି। ଆଜି ୧୬ ଜଣ ଏହି ଭୋଟ ଗ୍ରହଣ ପ୍ରକ୍ରିୟାରେ ସାମିଲ୍ ରହିଥିଲେ। ଭୋଟ ଦାନ ପରେ ଗଣତି ପ୍ରକ୍ରିୟା ଫଳାଫଳ ଘୋଷଣା ନକରିବ ପାଇଁ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଭୋଟଦାନ ପରେ ଗଣତି ଫଳାଫଳ ଘୋଷଣା ନକରି ପରବର୍ତ୍ତୀ ଶୁଣାଣି ନହେବା ପର୍ଯ୍ୟନ୍ତ ରହିତା ଦେଶ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଗୁଡାରି ତହସିଲଦାର ଏ ସ୍ନେହଲତା ନିର୍ବାଚନ ଅଧିକାରି ଭାବେ ଦାୟିତ୍ୱ ନେଇ ଗଣତି ପ୍ରକ୍ରିୟା ଓ ଫଳାଫଳ ଘୋଷଣାକୁ ସ୍ଥଗିତ କରିଥିବା କହିଛନ୍ତି। ଭୋଟ ଗ୍ରହଣ ପରେ ଅଧ୍ୟକ୍ଷାଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇ ରହିଛି। ଅନାସ୍ଥାରେ ଯିବେ ନା ରହିବେ ତାହା ପରବର୍ତ୍ତୀ ସମୟ କହିବ। ଭୋଟ ଦେଇଥିବା ସରପଞ୍ଚ ଓ ସମିତିସଭ୍ୟ ମାନେ ସର୍ବଦଳର ସମ୍ମତି ନେଇ ଭୋଟ ଦେଇଥିବା କହିଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ

ଗୁଣୁପୁର, (ଭାସ୍କର ନ୍ୟୁଜ୍) :ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷ ନବାଗତ ଛାତ୍ରଛାତ୍ରୀମାନଙ୍କୁ ନେଇ ଗୁରୁବାର ଦିନ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହା ସହିତ ଏକ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ ଏବଂ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କିପରି ସମ୍ଭବ ହେବ ସେ ଉପରେ ଆଲୋକପାତ କରିଥିଲେ। ସେହିପରି ପ୍ରାଧ୍ୟାପକ ଡକ୍ଟର ଜବାହାରଲାଲ ଚୌଧୁରୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ଐତିହ୍ୟ ସଂପର୍କରେ ସୂଚନା ପ୍ରଦାନ କରିବା ସହ ଶୃଙ୍ଖଳା ହିଁ ବ୍ୟକ୍ତିତ୍ୱ ବିକାଶର ମାପକାଠି ବୋଲି ମତାମତ ରଖିଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ୍ ଅନଲାଇନ ଶିକ୍ଷା ସମ୍ବନ୍ଧିତ ପ୍ରଚଳିତ ବିଭିନ୍ନ ୱେବସାଇଟ ସମ୍ପର୍କରେ ନବାଗତମାନଙ୍କୁ ସୂଚିତ କରିଥିଲେ।



ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଛାତ୍ରଛାତ୍ରୀମାନଙ୍କର ଭୂମିକା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ଡକ୍ଟର ଦୀପିକା ପଟ୍ଟନାୟକ ଶ୍ରେଣୀ ପାଠ ଓ ସମୟ ସାରଣୀ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିବା ବେଳେ ଅଧ୍ୟାପକ ଏବ୍ରି ରଇତ ପାଠ୍ୟକ୍ରମ ଓ ପରୀକ୍ଷା ପ୍ରଣାଳୀ ବିଷୟରେ ନିଜର ବକ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ରଞ୍ଜୁମା ପ୍ରଧାନ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆତ୍ମା ସୁରକ୍ଷା ପ୍ରଶିକ୍ଷଣ ସମ୍ପର୍କରେ କହିଥିଲେ। ଅଧ୍ୟାପକ ତାମିଲା ପରାସେଠ ଅନୁଷ୍ଠାନର ଶୃଙ୍ଖଳା, ନୀତି-ନିୟମ ଓ ଅନୁଷ୍ଠାନରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ପିଲାମାନଙ୍କୁ ଜଣାଇଥିଲେ। ସେହିପରି ଅଧ୍ୟାପିକା ସୁନିତା ଗମାଙ୍ଗ ବିଭିନ୍ନ ଛାତ୍ରବୃତ୍ତି ଯୋଜନାଗୁଡିକ ବିଷୟରେ ଅବଗତ କରାଇଥିଲେ। ବରିଷ୍ଠ ଅଧ୍ୟାପକ ସତୀଶ କୁମାର ପଟ୍ଟନାୟକ ସଭାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ନିଶା ନିବାରଣ ପାଇଁ ଏକ ଶପଥ ପାଠ କରାଯାଇଥିଲା।

# ଜିଲ୍ଲା ପ୍ରଶାସନଙ୍କ ଆଦେଶକୁ ଖଣି କର୍ତ୍ତୃପକ୍ଷଙ୍କ ଫୁଁ

କୋଇଡା, (ଭାସ୍କର ନ୍ୟୁଜ୍) : କୋଇଡା ତହସିଲ ଅନ୍ତର୍ଗତ ରାଇକେଲା ସ୍ଥିତ ଏନ୍ଇ ଖଣିର ୪୫୯୩୨ ହେକ୍ଟର ପରିମିତ ଜମିରେ ବେନିଫିକେସନ ପ୍ଲାଣ୍ଟ ନିର୍ମାଣ ପାଇଁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ ବୁଧବାର ଦିନ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଗୁଇନ୍ଦା ବିଭାଗ ଓ ପୋଲିସର ଗୁପ୍ତ ସୂଚନା ଆଧାରରେ ସୁନ୍ଦରଗଡ଼ ଜିଲ୍ଲାପାଳ ସ୍ଥଗିତାଦେଶ ଜାରି କରିଥିଲେ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଜନ ଶୁଣାଣୀ ସଭାରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ଥିବା ବେଳେ ଖଣି କର୍ତ୍ତୃପକ୍ଷ କିଛି ସ୍ୱାର୍ଥବାଦୀ ଜନସାଧାରଣଙ୍କୁ ସଭାରେ ବସେଇ ସେମାନଙ୍କ ଠାରୁ ଦସ୍ତଖତ ନେଉ ଥିବା ଦୃଶ୍ୟ ପରିଲକ୍ଷିତ ହୋଇଥିଲା ଓ ଭବିଷ୍ୟତରେ ଉକ୍ତ ଦସ୍ତଖତକୁ ନେଇ ଖଣି କର୍ତ୍ତୃପକ୍ଷ ଜାଲିଆତି କରିବାର ସନ୍ଦେହ ଜାତ ହେଉଛି। ସୂଚନା ଥାଉ



କି ଏହି ଖଣି ବିଗତ ବହୁ ବର୍ଷ ପୂର୍ବରୁ ଅଞ୍ଚଳରେ ଖଣି କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ନିଯୁକ୍ତି ଏବଂ ସ୍ଥାନୀୟ ଅଞ୍ଚଳର ଉନ୍ନତିକରଣ ଦିଗରେ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ ଆସିଛି ଓ ପୂର୍ବରୁ ହୋଇଥିବା ଜନଶୁଣାଣୀରେ ନ୍ୟାସନାଲ ଏଣ୍ଟର ପ୍ରାଇଜେସ ଖଣି କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶୃତିକୁ ଠିକ ଭାବେ ପାଳନ ନ କରିଥିବା ଯୋଗୁଁ ଖଣି ସଂଲଗ୍ନ ଗ୍ରାମର ଗ୍ରାମବାସୀ ମାନେ ଖଣି କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟାଧାରା ବିରୁଦ୍ଧରେ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ଓ ଏହାକୁ ଭିତ୍ତି କରି ଜିଲ୍ଲା ପ୍ରଶାସନ ଜନଶୁଣାଣୀକୁ ସ୍ଥଗିତ ପାଇଁ ଆଦେଶନାମା ଜାରୀ କରିଥିଲେ। ପୂର୍ବରୁ ହୋଇଥିବା ଜନଶୁଣାଣୀରେ ଖଣି କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶୃତିକୁ ପାଳନ କରିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ନିଯୁକ୍ତି ଓ ପାରିପାର୍ଶିକ ଉନ୍ନତିକରଣ କରା ନଗଲେ ଖଣିର ସମ୍ପ୍ରସାରଣ ଓ ବେନିଫିକେସନ ପ୍ଲାଣ୍ଟ ସ୍ଥାପନ ପାଇଁ ହେବାକୁ ଥିବା ଜନ ଶୁଣାଣୀକୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବା ନେଇ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ
# ୧୦ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ ଅଭିଯାନ

ବାରିପଦା, (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଫାଇଲେରିଆ ନିରାକରଣ ସମ୍ବନ୍ଧୀୟ ଦ୍ୱିତୀୟ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଏଡିଏମଓ ଡାକ୍ତର ବିଜୟ କୁମାର ଦାଶ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ, ଜିଲ୍ଲାରେ ଚଳିତ ବର୍ଷ ଆଗାମୀ ଅଗଷ୍ଟ ମାସ ୧୦ ତାରିଖରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଫାଇଲେରିଆ ନିରାକରଣ ଅଭିଯାନ ସମ୍ବନ୍ଧରେ ବିସ୍ତୃତ ଭାବେ ସମସ୍ତଙ୍କୁ ଅବଗତ କରାଇଥିଲେ। ଯେହେତୁ ଓଡିଶାରେ ୧୧ ଗୋଟି ଫାଇଲେରିଆ ପ୍ରବଣ ଜିଲ୍ଲା ମଧ୍ୟରେ ମୟୁରଭଞ୍ଜ ଜିଲ୍ଲା ଚିହ୍ନିତ ହୋଇଛି ତେଣୁ ଏହାର ନିରାକରଣ ପାଇଁ ୨୦୨୧ ମସିହାରୁ ପ୍ରୟାସ ତଥା ନିୟମିତ ଚିକିତ୍ସା ଫଳରେ ପର୍ଯ୍ୟାୟ କ୍ରମେ ହ୍ରାସ ପାଇଥିବା ବେଳେ ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଉଦ୍ୟମ କରାଯାଉଛି। ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିଜେ ଏବଂ ନିଜ ପରିବାରର ୨ବର୍ଷରୁ ଊର୍ଦ୍ଧ୍ୱ ସଦସ୍ୟ ସମସ୍ତେ ଫାଇଲେରିଆ ନିରାକରଣ ଔଷଧ ଖାଇ ଫାଇଲେରିଆ ରୋଗରୁ ରକ୍ଷା ପାଆନ୍ତୁ। ବୟସ ଓ ଉଚ୍ଚତା ଅନୁସାରେ ଜଣେ ଡିଇସି ବଟିକା ସହିତ ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା ଗୋଟିଏ ମାତ୍ରାରେ ସମୁଦାୟ ବଟିକା ଖାଦ୍ୟ ଖାଇସାରିବା ପରେ ଏକ ସଙ୍ଗରେ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। କେବଳ ଗର୍ଭବତୀ ମହିଳା, ୨ବର୍ଷରୁ କମ ବୟସ ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ପ୍ରସବ




କରିଥିବା ମା ଓ ଅତ୍ୟନ୍ତ ଗୁରୁତର ଅସୁସ୍ଥଥିବା ବ୍ୟକ୍ତିଙ୍କୁ ଏହି ବଟିକା ଖାଇବା ପାଇଁ ବାରଣ କରାଯାଉଛି। ଏହି ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ଏବଂ ଏହା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ସ୍ୱାସ୍ଥ୍ୟ ଉପରେ ଏହାର କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। ତେଣୁ ଲୋକମାନେ କୌଣସି ପ୍ରକାର ଭୟଭିତ ନହୋଇ ବିନା ଆଶଙ୍କାରେ ଏହି ଔଷଧ ସେବନ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଉଛି। ଏହି ଅଭିଯାନରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ମାନେ ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ଏକାଧିକ ବାର ଘରକୁ ଘର ଯାଇ ପ୍ରତ୍ୟେକ ପରିବାରର ଉପଯୁକ୍ତ ସଦସ୍ୟଙ୍କୁ ଏହି ଔଷଧ ଖୁଆଇବା ସହିତ ପ୍ରତ୍ୟେକ ସରକାରୀ/ ବେସରକାରୀ କାର୍ଯ୍ୟାଳୟ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଉକ୍ତ ଔଷଧ ସେବନ କରିବେ। ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟିର ଆବଶ୍ୟକତା ଥିବା ବେଳେ ସମାଜର ସବୁ ବର୍ଗର ଲୋକ ମାନଙ୍କ ସହଯୋଗରେ ଏହା ଫଳପ୍ରଦ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହାପରେ ଭିବିଡି ପରାମର୍ଶଦାତା ଶ୍ରୀ ସାହୁ ପାୱାର ପଏଣ୍ଟ ପ୍ରୋଜେକଟ ମାଧ୍ୟମରେ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ଉପସ୍ଥିତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ମାନଙ୍କୁ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ଆକ୍ସନ ପ୍ଲାନ ଅନୁଯାୟୀ ନିଜ ନିଜ ସ୍ତରରେ ଉଚିତ ପଦକ୍ଷେପ ନେଇ ଜିଲ୍ଲାରେ ଏହି ଅଭିଯାନକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଜିଲ୍ଲାର ଜଣେ ହେଲେବି ଯେମିତି ଏହି ଔଷଧ ସେବନ ଅଭିଯାନରୁ ବାଦ ନପଡ଼ନ୍ତି ସେଥିପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ।




ବାରିପଦା (ଭାସ୍କର ନ୍ୟୁଜ୍): 'ରକ୍ତଦାନ ମହାପୁଣ୍ୟ'କୁ ପାଥେୟ କରି ଆଜିର ଯୁବସମାଜ ରକ୍ତଦାନ କରିବା ପାଇଁ ଆଗେଇ ଆସିଛନ୍ତି ଓ ତତ୍‌ସହିତ ନିଜ ଜନ୍ମଦିନ ଅଥବା ନିଜ ପରିବାରର ସଦସ୍ୟଙ୍କ ଜନ୍ମଦିନରେ ମଧ୍ୟ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରୁଛନ୍ତି। ଏହି ପରିପେକ୍ଷୀରେ ଷ୍ଟେସନ ବଜାର ସ୍ଥିତ ତୁଳସୀ ଫାଉଣ୍ଡେସନ ଆନୁକୂଲ୍ୟରେ ସକ୍ରିୟ ସଦସ୍ୟା ବନ୍ଦିତା ସାହୁଙ୍କ ଜନ୍ମଦିନ ଅବସରରେ ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଓ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ କୁମାର ଦାଶ ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରକ୍ତଦାତା ଡା. ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଫାଉଣ୍ଡେସନର ପ୍ରତିଷ୍ଠାତା ରଞ୍ଜିତା ଦଳେଇ, ବାରିପଦା ଶିରିଡ଼ି ସାଇ ମନ୍ଦିରର ସଦସ୍ୟା ଚନ୍ଦନା ବେହେରା, ସଂଗୀତା ମୁଦୁଲି, ରଞ୍ଜିତା ସେଜପଡା ନିଭା ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ବନ୍ଦିତାଙ୍କ ସ୍ୱାମୀ ଦୀପଙ୍କର ସାହୁଙ୍କ ସମେତ ମୋଟ ୪୦ଜଣ ରକ୍ତଦାନ କରିଥିଲେ। ନର୍ମଦା ମୁଦୁଲି, ବିକାଶ ସାହା, ଶୁଚିସ୍ମିତା ଆଚାର୍ଯ୍ୟ, ମାନସ ବିଶ୍ୱାଳ, ଚିତ୍ତରଞ୍ଜନ ସ୍ୱାଇଁ, ତାପସ ବେହେରା, ଅରବିନ୍ଦ ମୁଖି, ଭରତ ଚନ୍ଦ୍ର ପାତ୍ର, ରୁମା ବାରିକ, ସୀତା ମାର୍ଣ୍ଡି, ନମିତା ନାୟକ, ବସନ୍ତ ହାଁସଦା, ଦିଲ୍ଲୀପ କୁମାର ତୁଙ୍ଗ ଓ ବୈଦ୍ୟନାଥ ମୁର୍ମୁ ଶିବିର ପରିଚାଳନାରେ ସହାୟତା କରିଥିଲେ। ଶେଷରେ ନହରପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଗହଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତଦନ୍ତ ପୂର୍ବରୁ ୮୦ ଲକ୍ଷ ବିଲ୍ !

## ଅଡୁଆରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅଧିନରେ ଡେରାବିଶ ବ୍ଲକ ଅନ୍ତର୍ଗତ ସଦାନନ୍ଦପୁର (ଗୁଡ଼ିଆ ସାହି) ଗୋବରୀ ନଦୀ ଦକ୍ଷିଣ ପାର୍ଶ୍ୱରେ ହୋଇଥିବା ପଥର ପ୍ୟାକିଂ କାର୍ଯ୍ୟରେ ଦେଖିବାକୁ ମିଳିଛି ଅନେକ ଚଞ୍ଚକତା। ନଦୀରେ ବନ୍ୟାଜଳ ପ୍ରବେଶ ଦ୍ୱାରା ଦୁର୍ବଳ ନଦୀବନ୍ଧରୁ ମାଟି ଅତଡା ଖସିଯାଏ ଯାହାଫଳରେ ନିକଟସ୍ଥ ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ଅନେକ କ୍ଷୟକ୍ଷତି ଘଟାଇ ଥାଏ। ସେଥିପାଇଁ ଜଳସମ୍ପଦ ବିଭାଗ ନଦୀବନ୍ଧ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବା ସହ ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧରେ ପଥର ଖଞ୍ଜା ଯାଇ ନଦୀବନ୍ଧକୁ ସୁଦୃଢ କରାଯାଏ। ଏହି ସ୍ଥିତିରେ ଡେରାବିଶ ବ୍ଲକର ସଦାନନ୍ଦପୁର (ଗୁଡିଆ ସାହି) ଗୋବରୀ ନଦୀବନ୍ଧ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀ ବନ୍ଧ ସୁରକ୍ଷା ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ରେ ଜଳସେଚନ ବିଭାଗ ପକ୍ଷରୁ ୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟବରାଦରେ ଜଣେ ବି-କ୍ଲାସ ଠିକାଦାରଙ୍କୁ ଏହି ନଦୀ ବନ୍ଧରେ ପଥରପ୍ୟାକିଂ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇ ଥିଲା। ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟ ଆରମ୍ଭରୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ପ୍ରମୋଦ କୁମାର୍ ରାୟ ଓ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ଶତପଥୀ କାର୍ଯ୍ୟସ୍ଥଳକୁ ଆସିଲେ ନାହିଁ। ଯାହା ଫଳରେ ଠିକାଦାର ମନମୁଖୀ ଭାବେ ନିମ୍ନମାନର ଛୋଟ ଛୋଟ (ମେଣ୍ଟାଲ) ପଥର ଲଗାଇ ୭୦ ପ୍ରତିଶତ କାର୍ଯ୍ୟ ସାରିଦେଲେ। ବିଭିନ୍ନ କ୍ଷେତ୍ରରେ ଅଭିଯୋଗ ହେବାରର ଖବର ପାଇ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନିଜେ କାର୍ଯ୍ୟସ୍ଥଳରେ ପହଞ୍ଚି ନିମ୍ନମାନର ପଥର ବଦଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସବୁଠୁ ବଡ଼ ଚଞ୍ଚକତାର କଥା ଯେ କାର୍ଯ୍ୟସ୍ଥଳକୁ ନଆସି ବିଭାଗୀୟ ଯନ୍ତ୍ରୀ ଶତପଥି ବାବୁ ପ୍ରାୟ ୮୦ ଲକ୍ଷ ଟଙ୍କାର ବିଲ୍ କରାଇ ଠିକାଦାରକୁ ଧରାଇ ଦେଲେ। ଯାହାଫଳରେ ଏବେ ଖଞ୍ଜା ଯାଇଥିବା ପଥରର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଛି। ନଦୀରେ ବନ୍ୟାଜଳ ପ୍ରବେଶ ହେବାକୁ ଆରମ୍ଭ ହୋଇଥିବା ବେଳେ ଏହି ପଥର ଗୁଡ଼ିକ ରହିବ କି ଭାସିଯିବ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଏହି କାର୍ଯ୍ୟର ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ରାୟ ଓ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ଶତପଥୀଙ୍କ ନାମରେ କାର୍ଯ୍ୟସ୍ଥଳକୁ ନଯାଇ ଏଭଳି ଦାୟିତ୍ୱ ହୀନତା ଭାବେ ଫଲ୍ସ ବିଲ୍ କରୁଥିବାର ଅନେକ ଅଭିଯୋଗ ରହିଛି ହେଲେ ବିଭାଗର ଉଚ୍ଚ ପଦସ୍ତ ଅଧିକାରୀ ମାନଙ୍କ ନିରବତା ବଡ଼ ଦୁର୍ନୀତି କରିବାକୁ ପ୍ରଶ୍ରୟ ଦେଉଥିବା ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏହି ନଦୀବନ୍ଧ ପଥର ପ୍ୟାକିଂରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ପାଣିରେ ପକାଇବା ପାଇଁ ଠିକାଦାରଙ୍କୁ କାହାର ନିର୍ଦ୍ଦେଶ ଥିଲା ? ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଏହି ନିମ୍ନମାନର ପଥର ପ୍ୟାକିଂ କାର୍ଯ୍ୟ ତଦନ୍ତ ପୂର୍ବରୁ କାର୍ଯ୍ୟର ନିରୀକ୍ଷଣ ନକରି କେଉଁ ଆଧାରରେ ୮୦ ଲକ୍ଷ ଟଙ୍କାର ବିଲ୍ ଠିକାଦାରଙ୍କୁ ପ୍ରଦାନ କଲେ ସେ ନେଇ ବିଭାଗର କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ସଦାନନ୍ଦପୁର (ଗୁଡ଼ିଆ ସାହି) ଗୋବରୀ ନଦୀବନ୍ଧରେ ଅପବ୍ୟୟ ହୋଇଥିବା ଅର୍ଥ ରାଶି କିଏ ଭରଣା କରିବ ତାହା ଉପରେ ସମସ୍ତଙ୍କ ନଜର ଏବଂ କିଭଳି କାର୍ଯ୍ୟର ତଦନ୍ତ ପୂର୍ବରୁ ୮୦ ଲକ୍ଷ ଟଙ୍କାର ବିଲ୍ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ କରାଇଲେ ସେଥିପାଇଁ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

# ଗହଗା-ବସପୁର କେନାଲ୍ ବନ୍ଧ ରାସ୍ତା ମରଣଯନ୍ତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତର ଗହଗା ଠାରୁ ବାହାରିଥିବା ମାର୍ଶାଘାଇ କେନାଲର ବାମପାର୍ଶ୍ୱ ବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି ଦୀର୍ଘ ବର୍ଷ ପୂର୍ବରୁ ପିଚୁ କରାଯାଇଥିଲା। ଏହି ବନ୍ଧ ଦେଇ ଲୁଣାନଦୀର ବିଭିନ୍ନ ବାଲିଘାଟରୁ ବାଲି ପରିବହନ ହେବା ଦ୍ୱାରା ରାସ୍ତାଟି ଏବେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଖାଲଖମାରେ ପରିଣତ ହୋଇଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଏହି ରାସ୍ତାରେ ଚାରିଚକିଆ ଗାଡ଼ି ଯିବା ତ ଦୂରର କଥା ଦୁଇ ଚକିଆ ଯାନ ଯିବା ପାଇଁ କଷ୍ଟ ହେଉଛି। ଯେଉଁଥିପାଇଁ ଏହି ରାସ୍ତା ଉପରେ ଚଳପ୍ରଚଳ ପାଇଁ ନିର୍ଭର କରୁଥିବା ବସପୁର, ଅଟାବୁହା, ନରହରିପୁର ଇତ୍ୟାଦି ଗ୍ରାମର ଲୋକମାନେ ବ୍ୟବହାର କରୁଥିବା ବେଳେ ସ୍ଥାନୀୟ ଦାନପୁର, ରତାଦିଆ ଓ ବସପୁର ତିନୋଟି ପଞ୍ଚାୟତବାସୀଙ୍କ ସେମାନଙ୍କ ଚାଷଜମିକୁ ଯିବା ଆସିବା ଏବଂ ଉତ୍ପାଦିତ ଫସଲ ନେବା ଆଣିବା ପାଇଁ ବ୍ୟବହାର କରିଥାନ୍ତି। ଏଣୁ ଏହି ରାସ୍ତାଟିକୁ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଚିତାଲାଗି ଅମାବାସ୍ୟାରେ ଗେଣ୍ଡାପୂଜା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଶ୍ରାବଣ ଅମାବାସ୍ୟା ତଥା ଚିତାଲାଗି ଅମାବାସ୍ୟା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରତ୍ୟେକ କୃଷକ ପରିବାର ପକ୍ଷରୁ ଗୁରୁବାର ଅପରାହ୍ନରେ ଗେଣ୍ଡାଙ୍କୁ ପୂଜା କରାଯିବା ସହ ସେମାନଙ୍କୁ ଅରୁଆ ଚାଉଳରେ ପ୍ରସ୍ତୁତ ଚିତଉ ପିଠା ଖାଇବାକୁ ଦିଆଯାଇଥିଲା। ଚାଷ ଜମିର ମିତ ଭାବେ ପରିଚିତ ଗେଣ୍ଡା କୃଷକଙ୍କ ବନ୍ଧୁ ଅଟେ। ବର୍ଷାଦିନେ ତଥା ଶ୍ରାବଣ ମାସରେ ଚାଷ ଜମିରେ ଅସଂଖ୍ୟ ଗେଣ୍ଡା ଜନ୍ମଲାଭ କରୁଥିବା ବେଳେ ମାଟିକୁ ହାଲୁକା ଛିଦ୍ରଯୁକ୍ତ କରାଇ ଉର୍ବର କରିଥାନ୍ତି। ଚାଷଜମିରେ ଗେଣ୍ଡା ରହି ଅପକାରୀ ଶୈବାଳ, ଚକଡା ପୋକ ଆଦିକୁ ଭକ୍ଷଣ କରିବା ସହ ଚାଷକୁ ସୁରକ୍ଷା ଦେଇଥାଏ। ମୃତ୍ତିକାର ଉପକାର କଲେ ମଧ୍ୟ କ୍ଷେତରେ ଚାଷୀଙ୍କ ପାଦକୁ ଗେଣ୍ଡା କାଟି ଦେଇଥାଏ। ତେଣୁ ଚିତାଲାଗି ଅମାବାସ୍ୟାରେ ପ୍ରତ୍ୟେକ ଚାଷୀ ପରିବାର ପକ୍ଷରୁ ଅରୁଆ ଚାଉଳରେ ଚିତଉ ପିଠା ଓ ଗଇଁଠା ପିଠା କରାଯାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଖାଇବା ପାଇଁ ଜମିରେ ଦିଆଯାଇଥିଲା। ଏଥିସହ ବନ୍ୟା ଜଳରୁ ଫସଲର ସୁରକ୍ଷା ପାଇଁ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ପାଣିରେ ଚିତଉ ପିଠାକୁ ଚାଷୀମାନେ ଭସାଇଥିବା ପରିଲକ୍ଷିତ ହୋଇଥିଲା। ଏହାଦ୍ୱାରା ଗେଣ୍ଡାମାନେ କୃଷିର ସୁରକ୍ଷା କରିବା ସହ କୃଷକକୁ ନିଜର ବନ୍ଧୁ ବୋଲି ଭାବି ଆକ୍ରମଣ କରିବେ ନାହିଁ ଓ ବରୁଣ ଦେବତାଙ୍କ



ଆଶୀର୍ବାଦରୁ ବର୍ଷା ଓ ବନ୍ୟାରେ ଫସଲ କ୍ଷତି ହେବ ନାହିଁ ବୋଲି ଲୋକକଥା ରହିଥିବା ସଂପର୍କରେ ଅସ୍ତରଙ୍ଗ ଅଞ୍ଚଳର ଚାଷୀ ତଥା ଶିକ୍ଷାବିତ୍ ରବୀନ୍ଦ୍ର ମହାନ୍ତି, ଗ୍ରାମର ଅଗ୍ରଣୀ ଚାଷୀ ବ୍ରଜକିଶୋର ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ଅସ୍ତରଙ୍ଗ ଗ୍ରାମର ବୟୋଜ୍ୟେଷ୍ଠ ନବଘନ ବେହେରା ପ୍ରକାଶ କରିଛନ୍ତି।

# ବିଶିଷ୍ଟ ସମାଜସେବୀ ଲିଙ୍ଗରାଜଙ୍କ ପରଲୋକ

କୃଷ୍ଣପ୍ରସାଦ(ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମର ବିଶିଷ୍ଟ ସମାଜସେବୀ ଲିଙ୍ଗରାଜ ନାୟକଙ୍କ ୫୮ ବୟସରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ କର୍କଟ



ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଆପୋଲ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ପ୍ରଭାତି, ପୁତ୍ର ଚିନ୍ମୟ, ବଡ଼ଭାଇ ଭ୍ରମର, ପୁତୁରା ନଗେନ ବିଶୋଇ ଉପସ୍ଥିତ ଥିଲେ। ଲିଙ୍ଗରାଜ ନାୟକ ଜଣେ ଧର୍ମ ପରାୟଣ, ସ୍ନେହୀ, ବନ୍ଧୁ ମେଳାପି, ପରୋପକାରୀ ବ୍ୟକ୍ତି ସହ ଜଣେ ସମାଜସେବୀ ଭାବେ ଜଣାଶୁଣା ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମରଶରୀରକୁ ଶତାଧିକ ଅଞ୍ଚଳବାସୀ ଶୋଭାଯାତ୍ରାରେ ନେଇ ଗ୍ରାମ ଶ୍ମଶାନରେ ଶବଦାହ କରିଥିଲେ। ପୁତ୍ର ଚିନ୍ମୟ ମୁଖାଗ୍ନି ଦେଇଥିଲେ।

# ଗ୍ରୋସରି ଦୋକାନରୁ ଚୋରି କରି ୨ ଗିରଫ



ବଡ଼ଚଣା (ଭାସ୍କର ନ୍ୟୁଜ୍) : ବୈରୀ ଥାନା ଅଧୀନରେ ଛତିଆ ବଜାରରେ ଥିବା ଏକ ଗ୍ରୋସରି ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସର ସୂଚନା ମତେ ୨୩ ତାରିଖରେ ରାତିରେ ପରମେଶ୍ୱର ସାହୁଙ୍କ ଗ୍ରୋସରି ଦୋକାନରୁ କେହି ଦୁର୍ବୃତ୍ତ ବହୁ ଦ୍ରବ୍ୟ ଚୋରି କରି ନେଇଥିବା ଏତଲା ଦେଇଥିଲେ। ଥାନା ଅଧିକାରୀ ଅଂଶୁବାଳା ଦାସ ତଦନ୍ତ ଅଧିକାରୀ ଭାବେ ଏଏସ୍ଆଇ ଧିରେନ୍ କୁମାର ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଥାନା କେସ୍ ନମ୍ବର -୧୫୬/୨୫ରେ ଚୋରି ଲୁଟ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ ନେଇ ବିଳମ୍ବିତ ରାତ୍ରୀରେ ଘରକୁ ଘର ଚଢ଼ାଉ କରି ଛତିଆ ଦଳେଇ ସାହିର ଦିନବନ୍ଧୁ ଦଳାଇର ପୁତ୍ର ବିଜୟ ଦଳାଇ (୨୬) ଏବଂ ସଞ୍ଜୟ ଦଳାଇର ପୁତ୍ର ଦେବେନ୍ଦ୍ର ଦଳାଇ (୧୯) ଦୁଇ ଜଣଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ଗ୍ରୋସରି ଜିନିଷକୁ ଜବତ୍ କରାଯାଇ ଥାନାକୁ ଆଣିଥିଲେ। ଗୁରୁବାର ଦିନ ଭାରତୀୟ ଆଇନ ପିଙ୍ଗଳ ଧାରା ୟୁ/ଏସ୍-୩୩୧(୪), ୩୦୫(ଏ)ବି.ଏନ୍.ଏସ୍ ଅନୁଯାୟୀ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ରଗଡ଼ି ହାଜତକୁ ପଠାଇ ଦିଆଯାଇଛି।

# ବାଙ୍କୀ ପୂର୍ତ୍ତ ବିଭାଗର ଚାଲିଛି ନିମ୍ନମାନର କାର୍ଯ୍ୟ

ବାଙ୍କି(ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ବାଙ୍କି ପୂର୍ତ୍ତ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଅଂଶୁପା ରୋଡର ସାଇଟ୍ ଗ୍ରାଉଟିଂ ବା ରୋଡ ର ସାଇଟ୍ ପାର୍ଶ୍ୱ କାମ ହେଉଛି। ଯାହାକି ଅତି ନିମ୍ନମାନର କାର୍ଯ୍ୟ। ନିୟମ ଅନୁସାରେ ଗ୍ରେଡ୍ ସିମେଣ୍ଟରେ କାମ ହେବାକୁ ଥିବାବେଳେ ଏଠି ଚାଲିଛି ନନ୍‌ଗ୍ରେଡ ସିମେଣ୍ଟରେ କାମ। ତା'ସହିତ ବାଲି ର ଭାଗ ଅଧିକା ଥିବାବେଳେ ସିମେଣ୍ଟ ଭାଗ କମ୍। ଚିପ୍ସ ପରିବର୍ତ୍ତେ ବଜୁରି ଭାଗ ଅଧିକାରେ ହଉଛି କାମ। ଯାହାକି ଅଳ୍ପଦିନ ମଧ୍ୟରେ ଫାଟ ହୋଇଯିବାର ସମ୍ଭାବନା ରହିଛି। ନିର୍ମାଣର କୌଣସି କାର୍ଯ୍ୟ ଫଳକ ନାହିଁ। କାମ ସମୟରେ ପୂର୍ତ୍ତ ବିଭାଗର କର୍ମଚାରୀ କି ଅଧିକାରୀ ରହୁନାହାନ୍ତି। ଯନ୍ତ୍ରୀଙ୍କ ଅନୁପସ୍ଥିତି ମଧ୍ୟ ଦେଖିବାକୁ ମିଳିଛି ତା' ସହିତ ଠିକାଦାରଙ୍କ ଅନୁପସ୍ଥିତିରେ କେବଳ ଲେବର କରୁଛନ୍ତି କାମ। ଏଠି ପୂର୍ତ୍ତ ବିଭାଗ ଅଧିକାରୀ ଓ ଠିକାଦାର ମିଳିତରେ ନିମ୍ନମାନର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା କାର୍ଯ୍ୟ ହେଉଛି ହରି ଲୁଟ୍। ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ କହିଥିଲେ ବୁଝୁଛି ବୋଲି। କୌଣସି ସନ୍ତୋଷ ଜନକ ଉତ୍ତର ମିଳିପାରି ନଥିଲା କି ଭେଟିବା ପାଇଁ କହିଥିଲେ ମଧ୍ୟ ଉପସ୍ଥିତ ନାହିଁ ବୋଲି ଅଫିସ କହିଥିଲେ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା କାର୍ଯ୍ୟକୁ ଏହିଭଳି ଲୁଟ୍ ହେଉଥିବାରୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।



# ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି

ବାରିପଦା (ଭାସ୍କର ନ୍ୟୁଜ୍) : ଆଜି ଅପରାହ୍ନ ୪ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ୭୯ତମ ସ୍ୱାଧୀନତା ଦିବସ - ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ଓ ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସଭାରେ ଯୋଗ ଦେଇଥିବା ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରି ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସକୁ ଜିଲ୍ଲାସ୍ତରରେ କିପରି ସୁନ୍ଦର ତଥା ଆକର୍ଷଣୀୟ ଭାବେ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯିବ




ସେ ବିଷୟରେ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତଦନୁସାରେ ଏହି ଜାତୀୟ ଦିବସ ପାଳନ ଅବସରରେ ଆବଶ୍ୟକୀୟ କାର୍ଯ୍ୟ, ଯଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ ତଥା ଏଥିପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ପ୍ରସ୍ତୁତି, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ଅଭିବାଦନ ମଞ୍ଚର ଉଭୟ ପାର୍ଶ୍ୱରେ ନିମନ୍ତ୍ରିତ ଅତିଥିମାନଙ୍କ ବସିବା ପାଇଁ ଉତ୍ତମ ବ୍ୟବସ୍ଥା, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ପ୍ୟାରେଡ ପଡିଆ ଠାରେ ପାନୀୟ ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟସେବା, ରାମ ଧୁନ୍ ପରିବେଷଣ, ଅତିଥିମାନଙ୍କୁ ନିମନ୍ତ୍ରଣ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଫଳ ବିସ୍କୁଟ ବଣ୍ଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାସ୍ତରୀୟ ଏହି ଜାତୀୟ ଦିବସକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୟୁରଭଞ୍ଜ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା, ଲଳିତ ରଞ୍ଜନ ନାଏକ, ଲିଜତ କୁମାର ପ୍ରଧାନ, ରବି ନାରାୟଣ ନାଏକ ଓ ଛୋଟରାୟ ସିଂ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନଙ୍କ ପରଲୋକ

ଡେରାବିଶ (ଭାସ୍କର ନ୍ୟୁଜ୍) : ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ ଅନ୍ତର୍ଗତ



ଡିହବଳରାମପୁର ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ (୭୬)ଙ୍କ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାଲିଆ ସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷକତା କରି ଚାକିରିରୁ ଅବସର ନେଇଥିଲେ। ଅବସର ପରେ ସେ ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିଲେ। ସେ ଅସୁସ୍ଥ ହୋଇପଡ଼ିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପରେ ରବିବାର ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# କଟକଣା ସତ୍ତ୍ୱେ ବାଲି ମାଫିଆ ସକ୍ରିୟ, ଚୋରାରେ ଚାଲିଛି ବିକ୍ରି

ଫୁଲନଖରା (ଭାସ୍କର ନ୍ୟୁଜ୍) : ବୟାଳିଶମୌଜାର ବିଭିନ୍ନ ପଞ୍ଚାୟତରେ ଏବେ ବାଲିମାଫିଆ ଦ୍ୱାରା କୁଢ କୁଢ ବାଲି ଗଦା ହୋଇ ଚଢା ଦରରେ ବିକ୍ରି କରାଯାଉଥିବାର ଅଭିଯୋଗ ହେଉଛି। ବିଶେଷକରି କୂଳସରିଚୂଆଁ ଏବଂ କଳପଡା ପଞ୍ଚାୟତରେ ଏହା ମାତ୍ରାଧିକ ହେଉଥିବାର ଅଭିଯୋଗ ହେଉଛି। ମୌସୁମୀ ଋତୁ ଆରମ୍ଭ ପରେ ବୟାଳିଶମୌଜାରେ ଥିବା ସମସ୍ତ ବାଲିଘାଟର ଲିଜ୍‌ଧାରୀଙ୍କ ଲିଜ୍‌କୁ ବନ୍ଦ କରିବା ସହିତ ବାଲିଉଠାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଖଣି ବିଭାଗ ତରଫରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅନ୍ୟପଟେ ନଦୀରେ ପାଣି ଆସିବା ପରେ ବାଲିଘାଟଗୁଡିକ ସ୍ୱତଃ ବନ୍ଦ ରହିଛି। ମାତ୍ର କିଛି ବାଲି ମାଫିଆ ବିଭିନ୍ନ ଲୁକ୍କାୟିତ ସ୍ଥାନରେ ପର୍ବତ ଆକାରରେ ବାଲି ଗଦା କରି ରଖିଛନ୍ତି। ଯାହାକୁ ଚଢାଦରରେ ବର୍ତ୍ତମାନ ବିକ୍ରୀ କରି ସାଧାରଣ ଜନତାଙ୍କ ଠାରୁ ଲୁଟ୍ କରିଚାଲିଛନ୍ତି। ଅନ୍ୟପଟରେ ଖଣି ବିଭାଗ କେବଳ ଚିଠି କରି ନିଜର ଦାୟିତ୍ୱ ସାରି ଦେଇଛି। ଯଦି ଖଣି ବିଭାଗ ଦ୍ୱାରା ଏହି ବାଲି ମୂଲ୍ୟକୁ ଯଦି ଆକଳନ କରାଯାଏ ତେବେ ୧କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ସରକାରୀ ତହବିଲରେ ସାମିଲ ହୋଇପାରିବ। ଏ ନେଇ କଟକ ଜିଲ୍ଲା ଖଣି ଅଧିକାରୀ ସମ୍ବିତ ସାହୁ ନୀରବଦ୍ରଷ୍ଟା ସାଜି ଥିବାବେଳେ ଅଧିକାରୀ ଏବଂ ମାଫିଆଙ୍କ ସଲାସୁତୁରାରେ ଏହା ଚାଲିଥିବାର ସାଧାରଣରେ ଆଲୋଚନା ହେଉଛି। ଘରକାମ ତଥା ଅନ୍ୟାନ୍ୟ କାମ ପାଇଁ ବାଲି ବହୁଳ ଆବଶ୍ୟକତାକୁ ଦେଖି ମାଫିଆମାନେ ଏହି ଚୋରାବାଲିକୁ ଚଢାଦରରେ ବିକି ମାଲାମାଲ୍ ହେଉଛନ୍ତି। ଏପରିକି ବହୁ ସରକାରୀ ପ୍ରକଳ୍ପ କାମ ଚାଲୁ ରହିଥିବାରୁ ମଧ୍ୟ ଏନେଇ ବାଧାପ୍ରାପ୍ତ ହେଉଛି। ଏ ନେଇ ଖଣି ବିଭାଗ ତରଫରୁ ଚଢାଉ କରାଯାଇ ଲଘୁ ଖଣିଜ ଦ୍ରବ୍ୟକୁ ଜବତ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି।



# ରାଶିଫଳ

**ଶୁକ୍ରବାର, ୨୫ ଜୁଲାଇ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।



**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୌଣସି ବଡ଼ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ। ବିରୋଧୀମାନେ ସକ୍ରିୟ ରହିବେ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଚାକିରିରେ ମିଳିବ। ବ୍ୟବସାୟ ଭଲ କରିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ୍ ତେଲେନପାଲି ପଞ୍ଚାୟତ କର୍ଲାମାଲ୍ ଗାଁରେ କେନ୍ଦୁପତ୍ର ବିଭାଗ ତରଫରୁ କିୟୋର୍ ବାଏ ଓ ଏସବିଆଇ ସହାୟତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦୁପତ୍ର ବିଭାଗ ପାଟଣାଗଡ ବନଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ସେଠୀ, ଏସିଏଫ୍ ପ୍ରଭାତୀ ସେଠୀ, ଖପ୍ରାଖୋଲ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଅରବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରର ଆଭିମୁଖ୍ୟ ଉପସ୍ଥାପନ ସହିତ କେନ୍ଦୁପତ୍ର ତୋଳାଳୀ,କେନ୍ଦୁପତ୍ର ବନ୍ଧେଇ ଶ୍ରମିକ ତଥା ଜନସାଧାରଣ ଉପକୃତ ହେବେ ବୋଲି କହିଥିଲେ। ଏହି ଅବସରରେ ଦୁଇ ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅଜିତ ମେହେର, ଶାନ୍ତନୁ ସିଂ ନିନା, ପ୍ରଦୀପ ମେହେର ପ୍ରମୁଖ କେନ୍ଦୁପତ୍ର ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

# ଜାତୀୟ ମାଗାଜିନ୍‌ରେ ସ୍ଥାନ ପାଇବ କେଜିବିଭି ଛାତ୍ରୀ ବିଭୂତିଙ୍କ ସଫଳ କାହାଣୀ



ମାଲକାନଗିରି(ଭାସ୍କର ନ୍ୟୁଜ୍): ଜାତୀୟସ୍ତରୀୟ ମାଗାଜିନ୍ ରେ ସ୍ଥାନ ପାଇବ କେଜିବିଭି ଛାତ୍ରୀଙ୍କ ସଫଳତାର କାହାଣୀ। ଜାତୀୟସ୍ତରୀୟ ହ୍ୟାଣ୍ଡବଲ୍ ଖେଳାଳୀ ବିଭୂତି ମୁଣ୍ଡାଗୁଡ଼ିଆଙ୍କ ସଫଳତାର କାହାଣୀ ଜାତୀୟସ୍ତରୀୟ ମାଗାଜିନ୍‌ରେ ପ୍ରକାଶ ପାଇବ । ମାଲକାନଗିରି ଜିଲ୍ଲା ସିନ୍ଧ୍ରିମାଳ ସ୍ଥିତ କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ହେଉଛନ୍ତି ବିଭୂତି ମୁଣ୍ଡାଗୁଡ଼ିଆ । ହ୍ୟାଣ୍ଡବଲ୍ ଖେଳ ପ୍ରତି ଥିବା ତାଙ୍କର ଶ୍ରଦ୍ଧା ଓ ସମର୍ପଣ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚୟ ପ୍ରଦାନ କରିଛି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତିତ୍ୱ ହାସଲ୍ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ଏକ ମାଗାଜିନ୍ ପ୍ରସ୍ତୁତ କରାଯାଉଛି । ଏହି ମାଗାଜିନ୍‌ରେ ବିଭୂତି ମୁଣ୍ଡାଗୁଡ଼ିଆଙ୍କ କାହାଣୀକୁ ସ୍ଥାନିତ କରାଯିବା ରାଜ୍ୟ ପାଇଁ ଗର୍ବର ବିଷୟ । ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ଭବିଷ୍ୟତରେ ଏକ ବଡ଼ ଅନ୍ତର୍ଜାତୀୟ ଖେଳାଳୀ ହେବା ପାଇଁ ସ୍ୱପ୍ନ ଦେଖିଛନ୍ତି ବିଭୂତି ମୁଣ୍ଡାଗୁଡ଼ିଆ । ବାପା ମିସ୍ତ୍ରୀ କାମ କରୁଥିବା ବେଳେ ମାଆ କରନ୍ତି ଛତୁ ଚାଷ । ଆର୍ଥିକ ସ୍ଥିତି ଭଲ ନଥିବା ସତ୍ତ୍ୱେ ଭଲ ପାଠ ପଢ଼ି ଖେଳିକୁଦି ଭଲ ମଣିଷ ହେବା ବିଭୂତିଙ୍କ ଇଚ୍ଛା । ତାଙ୍କର ସେହି ଇଚ୍ଛାକୁ ପୂରଣ କରୁଛି କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ । ବର୍ତ୍ତମାନ ଏବେ ବିଭୂତି ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି । ପାଠ ପଢିବା ସହ ଖେଳ ପ୍ରତି ରୁଚି ରଖୁଥିବା ବିଭୂତି ଜିଲ୍ଲାସ୍ତରରେ ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ । ଜୁନିଅର ନ୍ୟାସନାଲ୍ ସ୍କୁଲ ସ୍ପୋର୍ଟ୍ସ ହ୍ୟାଣ୍ଡବଲ ଚାମ୍ପିୟନସିପ୍ ରେ ସେ ଭାଗ ନେଇ ରାଜ୍ୟ ପାଇଁ ଗୌରବ ଆଣିଦେଇଥିଲେ। ତାଙ୍କର ଏହି ସଫଳତାକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଜାତୀୟ ମାଗାଜିନ୍‌ରେ ବିଭୂତିଙ୍କ କାହାଣୀକୁ ସ୍ଥାନ ଦେବାକୁ ଯାଉଛି । ପ୍ରକାଶ ଥାଉକି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ବାଳିକା ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ୨୦୦୪ ମସିହାରେ କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାରୁ ଶୁଭାରମ୍ଭ ହୋଇଥିଲା ।

# ସମସ୍ୟାଘେରରେ ଏଲଙ୍ଗାବାଲସା ଗାଁ ସ୍କୁଲ

◆ ୫୨ ବର୍ଷ ହେଲା ଗୋଟିଏ କୋଠରୀରେ ହେଉଛି ପାଠପଢ଼ା
◆ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଏଲଙ୍ଗାବାଲସା ଗାଁ ସ୍କୁଲରେ ଗୋଟିଏ କୋଠରୀରେ ପାଠପଢା ଚାଲୁଛି। ୧୯୭୩ ମସିହାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇ ଥିଲା। ଦୀର୍ଘ ୫୨ ବର୍ଷ ହେଲା ପିଲାମାନେ ଏହି ଗୋଟିଏ କୋଠରୀରେ ହିଁ ପାଠ ପଢି ଆସୁଛନ୍ତି। ଏହା ହେଉଛି ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗର ଜଳ ଜଳ ହୋଇ ଦେଖାଯାଉଥିବା ପାଠ ପଢାର ବିକଳ ଚିତ୍ର। ପୁଣି ସ୍କୁଲରେ ଥିବା ପୁରୁଣା କୋଠରୀ ଓ ରୋଷେଇ ଘର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କିଛି ବର୍ଷ ତଳେ ସ୍କୁଲ ପାଚେରୀ ନିର୍ମାଣ ପାଇଁ ଆସିଥିବାବେଳେ ଠିକାଦାର ପାଚେରୀ ନ କରି ସ୍କୁଲର ନାମ ଫଳକ ବୋର୍ଡ ତିଆରି କରି ଶେଷ କରି ଦେଇଛନ୍ତି। ସ୍କୁଲ ଭିତରେ ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ ତାହା ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଅଳ୍ପ ଦିନ ତଳେ ଅଙ୍ଗନୱାଡ଼ି କେନ୍ଦ୍ରକୁ ମରାମତି କରି ଥିଲେ ମଧ୍ୟ ପାଣି ଗଳୁଥିବା ଦେଖିବାକୁ ମିଳିଛି। ପ୍ରଥମରୁ ୫ମ ଶ୍ରେଣୀର ୪୦ ଜଣ ଛାତ୍ରଛାତ୍ରୀ ପାଠ ପଢା ପାଇଁ ଗୋଟିଏ କୋଠରୀ ଥିବାବେଳେ, ସେହି କୋଠରୀରେ ପ୍ରଧାନ ଶିକ୍ଷକଙ୍କ ଅଫିସ କାମ, ପିଲାଙ୍କ ଖାଦ୍ୟ ସାମଗ୍ରୀ ରହିବା, ପିଲାଙ୍କ ପାଠ ପଢା ସାମଗ୍ରୀ ରହିବା ଓ ଦୁଇ ଜଣ ଶିକ୍ଷକ ବସି ପାଠ ପଢ଼ାଇବା କାମ ହେଉଛି। ପାଚେରୀ ନ ଥିବାରୁ ଗାଁ ଲୋକେ ସ୍କୁଲ କାନ୍ଥକୁ ଲାଗି ମଳତ୍ୟାଗ କରୁଛନ୍ତି। ପୁଣି ଛେଳି ଗୁଡିକ ସ୍କୁଲ ବାରଣ୍ଡାରେ ରାତିରେ ରହୁଛନ୍ତି। ସକାଳେ ପିଲା ସ୍କୁଲକୁ ଆସିବା ପରେ ଦୁର୍ଗନ୍ଧ। ପୁଣି ଛେଳି ମଳ ମୂତ୍ର ସଫା ସୁତରା କରି ପିଲା ବସୁ ଛନ୍ତି। ଏହି ସବୁ ସମସ୍ୟାକୁ ନେଇ ପ୍ରଧାନ ଶିକ୍ଷକ ପରୀକ୍ଷିତ ଦାସ ସ୍ଥାନୀୟ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିବା ଜଣାଇଛନ୍ତି। ସରକାର ପିଲାଙ୍କ ପାଠପଢା ପ୍ରତି ଅଧିକ ଧ୍ୟାନ ଦେଇ ଗାଁ ସ୍କୁଲ ପାଇଁ ଆବଶ୍ୟକ କୋଠରୀ ଓ ପାଚେରୀ ନିର୍ମାଣ କରିବା ବ୍ୟବସ୍ଥା କରିବା ସହିତ ବିପଦ ସଙ୍କୁଳ ଅବସ୍ଥାରେ ଥିବା କୋଠରୀ ଭାଙ୍ଗିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

# ମହିଳା ସୁରକ୍ଷା ଉପରେ କର୍ମଶାଳା



ନବରଙ୍ଗପୁର (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ କ୍ରମେ ଆଜି ନବରଙ୍ଗପୁର ମହାବିଦ୍ୟାଳୟ ନବରଙ୍ଗପୁର ଠାରେ ନାରୀ ନିର୍ଯାତନା, ଯୌନ ଉତ୍ପୀଡନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ନବରଙ୍ଗପୁର ଜିଲ୍ଲାର ଜଣେ ସୁ ପ୍ରତିଷ୍ଠିତ ସାମାଜିକ କର୍ମୀ ତଥା ଆଇସିସି କମିଟି ସଦସ୍ୟା ମନୋରମା ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ଼ି ଗୋବିନ୍ଦା ରାଓ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ସଙ୍ଗୀତା ତ୍ରୀପାଠୀ , ସଦସ୍ୟା ପ୍ରଣତି ମାଝୀ, ଶ୍ରୀମତୀ ତୁଳସା ଭତରା, ନିର୍ମଳା ହିକକା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ କିପରି ସୁରକ୍ଷିତ ଓ ଶିକ୍ଷଣ ପରିବେଶ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଶ୍ରୀମତୀ ମାଝୀ ଛାତ୍ରଛାତ୍ରୀମାନଙ୍କୁ କିପରି ଯୌନ ନିର୍ଯାତନାରୁ ସୁରକ୍ଷା ପାଇବେ ଏବଂ ସତର୍କତା ଅବଲମ୍ବନ କରିବେ ତା ଉପରେ ବିଭିନ୍ନ ପ୍ରକାରର ଉଦାହରଣ ମାଧ୍ୟମରେ ବିସ୍ତୃତ ଆଲୋଚନା କରିଥିଲେ। ଆଇସିସି କମିଟିର ମୁଖ୍ୟ ସଙ୍ଗୀତା ତ୍ରୀପାଠୀ କମିଟିର କାର୍ଯ୍ୟକାରୀତା ଓ ଉପଯୋଗ କିପରି କରିହେବ ବିଷୟରେ ବୁଝାଇଥିଲେ। ଶେଷରେ ଭିଡିଓ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରାଯାଇ ଥିଲା ।ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ କର୍ମଶାଳାରେ ଯୋଗଦେଇଥିଲେ।

# ସ୍ୱାମୀ ସତ୍ୟାନନ୍ଦ ମହାରାଜଙ୍କ ଧରାବତରଣ ଦିବସ ପାଳିତ

ଚନ୍ଦାହାଣ୍ଡି (ଭାସ୍କର ନ୍ୟୁଜ): ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜମଡାରପଡା କାଳୀକୃଷ୍ଣ ସଂଘ ଶାଖା ମନ୍ଦିରରେ ସ୍ୱାମୀ ସତ୍ୟାନନ୍ଦ ମହାରାଜଙ୍କ ଜନ୍ମ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସଙ୍ଘ ପରିଚାଳକ ତଥା ଗୁରୁ ପଦ୍ମ ଚରଣଙ୍କ ନେତୃତ୍ୱରେ ମହାରାଜଙ୍କ ରଥ ନଗର ପରିକ୍ରମା କରାଯାଇଥିଲା। ସମସ୍ତ ଭକ୍ତ ଶିଷ୍ୟ ଗ୍ରାମର ମା' ଭଉଣୀ ଛୋଟ ଛୋଟ ଶିଶୁ ମାନେ ମଧ୍ୟ ଏହି ନଗର ପରିକ୍ରମାରେ ସାମିଲ ହୋଇ ଭଜନ କୀର୍ତନ କରି ମହାରାଜଙ୍କ ଦର୍ଶନ ସହ ଆଶୀର୍ବାଦ କାମନା କରିଥିଲେ। ଏହା ପରେ ଆଶ୍ରମ ମଧ୍ୟରେ ହୋମ ଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ସମସ୍ତ ଭକ୍ତ ଶିଷ୍ୟ ଏବଂ ଗ୍ରାମବାସୀ ଆନନ୍ଦ ବଜାର ରେ ପ୍ରସାଦ ସେବନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରହରି ନାୟକ, ସୁଦର୍ଶନ ମହାନ୍ତ, ଧନେଶ୍ୱର, ଈଶ୍ୱର ବାଘ, ବେଣୁଧର, ଶତ୍ରୁଘନ ଓ ବିକାଶଙ୍କ ସମେତ ବହୁ ଭକ୍ତମାନେ ଉପସ୍ଥିତ ଥିଲେ।



# ପ୍ରବଳ ବର୍ଷାରେ ଧୋଇଗଲା ପୋଲ, ଯାତାୟତ ବାଧାପ୍ରାପ୍ତ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟରେ ପ୍ରବଳ ବର୍ଷା ଯୋଗୁ ଧୋଇଯାଇଛି ପୋଲ। ଯାତାୟତ ସମ୍ପୂର୍ଣ ବାଧାପ୍ରାପ୍ତ ହୋଇଅଛି। ସୁନାବେଡ଼ାରୁ ଗାତିବେଡା ସଂଯୋଗ କରୁଥିବା କୋପଟାପିପଲ୍ ନାଳ ପୋଲକୁ ଧୋଇ ନେଇଛି। ଏହି ପୋଲ ଧୋଇ ଯିବା ଯୋଗୁଁ ଯାତାୟତ ବାଧା ପ୍ରାପ୍ତ ହେଉଅଛି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀ ବସ ସେବା ମଧ୍ୟ ବନ୍ଦ ହୋଇଅଛି। ଏହି ପୋଲଟି ଦୀର୍ଘ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଅନେକ ସ୍ଥାନରେ ଗଛ ପଡ଼ିଥିବା ବେଳେ ଜାମଗାଁ ଘାଟି ଠାରେ ବିଶାଳ କାୟ ବୃକ୍ଷ ପଡ଼ିଅଛି। ଏହି ପୋଲ ବର୍ଷାରେ ଧୋଇଯିବା କାରଣରୁ ବହୁ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଅଛି।

## ୩ ଶିଶୁ ଶ୍ରମିକ ଉଦ୍ଧାର

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଶ୍ରମ ବିଭାଗ ଓ ପୋଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରି ୩ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲା ଟାସ୍କଫୋର୍ସ କମିଟିର ସଦସ୍ୟ ତଥା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ଶ୍ରମ ବିଭାଗର ଖଇରପୁଟ ଅତିରିକ୍ତ ଶ୍ରମ ଅଧିକାରୀ ବିନି ମୁଦୁଲି, କାଲିମେଳା ଅତିରିକ୍ତ ଶ୍ରମ ଅଧିକାରୀ ପ୍ରିୟଙ୍କା ନାୟକ, ପୋଲିସ ଏଏସ୍ଆଇ ଅଜୟ ସୁତାରଙ୍କ ସହ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ଜିଲ୍ଲା ସଦରରେ ଥିବା ବିଭିନ୍ନ ହୋଟେଲ, ଦୋକାନ ଗୁଡିକ ଯାଞ୍ଚ କରଯାଇଥିଲା । ନାବାଳକଙ୍କୁ କାର୍ଯ୍ୟରେ ନ ଲଗାଇବା ପାଇଁ ପୂର୍ବରୁ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ ଆଜି ଏହାକୁ ନେଇ ଯାଞ୍ଚ କରାଯାଇଥିଲା । ଏହି ଯାଞ୍ଚ ସମୟରେ ଦୁଇଟି ହୋଟେଲରୁ ୩ଜଣ ନାବାଳକ କାର୍ଯ୍ୟ କରୁଥିବା ଦେଖିଥିଲେ ଅଧିକାରୀ ଓ ସେମାନଙ୍କୁ ଉଦ୍ଧାର କରାଯାଇ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଜଣା ପଡ଼ିଛି।



# ବିଜୁଳି ମାଡ଼ରେ ଜଳିଗଲା ବୈଦ୍ୟୁତିକ ସାମଗ୍ରୀ, ରାତିସାରା ଅନ୍ଧାରରେ ଲୋକେ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ଉପଖଣ୍ଡସଦର ମହକୁମାରେ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଅଚାନକ ଏକ କଳାହାଣ୍ଡିଆ ମେଘ ମୁଷଳ ଧାରରେ ବର୍ଷିବା ସହ, ଘନଘନ ବିଜୁଳି ମାଡ଼ରେ ବୈଦ୍ୟୁତିକ ସାମଗ୍ରୀ ପୋଡ଼ିଯାଇଛି। ଏଣେ ଅନେକ ବିଦ୍ୟୁତ ହିତାଧିକାରୀ ରାତ୍ରିସାରା ଅନ୍ଧାରରେ ରହିଥିବା ଅଭିଯୋଗ ହେଉଅଛି। ଏପରି ବିଜୁଳି ଘଡ଼ଘଡ଼ି ଓ ମୁଷଳ ଧାରାରେ ବର୍ଷାରେ ଭୟଭୀତ ହୋଇ ଥିଲେ ସାଧାରଣ ଜନତା। ମାତ୍ର ୩ ଘଣ୍ଟା ବିଜୁଳି, ଘଡ଼ଘଡି, ଓ ବର୍ଷାରେ 'ବିଦ୍ୟୁତ ଉପଭୋକ୍ତାଙ୍କର ଜଳିଯାଇଛି ଫ୍ୟାନ,କୁଲର, ଫ୍ରିଜ ଇନ୍‌ଭର୍ଟର,ସମେତ ଅନେକ ଦାମୀ ସାମଗ୍ରୀ, ଅଧିକନ୍ତୁ ଉପଭୋକ୍ତାଙ୍କ ଲାଇନ ସଂଯୋଗ ବିଚ୍ଛିନ୍ନ ହେବା ଯୋଗୁଁ ମଶା,ଗୁଳୁଗୁଳି ଓ ଅନ୍ଧାରରେ ଆଉଟପାଉଟ ହୋଇଥିଲେ ବୋଲି ଜଣାଯାଇଛି ।ଅନ୍‌ଲାଇନ୍ ଅଭିଯୋଗ କରିଥିଲେ ମଧ୍ୟ ଓଡି ଡିସିଏଲ କମ୍ପାନୀ କର୍ମଚାରୀ ପହଁଞ୍ଚି ପାରିନାହାନ୍ତି। କେତେକ ପରିବାର ପାଣିପମ୍ପ ବିଜୁଳି ମାଡ଼ରେ ପୋଡିଯିବା ଫଳରେ ପାଣି ଅଭାବ ନେଇ ଗାଧୋଇବା ପିଇବା ପାଇଁ ଜଳ କଷ୍ଟ ଭୋଗୁଛନ୍ତି। ଏପରି ବର୍ଷା, ଓ ବିଜୁଳି ମାଡ଼ ଇତିପୂର୍ବରୁ କେବେ ହୋଇନଥିଲା ବୋଲି ଅନୁଭବି ବୟସ୍କମାନେ କହୁଛନ୍ତି। ଏହି ସମୟରେ ବାହାରେ ଥିବା ଲୋକ ଓ ମହିଳା , ପିଲା ଯିଏ ଯେଉଠି ଥିଲେ ସେହି ପରିଧି ଭିତରେ ଥିବା ଦୋକାନ କିମ୍ବା ଘର ଭିତରକୁ ଯାଇ ଆଶ୍ରୟ ନେଇ ଜୀବନ ରକ୍ଷା କରିଥିବା ଜଣାଯାଇଛି। କେତେକ ବାଟରେ ଆଶ୍ରୟ ସ୍ଥଳୀ ନ ପାଇ ଜୀବନକୁ ବାଜି ଲଗାଇ ଘରକୁ ଫେରିଛନ୍ତି ।ଏତେ ପରିମାଣରେ ବିଦ୍ୟୁତ ସାମଗ୍ରୀ ଜଳିଛି ଯେ,ସାମଗ୍ରୀ ମରାମତି କରିବା ନିମନ୍ତେ ମେକାନିକ୍ ଅଭାବ ଦେଖାଦେଇଛି। ନିହାତି ୫/୭ଦିନ ମରାମତି ପାଇଁ ସମୟ ଲାଗିବ ବୋଲି ଏଠାକାର ମେକାନିକ୍ କହୁଛନ୍ତି। ଏଣୁ ବିଜୁଳିବିଭାଗ ତୁରନ୍ତ ଲାଇନ ସଂଯୋଗୀକରଣ କରିବା ନିମନ୍ତେ ସବୁ ମହଲରେ ଦୃଢ ଦାବି ହେଉଅଛି।

# ଆଦିବାସୀଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିଛି ଜଙ୍ଗଲି କାଙ୍କଡ

ଉମରକୋଟ(ଭାସ୍କର ନ୍ୟୁଜ): ଶ୍ରାବଣ ମାସରେ ଜଙ୍ଗଲରୁ ବାହାରୁଥିବା ଜଙ୍ଗଲି କାଙ୍କଡ଼ ଆଦିବାସୀ ଙ୍କ ପାଇଁ ରୋଜଗାର ର ମାଧ୍ୟମ ସାଜିଛି। ମୌସୁମୀ ବର୍ଷା ପରେ ଉମରକୋଟ ବଜାରରେ ଦେଖିବାକୁ ମିଳିଛି ଦେଶି କାଙ୍କଡର ପସରା। ଉମରକୋଟ ବଜାର ରେ ଦୁଇପ୍ରକାର କାଙ୍କଡ ଦେଖିବାକୁ ମିଳିଥାଏ। ଗୋଟିଏ ହେଉଛି ହାଇବ୍ରିଡ କାଙ୍କଡ ଓ ଅନ୍ୟଟି ହେଉଛି ଦେଶି ବା ଜଙ୍ଗଲି କାଙ୍କଡ଼। ହାଇବ୍ରିଡ କାଙ୍କଡ଼ର ମୂଲ୍ୟ କିଲୋପ୍ରତି ୭୦ ରୁ ୮୦ ଟଙ୍କା ଥିବାବେଳେ ଦେଶୀ କାଙ୍କଡ଼ର ମୂଲ୍ୟ କିଲୋପ୍ରତି ୩୦୦ ରହିଛି। ଯେତେବେଳେ ବଜାରରେ ଏହି ଦେଶୀ କାଙ୍କଡ଼ ଆସେ କିଲୋପ୍ରତି ଏହାର ଦାମ୍ ୬୦୦ ରୁ ୮୦୦ ରହିଥାଏ। ହାଇବ୍ରିଡ କାଙ୍କଡ଼ ପ୍ରାୟତଃ ସବୁ ଜାଗାରେ ମିଳିଥାଏ। ବଜାରରେ ମିଳୁଥିବା ହାଇବ୍ରିଡ କାଙ୍କଡ଼ ଅପେକ୍ଷା ଜଙ୍ଗଲି କାଙ୍କଡ଼ର ସ୍ୱାଦ ଅତି ନିଆରା। ଜିଲ୍ଲାର ଉମରକୋଟ, ଝରିଗାଁ ଓ ଚନ୍ଦାହଣ୍ଡି ଜଙ୍ଗଲରେ ଏହି ଦେଶି କାଙ୍କଡ଼ ପ୍ରଚୁର ପରିମାଣରେ ମିଳିଥାଏ। ଏହାକୁ ସ୍ଥାନୀୟ ଆଦିବାସୀ ମହିଳା ଓ ପୁରୁଷମାନେ ଜଙ୍ଗଲରୁ ତୋଳି ଆଣି ବଜାରରେ ବିକ୍ରୀ କରିଥାନ୍ତି। ଜଙ୍ଗଲ ସହିତ ଏହି ଜଙ୍ଗଲି କାଙ୍କଡ଼ ଗଛ ଆଦିବାସୀଙ୍କ ବାଡି ବଗିଚାରେ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ବଜାରରେ ଏହି ଜଙ୍ଗଲୀ କାଙ୍କଡ଼ ଚାହିଦା ବହୁତ ରହିଛି ଓ କିଲୋ ପିଛା ୩୦୦ ଟଙ୍କାରେ ବିକ୍ରି ହେଉଛି। ଦାମ ଅଧିକ ଥିଲେ ମଧ୍ୟ ଗ୍ରାହକଙ୍କ ପ୍ରଥମ ପସନ୍ଦ ଦେଶୀ କାଙ୍କଡ଼। ବର୍ଷକୁ ମାତ୍ର ଦୁଇମାସ ଏହି ଜଙ୍ଗଲି କାଙ୍କଡ଼ ବଜାରରେ ମିଳିଥାଏ। ଯାହାକୁ ବିକ୍ରି କରି ଆଦିବାସି ବେଶ ଦୁଇ ପଇସା ରୋଜଗାର କରିଥାନ୍ତି। ବର୍ଷା ଋତୁରେ ଏହା ଆଦିବାସୀଙ୍କ ପାଇଁ ଏକ ରୋଜଗାର ମାଧ୍ୟମ ସାଜିଥାଏ। ଜଙ୍ଗଲୀ ଜାତ ହୋଇଥବାରୁ ଏହାର ଚାହିଦା ଅବିଭକ୍ତ କୋରାପୁଟ ଜିଲ୍ଲା ଛଡା ବାହାର ଜିଲ୍ଲା ଓ ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ର ପ୍ରଦେଶରେ ମଧ୍ୟ ଏହାର ଚାହିଦା ରହିଛି। ପ୍ରତିଦିନ ଏହି କାଙ୍କଡ଼ ଭୁବନେଶ୍ୱର, ବ୍ରହ୍ମପୁରକୁ ରପ୍ତାନୀ ହୋଇଥାଏ। ହାଇବ୍ରିଡ କାଙ୍କଡ଼ ଦେଖିବାକୁ ବଡ ସୁନ୍ଦର କିନ୍ତୁ ରୁଚି ନାହିଁ। କିନ୍ତୁ ଜଙ୍ଗଲି କାଙ୍କଡ଼ ଦେଖିବାକୁ ଛୋଟ ଅତି ସୁନ୍ଦର ସ୍ୱାଦିଷ୍ଟ ମଧ୍ୟ। ଜଙ୍ଗଲି କାଙ୍କଡ଼ରେ ମିନିରାଲ, ପ୍ରୋଟିନ ଓ ଫାଇବର ମିଳିଥାଏ। ଏହି ଜଙ୍ଗଲୀ କାଙ୍କଡ଼ରେ ପ୍ରଚୁର ପରିମାଣରେ ଭିଟାମିନ ରହିଥାଏ। ଚଡାଦର ହୋଇଥିଲେ ସୁଧା ଗ୍ରାହକ ଏହାକୁ ଆଗ୍ରହ ସହକାରେ କିଣି ଘରକୁ ନେଇଥାନ୍ତି ଓ ଦୂରରେ ଥିବା ସମ୍ପର୍କୀୟ ପାଖକୁ ପଠାଇଥାନ୍ତି।



# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଶକ୍ତି କାଫେକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଛନ୍ତି। ଜିଲ୍ଲାରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯିବା ସହିତ ମହିଳାଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରାଯାଇଛି । ସେଥିମଧ୍ୟରୁ ସୁଭଦ୍ରା ଶକ୍ତି ମାଧ୍ୟମରେ ମହିଳା ମାନେ ସ୍ୱାବଲମ୍ବୀ ହୋଇ ଦୁଇ ପଇସା ରୋଜଗାର କରି ପରିବାର ଚଳାଇ ପାରୁଛନ୍ତି । ଏ ଦିଗରେ ମହିଳାଙ୍କୁ ବଞ୍ଚିବାର ବାଟ ଦେଖାଇଛି ମିଶନ ଶକ୍ତି ବିଭାଗ । ସ୍ଥାନୀୟ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ସୁଭଦ୍ରା ଶକ୍ତି କାଫେ ପରିଚାଳନା କରିବା ପାଇଁ ପ୍ରଦାନ କରାଯାଇଛି । ଏଥିସହ କାଫେ ଦାୟିତ୍ୱରେ ଥିବା ମହିଳାମାନଙ୍କ ସହତ ଜିଲ୍ଲାପାଳ ଆଲୋଚନା କରିଥିଲେ । ମହିଳା ଉଦ୍ୟୋଗୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ସଫଳତା କରାଇବା ପାଇଁ ଉତ୍ସାହିତ କରିଥିଲେ । ମହିଳାମାନଙ୍କୁ ସେମାନଙ୍କର ନିଜର ବ୍ୟବସାୟ ଆରମ୍ଭ କରିବା ଏବଂ ରୋଜଗାର କରିବାର ସୁଯୋଗ ଯୋଗାଇବାର ମହିଳାମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାଫେରେ ସୁଲଭ ମୂଲ୍ୟରେ ବିଭିନ୍ନ ଖାଦ୍ୟ ଗ୍ରାହକଙ୍କୁ ଯୋଗାଇ ଦେବେ ବୋଲି କାଫେ ଦାୟିତ୍ୱ ରେ ଥିବା ମହିଳା ଗୋଷ୍ଠୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ଓ ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ ଗଜପତି ଶ୍ରୀ ଟିମନ ବାରା ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିସ୍ତରୀୟ ପଞ୍ଚାୟତରାଜ ସମୀକ୍ଷା ବୈଠକ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା କରିବା ସହିତ ଆଗକୁ କ'ଣ କ'ଣ ପଦକ୍ଷେପ ନେଲେ ନିର୍ବାଚନ ସୁରୁଖୁରରେ ହୋଇପାରିବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ , ପଞ୍ଚାୟତ ଓ ଜିଲ୍ଲାର ବିକାଶରେ ଯୋଗଦାନ ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ୍ ଋତୁରାଜ, ଜିଲ୍ଲାପାଳ, ବୌଦ୍ଧ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବୌଦ୍ଧ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଉପଜିଲ୍ଲାପାଳ, ବାଲିଗୁଡା ଡଃ. ରୀନା ପ୍ରଧାନ, ଉପଜିଲ୍ଲାପାଳ, ବୌଦ୍ଧ ଶ୍ରୀ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପରିଷଦର କାର୍ଯ୍ୟନିର୍ବାହ ଅଧିକାରୀ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ, ସରକାରୀ କର୍ମଚାରୀ ଆଦି ଉପସ୍ଥିତ ଥିଲେ ।ସରକାର ଗୋଟିଏ ପଟେ କହୁଛନ୍ତି ଓଡ଼ିଆ ଓ ଅସ୍ମିତା କଥା କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଚଳନ ହୋଇପାରିଲା ନାହିଁ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରଚଳନ ।ଇଂରେଜୀ ଭାଷାରେ ଲେଖାହେଉଛି।




# ବରଗଡ-ବଲାଙ୍ଗୀର ନୃସିଂହନାଥ ରାସ୍ତା ଅବସ୍ଥା ଶୋଚନୀୟ



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଆମବାହାଲି ଗ୍ରାମ ଶେଷ ମୁଣ୍ଡରୁ ଏକ ରାସ୍ତା ରହିଛି ଯାହା ବରଗଡ଼ ଜିଲ୍ଲା ନୃସିଂହ ନାଥ ମନ୍ଦିରକୁ ଯାଇଛି ସେହି ରାସ୍ତାର ଅବସ୍ଥା ବହୁ ଶୋଚନୀୟ ହୋଇ ରହିଛି। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଠାରେ ଅବସ୍ଥିତ ହରିଶଙ୍କର ମନ୍ଦିର ଓ ବରଗଡ଼ ଜିଲ୍ଲାର ପାଇକମାଲ ବ୍ଲକ ଅନ୍ତର୍ଗତ ନୃସିଂହ ନାଥ ମନ୍ଦିର ସାରା ଓଡ଼ିଶାରେ ପରିଚିତ। ଏହି ମନ୍ଦିରକୁ କେବଳ ଓଡ଼ିଶା ନୁହେଁ ଛତିଶଗଡ଼, ମଧ୍ୟ ପ୍ରଦେଶ ସହ ଅନ୍ୟାନ୍ୟ ନିକଟ ରାଜ୍ୟର ଶ୍ରଦ୍ଧାଳୁ ମାନେ ଦର୍ଶନ କରିବା ପାଇଁ ଆସନ୍ତି। ଏକା ସହିତ ଦୁଇଟି ମନ୍ଦିର ଦର୍ଶନ କରିବା ପାଇଁ ଏକ ସର୍ଟ କଟ୍ ରାସ୍ତା ରହିଛି ଯାହା ବଲାଙ୍ଗିର ଓ ବରଗଡ଼ ଜିଲ୍ଲା କୁ ସଂଯୋଗ କରେ। ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଆମବାହାଲି ଗ୍ରାମ ଶେଷ ମୁଣ୍ଡରୁ ଏକ ବିରାଟ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ର ଡୁଡୁକିଝରିଆ ସୀମାନ୍ତ ଗ୍ରାମରେ ସଂଯୋଗ ହୋଇ ନୃସିଂହନାଥ ମନ୍ଦିର କୁ ସିଧା ରାସ୍ତା ରହିଛି। ଦୁଇ ଜିଲ୍ଲା ତଥା ବାହାରରୁ ଆସୁଥିବା ଜନସାଧାରଣ କିମ୍ବା ଶ୍ରଦ୍ଧାଳୁ ଭକ୍ତମାନେ ଏହି ସର୍ଟ କଟ ରାସ୍ତାରେ ଯିବା ଆସିବା କରିଥାନ୍ତି । ସୀମାନ୍ତ ଅଞ୍ଚଳର ରାସ୍ତା ହୋଇ ଥିବାରୁ ପ୍ରଶାସନ ଧ୍ୟାନ ଦେଉ ନ ଥିବାରୁ ରାସ୍ତାର ବିକାଶ ସମ୍ଭବପର ହେଉ ନ ଥିବା ଅନେକ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଶ୍ରାବଣ ମାସ ଚାଲିଛି ବୋଲବମ ଭକ୍ତ ମାନଙ୍କର ଚାରି ଚକିଆ, ଦୁଇ ଚକିଆ ଯାନ ପ୍ରତ୍ୟେକ ଦିନ ଶହ ସଂଖାରେ ଯିବା ଆସିବା ହେଉଛି। ବର୍ଷା ଦିନ ଓ ଜଙ୍ଗଲିଆ ରାସ୍ତା ଥିବାରୁ ସେହି ରାସ୍ତା ଆଣ୍ଠୁଏ ପାଣି ହୋଇଯାଏ। ଶ୍ରଦ୍ଧାଳୁ ଭକ୍ତ ତଥା ଜନ ସାଧାରଣ ଯିବା ଆସିବା କରୁଥିବା ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। କାଦୁଆ ପଚ୍ ପଚ୍ ସହିତ ଖାଲ ଖମା ରାସ୍ତା ବହୁ ଶୋଚନୀୟ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହି ରାସ୍ତାର ଉନ୍ନତି କରଣ ପାଇଁ ସ୍ଥାନୀୟ ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର ଗ୍ରାମ୍ୟ କମିଟି ଓ ବ୍ଲକ ସମିତି ମିଟିଂରେ ମଧ୍ୟ ପ୍ରସ୍ତାବ ପାରିତ କରି ବିଡ଼ିଓଙ୍କ ଜରିଆରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିବା ପ୍ରକାଶ କରିଛନ୍ତି। ହେଲେ ଏହି ରାସ୍ତା ପ୍ରତି ପ୍ରଶାସନ କାହିଁକି ଆନୁଗତ୍ୟ ଦେଖାଉ ନାହାନ୍ତି ତାହା ଚିନ୍ତାର ବିଷୟ ପାଲଟିଛି । ଦୁଇଟି ଜିଲ୍ଲାର ଦର୍ଶନୀୟ ପୀଠ କୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତି କରଣ ଶୀଘ୍ର କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ଏକ କେସ ର ବିଚାରଣା କରି ଅଭିଯୁକ୍ତ ଡମ୍ବରୁ ବିନ୍ଧାଣୀଙ୍କୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ସୂଚନା ଅନୁସାରେ ଗତ ୨୮/୧୧/୨୦୧୬ ତାରିଖ ଦିନ ପୀଡିତା ର ପିତା କୋଡ଼ିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ଝିଅକୁ ବିବାହ ର ପ୍ରଲୋଭନ ଦେଖାଇ ଡମ୍ବରୁ ବିନ୍ଧାଣୀ କେଉଁ ଆଡେ ନେଇଯାଇଛି । ପୋଲିସ ଏହି ରିପୋର୍ଟ କୁ ଗ୍ରହଣ କରି PS କେସ ନମ୍ବର-୧୯୦/୧୬ ପ୍ରକାରେ ଅଭିଯୁକ୍ତ ଡମ୍ବରୁ ବିନ୍ଧାଣୀ କୁ ଭାରତୀୟ ପେନାଲ କୋଡ଼ର ଦଫା ୩୬୩,୩୬୬, ୩୭୬ (୨)(ସ)(ଘ) ସହ ସ୍ୱତନ୍ତ୍ର ପୋକସୋ ଆଇନ ଆଇନ ର ଦଫା ୬ ପ୍ରକାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଯାହା କେସ ନମ୍ବର ଥିଲା TR-୮୦/୨୦୨୦ କ୍ଷ ସମସ୍ତ ୧୯ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଡମ୍ବରୁ ବିନ୍ଧାଣୀକୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଓକିଲ ଶ୍ରୀ ନରସିଂହ ତ୍ରିପାଠୀ କେସ କୁ ପରିଚାଳନା କରୁଥିଲେ।



ପୁରୀ (ଭାସ୍କର ନ୍ୟୁଜ) : କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କୁ ସରକାରୀ ସ୍ତର ରେ ଭିଭିନ୍ୟ ସାହାଯ୍ୟ ସହାୟତା ଯୋଗାଇ ଦେଉଥିବା ବେଳେ ଏବେ ବି ଅବହେଳିତ ଅବସ୍ଥାରେ ପଡ଼ି ରହିଛନ୍ତି କିଛି ଭିନ୍ନକ୍ଷମ ବାଳିକା ବାଳକ ଶିଶୁ ମାନେ। ଭିନ୍ନକ୍ଷମ ମାନଙ୍କୁ ଆତ୍ମ ନିର୍ଭରଶିଳ କରିବା ପାଇଁ ନବଦର୍ଶନ ଯୋଜନା ରେ ଏମିତି ଏକ ନିଆରା କାର୍ଯ୍ୟକ୍ରମ ଓଡ଼ିଶା ରାଇସିଂ ଫାଉଣ୍ଡେସନ ଓ ସ୍ୟାଣ୍ଡପ (ଶ୍ରୀ , ନୃସିଂହ ଦେବ ଆଞ୍ଚିଳିକ ଯୁବ ପରିଷଦ)ତରଫରୁ ଆଜି ଚନ୍ଦନପୁର ସ୍ଥିତ ବିରପ୍ରତାପପୁର ଠାରେ ନବଦର୍ଶନ ଯୋଜନା ର ତିନି ବର୍ଷ ପୂର୍ତ୍ତି ଓ ଶେଷ ଦିନ ଅବସର ରେ ଭିନ୍ନକ୍ଷମ ଶିଶୁ ମାନଙ୍କର ଅଭିଭାବକ ମାନଙ୍କୁ କିପରି ନିଜ ନିଜ ର ଶିଶୁଙ୍କ ପ୍ରତି ଯତ୍ନ ରହିବ ତାହାରି ଉପରେ ଅଭିଭାଷଣ ରଖିଥିଲେ ଓଡ଼ିଶା ରାଇସିଂ ଫାଉଣ୍ଡେସନ ପ୍ରୋଗ୍ରାମିଙ୍ଗ ମ୍ୟାନେଜର ସାଗରିକା ଚଇନି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଶିଶୁ ବିକାଶ ଓ ମଙ୍ଗଳ ର ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର,ଜିଲ୍ଲା ଶିଶୁ ବିକାଶ ଓ ମଙ୍ଗଳ ଅଧିକାରୀ ମନୋଜ୍ ତ୍ରିପାଠୀ,ସ୍ୟାଣ୍ଡପ (ଶ୍ରୀ , ନୃସିଂହ ଦେବ ଆଞ୍ଚିଳିକ ଯୁବ ପରିଷଦ)ର ସମ୍ପାଦିକା ମମତା ମିଶ୍ରଙ୍କ ସହ ପ୍ରାୟ ୨୩ ଭିନ୍ନକ୍ଷମ ଶିଶୁ ଙ୍କୁ ନେଇ ଆରମ୍ଭ ହୋଇଥିବା ନବଦର୍ଶନ ଯୋଜନା ରେ ଆଜି ପର୍ଯ୍ୟନ୍ତ ୧୨୮ ଭିନ୍ନକ୍ଷମ ଶିଶୁଙ୍କ ପାଖରେ ପହଞ୍ଚି ପାରିଛି ବୋଲି ଗର୍ବର ସହିତ ଖୁସିବ୍ୟକ୍ତ କରିବା ସହ ସବୁ ଭିନ୍ନକ୍ଷମ ଶିଶୁ ମାନଙ୍କର ଅଭିଭାବକ ମାନଙ୍କୁ ଜିଲ୍ଲା ଶିଶୁ ବିକାଶ ଓ ମଙ୍ଗଳ ଅଧିକାରୀ ମନୋଜ୍ ତ୍ରିପାଠୀ ନିଜ ଭିନ୍ନକ୍ଷମ ଶିଶୁ ପ୍ରତି ନିଜର ଦାୟିତ୍ୱ କେତେ ରହିବା ଦରକାର୍ ତାହା ନିଜର ଭାଷଣ ମାଧ୍ୟମରେ ଜଣାଇଥିଲେ।

## ମନ୍ଦିର ପରିସରରେ ବୃକ୍ଷରୋପଣ

ଭଂଜନଗର(ଭାସ୍କର ନ୍ୟୁଜ): ଭଂଜନଗର ସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିର ଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଚମ୍ପା, ଓଉ, ଏବଂ ବିଭିନ୍ନ କିସମର ଚାରା କଳିଙ୍ଗ ବୈଶ୍ୟ ଧର୍ମଶାଳା ପରିସରରେ ରୋପଣ କରାଯାଇଛି। କାର୍ଯ୍ୟକ୍ରମ ରେ ଏମ. ରବିନାରାୟଣ ପାତ୍ର, ଅନୁଷ୍ଠାନ ର ସମ୍ପାଦକ, ଏବଂ କେ. ଇଶ୍ୱର ରାଓ ସୁବୁଦ୍ଧି, ଟି. ରାମ ପତ୍ର, ସହଯୋଗ କରି ଥିବା ବେଳେ ଅନ୍ୟ ବନ୍ଧୁ ମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୋଡ଼ି ଘଟଣାର...

ମତ ପ୍ରକାଶ କରିଛନ୍ତି । ପୀଡ଼ିତା ପୋଡ଼ି ଯାଇଥିବା ସ୍ଥାନ ଏବେ ଖାଁ ଖାଁ ଲାଗୁଛି । ଏହି ସ୍ଥାନ ଠାରୁ ଦୁଇଶହ ମିଟର ଦୂରରେ ଥିବା ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମ ସେନାପତିଙ୍କ କଥାରେ ତାଳମେଳ ରହୁ ନାହିଁ । ଯାହାକୁ ନେଇ ଦୁଃଖିଶ୍ୟାମ ସେନାପତି ମଧ୍ୟ ସନ୍ଦେହ ଘେରରେ ରହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ନୂଆଗୋପାଳପୁର ବସ୍ତିରେ ଗତ ଶନିବାର ସକାଳ ୮ଟା ସମୟରେ ଜଣେ ନାବାଳିକାକୁ ଦୁର୍ବୃତମାନେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିବା ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମ ସେନାପତି କହିଛନ୍ତି । ସେହି ଆଧାରରେ ପୋଲିସ ଓ କ୍ରାଇମ୍ ବ୍ରାଂଚ ତଦନ୍ତ ଜାରି ରଖିଛନ୍ତି । ମାତ୍ର ଛଅ ଦିନ ବିତିଥିଲେ ମଧ୍ୟ ପୀଡ଼ିତା କିପରି ପୋଡ଼ିଲେ ତାହା ରହସ୍ୟ ଉପରୁ ପରଦା ଉଠୁ ନାହିଁ । ଏହି ଘଟଣା ରହସ୍ୟରେ ହିଁ ରହିଯିବ ବୋଲି ଆଶଙ୍କା କରାଯାଉଛି । ପୋଲିସ କୋଡ଼ିଏରୁ ଊର୍ଦ୍ଧ୍ୱଙ୍କୁ ଉଠାଇ ନେଇ ପଚରା ଉଚରା ଚଳାଇଥିଲେ ମଧ୍ୟ ସେପରି କୌଣସି ଠୋସ୍ ପ୍ରମାଣ ପୋଲିସ ହାତରେ ଲାଗି ନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ ସମସ୍ୟା ପାଲଟିଛି । ଏହି ଘଟଣାକୁ ନେଇ ବିରୋଧୀ ଏକ ପ୍ରକାର ସରକାରଙ୍କୁ ଘେରିଥିବା ଜଣାପଡ଼ିଛି । ତୁରନ୍ତ ଏହି ରହସ୍ୟ ଉପରୁ ପରଦା ଉଠାଇବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହୋଇଛି । ଅନ୍ୟପକ୍ଷରେ ପୀଡ଼ିତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କ ବୟାନ ରେକର୍ଡ ପାଇଁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି।

### ଭାରତ-ବ୍ରିଟେନ ମଧ୍ୟରେ...

ଶସ୍ତା ହେବ, ରପ୍ତାନୀ ବଢ଼ିବ ଓ ଦେଶର ଅର୍ଥବ୍ୟବସ୍ଥା ମଜବୁତ ହେବ। ଏଥିସହ ଦୁଇ ଗଣତାନ୍ତ୍ରିକ ଦେଶରେ ବୈଶ୍ୱିକ ସ୍ଥିରତା ଓ ସମୃଦ୍ଧି ମଧ୍ୟ ସୁଦୃଢ଼ ହେବ। ମୋଦୀ ବ୍ରିଟେନରେ ପହଞ୍ଚିବା ପରେ ବ୍ରିଟେନ ବୈଦେଶିକ କାର୍ଯ୍ୟାଳୟର ମନ୍ତ୍ରୀ ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରର ପ୍ରଭାରୀ କ୍ୟାଥରିକ ୱେଷ୍ଟ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

### ମାଓବାଦୀଙ୍କ...

କମିଟି ସଦସ୍ୟ ରାମାନା କର୍ପା ଆତ୍ମସମର୍ପଣ କରିଛନ୍ତି। ତାଙ୍କ ସହ ଘୁମୁସର ଓ କଳାହାଣ୍ଡି ଏରିଆ କମିଟିର ୪ଜଣ ଏସିଏମ୍ ମଧ୍ୟ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ରାମାନାଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା।

### ପ୍ରତି ଘଣ୍ଟାରେ ଯାଉଛି...

ଏହାକୁ ସାମିଲ କରାଯାଇଛି। ଏହାକୁ ପୁରୁଣା ରାଜପଥରେ ଏକ ପୃଥକ ପ୍ରକଳ୍ପ ଭାବେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ଗତ ୩ ବର୍ଷ ମଧ୍ୟରେ ୧ ଲକ୍ଷ ୧୨ ହଜାର ୫୬୧ କିମି ଜାତୀୟ ରାଜପଥର ସୁରକ୍ଷା ଅଡିଟ୍ କରାଯାଇଛି। ଭାରତରେ ସଡ଼କ ଦୁର୍ଘଟଣା ଏକ ଗମ୍ଭୀର ସ୍ୱାସ୍ଥ୍ୟଗତ ଜନିତ ସମସ୍ୟା ପାଲଟିଛି। ୨୦୨୨ରେ ଦେଶରେ ୪.୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧.୫ଲକ୍ଷରୁ ଅଧିକ ଜୀବନ ଯାଇଛି। ଦ୍ରୁତଗତି, ହେଲମେଟ ବିନା ବାଇକ ଚଳାଇବା ଏବଂ ପଦଯାତ୍ରୀମାନେ ଭୁଲ ରାସ୍ତାରେ ରାସ୍ତା ପାର ହେବା କାରଣରୁ ଏହି ଦୁର୍ଘଟଣା ଘଟୁଥିବା କୁହାଯାଇଛି।

### ୧୩ ଆଇଏଏସ୍ଙ୍କୁ...

କରଞ୍ଜିଆ, ଅଭିଷେକ ଦିଲ୍ଲୀପଙ୍କୁ ଗୁଣୁପୁର, ଅସ୍ମି ଏଏଲ୍ଙ୍କୁ ନବରଙ୍ଗପୁର, ଅବିନାଶ କୁମାରଙ୍କୁ ବ୍ରହ୍ମପୁର, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ଼, ସି.ସରବଣାଙ୍କୁ କୁଚିଣ୍ଡା ଏବଂ ଶିବ ମାଲବ୍ୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏଥିପୂର୍ବରୁ ରାଜ୍ୟ ସରକାର ୧୬ଜଣ ଜିଲ୍ଲାପାଳଙ୍କୁ ବଦଳି କରିଥିବାବେଳେ ମୋଟ ୪୮ଜଣ ଆଇଏଏସ୍ ଅଧିକାରୀଙ୍କୁ ଅଦଳବଦଳ କରିଛନ୍ତି।

### ୨୪ ଘଣ୍ଟାରେ...

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ପ୍ରବଳ ବର୍ଷା ସହ ବଜ୍ରପାତ ଓ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ମଧ୍ୟ ରହିଛି। ଏହି ସମୟ ମଧ୍ୟରେ କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ବଜ୍ରପାତ ଓ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଦେବଗଡ଼, ଅନୁଗୋଳ, ସୁନ୍ଦରଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ବରଗଡ଼, ସୋନପୁର, ନୂଆପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ପୁରୀ ଜିଲ୍ଲାର ଗୋଟିଏ କି ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

### ଆଦିବାସୀଙ୍କ ବିକାଶ...

ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଥିଲେ।
ଏହି ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

### ବିଜ୍ଞପ୍ତି

ଶ୍ରୀ ଭଗବାନ ପ୍ରଧାନ, ପିତା- ଭଜମନ ପ୍ରଧାନ, ଗ୍ରାହକ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲି., ଠିକଣା- ଗ୍ରାମ/ପୋ-ଜଗନ୍ନାଥ ପ୍ରସାଦ, ଥାନା-ଫତେଗଡ, ଜିଲ୍ଲା-ନୟାଗଡ। ଋଣ ଗ୍ରାହକଙ୍କ ଅନୁଯାୟୀ ସେ କ୍ରୟ କରିଥିବା ମୂଳ ଦଲିଲ ନଂ-୯୬୭, ମୌଜା-ଜଗନ୍ନାଥ ପ୍ରସାଦ, ତାରିଖ : ୦୧-୦୫-୨୦୦୯ଟି ହଜି ଯାଇଅଛି। ଭୁଲ ସ୍ଥାନରେ ଅଛି ଅଥବା ଅନୁସନ୍ଧାନ ଯୋଗ୍ୟ ନୁହେଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଉପରୋକ୍ତ ମୂଳ କବଲା ଖୋଜି ପାଆନ୍ତି ତେବେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଯଦି କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଦ୍ୱାରା କିଛି ଦାବି, କିମ୍ବା ଆପତ୍ତି ଯେପରିକି ବନ୍ଧକ, କ୍ରୟବିକ୍ରୟ, ଉପହାର, ଉତ୍ତର ଅଧିକାର ରକ୍ଷଣାବେକ୍ଷଣକାରୀ, ଜମାକାରୀଙ୍କ ହେପାଜତରେ ଥାଏ। ବିଜ୍ଞପ୍ତି ପାଇବାର ୭ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହିତ କରାଯାଇଥିବା ଚୁକ୍ତିନାମା ସହ ଯୋଗାଯୋଗ କରିବେ। ୭ଦିନ ହେବା ପରେ କୌଣସି ଆପତ୍ତି କିମ୍ବା କାଗଜପତ୍ର ଗ୍ରହଣଯୋଗ୍ୟ ହେବନାହିଁ।

**ସମ୍ପତ୍ତିର ବିବରଣୀ**
Regd. No. 967, Plot No. 795/168, Mouza- Jagannathprasad, Thana- Khandapada, Dist.-Nayagarh.

**ପ୍ୟାନେଲ୍ ଆଡ଼ଭୋକେଟ୍‌ଙ୍କ ନାମ ଓ ଠିକଣା:**
Deepak Kumar Sahoo (Mob.: 9937058785), Plot No. 4069// 5497/9224, Pandushwar Shiv Temple Lane, At-Pandara, Po-GGP, Bhubaneswar-751025

### AFFIDAVIT

By virtue of an affidavit sworn before the Executive Magistrate, Jajpur, dated: 14.07.2025, I Manoranjan Behera, Address: village-Chhatishratanpal, Po-Sridharapur, Ps- Jajpur, Dist- Jajpur, Odisha, PIN-755007, declare that I have changed my son's name from Triptiranjan Behera to Priti Ranjan Behera Henceforth, He shall be known as Priti Ranjan Behera for all purposes.
**Sd/- Manoranjan Behera**

### AFFIDAVIT

By virtue of an affidavit sworn before the Notary Public, Cuttack, dated: 21.07.2025, I Prabhat Kumar Swain, Address: At- Gandarpur, Po- College Square, Ps- Malgodown, Dist- Cuttack, Odisha, PIN-753003, declare that I have changed my name from Prakash Kumar Swain to Prabhat Kumar Swain. Henceforth, I shall be known as Prabhat Kumar Swain for all purposes.
**Sd/- Prabhat Kumar Swain**

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 23.07.2025, I Nirmala Swain, Address: At- Bhatana, Po- Angeswarpada, Ps- Naugaon, Dist- Jagatsinghpur, Odisha, PIN- 754113, declare that I have changed my name from Nirupama Swain to Nirmala Swain. Henceforth, I shall be known as Nirmala Swain for all purposes.
**Sd/- Nirmala Swain**

### ଦ.ପୂ. ରେଳପଥ-ଟେଣ୍ଡର

| 4. | EMD Amount | Rs. 3,56,00,000/- (Rupees Three Crore Fifty Six Lakhs only) (~ 2 % of estimated cost) to be paid online (Directorate bank account provided in RFP) /demand draft / BG through GeM portal valid for a minimum period of 180 days. |
| 5. | Last Date & Time for Submission of Pre-bid Queries (By e-mail) | 29-07-2025 up to 04:00 pm e-Mail – directorfood18@gmail.com |
| 6. | Date of Pre-bid meeting | 28-07-2025 at 01:00 pm through Google Meet (**https://meet.google.com/hyv - pudc-qxq**). |
| 7. | Date of release of responses to clarifications/queries /corrigendum | Before the last date of bid submission. |
| 8. | Last Date and time of Bid Submission | 13-08-2025 up to 07:00 pm |
| 9. | Date of proposed e-PoS device sample submission | Will be intimated later. |
| 10. | Date of opening of Technical Bid. | 14-08-2025 |
| 11. | Date of Technical presentation | After Technical Evaluation date shall be intimated. |
| 12. | Date of Financial Bid opening | Date will be intimated to qualified bidders. |
| 13. | Tender Inviting Authority and Address. | The Director, Directorate of Food and Consumer Affairs, Government of Jharkhand, 3rd Floor, JSFC Bhawan, Kadru, Ranchi 834002 e-mail:directorfood18@gmail.com |

· Any changes/modifications/corrigendum in the tender documents will be posted on website https:// www.jharkhand.gov.in/food and https: //gem.gov.in

Sd/- Director,
Directorate of Food & Consumer Affairs, Jharkhand.

PR.NO.358159 Directorate of Food and Consumer Affairs(25-26):D

## ୨୦୨୬ରେ ଇଂଲଣ୍ଡ ଗସ୍ତ କରିବ ଭାରତ : ବିସିସିଆଇ



ଭାରତ ବିପକ୍ଷ ମ୍ୟାଚ ତାଲିକା

**ଟି-୨୦:**

| | | | |
|---|---|---|---|
| ୧. | ଜୁଲାଇ ୧ | : | ବ୍ୟାଙ୍କସ ହୋମସ ରିଭରସାଇଡ, ଡରହାମ |
| ୨. | ଜୁଲାଇ ୪ | : | ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର |
| ୩. | ଜୁଲାଇ ୭ | : | ଟ୍ରେଣ୍ଟ ବ୍ରିଜ, ନଟିଂହାମ |
| ୪. | ଜୁଲାଇ ୯ | : | ସିଟ ଇଉନିକ୍ ଷ୍ଟାଡିୟମ, ବ୍ରିଷ୍ଟଲ |
| ୫. | ଜୁଲାଇ ୧୧ | : | ଉଟିଲିଟା ବୋଲ, ସାଉଥାମ୍ପଟନ |

**ଦିନିକିଆ:**

| | | | |
|---|---|---|---|
| ୧. | ଜୁଲାଇ ୧୪ | : | ଏଡଗବାଷ୍ଟନ, ବାର୍ମିଂହାମ |
| ୨. | ଜୁଲାଇ ୧୬ | : | ସୋଫିଆ ଗାର୍ଡେନସ, କାର୍ଡିଫ |
| ୩. | ଜୁଲାଇ ୧୯ | : | ଲର୍ଡସ, ଲଣ୍ଡନ |

ନୂଆଦିଲ୍ଲୀ: ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଗୁରୁବାର ୨୦୨୬ ଗ୍ରୀଷ୍ମ ଋତୁର ଘରୋଇ ମ୍ୟାଚ ତାଲିକା ଘୋଷଣା କରିଛି। ଏହି ତାଲିକା ଅନୁଯାୟୀ, ଭାରତୀୟ କ୍ରିକେଟ ଦଳ ଆଗାମୀ ବର୍ଷ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ ଖେଳିବ। ବର୍ତ୍ତମାନ ଭାରତ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ପଛରେ ରହିଛି। ଇଂଲଣ୍ଡର ୨୦୨୬ ଗ୍ରୀଷ୍ମ ଋତୁ କ୍ରିକେଟ ପାଇଁ ବ୍ୟସ୍ତବହୁଳ ରହିବ। ଭାରତ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡ ଓ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ଏବଂ ଶ୍ରୀଲଙ୍କା ବିପକ୍ଷରେ ଛଅଟି ହ୍ୱାଇଟ-ବଲ ମ୍ୟାଚ ଖେଳାଯିବ। ଏହା ସହ ଲର୍ଡସ୍ ଷ୍ଟାଡିୟମ ପ୍ରଥମ ଥର ପାଇଁ ମହିଳା ଟେଷ୍ଟ ମ୍ୟାଚର ଆୟୋଜନ କରିବ। ଇଂଲଣ୍ଡ ପୁରୁଷ ଦଳ ଜୁନ ମାସ ଆରମ୍ଭରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ତିନୋଟି ଟେଷ୍ଟ ମ୍ୟାଚ ଖେଳିବ। ଏହା ପରେ ଜୁଲାଇରେ ଭାରତ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ ଖେଳାଯିବ। ଅଗଷ୍ଟରେ ପାକିସ୍ତାନ ତିନୋଟି ଟେଷ୍ଟ ମ୍ୟାଚ ଖେଳିବାକୁ ଆସିବ ଏବଂ ସେପ୍ଟେମ୍ବରରେ ଶ୍ରୀଲଙ୍କା ତିନୋଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ ଖେଳିବ।

# କଳିଙ୍ଗ ଷ୍ଟାଡିୟମ୍‌ରେ ଦ୍ୱିତୀୟ ଜେଆର୍‌ଡି ଟାଟା ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ଜେଆରଡି ଟାଟା ହକି ଟୁର୍ଣ୍ଣାମେଣ୍ଟ ୨୦୨୫। ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଓଏନଟିପିଏଚସି) ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ହକି ଇଣ୍ଡିଆ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଭାରତୀୟ ଉଦ୍‌ଯୋଗ ଜଗତର ଜଣେ ବିଶିଷ୍ଟ ଉଦ୍‌ଯୋଗୀ ତଥା ଟାଟା ଷ୍ଟିଲ୍‌ର ପୂର୍ବତନ ଅଧ୍ୟକ୍ଷ ଭାରତରତ୍ନ ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉପଲକ୍ଷେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜିତ ହୋଇଛି। ଏଥିରେ ଦେଶର ବିଭିନ୍ନ ହାଇ ପରଫରମାନ୍ସ ସେଣ୍ଟର ଏବଂ ଏକାଡେମୀରୁ ୧୨ଟି ପୁରୁଷ ଟିମ୍ ଏବଂ ୪ଟି ମହିଳା ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ହକି ଆସୋସିଏସନର ସାଧାରଣ ସମ୍ପାଦକ ସନାତନ ସାହୁଙ୍କ ସମେତ ବରିଷ୍ଠ ପ୍ରଶିକ୍ଷକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୂର୍ବତନ ଆନ୍ତର୍ଜାତିକ ଖେଳାଳିମାନେ ଉପସ୍ଥିତ ଥିଲେ। ମହିଳା ଟିମ୍ ମଧ୍ୟରେ ଓଏନଟିଏଚ-ଏଚପିସି, ଷ୍ଟେଟ୍ ସିକ୍ରେଟାରିଏଟ୍, ସ୍ପୋର୍ଟ୍ସ ହଷ୍ଟେଲ୍ ପାନପୋଷ୍ ଏବଂ ସିଆରପିଏଫ୍ ଜଳନ୍ଧର ରହିଛି। ପୁରୁଷ ଟିମକୁ ଦୁଇଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍-ଏ ରେ ସିଆରପିଏଫ୍ ଜଳନ୍ଧର, ସ୍ପୋର୍ଟ୍ସ ହଷ୍ଟେଲ୍ ପାନପୋଷ୍, ଓଡ଼ିଶା ଜୁନିୟର୍ ଏବଂ ଆଇଓବିଚେନ୍ନାଇ ଟିମ୍ ରହିଥିବା ପୁଲ୍-ବିରେ ଭାରତୀୟ ନୌସେନା, ଓଏନଟିଏଚ-ଏଚପିସି, ଇଣ୍ଡିଆନ୍ ବ୍ୟାଙ୍କ୍ ଏବଂ ଭୁବନେଶ୍ୱର ଏକ୍ସଆଇ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ରେ ଏକ ରୋମାଂଚକ ଲିଗ୍-କମ୍-ନକଆଉଟ୍ ଫର୍ମାଟ୍ ରହିଛି। ଲିଗ୍ ମ୍ୟାଚ୍‌ଗୁଡିକ ଜୁଲାଇ ୨୪ରୁ ଜୁଲାଇ ୨୬ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ସେମିଫାଇନାଲ୍ ଜୁଲାଇ ୨୮ରେ ଏବଂ ଜୁଲାଇ ୨୯ ତାରିଖରେ ଗ୍ରାଣ୍ଡ ଫାଇନାଲ୍ ଅନୁଷ୍ଠିତ ହେବ। ଏହି ଉତ୍ସବପୂର୍ଣ୍ଣ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିଛି ଏବଂ ସମସ୍ତ ହକି ପ୍ରେମୀଙ୍କୁ ରୋମାଞ୍ଚକ ମ୍ୟାଚ୍‌ଗୁଡିକୁଦେଖିବା ପାଇଁ ଆମନ୍ତ୍ରଣ କରାଯାଉଛି। ଗ୍ରାଣ୍ଡ ଫାଇନାଲ୍ ମ୍ୟାଚ ଅନଲାଇନ୍‌ରେ ଷ୍ଟ୍ରିମ୍ କରାଯିବ। ଯେଉଁଥିରେ ଲାଇଭ୍ ଅପଡେଟ୍, ଫିକ୍ସଚର୍ ଏବଂ ଓଏନଟିଏଚଏଚପିସିର ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍‌ରେ ମ୍ୟାଚ୍ ହାଇଲାଇଟ୍ ଉପଲବ୍ଧ ହେବ।

**Office of the Executive Engineer**
**Drinking Water & Sanitation Division, Sahibganj**

**Very Short Term Tender e-Procurement Notice (10th Call)**

e-Tender Reference No. :- **DWSD/SAHIBGANJ- 06/2025-26Date- 23.07.2025**

| Sl. | Name of Work | Name of Scheme | Group No. | Model No. | No. of Schemes | No. of FHTC | Estimated Cost (In Lac) | Earnest Money (In Lac) | Cost of BOQ (In Rs.) | Month |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | | 7 | 8 | 9 | 10 |
| 1 | 1. Construction of rural water supply Scheme with 1.0 HP DC Solar motor pump complete set &Construction of DT/GPT/HYDT/HYGPT (as applicable) Bore wellfor Tolas/Village/Areas which is not included in MVS and has no electricity or less electricity to supply water 2000 LPH at least 15/30 year for 24x7 supply under JJM in the state of Jharkhand. **(Model-IB)** 2. Construction of rural water supply Scheme with 2 Nos. 1.00 HP DC Solar motor pump complete set for Tolas/ Village/ Areas which is not included in MVS and has no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x 7 supply under JJM in the state of Jharkhand. **(Model-3)** **3.**Construction of rural water supply Scheme with 2 Nos. 2.00 HP DC Solar motor pump complete set for Tolas/ Village/ A reas which is not included in MVS and no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x7 supply under JJM in the state of Jharkhand.**(Model-4)** | Topara Group of SVS | SVS-03 | 1B | 21 | 616 | 193.38 | 3.90 | 10000.00 | 6 Months |
| 2 | Date & Time of Publication of Tender on website | | 25.07.2025/ 05:00 P.M | | | | | | | |
| 3 | Last Date & Time for receipt of Bid | | 04.08.2025/ 05:00 P.M | | | | | | | |
| 4 | **Last date/ time of Online submission of Earnest Money and Cost of BOQ**(As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | | 04.08.2025/ 05:00 PM | | | | | | | |
| 5 | Date & Time of Opening of Tender | | 05.08.2025 / 05:00 PM | | | | | | | |
| 6 | Name & address of office inviting tender | | Executive Engineer, Drinking Water & Sanitation Division,Sahibganj, Jharkhand | | | | | | | |
| 7 | Name & address of Opening officer | | Executive Engineer, Drinking Water & Sanitation Division, Sahibganj Jharkhand | | | | | | | |
| 8 | Contact No. of Procurement Office | | 9264195681 | | | | | | | |
| 9 | Helpline No. of e-procurement cell | | 9264195681 | | | | | | | |

**Note:-**

- No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
- Further details can be seen on website http://jharkhandtenders.gov.in
- Estimated cost may be increase or decrease.

**Executive Engineer**
**Drinking Water and Sanitation, Division Sahibganj.**

PR 358120 (Drinking Water and Sanitation)25-26*D

**MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍**

**Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.**
**CIN: U65929KL1997PLC011518, Ph: +91 471 4911400, 2331427**

ଏତଦ୍ଵାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.09.2024 & MSGL, SPL 16, One Plus, Guide prepaid, Super value, ADGL and all other 6 months tenure gold loans upto 31.12.2024 and MSGB, SME Suvarna & EMI due upto 30.06.2025. Also those gold loans where interest is due and not paid up to 30.06.2025 are also included in this auction. ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 20.08.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**JAGATSINGHPUR DISTRICT-JAGATSINGHPUR:** 4144000067, 4144000102, 4144000106, 4144000108, 4144000109, 4144000111, 4144000126, 4144000128, 4144000131, 4144000134, 4144000143, 4144000144, 4144000146, 4144000149, 4144000150, 4144000158, 4144000159, 4144000162, 4144000163, 4144000168, 4144000169, 4144000172, 4144000175, 4144000176, 4144000177, 4144000178, 4144000180, 4144000185, 4144000186, 4144000187, 4144000188, 4144000194, 4144000200, 4144000201, 4144000202, 4144000207, 4144000210, 4144000211, 4144000212, 4144000223, 4144000224, 4144000225, 4144000231, 4144000236, 4144000237, 4144000238, 4144000241, 4144000242, 4144000245, 4144000256, 4144000260, 4144000261, 4144000265, 4144000266, 4144000267, 4144000269, 4144000271, 4144000275, 4144000278, 4144000283, 4144000284, 4144000285, 4144000286, 4144000288, 4144000289, 4144000296, 4144000297, 4144000300, 4144000303, 4144000309, 4144000311, 4144000312, 4144000316, 4144000318, 4144000319, 4144000327, 4144000336, 4144000338, 4144000344, 4144000346, 4144000347, 4144000354, 4144000363, 4144000364, 4144000367, 4144000370, 4144000386, 4144000391, 4144000394, 4144000396, 4144000397, 4144000398, 4144000403, 4144000409, 4144000417, 4144000418, 4144000419, 4144000420, 4144000433, 4144000437, 4144000440, 4144000441, 4144000442, 4144000443, 4144000444, 4144000447, 4144000455, 4144000457, 4144000465, 4144000468, 4144000476, 4144000482, 4144000484, 4144000487, 4144000488, 4144000490, 4144000519, 4144000527, 4144000529, 4144000532, 4144000535, 4144000537, 4144000538, 4144000540, 4144000548, 4144000552, 4144000554, 4144000559, 4144000560, 4144000567, 4144000570, 4144000577, 4144000583, 4144000584, 4144000590, 4144000594, 4144000596, 4144000598, 4144000611, 4144000615, 4144000616, 4144000617, 4144000618, 4144000619, 4144000620, 4144000622, 4144000624, 4144000625, 4144000630, 4144000631, 4144000633, 4144000639, 4144000640, 4144000642, 4144000644, 4144000645, 4144000646, 4144000647, 4144000651, 4144000654, 4144000658, 4144000659, 4144000666, 4144000668, 4144000699, 4144000701, 4144000703, 4144000708, 4144000712, 4144000724, 4144000725, 4144000732, 4144000734, 4144000743, 4144000751, 4144000756, 4144000757, 4144000760, 4144000762, 4144000767, 4144000772, 4144000779, 4144000781, 4144000783, 4144000784, 4144000786, 4144000787, 4144000789, 4144000790, 4144000806, 4144000807, 4144000809, 4144000813, 4144000815, 4144000822, 4144000824, 4144000833, 4144000834, 4144000835, 4144000836, 4144000837, 4144000841, 4144000851, 4144000854, 4144000855, 4144000858, [illegible] **PARADEEP:** [illegible] **JAJPUR DISTRICT-CHANDIKHOL:** [illegible] **JAJPUR ROAD:** [illegible] **KEONJHAR DISTRICT-KEONJHAR:** [illegible] 4151000103, 4151000110, 4151000114, 4151000117, 4151000122, 4151000125, 4151000126, 4151000129, 4151000132, 4151000140, 4151000141, 4151000142, 4151000155, 4151000157, 4151000159, 4151000162, 4151000168, 4151000173, 4151000176, 4151000180, 4151000183, 4151000184, 4151000185, 4151000191, 4151000192, 4151000194, 4151000198, 4151000212, 4151000214, 4151000215, 4151000217, 4151000225, 4151000227, 4151000229, 4151000231, 4151000234, 4151000236, 4151000239, 4151000248, 4151000257, 4151000262, 4151000267, 4151000271, 4151000272, 4151000274, 4151000276, 4151000280, 4151000283, 4151000284, 4151000289, 4151000290, 4151000291, 4151000292, 4151000293, 4151000303, 4151000306, 4151000307, 4151000308, 4151000309, 4151000313, 4151000316, 4151000323, 4151000325, 4151000326, 4151000335, 4151000336, 4151000343, 4151000346, 4151000347, 4151000354, 4151000357, 4151000364, 4151000366, 4151000370, 4151000374, 4151000376, 4151000384, 4151000385, 4151000389, 4151000391, 4151000393, 4151000400, 4151000404, 4151000407, 4151000413, 4151000414, 4151000420, 4151000423, 4151000425, 4151000426, 4151000430, 4151000435, 4151000438, 4151000443, 4151000448, 4151000451, 4151000452, 4151000455, 4151000456, 4151000458, 4151000460, 4151000463, 4151000464, 4151000468, 4151000469, 4151000480, 4151000484, 4151000485, 4151000491, 4151000492, 4151000499, 4151000500, 4151000505, 4151000506, 4151000510, 4151000513, 4151000522, 4151000525, 4151000528, 4151000529, 4151000532, 4151000535, 4151000536, 4151000537, 4151000538, 4151000540, 4151000541, 4151000545, 4151000550, 4151000554, 4151000555, 4151000559, 4151000560, 4151000598, 415101678, 415101807, 415102019, 415102021, 415102030, 415102031, 415102073, 415102078, 415102084, 415102093, 415102118, 415102129, 415102156, 415102163, 415102174, 415102211, 415102213, 415102215, 415102230, 415102241, 415102246, 415102261, 415102282, 415102284, 415102292, 415102303, 415102319, 415102320, 415102325, 415102351, 415102354, 415102363, 415102380, 415102398, 415102399, 415102426, 415102441, 415102457, 415102474, 415102487, 415102496, 415102502, 415102511, 415102527, 415102537, 415102542, 415102553, 415102555, 415102561, 415102570, 415102571, 415102572, 415102587, 415102595, 415102608, 415102609, 415102620, 415102630, 415102635, 415102637, 415102638, 415102650, 415102651, 415102654, 415102670, 415102675, 415102678, 415102679, 415102690, 415102691, 415102716, 415102720, 415102724, 415102728, 415102740, 415102744, 415102747, 415102748, 415102750, 415102751, 415102754, 415102755, 415102762, 415102766, 415102776, 415102777, 415102778, 415102779, 415102783, 415102788, 415102789, 415102792.

ନିଲାମ ସମ୍ବନ୍ଧିତ ଆୟୋଜକ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 02.09.2025 ସକାଳ **JAGATSINGHPUR:** Plot No. 925, Ground Floor, Gandharb Market, Sano Bazaar Main Road, Opp. Bus Stand, Deuligrameswar, Jagatsinghpur, Orissa -754103. **KEONJHAR:** Ground Floor, Khatian No. 136/548, Plot No. 698/919-1074, Hotel Maa Tarini, M.g. Chowk, New Market, Keonjhar, Odisha- 758001. **JAJPUR ROAD:** First Floor, Muthoot Fincorp Ltd, Plot No 384, Bank Street, Oppositebharat Gas, Padampur, Jajpur Road, Orissa, 755019. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

# ବିବିଧବର୍ଣ୍ଣା



ଆମେ ସାଧାରଣତଃ ଜିରାକୁ ରୋଷେଇ ଘରେ ମସଲା ଭାବରେ ବ୍ୟବହାର କରିଥାଉ । କିନ୍ତୁ ଏହି ଜିରା ଆମର ଅନେକ ସମସ୍ୟାକୁ ଚୁଟକିରେ ଦୂର କରିପାରେ । ତେବେ ଚାଲନ୍ତୁ ଜାଣିବା ଏହାର ଫାଇଦା । ଜିରାକୁ ପ୍ରଥମେ ପାଣିରେ ପକାଇ ଫୁଟାଇ ଦିଅନ୍ତୁ ଏବଂ ଏହାପରେ ଏହାକୁ ଛାଣି ଦିଅନ୍ତୁ । ସେହି ଉଷୁମ ଜିରା ପାଣିରେ ଲେମ୍ବୁ ରସ ମିଶାଇ ତାହାକୁ ସେବନ କରନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ। ଆସନ୍ତୁ ଜାଣିବା ୧୪ ଦିନ ପର୍ଯ୍ୟନ୍ତ ସକାଳେ ଖାଲି ପେଟରେ ଲେମ୍ବୁ ରସ ସହିତ ଜିରା ପାଣି ମିଶାଇ ପିଇବା ଦ୍ୱାରା ଆପଣଙ୍କ ଶରୀର ଉପରେ କ'ଣ ପ୍ରଭାବ ପଡ଼ିଥାଏ।୧୪ ଦିନ ପର୍ଯ୍ୟନ୍ତ ଖାଲି ପେଟରେ ଲେମ୍ବୁ ସହିତ ଜିରା ପାଣି ମିଶାଇ ପିଇବା ଦ୍ୱାରା ପାଚନ ତନ୍ତ୍ରକୁ ଲାଭ ମିଳିଥାଏ। ଏହାର ସେବନ ଆପଣଙ୍କ ପାଚନ ତନ୍ତ୍ରକୁ ଉନ୍ନତ କରିବ, ଗ୍ୟାସ୍, ବଦହଜମୀ, ଏସିଡିଟି ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ ଏବଂ ଆପଣଙ୍କ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବ। ଏହା ସହିତ, ଜିରାରେ ମିଳୁଥିବା ଉପାଦାନଗୁଡ଼ିକ ପାଚନ ଏନଜାଇମଗୁଡ଼ିକୁ ସକ୍ରିୟ କରି ପାଚନକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଯାହା ପେଟ ଫୁଲିବା ସମସ୍ୟାରୁ ମଧ୍ୟ ମୁକ୍ତି ଦେବ।

## ପୁଣି ତେଲୁଗୁ ସିନେମାକୁ ଫେରୁଛନ୍ତି ସାମନ୍ଥା

ସାଉଥ୍ ହିରୋଇନ୍ ସାମନ୍ଥା ହରର କମେଡି ଫିଲ୍ମ 'ଶୁଭମ' ଜରିଆରେ ପ୍ରଯୋଜକ ଭାବରେ ଡେବ୍ୟୁ କରିଥିଲେ ଓ ଏଥିରେ ସେ ଏକ କ୍ୟାମିଓ ଭୂମିକାରେ ନଜର ମଧ୍ୟ ଆସିଥିଲେ। ଆଉ ଏବେ ସେ ଏକ ଟଲିଉଡ୍ ଫିଲ୍ମ ପ୍ରଯୋଜନା କରିବାକୁ ଯାଉଛନ୍ତି। ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ନଜର ଆସିବେ। ୨୦୧୯ରେ ରିଲିଜ ହୋଇଥିବା ଫିଲ୍ମ 'ଓହ ବେବି'ର ନିର୍ଦ୍ଦେଶକ ନନ୍ଦିନୀ ରେଡ୍ଡୀଙ୍କ ସହ ପୁଣି ଥରେ କାମ କରିବାକୁ ଯୋଜନା କରୁଥିବା ନେଇ ଜଣାପଡ଼ିଛି। ତେବେ ନନ୍ଦିନୀ ଗମ୍ଭୀର କାହାଣୀ ଏବଂ ପ୍ରଭାବଶାଳୀ ଚରିତ୍ର ପାଇଁ ଇଣ୍ଡଷ୍ଟ୍ରିରେ ଜଣାଶୁଣା। ୨୦୨୧ରେ ୱେବ୍ ସିରିଜ 'ଦି ଫ୍ୟାମିଲି ମ୍ୟାନ୍' ସିଜନ୍ ୨ ଜରିଆରେ ସେ ହିନ୍ଦୀ ମନୋରଞ୍ଜନ ଜଗତରେ ପ୍ରବେଶ କରିଥିଲେ। ତେବେ ନେଟଫ୍ଲିକ୍ସର ଆଗାମୀ ସିରିଜ୍ 'ରକ୍ତ ବ୍ରହ୍ମାଣ୍ଡ' ରେ ମଧ୍ୟ ସାମନ୍ଥା ନଜର ଆସିବେ। ଏହି ସିରିଜ୍ ଡିଟୁଆର୍ ଫିଲ୍ମସ୍ ବ୍ୟାନରରେ ରାଜ୍ ଏବଂ ଡିକେ ଦ୍ୱାରା ପ୍ରଯୋଜିତ ହୋଇଥିବା ବେଳେ ଏଥିରେ ସାମନ୍ଥାଙ୍କ ବ୍ୟତୀତ, ଆଦିତ୍ୟ ରୟ କପୁର, ଅଲି ଫଜଲ୍, ଭାମିକା ଗବ୍ବି ଏବଂ ଜୟଦୀପ ଆହଲାୱତଙ୍କ ଭଳି ଅଭିନେତା ମାନେ ନଜର ଆସିବେ।





## 'ବିଗ୍ ବସ୍ ୧୯'ର ପ୍ରତିଯୋଗୀ ମୀରା ଦେବସ୍ଥଲେ

ଭାରତର ସବୁଠୁ ବଡ଼ ଓ ହିଟ୍ ରିୟଲିଟି ଶୋ' 'ବିଗ୍ ବସ୍' । ସବୁ ବର୍ଷ ଭଳି ଏ ଥର ବି ଶୋ'କୁ ନେଇ ଜୋରଦାର କ୍ରେଜ୍ ଦେଖିବାକୁ ମିଳୁଛି । 'ବିଗ୍ ବସ୍-୧୯'ର ଔପଚାରିକ ଘୋଷଣା ପୂର୍ବରୁ ଶୋ'କୁ ନେଇ ଅନେକ ଖବର ସାମ୍ନାକୁ ଆସୁଛି । ଶୋ'ର ପ୍ରତିଯୋଗୀଙ୍କୁ ନେଇ ମଧ୍ୟ ଅନେକ ଷ୍ଟାରଙ୍କ ନାଁ ଚର୍ଚ୍ଚାରେ ରହିଛି । ଏହି କ୍ରମରେ ଚର୍ଚ୍ଚା ହେଉଛି, ଲୋକପ୍ରିୟ ଟିଭି ଅଭିନେତ୍ରୀ ମୀରା ଦେବସ୍ଥଲେ 'ବିଗ୍ ବସ୍-୧୯'ରେ ଆସିପାରନ୍ତି। 'ଉଡ଼ାନ' ଫେମ୍ ମୀରାଙ୍କ ନାଁ ଶୋ' ପାଇଁ ଚୂଡ଼ାନ୍ତ ହୋଇଥିବା ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି । ଏହି ଖବର ଶୁଣି ମୀରାଙ୍କ ଫ୍ୟାନ୍ ଖୁବ୍ ଉତ୍ସାହିତ । ତେବେ ମୀରା ଏ ବିଷୟରେ ସ୍ପଷ୍ଟ କରିନାହାନ୍ତି । ୨୯ ବର୍ଷୀୟା ମୀରା ୨୦୧୪ରେ ଅଭିନୟ ଦୁନିଆରେ ଏଣ୍ଟ୍ରି କରିଥିଲେ ।

ସର୍ବପ୍ରଥମେ ସେ 'ସସୁରାଲ ସିମରକା' ଧାରାବାହିକରେ ଆସିଥିଲେ । କିନ୍ତୁ ୨୦୧୬ର ଧାରାବାହିକ 'ଉଡ଼ାନ୍'ରୁ ତାଙ୍କୁ ଖ୍ୟାତି ମିଳିଲା । ଏଥିରେ ଚକୋର ଭୂମିକା ଜରିଆରେ ସେ ଘରେ ଘରେ ପରିଚିତ ହୋଇଥିଲେ । ଏହି ଧାରାବାହିକ ତାଙ୍କ କ୍ୟାରଅର ମୁଖ୍ୟ ଟର୍ଣ୍ଣିଂ ପଏଣ୍ଟ୍ ହେଲା । ତା'ପରେ ସେ 'ବିଦ୍ୟା', 'ଗୁଡ୍ ସେ ମିଠା ଇଶ୍‌କ' ସମେତ ଅନେକ ଧାରାବାହିକରେ ଆସିଲେ। କିନ୍ତୁ ସେସବୁକୁ 'ଉଡ଼ାନ୍' ଭଳି ସଫଳତା ମିଳିଲା ନାହିଁ । ଏବେ ଯଦି ସେ ସଲମାନଙ୍କ 'ବିଗ୍ ବସ୍ ୧୯'ରେ ସାମିଲ ହୁଅନ୍ତି, ତାଙ୍କ କ୍ୟାରିଅର ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ମୋଡ଼ ହେବ । 'କୁଣ୍ଡଲୀ ଭାଗ୍ୟ' ଫେମ୍ ଶ୍ରଦ୍ଧା ଆର୍ୟା ଓ ଅଭିନେତା ଧୀରଜ ଧୂପରଙ୍କୁ ମଧ୍ୟ 'ବିଗ୍ ବସ୍-୧୯' ଅଫର ମିଳିଥିବା ଚର୍ଚ୍ଚା ହେଉଛି । ଧନଶ୍ରୀ ବର୍ମାଙ୍କ ବିଗ୍ ବସ୍ ଏଣ୍ଟ୍ରି ଖବର ମଧ୍ୟ ରହିଛି। ଆସନ୍ତା ଅଗଷ୍ଟରେ ଶୋ' ଆରମ୍ଭ ହେବ ବୋଲି କୁହାଯାଉଛି । କିନ୍ତୁ ଅଦ୍ୟାବଧି କୌଣସି ପ୍ରୋମୋ ଆସିନାହିଁ ।



## ବିବାହକୁ ନେଇ ପୁଣି ଚର୍ଚ୍ଚାରେ ହଂସିକା

ମାତ୍ର ୨ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ହଂସିକା ମୋଟବାନୀଙ୍କର ଖୁବଶୀଘ୍ର ବିବାହ ବିଚ୍ଛେଦ ହେବାନେଇ ସୂଚନା ମିଳିଛି । ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହେଉଛି । ଏପରିକି ଉଭୟ ଅନେକ ଦିନ ଧରି ଏକାଠି ରହୁ ନଥିନେଇ ମଧ୍ୟ ସୂଚନା ମିଳୁଛି । ସୂଚନା ଅନୁସାରେ ସେ ବର୍ତ୍ତମାନ ନିଜ ମାଆଙ୍କ ସହିତ ରହୁଛନ୍ତି । ସେହିଭଳି ତାଙ୍କ ସ୍ୱାମୀ ନିଜ ପିତାମାତାଙ୍କ ସହିତ ରହୁଛନ୍ତି । ଡିସେମ୍ବର ୨୦୨୨ରେ ବିବାହପରେ ହଂସିକା ନିଜ ଶାଶୁଘର ଲୋକଙ୍କ ସହିତ ରହୁଥିଲେ । ହେଲେ ସେହିସମୟରେ ବଡ ପରିବାର ସହିତ ରହିବା ଓ ଆଡଜଷ୍ଟ କରିବା ତାଙ୍କ ପାଇଁ ଅସୁବିଧା ହୋଇଥିଲା । ତେଣୁ ସେହି ବିଲ୍ଡିଂରେ ଉଭୟ ଏକ ଭିନ୍ନ ଘରନେଇ ରହୁଥିଲେ । ହେଲେ ବର୍ତ୍ତମାନର ଖବର ଅନୁସାରେ ଉଭୟଙ୍କ ଭିତରେ କିଛି ସସମ୍ୟା ଉପୁଜିଛି, ଯେଉଁ କାରଣରୁ ଉଭୟ ଅଲଗା ହେବା କଥା ଚର୍ଚ୍ଚା ହେଉଛି । ତେବେ ହଂସିକା ଏ ସମ୍ପର୍କରେ କୌଣସି ମତ ଦେଇନଥିବା ବେଳେ ତାଙ୍କ ସ୍ୱାମୀ ଏହାକୁ ଖଣ୍ଡନ କରିଛନ୍ତି । କିନ୍ତୁ ସୋସିଆଲ ମିଡିଆରେ ଫ୍ୟାନ୍‌ମାନେ ଏହାକୁ ସତ ବୋଲି ଗ୍ରହଣ କରିଛନ୍ତି । ବିବାହ ପୂର୍ବରୁ ମଧ୍ୟ ଉଭୟଙ୍କ ସମ୍ପର୍କ ଖୁବ ଚର୍ଚ୍ଚାରେ ଥିଲା କାରଣ ହଂସିକାଙ୍କ ସାଙ୍ଗଙ୍କର ପୂର୍ବତନ ସ୍ୱାମୀକୁ ହିଁ ହଂସିକା ବିବାହ କରିଥିଲେ । ଏହାପରେ ଲୋକମାନେ ହଂସିକାଙ୍କୁ ସେତେବେଳେ କଡା ସମାଲୋଚନା କରିଥିଲେ ।

## ବୟସ ପୂର୍ବରୁ ବୁଢ଼ା ଦେଖାଯିବାର କାରଣ-ନିରାକରଣ

*ବୟସ ବଢିଲେ ତ୍ୱଚାରେ ବାର୍ଦ୍ଧକ୍ୟ ପରିଲକ୍ଷିତ ହେବା ଅତ୍ୟନ୍ତ ସ୍ୱାଭାବିକ କଥା। ବୟସ ବୃଦ୍ଧି ହେଲେ ତ୍ୱଚାରେ ଆପେ ଆପେ କୁଞ୍ଚନ ସୃଷ୍ଟି ହୁଏ। କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର କିଛି ନିତିଦିନିଆ ଅଭ୍ୟାସ ଆପଣଙ୍କୁ ଅକାଳରେ ବୃଦ୍ଧ କରିପାରେ। ତେଣୁ ଅକାଳ ବୃଦ୍ଧାବସ୍ଥାକୁ ଏଡାଇବା ପାଇଁ, ସେହି ଅଭ୍ୟାସଗୁଡ଼ିକ ପରିତ୍ୟାଗ କରିବା ନିହାତି ଆବଶ୍ୟକ। ଅନେକ ସମୟରେ କିଛି ଲୋକଙ୍କୁ ରାତିରେ ନିଦ ସଠିକ୍ ଭାବେ ହୁଏନାହିଁ। ଏହାଦ୍ୱାରା ମୁହଁରେ ଥିବା ପୁରୁଣା ସେଲ ଗୁଡିକ ସ୍ଥାନରେ ନୂଆ ସେଲ ସୃଷ୍ଟି ହେବା ପ୍ରକ୍ରିୟା ହ୍ରାସ ପାଇଥାଏ।*



- ◆ ସାଧାରଣତଃ ଆମେ ଖରାରେ ବାହାରକୁ ବାହାରିଲେ ମୁହଁରେ ସନ୍‌ସ୍କ୍ରିନ୍ ଲଗାଇଥାଏ। ଯାହା ଆମ ତ୍ୱଚାକୁ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା କରିଥାଏ
- ◆ ପ୍ରତିଦିନ ଥରେ କିମ୍ବା ଦୁଇଥର ସନସ୍କ୍ରିନ୍ ଲଗାନ୍ତୁ
- ◆ ଖରାପ ଖାଦ୍ୟପ୍ରେୟ ମଧ୍ୟ ଅକାଳ ବୃଦ୍ଧାବସ୍ଥାର କାରଣ
- ◆ ସର୍ବଦା ଖାଦ୍ୟରେ ଚିନିର ପରିମାଣ କମ୍ କରନ୍ତୁ।
- ◆ ସବୁଜ ପନିପରିବା, ଫଳ, ଦହି ଆଦି ଖାଇବା ଉଚିତ୍
- ◆ ଧୂମ୍ରପାନ ମଧ୍ୟ ଆପଣଙ୍କ ତ୍ୱଚାକୁ କ୍ଷତି ପହଞ୍ଚାଏ
- ◆ ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ

## ଘରେ ଝିଟିପିଟି ହଇରାଣ କରୁଛନ୍ତି କି

### ଆପଣାନ୍ତୁ ଏହି ଉପାୟ

ଘରୁ ଦୂରାନ୍ତୁ ଝିଟିପିଟି ଝିଟିପିଟି ପ୍ରାୟ ଅଧିକାଂଶଙ୍କ ଘରେ ଥିବା ଦେଖିବାକୁ ମିଳିଥାଏ। କେହି କେହି ଏହାକୁ ଦେଖିଲେ ଭୟ ମଧ୍ୟ କରିଥାନ୍ତି। ଯଦି ଆପଣଙ୍କ ଘରେ ବି ଅଧିକ ଝିଟିପିଟି ଅଛନ୍ତି ଏବଂ ତାଙ୍କୁ ନ ମାରି ଘରୁ ବାହାର କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...



କର୍ପୂରର ଗନ୍ଧ ଝିଟିପିଟିକୁ ପସନ୍ଦ ନୁହେଁ। ତେଣୁ ୪ଟି କର୍ପୂରକୁ ଗୁଣ୍ଡକରି ୧୫୦ମି.ଲି. ପାଣିରେ ମିଶାନ୍ତୁ। ସେଥିରେ ଅଳ୍ପ ଡେଟଲ ମିଶାଇ ସ୍ପ୍ରେ ବଟଲରେ ରଖି ଘରର ସବୁ କାନ୍ଥରେ ସ୍ପ୍ରେ କରନ୍ତୁ, ଝିଟିପିଟି କିମ୍ବା ଅନ୍ୟ ପୋକ ମଧ୍ୟ ଆସିବେ ନାହିଁ।

ଯଦି କେମିକାଲ ବ୍ୟବହାର ପସନ୍ଦ ନୁହେଁ ତେବେ ପିଆଜ ଏବଂ ରସୁଣ ଆପଣଙ୍କ ପାଇଁ ସବୁଠୁ ସହଜ ପ୍ରାକୃତିକ ଉପାୟ। ଗୋଟିଏ ବଡ଼ ପିଆଜକୁ କାଟି ଦିଅନ୍ତୁ। ସେଥିରେ ଗୋଟିଏ ରସୁଣର ୧୦-୧୨ କୋଲା ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ କପଡ଼ାରେ ଚିପୁଡି ରସ ବାହାର କରନ୍ତୁ। ସେଥିରେ ସମ ପରିମାଣର ପାଣି ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଘରେ ସ୍ପ୍ରେ କରନ୍ତୁ। ଏହାର ତୀବ୍ର ଗନ୍ଧରେ ଘରୁ ଝିଟିପିଟି ଚାଲିଯିବେ।

ସେହିପରି ପିପରମିଣ୍ଟ ଅଏଲ ୧୦-୧୫ ଟୋପା ନେଇ ପାଣିରେ ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଝିଟିପିଟି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ଦେଖିବେ ଝିଟିପିଟି ଆଉ ଆସିବେ ନାହିଁ।

ଘରର ବିଭିନ୍ନ ସ୍ଥାନରେ ଅଣ୍ଡା ଖୋଳ ରଖିଲେ ବି ଝିଟିପିଟି ଘରକୁ ଆସି ନ ଥାନ୍ତି। ଝିଟିପିଟି ନ ଆସିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘରକୁ ସଫା ରଖିବା। ତେଣୁ ନିୟମିତ ସମୟ ଅନ୍ତରାଳରେ ଘରର ଛାତ, ଆଲମିରା ଓ କପ୍‌ବୋର୍ଡ ପଛପଟ, ବିଭିନ୍ନ ଫର୍ଣ୍ଣିଚରର ପଛପଟ ଆଦିକୁ ସଫା କରନ୍ତୁ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




ଶୁଳିଆପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଅନ୍ତରିଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ମହିଳା କର୍ମଜୀବୀ ଓ ଛାତ୍ରୀ ଯୌନ ନିର୍ଯାତନା ଆଇନ୍ ସମ୍ବନ୍ଧୀୟ ସଚେତନତା ଓ ନିରାକରଣ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ କିଶୋର କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଶୁଳିଆପଦା ସିଡିପିଓ ତନୁଶ୍ରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ୟୁଜିସି ପକ୍ଷରୁ ଯାରି ହୋଇଥିବା ନିୟମକୁ କଡାକଡି ଭାବେ ପାଳନ କରିବା ସହିତ ଆଇସିସି କାର୍ଯ୍ୟଧାରାକୁ ବାସ୍ତବ ରୂପାୟନ କରିବା ନିମନ୍ତେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡଃ.ଅର୍ଜୁନ କୁମାର ମହାନ୍ତ, ମୁରଲୀଧର ନାଏକ୍, ଅଧ୍ୟାପିକା ପ୍ରଣତୀ ମହାନ୍ତ, ଜନତାମଣୀ ତୁଙ୍ଗ ପ୍ରମୁଖ ମଞ୍ଚାସିନ ହୋଇ ମହିଳା ନିର୍ଯାତନା ଆଇନର ବିଭିନ୍ନ ଦିଗ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



## ଭାଉଜଙ୍କୁ ଅସଦାଚରଣ କରି ଦିଅର ଗିରଫ



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧିନସ୍ତ ନୀଳାଦ୍ରୀନଗର ଗ୍ରାମରେ ଗତ ୨୨ତାରିଖ ମଙ୍ଗଳବାର ମଧ୍ୟ ରାତ୍ରିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଏହି ଗ୍ରାମରେ ଗୋଟିଏ ଘରର ଯଦୁମଣି ଖରା, ସୋମନାଥ ଖରା ଏବଂ ସାନଭାଇ ପ୍ରେମ ଖରା (ସୁନାଧର) ମୋଟ ତିନି ଜଣ ଭାଇ ଗୋଟିଏ ଜାଗାରେ ଅଲଗା ଅଲଗା ଘରେ ରହୁଛନ୍ତି। କୌଣସି କାରଣରୁ ଦୀର୍ଘଦିନ ହେବ ସୋମନାଥ ଘରେ ରହୁନାହାନ୍ତି। ଘରେ ସୋମନାଥଙ୍କ ସ୍ତ୍ରୀ ଏବଂ ଝିଅ ରହୁଛନ୍ତି। ବଡଭାଇ ସୋମନାଥ ଘରେ ନଥିବାର ସୁଯୋଗ ନେଇ ଦିଅର ପ୍ରେମ ଖରା ମଙ୍ଗଳବାର ମଧ୍ୟ ରାତିରେ ଭାଉଜଙ୍କ ଫୋନ କରିଥିଲା। ତାଙ୍କ ଝିଅ ଫୋନ ରିସିଭ କରିବାରୁ ମା'କୁ ଫୋନ ଦେବାକୁ କହିଥିଲା। ଭାଉଜ ଫୋନ ରିସିଭ କରିବାରୁ ତାଙ୍କୁ ବିଭିନ୍ନ ପ୍ରକାର ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲା। ଏହାର କିଛି ସମୟ ପରେ ଦିଅର ପ୍ରେମ ଭାଉଜଙ୍କ ଘରେ ପହଁଞ୍ଚି କବାଟକୁ ଧକ୍କା ମାରି ଭାଙ୍ଗି ଘରେ ପଶିବା ସହିତ ଭାଉଜଙ୍କୁ ଟଣାଓଟରା କରି ଅନୈତିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଭାଉଜ ଜୋରରେ ଚିତ୍କାର କରିବାରୁ ଦେଢଶୁର ଯଦୁମଣି ସେଠାରେ ପହଁଞ୍ଚି ଭାଇବୋହୁଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ସମ୍ପର୍କରେ ପରିବାର ଲୋକେ ପୋଲିସକୁ ଜଣାଇ ଥିଲେ। ସୂଚନା ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ବିସି ମଝିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ପହଁଞ୍ଚିଥିଲା ପୋଲିସ ଗାଡିକୁ ଦେଖିବା ମାତ୍ରେ ପ୍ରେମ ସେଠାରୁ କେଉଁଆଡେ ଫେରାର ହୋଇଯାଇ ଥିଲା। ଏ ନେଇ ସୋମନାଥଙ୍କ ସ୍ତ୍ରୀ ଗତ ବୁଧବାର ଦିନ ଓର୍କେଲ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଛି। ଗତକାଲି ରାତିରେ ଏସଆଇ ହର ପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ପ୍ରେମଙ୍କୁ ମାଲକାନଗିରି ଅଞ୍ଚଳରୁ ଗିରଫ କରି ଆଣିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ପ୍ରେମକୁ ଆଜି ପୋଲସ ପକ୍ଷରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ପ୍ରେମଙ୍କ ନାମରେ ପୂର୍ବରୁ ବିଭିନ୍ନ ଘଟଣାରେ ପ୍ରାୟ ୭ ଟି ମାମଲା ରହିଥିବା କୁହାଯାଇଛି।

## ମଣିନାଥପୁର ମଶାଣିରୁ ୪ଶବ ଚୋରି



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀକୂଳ ସ୍ୱର୍ଗଦ୍ୱାର ଗ୍ରାମ ଶ୍ମଶାନରୁ ସୋମବାର ରାତ୍ରରେ ମୋଟ ୪ଟି ଶବ ଚୋରି ଯାଇଥିବା ଜଣାଯାଇଛି। ଗତ କିଛି ମାସ ମଧ୍ୟରେ ମୃତ୍ୟୁବରଣ କରିଥିବା ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା, ସତ୍ୟଭାମା ପରିଡା, ଶତ୍ରୁଘ୍ନ ଦାସ, ପ୍ରମିଳା ଦାସଙ୍କ ଶବ ଗାଏବ ହୋଇଯାଇଛି। ଗ୍ରାମବାସୀମାନେ ଗୁରୁବାର ସକାଳେ ଗାତଖୋଳା ଯାଇ ଶବକୁ ଘୋଷାରି ନେଇଥିବା ଦେଖିଥିଲେ। ଗ୍ରାମର ଅଧିକାଂଶ ଲୋକ ଶବକୁ ଦାହ କରିବା ବଦଳରେ ଗଭୀର ଗାତଖୋଳି ପୋତି ଦେଇ ସଂସ୍କାର କରିଥାନ୍ତି। ପିଢି ପରେ ପିଢି ଏଭଳି ପ୍ରଥା ଗ୍ରାମରେ ପ୍ରଚଳିତ ଅଛି। ଶବ ର୍ୟାକେଟର ଲୋଲୁପ ଦୃଷ୍ଟି ଗ୍ରାମ ଶ୍ମଶାନ ଉପରେ ପଡିଛି। ଶବ ଚୋରି ପଛରେ ଆର୍ନ୍ତଜାତୀୟ ର୍ୟାକେଟର ହାତଥିବା ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି। ସ୍ଥାନୀୟ କେତେକ ସୂଚନାଦାତାଙ୍କ ସହଯୋଗରେ ଶବ ଚୋରି ହୋଇ କଲିକତା ବାଟେ ଜଳପଥରେ ବାଙ୍ଗଲାଦେଶ ଚାଲାଣ ହେଉଛି ବୋଲି ଚର୍ଚ୍ଚା ହେଉଛି। ଆର୍ନ୍ତଜାତୀୟ ସ୍ତର, ଦେଶ ଭିତରେ ଓ ରାଜ୍ୟର ଘରୋଇ ମେଡିକାଲଗୁଡିକ ବହୁଳ ଭାବେ ଶିକ୍ଷାଦାନ ପାଇଁ ଶବ (ନରକଙ୍କାଳ) ଆବଶ୍ୟକ କରୁଥିବାରୁ ଏହା ମୂଲ୍ୟ ବହୁଗୁଣିତ ହୋଇଛି। ଏହି ଉଦ୍ଦେଶ୍ୟରେ ହୁଏତ ଶବ ଚୋରି ହୋଇଥାଇ ପାରେ ବୋଲି ଆଲୋଚନା ହେଉଛି।

## ଦେଶୀ ମଦ ବେପାରୀଙ୍କ ପୋଲିସକୁ ବେଖାତିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମରେ ବାରମ୍ବାର ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ଦେଶୀ ରନ୍ଧା ମଦ ସାମଗ୍ରୀ ନଷ୍ଟ କରୁଥିଲେ ମଧ ଦେଶୀ ରନ୍ଧା ମଦ ବନ୍ଦ ହୋଇ ପାରୁନାହିଁ। ଦେଶୀ ରନ୍ଧା ମଦ ବେପାରୀ ପୋଲିସକୁ ବେଖାତିର କରି ବାରମ୍ବାର ରନ୍ଧା ମଦ ଭାଟି କରି ମଦ ପ୍ରସ୍ତୁତ କରୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ କେବଳ ଦେଶୀ ମଦ ରନ୍ଧା ପୋଚ ଓ ସାମଗ୍ରୀକୁ ନଷ୍ଟ କରି ଚାଲିଛି। ପୁଣି ବେପାରୀ ପୋଚ ତିଆରି କରି ମଦ ପ୍ରସ୍ତୁତ କରୁଛି। ପୋଲିସ ଓ ଅବକାରୀ ବିଭାଗ ମଦ ରନ୍ଧା ବେପାରୀଙ୍କୁ ଗିରଫ କରିପାରୁ ନାହାନ୍ତି। ଯାହାଫଳରେ ମଦ ରନ୍ଧା ବେପାରୀ ସକ୍ରିୟ ହୋଇ ପୁଣି ଦେଶୀ ମଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଇତି ମଧ୍ୟରେ ପୋଲିସ ବହୁବାର ଦେଶୀ ରନ୍ଧା ମଦ ସାମଗ୍ରୀ ଓ ପୋଚକୁ ନଷ୍ଟ କରୁଛନ୍ତି। ସେହିପରି ବୁଧବାର ସନ୍ଧ୍ୟାରେ ତାଳପଦା ଗ୍ରାମରେ ଏକ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ରନ୍ଧା ପୋଚ ଓ ସାମଗ୍ରୀକୁ ନଷ୍ଟ କରିଥିବା ଜଣାପଡ଼ିଛି। ତେବେ ଦେଶୀ ମଦ ପ୍ରସ୍ତୁତ ସମୟରେ କେହି ବେପାରୀଙ୍କୁ ଖବର ଦେଉଥିବାରୁ ସେମାନେ ଫେରାର ହୋଇ ଯାଉଛନ୍ତି। ପୋଲିସ କେବଳ ସାମଗ୍ରୀ ଓ ପୋଚକୁ ନଷ୍ଟ କରି ଫେରୁଛନ୍ତି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ସାଇକେଲ ଆରୋହୀ ମୃତ୍ୟୁକୁ ନେଇ ରାସ୍ତାରୋକ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମନମୁଣ୍ଡା-କନ୍ଧମାଳ ରାଜ୍ୟ ରାଜପଥର ସୁଲିଆ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ସୂଚନା ମତେ ଗତ ବୁଧବାର ରାତି ୮ଘଣ୍ଟା ସମୟରେ ବଡ଼କୁସଙ୍ଗ ଗ୍ରାମର ଦୟାନିଧି ରଣା ପଲସାଗୋରା ଅଞ୍ଚଳରୁ ସାଇକେଲ ସଜାଡି ଘରକୁ ଫେରୁଥିବା ସମୟରେ ସୁଲିଆ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ସାଇକେଲ ଆରୋହୀ ରାସ୍ତା କଡ଼କୁ ଚିଟିକି ପଡିଥିଲେ। ଘଟଣା ସ୍ଥଳରେ କନ୍ଧମାଳ ପୋଲିସ ପହଂଚି ଗୁରୁତର ଆହତଙ୍କୁ କନ୍ଧମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଗୁରୁବାର ସକାଳ ୯ଘଣ୍ଟା ସମୟରେ ମନମୁଣ୍ଡା-କନ୍ଧମାଳ ରାସ୍ତାର ବଡ଼କୁଶଙ୍ଗ ଛକଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯାଇ ଥିଲା। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇ ଥିବା ଗାଡ଼ିକୁ ଧରିବା, ସରକାରଙ୍କ ପକ୍ଷରୁ ମୃତ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦାବିକରି ରାସ୍ତାରୋକ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନର ପ୍ରତିଶୃତି ମିଳିବା ପରେ ରାସ୍ତାରୋକ ହଟିଥିଲା। କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କନ୍ଧମାଳ ଥାନାଧିକାରୀ ଭାବାନନ୍ଦ ପ୍ରଧାନ, ଏସଡିପିଓ ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଥିଲେ। ଦିନ ୧ଘଣ୍ଟାରେ ରାସ୍ତାରୋକ ହଟିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା।

## ଠିକାଦାର ଅପହରଣ ମାମଲାରେ ୨ ଗିରଫ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବୁଧବାର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ସୁନିଲ ମହାନ୍ତି ନାମକ ଜଣେ ଠିକାଦାରଙ୍କୁ ଦିନ ୩.୩୦ ମିନିଟରେ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ସାନ୍ତସାହି ପୋଲ ନିକଟରୁ ଅପହରଣ କରାଯାଇଥିଲା। ଅପହରଣ ହୋଇଥିବା ସୁନିଲଙ୍କ ପତ୍ନି ସ୍ୱାମୀର କୌଣସି ଖବର ନପାଇବାରୁ ରାତ୍ର ୦୯.୨୦ରେ ସ୍ଥାନୀୟ କେନ୍ଦ୍ରାପଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲା ଦେବାର କିଛି ଘଣ୍ଟା ପରେ ଟାଉନ ଥାନା ପକ୍ଷରୁ ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରିରଖିଥିଲା। ହଠାତ୍ ପୋଲିସ ଅପହରଣ କାରୀଙ୍କ ଖବର ପାଇ ମହାକାଳପଡ଼ାର ବାବର ଠାରୁ ସକାଳ ୦୪ ଘଟିକା ସମୟରେ କେନ୍ଦ୍ରାପଡ଼ା ଟାଉନ ଥାନାର ଏଏସ୍ଆଇ ଚିନ୍ମୟ ମହାନ୍ତି ଓ ବୃନ୍ଦାବନ ବେହେରା ଠିକାଦାର ସୁନିଲ ମହାନ୍ତିଙ୍କୁ ଉଦ୍ଧାର କରିବା ସହ ଅପହରଣ କରିଥିବା କେନ୍ଦ୍ରାପଡ଼ା ଓସ୍ତପୁର ପଞ୍ଚାୟତ ଅନ୍ତର୍ଗତ ଦେ ପୁର ଗ୍ରାମର ୨ଯୁବକ ସିଲୁ ପତି ଓ ମିଲୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଯାହା ଜଣାପଡ଼ିଛି ପୂର୍ବରୁ ଠିକାଦାର ଓ ଦୁଇ ଯୁବକଙ୍କ ମଧ୍ୟରେ ଲକ୍ଷାଧିକ ଟଙ୍କା ଲେଣଦେଣ ହୋଇଥିଲା। ସୁନୀଲ ବକେୟା ଥିବା କିଛି ଟଙ୍କା ନଦେଇ ପାରିବାରୁ ୨ ଯୁବକ ସୁନୀଲଙ୍କୁ ଅଟକ ରଖିଥିବା ଜଣାପଡିଛି।

## ୫ ଜିଲ୍ଲାରେ ୬୬ ନକ୍ସଲଙ୍କ ଆତ୍ମସମର୍ପଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ୫ ଅଲଗା ଅଲଗା ଜିଲ୍ଲାରୁ ଏକକାଳୀନ ମୋଟ ୬୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦେଖାଯାଇଥିଲା ଯେଉଁଠାରେ ବିଜାପୁରରେ ୨୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ନାରାୟଣପୁର ଜିଲ୍ଲାରେ ୮ ଜଣ ମାଓବାଦୀ, ଦାନ୍ତେୱାଡ଼ାରେ ୧୫ ଜଣ ମାଓବାଦୀ, ସୁକମା ଜିଲ୍ଲାରେ ୫ ଜଣ ମାଓବାଦୀ ଏବଂ କାଙ୍କେର ଜିଲ୍ଲାରେ ୧୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ଅନେକ ନକ୍ସଲ କାର୍ଯ୍ୟକଳାପରେ ଜଡିତ ରହିଥିଲେ। ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ସମସ୍ତ ମାଓବାଦୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

## ପୋଖରୀରେ ପଡ଼ି ଯୁବକ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ଭାଟପଡ଼ା ଗ୍ରାମର ସଂଜୟ ସହୁ (୪୦)ନାମକ ଜଣେ ଯୁବକଙ୍କର ପୋଖରୀରେ ପଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନରେ ସଂଜୟ ଫତେପୁର ପଞ୍ଚାୟତ ଅଧୀନ ନିଶ୍ଚିନ୍ତପୁର ଗ୍ରାମକୁ କାମ କରିବାକୁ ଯାଇଥିଲେ। ଫେରିବା ସମୟରେ ନିଶ୍ଚିନ୍ତପୁର ଗ୍ରାମରେ ଥିବା ଏକ ପୋଖରୀରେ ଧୁଆ ଧୋଇ ହେଉଥିବା ସମୟରେ ଗୋଡ଼ ଖସି ଯାଇଥିଲା। ପରେ ସଂଜୟଙ୍କର ମୃତଦେହ ପୋଖରୀରେ ଭାସିଥିଲା। ଗ୍ରାମବାସୀମାନେ ମୃତଦେହକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

## ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଉଚ୍ଚ ମାଧମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ମହା ସମାରୋହରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସଭାମୁଖ୍ୟ ଅଧକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଦୀପ କୁମାର ରାୟ ମୁଖ୍ୟଅତିଥି, ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ଡ. ମନୋଜ କୁମାର କର ଓ ସଜଳ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ନୈତିକ କର୍ତ୍ତବ୍ୟ ବିଚାରଧାରା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକା ଡ. ସାଜିଆ ତମକୀନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଞ୍ଚାୟତ ମେହେନ୍ଦିପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଏକ୍ରାମ ଅଲ୍ଲୀ ଖାଁଙ୍କର ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ରହେମତୁଲ୍ଲା ଖାଁ, ସାହାନୱାଜ ଖାଁ, ସରଫରରାଜ ନୱାଜ, କନ୍ୟା ସୋଫିଆ ଖାନମ, ଅଞ୍ଜୁମ ଆରା ଖାନମ, ସବନମ ଖାନମଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ତାଙ୍କର ଶବକୁ ଇସଲାମ ଧର୍ମାନୁଯାଇ କବର ଦିଆଯାଇଥିଲା।

## ନାବାଳିକାକୁ ଗର୍ଭବତୀ କରି ଯୁବକ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା କେଦୁଜିଆଣୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛେରାଟାଙ୍ଗର ଗ୍ରାମରେ ଜଣେ ଅନ୍ତଃସତ୍ତ୍ୱା ଝିଅର ଅଭିଯୋଗ କ୍ରମେ ଜଣେ ଯୁବକକୁ ଠାକୁରମୁଣ୍ଡା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଛେରାଟାଙ୍ଗର ଗ୍ରାମର ଝିଅର ବଡ଼ବାପା ପୁଅ ରାମ ଜାମୁଦା ହୋ (୩୬)କକା ଝିଅ ଜେମା ନାବାଳିକା ଥିବା ସମୟରେ ଅନ୍ତଃସତ୍ତ୍ୱା କରି ପୁରୀ ଅଞ୍ଚଳକୁ କାମ କରିବାକୁ ଯାଇଥିଲା। ଘଟଣା ଜଣାପଡିବା ପରେ ଝିଅକୁ ନେଇ ପୁରୀ ପେଣ୍ଟକଟା ଅଞ୍ଚଳକୁ ଚାଲିଯାଇଥିଲା। ଜେମା ବଡ଼ ଭଉଣୀ ରାଇମଣୀ ଜୁଲାଇ ୧୯ ତାରିଖରେ ଭଉଣୀ ନିଖୋଜ ଥିବା ନେଇ ଠାକୁରମୁଣ୍ଡା ଥାନାରେ ଏତଲା ଦାଏର କରିଥିଲେ। ଏତଲା କ୍ରମେ ଥାନାଧିକାରିଣୀ ସାବିତ୍ରୀ ଦଳେଇ ରାମ ମୋବାଇଲ ନଂ ଟ୍ରାକିଙ୍ଗ କରି ପୁରୀ ପେଣ୍ଟକଟା ଥାନା ଅଞ୍ଚଳରୁ ଉଭୟଙ୍କୁ ୨୧ ତାରିଖ ରାତି ଉଦ୍ଧାର କରି ଠାକୁରମୁଣ୍ଡା ଥାନାକୁ ଆଣିଥିଲେ। ୨୧ ତାରିଖରେ ଝିଅର ଏତଲା କ୍ରମେ ଯୁବକକୁ ବାରିପଦା ପୋକ୍ସ କୋର୍ଟରେ ହାଜର କରାଯାଇଥିଲା। ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ରାମକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଛାତ୍ରର ମୋବାଇଲ ଲୁଟିନେଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ଗ୍ରାମ ପଞ୍ଚାୟତ ବରପଡା ନିକଟରେ ଗତକାଲି ରାତ୍ରରେ ଦୁର୍ବୃତ୍ତମାନେ ଜଣେ ଛାତ୍ରର ମୋବାଇଲ ଲୁଟି ନେଇଥିବାର ଅଭିଯୋଗ ହୋଇଛି। ନେମାଳ ଥାନା ତିଳକଣା ଗ୍ରାମପଂଚାୟତ ଦେମାଣ୍ଡୋ ଗ୍ରାମର ମେଧାବୀ ଛାତ୍ର ଭାସ୍କର ଚନ୍ଦ୍ର ସାହୁ ଗତ କାଲି ରାତ୍ରରେ ନିଶ୍ଚିନ୍ତକୋଇଲି ବଜାରରୁ ଏକ ବାଇକ ଯୋଗେ ତାଙ୍କ ଘରକୁ ଯାଉଥିଲେ। ଏହି ସମୟରେ ବରପଡା ନିକଟରେ ଏକ ପଲସର ଗାଡିରେ ୨ଜଣ ଲୁଟେରା ତାଙ୍କ ଠାରୁ ମୋବାଇଲ ଛଡାଇ ନେଇ ଖଣ୍ଡସାହି ଆଡକୁ ଦୃତ ଗତିରେ ପଳାଇ ଯାଇଥିବାର ଜଣାଯାଇଛି। ଏ ସମ୍ପର୍କରେ ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଅମାବାସ୍ୟା ଥିବାରୁ ଅସ୍ତରଙ୍ଗରେ କୂଳ ଲଂଘୁଛି ସମୁଦ୍ର

○ ଉଚ୍ଚ ଜୁଆର ମାଡ଼ ସହ କ୍ଷୟ ହେଉଛି ଝାଉଁ ଜଙ୍ଗଲ
○ ଭୟଭୀତ ଅବସ୍ଥାରେ ସାତରୁ ଉର୍ଦ୍ଧ୍ୱ ଗାଁ





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବଙ୍ଗୋପ ସାଗରରେ ଲଘୁଚାପ ଯୋଗୁଁ ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ସମୁଦ୍ର କୂଳ ଲଂଘିବାରେ ଲାଗିଛି। ଗୁରୁବାର ଦିନ ଚିତାଲାଗି ଅମାବାସ୍ୟା ଥିବାରୁ ବଙ୍ଗୋପସାଗର ଉତ୍ତାଳ ତରଙ୍ଗ ସୁ ସୁ କରି ଉଚ୍ଚ ଜୁଆର ସମୁଦ୍ରକୂଳରେ ଥିବା ଝାଉଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଅଞ୍ଚଳରେ ଆଗକୁ ପ୍ରାୟ ୭ଶହ ମିଟର ଦୂରରେ ଥିବା ସମୁଦ୍ର ଏବେ ୪ଶହ ମିଟର ଆଗକୁ ମାଡି ଆସିଛି। ଛୁରିଆନା ପଂଚାୟତର ଡ଼ାଲୁଅକଣି ଗାଁ ନିକଟରେ ଝାଉଁ ବଣ ଆଡକୁ ମାଡି ଆସୁଛି ସମୁଦ୍ର। ଜୁଆର ମାଡ଼ରେ ବାଲି ଅତଡ଼ା ଖସୁଥିବାରୁ ଭୟଭୀତ ପାଖାପାଖି ଗାଁ ଲୋକ। ଲଘୁଚାପ, ଅମାବାସ୍ୟା ଓ ପୂର୍ଣ୍ଣିମା ଆସିଲେ ଅସ୍ତରଙ୍ଗ ନିକଟ ସମୁଦ୍ରରେ ଭୟଙ୍କର ରୂପ ଦେଖିବାକୁ ମିଳୁଛି। ଏହା ଶହ କେଲୁଣୀମୁହାଁଣ, ତଣ୍ଡାହାର, ଛେନୁ, ଉଦୟକଣି ଗାଁ ସମୁଦ୍ର ନିକଟରେ ଥିବାରୁ ଅମାବାସ୍ୟା ରେ ସମୁଦ୍ର ଉଚ୍ଚ ଜୁଆର ନିକଟବର୍ତ୍ତୀ ଗାଁ ଲୋକେ ଭୟଭୀତ ଅବସ୍ଥାରେ। ଗୋଟିଏ ପଟେ ଜଙ୍ଗଲ ସୃଷ୍ଟି କିମ୍ବା ସୁଦୃଢ ପଥର ବନ୍ଧ ନିର୍ମାଣ ଗୁରୁତ୍ୱ ଦେଉନି ଜିଲ୍ଲା ପ୍ରଶାସନ। ଅମାବାସ୍ୟା ସମୟରେ ଉଚ୍ଚ ଜୁଆର ତଣ୍ଡାହାର, ଛେନୁ ଅଞ୍ଚଳର ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ବେଳେ ଉପକୂଳ ଗ୍ରାମବାସୀଙ୍କ ଧନଜୀବନ ମଧ ବିପଦରେ ରହିଛି। ବାରମ୍ବାର କୂଳ ଲଂଘୁଛି ସମୁଦ୍ର ନିକଟରେ ମୁକୁଳା ପଡ଼ିଥିବା ଏହି ବିସ୍ତିର୍ଣ୍ଣ ଅଞ୍ଚଳରେ ବିଶେଷକରି ପୂର୍ବରୁ ହୋଇଥିବା ବାତ୍ୟା ଗୁଡିକରେ ଲକ୍ଷାଧିକ ଝାଉଁ ଗଛ ଭାଙ୍ଗିଯିବାରୁ ଜଙ୍ଗଲ ଧ୍ୱଂସ ପାଇଛି। ଫଳରେ ସମୁଦ୍ର ଉଚ୍ଚ ଜୁଆର ସିଧା ଉପକୂଳ ଅଞ୍ଚଳରେ ମାଡ଼ ହେବା ସହିତ ସମୁଦ୍ର କୂଳ ଲଙ୍ଘିରୁ ଅନେକ ନୂତନ ଝାଉଁ ଜଙ୍ଗଲ କ୍ଷୟ କରୁଛି। ଉପକୂଳ ବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳର ଡ଼ାଲୁଅକଣି ଓ ତଣ୍ଡାହାର ଅଞ୍ଚଳରେ ତୁରନ୍ତ ପ୍ରଶାସନ ପଥରବନ୍ଧ ନିର୍ମାଣ ସହିତ ଜଙ୍ଗଲ ବିଭାଗ ସବୁଜ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଡ଼ାଲୁଅକଣି ଅଧିବାସୀ କ୍ଷୀରୋଦ କାଣ୍ଡି ଦାବୀ କରିଛନ୍ତି। ମାତ୍ର ସମସ୍ତ ଦାବି ଫାଇଲି ତଳେ ଚାପି ହୋଇ ରହିଛି। ବଙ୍ଗୋପ ସାଗର ଲଘୁଚାପ ସମୟରେ ଅମାବାସ୍ୟା ପଡୁଥିବାରୁ ଉଚ୍ଚ ଜୁଆର ପ୍ରତ୍ୟେକ ବର୍ଷ ଆସୁଥିବା ସମୟରେ ବିଭାଗୀୟ ଅଧିକାରୀ, ରାଜନେତା ଗ୍ରସ୍ତ କରନ୍ତି, ପ୍ରତିଶୃତି ପାହାଡ଼ ବର୍ଷା କରନ୍ତି କିନ୍ତୁ ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ଧନଜୀବନ ବିପନ୍ନ ପୂର୍ବରୁ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଧର୍ମପରାୟଣାଙ୍କ ପରଲୋକ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ଅଞ୍ଚଳର ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ନୀରୋଦ ବରନ ମହାନ୍ତିଙ୍କ ଧର୍ମପତ୍ନୀ ହରପ୍ରିୟା ମହାନ୍ତି (୮୨) ଙ୍କର ବୁଧବାର ଦିନ ନିଜ ବାସଭବନରେ ପରଲୋକ ହୋଇ ଯାଇଛି। ସେ ଜଣେ ଧର୍ମପରାୟଣା, ସ୍ନେହୀ, ମେଳାପୀ ପରୋପକାରୀ, ଦୁଖୀ ରଙ୍କୀ ମାନଙ୍କ ପାଇଁ ଦୟାଶୀଳା ମହିଳା ତଥା ସୁଗୃହିଣୀ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁସଜ୍ଜା ନିକଟରେ ସ୍ୱାମୀ ନୀରୋଦ, ପୁତ୍ର ତାପସ, ପୁତ୍ରବଧୂ, ନାତି ଅମ୍ଳାନ ଅରବିନ୍ଦ, ଅଲଭ୍ୟ ଅନୁରାଗ, ପରିବାର, ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପ୍ରାଚୀ ତଟସ୍ଥ ସ୍ମଶାନରେ ଦାହ କରାଯାଇଥିଲା।

## ଅସରାଏ ବର୍ଷାରେ ଉବୁଟୁବୁ ସୋର



ସୋର, (ଭାସ୍କର ନ୍ୟୁଜ୍): ଅସରାଏ ବର୍ଷା ହେଲେ ସୋର ସହରର ଅବସ୍ଥା ଶୋଚନୀୟ ହୋଇପଡେ। ସହରାଂଚଳର ଅନେକ ୱାର୍ଡ ଜଳମଗ୍ନ ହୋଇଯାଏ। ଯେଉଁଥିପାଇଁ ଲୋକେ ଘରୁ ବାହାରକୁ ବାହାରି ପାରନ୍ତି ନାହିଁ। ସୋରର ଡ୍ରେନେଜ ସମସ୍ୟାରେ ଘାଣ୍ଟି ହେଉଛନ୍ତି ସହର ବାସୀ। ଗୁରୁବାର ଅପରାହ୍ନରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ପୌରାଞ୍ଚଳ ଉତ୍ତରେଶ୍ୱର, ପୌରପାଳିକା ୧୦ ନଂ ୱାର୍ଡ ର ଘୋଡାସାହି ଗ୍ରାମର ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ବୁଡି ରହିବା ସହିତ ମାଳତୀ ନାୟକ, ସୃଷ୍ଟି ଧର ଦାସ, ଅହଲ୍ୟା ବେହେରା, ସତ୍ୟାନନ୍ଦ ସାହୁ ପ୍ରମୁଖଙ୍କ ଘରେ ଡ୍ରେନ ପାଣି ପଶିବା ସହିତ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହିପରି ଭାବେ ସୋର ପୌରାଞ୍ଚଳର ଅନେକ ଗ୍ରାମର ଲୋକଙ୍କ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି। ଉତ୍ତରେଶ୍ୱର, ବରଫକଳ ଛକ ଓ ମଦାଖାଁ ଛକ ରେ ମଧ ପାଣି ଜମି ରହିଥିବାରୁ ସାଧାରଣ ଲୋକେ ଓ ଦୋକାନୀ ମାନେ ଏଥିରେ ପ୍ରଭାବିତ ହେଉଛନ୍ତି। ଏପରିକି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମଧ ଆଣ୍ଠୁଏ ଲେଖାଏଁ ପାଣି ଠିଆ ହୋଇ ରହିବା ଦେଖିବାକୁ ମିଳିଛି। ତେବେ ସୋର ପୌରପାଳିକାର ମାନମୁଖୀ ଡ୍ରେନ କାମ ଓ କିଛି ଲୋକଙ୍କର ବ୍ୟକ୍ତଗତ ଜାଗା ଥିବାରୁ ଜଳ ନିଷ୍କାସନରେ ସମସ୍ୟା ଉପୁଜିଥିବା କିଛି ଲୋକ ଅଭିଯୋଗ କରିଛନ୍ତି।

## ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ

କଣାସ, (ଭାସ୍କର ନ୍ୟୁଜ୍): କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ରୋଗୀ କଲ୍ୟାଣ ସମିତି ବୈଠକରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତସମିତି ଅଧକ୍ଷା ପ୍ରଭାତୀ ରାଉତ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ଡାକ୍ତର କ୍ଷମାନିଧି ସେଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଗତ ଦିନରେ ଉନ୍ନତି ହୋଇଥିବା ରୋଗୀ ସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ବିପିଏମ ଧନେଶ୍ୱର ସ୍ୱାଇଁ ପୂର୍ବ ବୈଠକର ଧାରାବିବରଣୀ ପାଠ କରିଥିଲେ। କଣାସ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ଡାକ୍ତର ଖାନାକୁ ଲାଗିଥିବା ଜାଗା ଅଧିଗ୍ରହଣ ପାଇଁ ତହସିଲଦାରଙ୍କୁ ଚିଠି ଲେଖା ଯାଇଥିବା କଥା ଆଲୋଚନା ହୋଇଥିଲା। ଯଦି ଜାଗା ନ ହୋଇ ପାରୁଛି ତେବେ ଆଇପିଏଚଏସ କୋଠାର ଡ଼ିଜାଇନ ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କ ମାଧମରେ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ ପାଇଁ କମିଟି ନିଷ୍ପତି ନେଇଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ପ୍ରସ୍ତାବକ୍ରମେ ବ୍ଲକ କାର୍ଯ୍ୟାଳୟ ଠାରେ ସ୍ଥାପିତ ପାନୀୟ ବିଶୁଦ୍ଧିକରଣ ଯନ୍ତ୍ରକୁ ଡାକ୍ତରଖାନାରେ ଅବସ୍ଥାପିତ କରିବା ପାଇଁ କମିଟି ନିଷ୍ପତି ନେଇଥିଲେ। ବହିର୍ବିଭାଗ ଠାରୁ ଅନ୍ତଃବିଭାଗ ପର୍ଯ୍ୟନ୍ତ ସେଡ ନିର୍ମାଣ ପାଇଁ ପଞ୍ଚାୟତସମିତି ଅଧକ୍ଷା ପ୍ରଭାତୀ ରାଉତଙ୍କୁ ଅନୁରୋଧ କରାଯାଇଥିଲା। ରୋଗୀଙ୍କୁ ଖାଦ୍ୟ ଯୋଗାଉଥିବା ସଂସ୍ଥା ଅମଙ୍ଗ ହେବାରୁ ଆଉ ଗୋଟିଏ ସଂସ୍ଥା ଚିହ୍ନଟ ପାଇଁ ଡାକ୍ତରଖାନାର ଡାଏଟ କମିଟି ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ଗଠନ କରାଗଲା। ଖୁବଶୀଘ୍ର ନୂତନ ଡାଏଟ ସଂସ୍ଥା ଚିହ୍ନଟ ପାଇଁ ବିଜ୍ଞାପନ ପ୍ରକାଶ କରାଯିବ। ଜରୁରୀକାଳୀନ ରୋଗୀ ସେବା ଗୃହରେ ରୋଗୀ ଭିଡକୁ ନିୟନ୍ତ୍ରଣ ପାଇଁ ଇଞ୍ଜେକସନ ଗୃହ ଅଲଗା ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୁରନ୍ତ ବୈଦୁତିକ ସମସ୍ୟା ସମାଧାନ ପାଇଁ ଡିଜି ମରାମତି ଓ ସୋଲାର ସେଲ ଅବସ୍ଥାପିତ ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ରୋଗୀ ଅପେକ୍ଷା ଗୃହରେ ଷ୍ଟିଲ ଚେୟାର ଓ ପଙ୍ଖା ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରସ୍ତାବ ପରିତ କରାଗଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଗଲା। ଏହି ବୈଠକରେ ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ଶିଶୁ ବିକାଶ ଅଧିକରିଣୀ ସ୍ମିତା ମହାନ୍ତି, ଡାକ୍ତର ଶ୍ରେଷ୍ଠା ମହାପାତ୍ର, ସୋନାଲି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ପ୍ରମୁଖ ଯୋଗ ଦେଇଥିଲେ।



ମାଲକାନଗିରି, (ଭାସ୍କର ନ୍ୟୁଜ): ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣର କ୍ଷତିପୂରଣ ନିମନ୍ତେ ଉଚିତ ମୂଲ୍ୟ ପ୍ରଦାନ କରିବା ସମ୍ପର୍କରେ ଆଜି ମାଲକାନଗିରି ବ୍ଲକ ସିନ୍ଧିମାଳ ପଞ୍ଚାୟତର ଆଠ ଗୋଟି ଗ୍ରାମର ଲୋକମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ମାଲକାନଗିରି ତହସିଲ ତରଫରୁ ଗତ ୨୨ ତାରିଖରେ ଏକ ନୋଟିସ ଜାରି କରାଯାଇ ଉକ୍ତ ନୋଟିସରେ ଜମି କ୍ଷତିପୂରଣ ବାବଦକୁ ଏକର ପିଛା ୧୨୦୦୦/-ଟଙ୍କା ଧାର୍ଯ୍ୟ କରାଯାଇଥିବା ଉଲ୍ଲେଖ ରହିଛି। ଏହା ଜାଣିବା ପରେ ଜମିହରା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ଯ ଏହାର ମୁଖ୍ୟ କାରଣ ହେଉଛି ସିନ୍ଧିମାଳ ପଞ୍ଚାୟତର ଅଧିକାଂଶ ଗାଁ ଗୁଡିକ ମାଲକାନଗିରି ସଦର ମହକୁମା ଠାରୁ ମାତ୍ର ୭ କିଲୋମିଟରରୁ ୯ କିଲୋମିଟର ବ୍ୟବଧାନରେ ଥିବାବେଳେ ଏଠାର ମୂଲ୍ୟ ଅଧିକ ହେବା ସତ୍ତ୍ୱେ ବହୁତ କମ ପ୍ରଦାନ କରାଯାଉଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ଜମିର ମୂଲ୍ୟ ଏକର ପିଛା ୫୦,୦୦୦/(ପଚାଶ ହଜାର)ଟଙ୍କା କରାଯାଉ ଏଥିସହ ସରକାରୀ ଜାଗାରେ ଘର କରି ରହିଥିବା ହିତାଧିକାରୀଙ୍କୁ ଉଚ୍ଛେଦ କରାଗଲେ ତାଙ୍କୁ ମଧ୍ୟ କ୍ଷତିପୂରଣ ପ୍ରଦାନ କରାଯାଉ।



# ମୋସନ ଏଜୁକେସନ ପକ୍ଷରୁ ୨୦୦ କୋଟି ଟଙ୍କାର ଶିକ୍ଷାବୃତ୍ତିର ଶୁଭାରମ୍ଭ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ନିତୀନ ବିଜୟଙ୍କ ଦ୍ୱାରା ପରିଚାଳିତ ମୋସନ ଏଜୁକେସନ ପକ୍ଷରୁ ମୋସନ ପ୍ରତିଭା ଅନ୍ୱେଷଣ ପରୀକ୍ଷା (ଏମ୍‌ଟିଏସ୍‌ଇ) ଘୋଷଣା କରାଯାଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପର୍ଯ୍ୟନ୍ତର ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେଇପାରିବେ ଓ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ସେମାନେ ଉଲ୍ଲେଖନୀୟ ପ୍ଲାଟଫର୍ମ ପାଇପାରିବେ। ୨୦୨୫ ଜୁଲାଇ ୨୦, ଅଗଷ୍ଟ ୩ ଓ ଅଗଷ୍ଟ ୨୪ ତାରିଖରେ ଏହି ପରୀକ୍ଷା ଅନ୍‌ଲାଇନରେ ଅନୁଷ୍ଠିତ ହେବ। ଏହି ନିର୍ଘଣ୍ଟ କରାଯାଇଥିବା ତାରିଖର ପୂର୍ବ ଦୁଇ ଦିନ ପର୍ଯ୍ୟନ୍ତ ଆଗ୍ରହୀ ଛାତ୍ରଛାତ୍ରୀମାନେ ପଞ୍ଜୀକରଣ କରିପାରିବେ। ଏମ୍‌ଟିଏସ୍‌ଇରେ ଉଲ୍ଲେଖନୀୟ ଓ୍ୱାର୍ଡ ଓ ମାନ୍ୟତା ପ୍ରଦାନ କରାଯିବ। ଅଂଶଗ୍ରହଣକାରୀମାନଙ୍କ ପାଇଁ ୨୦୦ କୋଟି ଟଙ୍କା ମୂଲ୍ୟ ପର୍ଯ୍ୟନ୍ତର ଶିକ୍ଷାବୃତ୍ତି ହାସଲ କରିବା ଏବଂ ୨.୫ କୋଟି ଟଙ୍କାର ନଗଦ ରାଶି ଜିତିବ ଏବଂ ୫୦୦ରୁ ଅଧିକ ପିଲାଙ୍କ ପାଇଁ ମାଗଣା କୋଚିଂ ହାସଲ କରିବାର ସୁଯୋଗ ରହିଛି। ଏହା ବ୍ୟତୀତ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ମେମେଣ୍ଟୋ ଓ ଇ-ସାର୍ଟିଫିକେଟ୍ ପ୍ରଦାନ କରାଯିବ। ୨୦୨୫ ଅକ୍ଟୋବରରେ ପରୀକ୍ଷା ଫଳ ପ୍ରକାଶ ପାଇବ। ପରୀକ୍ଷା ପୂର୍ବରୁ ପିଲାମାନଙ୍କର ପ୍ରସ୍ତୁତିରେ ସାହାଯ୍ୟ କରିବା ଲାଗି ମୋସନ ପକ୍ଷରୁ ନମୁନା ପେପର ପ୍ରଦାନ କରାଯିବ। ଏହି ଅଭିଯାନ ସମ୍ପର୍କରେ ମୋସନ ଏଜୁକେସନର ପ୍ରତିଷ୍ଠାତା ଓ ସିଇଓ ନିତୀନ ବିଜୟ କହିଛନ୍ତି ଯେ, "ଯୋଗ୍ୟ ଛାତ୍ରଛାତ୍ରୀ ମାନଙ୍କ ପାଖରେ ପହଂଚିବା ଓ ସେମାନଙ୍କ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାର ସୁଯୋଗ ସେମାନଙ୍କୁ ଦେବା ଲାଗି ଏହି ପ୍ରତିଭା ଅନ୍ୱେଷଣ ପରୀକ୍ଷା ହେଉଛି ଆମର ଏକ ମାଧ୍ୟମ। ଏମ୍‌ଟିଏସ୍‌ଇ ସହ ଆମେ ୧୮ ବର୍ଷରୁ ଅଧିକ ଶିକ୍ଷାଗତ ଉତ୍କର୍ଷ ପରମ୍ପରା ଗଠନ କରିବାକୁ ଚାହୁଁଛୁ। ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲାଗି ଆମର ରହିଥିବା ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି ଛାତ୍ରଛାତ୍ରୀମାନଙ୍କ ସଫଳ କାହାଣୀ।" ଜେଇଇ ମେନ୍, ଜେଇଇ ଆଡ୍‌ଭାନ୍ସଡ୍ ଓ ନିଟ୍ ୨୦୨୫ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ପୂର୍ଣ୍ଣ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ ପରେ ଏହି ପ୍ରତିଭା ଅନ୍ୱେଷଣ ପରୀକ୍ଷାର ଶୁଭାରମ୍ଭ କରାଯାଇଛି। ଜେଇଇ ମେନ୍ ୨୦୨୫ରେ ଅନିଶ ପ୍ରତାପ ୬୫୮ କାଟେଗୋରି ର୍ୟାଙ୍କ ପାଇଥିବା ବେଳେ ନିଟ୍‌ରେ ଅନୁଷ୍କା ସୁକ୍ରୱାଲ ୬୨୯ ମାର୍କ ଏବଂ ନିଟ ୟୁଜି ୨୦୨୫ରେ ରାମବାବୁ ଡାଙ୍ଗି ୨୩୭୪୮ ର୍ୟାଙ୍କ, ଆରତୀ ବସୱାଲ ୧୦୩୪୫ ର୍ୟାଙ୍କ ଓ ହର୍ଷ ଗୁପ୍ତା ୧୬୧୫୫ ର୍ୟାଙ୍କ ରଖିଥିଲେ। ଜେଇଇ ମେନ୍‌ରେ ଶ୍ରେଷ୍ଠ ୧୦୦ରେ ୪ ଜଣ, ଶ୍ରେଷ୍ଠ ୫୦୦ରେ ୧୭ ଜଣ, ଶ୍ରେଷ୍ଠ ୧୦୦୦ରେ ୩୯ ଜଣ ଓ ଏଆଇଆର୍ ୧୦,୦୦୦ରେର ୪୫୩ ଜଣ ଛାତ୍ରଛାତ୍ରୀ ଥିଲେ। ଜେଇଇ ଆଡ୍‌ଭାନ୍ସଡ୍‌ରେ ଶ୍ରେଷ୍ଠ ୧୦୦ରେ ୬ ଜଣ, ଶ୍ରେଷ୍ଠ ୫୦୦ରେ ୨୩ ଜଣ ଓ ଶ୍ରେଷ୍ଠ ୧୦୦୦ରେ ଏହାର ୪୭ ଜଣ ଛାତ୍ରଛାତ୍ରୀ ଥିଲେ। ମୋସନର ୬,୩୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩,୨୩୧ ଜଣ ସଫଳ ହୋଇଛନ୍ତି, ଫଳରେ ୫୧.୦୨% ସଫଳତା ହାର ମିଳିଛି ଯାହା ଜାତୀୟ ହାରର ଦ୍ୱିଗୁଣିତ। ନିଟ୍ ୨୦୨୫ରେ ମେସନର ୭ ଜଣ ଛାତ୍ରଛାତ୍ରୀ ଶ୍ରେଷ୍ଠ ୧୦୦ରେ ଓ ଶ୍ରେଷ୍ଠ ୫୦୦ରେ ୧୮ ଜଣ ଛାତ୍ରଛାତ୍ରୀ ଥିଲେ।

# ବୋତଲରେ ପେଟ୍ରୋଲ ବିକ୍ରି ନିଷେଧ ନେଇ ସମସ୍ୟାରେ ଚାଳକ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଦୁର୍ଘଟଣା ଘଟିବା ପରେ ଚେତା ପଶୁଛି। କିଛି ଦିନ ହଇଚଇ ସୃଷ୍ଟି ହେଉଛି। ଏପରି ଘଟଣା ଯେପରି ପୁନର୍ବାର ନ ଘଟିବ ସେଥିପାଇଁ ନିୟମକୁ ଲାଗୁ କରାଯାଉଛି। ପୁଣି ଯେଉଁ କଥାକୁ ସେହି କଥା। ନିୟମ ପାଳନ ହେଉଛି କି ନାହିଁ ତାହା ଦେଖିବାକୁ ପ୍ରଶାସନର ସମୟ ନାହିଁ କି ସରକାରଙ୍କ ତାଗିଦ ନାହିଁ। ଏହା ଏବେ ସାଧାରଣ ଲୋକଙ୍କ ଭିତରେ ଆଲୋଚନା ହେଉଛି।କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ର ବିଭିନ୍ନ ଗ୍ରାମରେ ଲୁଚି ଛପି ବ୍ୟବସାୟୀ ପ୍ଲାଷ୍ଟିକି ବୋତଲରେ ପେଟ୍ରୋଲ ବିକ୍ରି କରୁଥିବା ବେଳେ ଯାଞ୍ଚ ମଧ୍ୟ ହେଉନାହିଁ। ବାଲେଶ୍ୱରରେ ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମାହୂତି ପରେ ସରକାର ପେଟ୍ରୋଲ କିପରି ଆସିଲା, କେଉଁଠୁ ଆସିଲା ତାହାକୁ ଗୁରୁତ୍ୱଦେଇ ବହୁ ଦିନରୁ ଥିବା ନିୟମକୁ ଖାଲି ଲୋକଙ୍କ ସମ୍ମୁଖରେ ରଖାଗଲା। ପାଳନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକି ବୋତଲରେ ଆଉ ଖୋଲା ପେଟ୍ରୋଲ ଗ୍ରାହକ ଙ୍କୁ ପ୍ରଦାନ କରାଯିବ ନାହିଁ। ସରକାର ଏହା ଘୋଷଣା କରିବା ପରେ ବାଇକି ଓ କାର ଚାଳକ ଏବେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖା ଯାଉଛି। ଖାଲି ଅସୁବିଧାରେ ପଡ଼ିନାହାନ୍ତି, ପେଟ୍ରୋଲ ପମ୍ପ କର୍ମଚାରୀ ଓ ପ୍ଲାଷ୍ଟିକି ବୋତଲ ନେଇ ଆସୁଥିବା ଗ୍ରାହକ ଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ କଥା ଯାଉଥିବା ଦେଖିବାକୁ ମିଳୁଛି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ରାସ୍ତା ପାର୍ଶ୍ୱରେ ଯେଉଁ ମାନେ ଖୋଲାରେ ପେଟ୍ରୋଲ ବିକ୍ରୟ କରୁଥିଲେ ସେମାନେ ମଧ୍ୟ ଚଢ଼ାଉ ଭୟରେ ପେଟ୍ରୋଲ ବିକ୍ରି ବନ୍ଦ କରିଦେବା ଫଳରେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ତେଲ ଶେଷ ହୋଇଯିବା କାରଣରୁ ଚାଳକ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ଅନେକ ସ୍ଥାନରେ ଲୁଚାଛପା ରେ ମଧ୍ୟ ବିକ୍ରି ହେଉଛି।ପ୍ଲାଷ୍ଟିକି ବୋତଲରେ ପେଟ୍ରୋଲ ନେବା ନିଷିଦ୍ଧ ନିୟମ ବହୁ ବର୍ଷରୁ ରହିଛି। ଖାଲି ଯାହା ଏହାକୁ ପାଳନ କରାଯିବାରେ ପ୍ରଶାସନ ଅବହେଳା କରିଆସୁଥିଲା। ପ୍ଲାଷ୍ଟିକି ବୋତଲରେ ତେଲ ନେଲେ 'ପ୍ଲାଷ୍ଟିକି କରେଣ୍ଟ 'ସୃଷ୍ଟି ହୋଇ ନିଆଁ ଲାଗିଯିବାର ଆଶଙ୍କା ରହିଥିବାରୁ ଏହା ଉପରେ ଦୀର୍ଘ ବର୍ଷ ହେଲା ପ୍ରତିବନ୍ଧକ ଲଗାଯାଇଛି। ତେବେ ଗ୍ଲାସ ବୋତଲରେ ଏକ ଲିଟର ପର୍ଯ୍ୟନ୍ତ ଓ ଟିଣ ବା ଆଲୁମିନିୟମ କଣ୍ଟେନର ରେ ୨୫ଲିଟର ପର୍ଯ୍ୟନ୍ତ ତେଲ ପରିଚୟ ପତ୍ର ଦେଖାଇବା ପରେ ଦିଆଯିବାର ନିୟମ ଥିଲେ ହେଁ ଏହାକୁ ପାଳନ କରାଯାଉନାହିଁ। ସବୁ ନିୟମ କିଛି ଦିନ ପରେ ହୁଗୁଳା ହୋଇଯିବା ପରି ସରକାର ଙ୍କ ବର୍ତମାନର ନିୟମ ସେହିପରି କିଛି ହୋଇଯିବନି ତ ? ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିବାକୁ ଆରମ୍ଭ କଲେଣି। କିଛି ବର୍ଷ ତଳେ ହେଲମେଟ ପିନ୍ଧିବା ନିୟମ କୁ କଡାକଡି କରାଗଲା। ହେଲମେଟ ପିନ୍ଧି ନଥିଲେ ତେଲ ଦିଆଯିବ ନାହିଁ ବୋଲି ସରକାର ଘୋଷଣା କଲେ। ପେଟ୍ରୋଲ ପମ୍ପରେ ମଧ୍ୟ ଏହି ଘୋଷଣା ସମ୍ପର୍କିତ ପ୍ରଚାର ପତ୍ର ମରାଯାଇଥିବା ଦେଖାଗଲା। ଚାଳକ ଙ୍କ ଭିତରେ ହେଲମେଟ ପିନ୍ଧିବାର ଅଭ୍ୟାସ ପଡ଼ିଆସୁଥିବା ବେଳେ ନିୟମ ଧୀରେ ଧୀରେ କୋହଳ ହୋଇ ମିଳାଇ ଗଲା। ତେବେ ନିୟମ କୁ କିପରି ସବୁଦିନ ପାଳନ କରାଯିବ ସେଥିପାଇଁ ପ୍ରଶାସନ ନିଘା ରହୁ ବୋଲି ଦାବୀ ହେଉଛି। ରାସ୍ତାରେ ତେଲ ସରିଯାଉଥିବା ଗାଡି ବା ବିଲରେ ହଳ କରୁଥିବା ଟ୍ରାକ୍ଟର ବା ବିଭିନ୍ନ ସ୍ଥାନରେ ଚାଲୁଥିବା ଜେନେରେଟର ବା ଚିଙ୍ଗୁଡ଼ି ଘେରିରେ ଚାଲୁଥିବା ଏରିଟର ପର୍ଯ୍ୟନ୍ତ ଟାଙ୍କିରୁ ତେଲ କିପରି ଅଣାଯିବ ସେ ନେଇ ମଧ୍ୟ ସରକାର ସ୍ୱଷ୍ଟ ନୀତି ନିର୍ଧାରଣ କରନ୍ତୁ ବୋଲି ଦାବୀ ହେଉଛି।

# ବୃଦ୍ଧଙ୍କୁ ଆକ୍ରମଣ କରି ୫ମେଣ୍ଢା ନେଇଗଲେ ଦୁର୍ବୃତ୍ତ

ଗୋପ, (ଭାସ୍କର ନ୍ୟୁଜ୍): ଗତ ବୁଧବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଖଣ୍ଡାରେ ଆକ୍ରମଣ କରି ତାଙ୍କ କୁଡ଼ିଆରେ ଥିବା ୫ମେଣ୍ଢା ନେଇଗଲେ ଦୁର୍ବୃର୍ତ୍ତ। ବୃଦ୍ଧ ଜଣକ ଗୋପ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ଏନେଇ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଏକ ସ୍ଥାନରୁ ୫ଟି ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ଗତ କିଛିଦିନ ହେଲା କେତେକ ଛେଳି ମେଣ୍ଢା ଚୋରି ରାକେଟ ସକ୍ରିୟ ହୋଇଉଠିଥିବା ବେଳେ ଗୋପ ଥାନାର ବିଭିନ୍ନ ଅଞ୍ଚଳରେ ଲଗାତାର ଭାବେ ଛେଳି ମେଣ୍ଢା ଚୋରି ହେବାରେ ଲାଗିଛି। ଏନେଇ ଗୋପ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତଙ୍କ କୌଣସି ଟେର୍ ପାଉନି। ସେହିପରି ଗତ ବୁଧବାର ବିଳମ୍ବିତ ରାତିରେ ଥାନ ଠାରୁ ମାତ୍ର ୨ ଶହ ମିଟର ଦୂର ଗୋପ ବାଲି ପଡିଆ ନିକଟରୁ ୫ଟି ମେଣ୍ଢା ଚୋରି ହୋଇଥିବା ବେଳେ ଏହି ଥାନା ଅର୍ନ୍ତଗତ ପୟରା ପଂଚାୟତ ହେଲାରୀ ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଗୁହାଳୁ ୫ଟି ଛେଳି କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ଗୋପ ବାଲି ପଡ଼ିଆରେ ଏକ କୁଡିଆ କରି ବେଣୁଧର ବେହେରା ନାମକ ଜଣେ ବୃଦ୍ଧ ଦୀର୍ଘଦିନ ଗାଇ ଓ ମେଣ୍ଢା ରଖି ତାଙ୍କ ଜୀବିକା ନିର୍ବାହ କରୁଥିଲେ। ପ୍ରତିଦିନ ପରି କାଲି ମଧ୍ୟ ସେ ସେହି କୁଡିଆରେ ଶୋଇଥିବା ବେଳେ ବିଳମ୍ବିତ ରାତ୍ରିରେ ୫/୬ଜଣ ଦୁର୍ବୃତ୍ତ ତାଙ୍କ କୁଡ଼ିଆ କବାଟ ଖୋଲି ଭିତରକୁ ଯାଇ ବୃଦ୍ଧଙ୍କୁ ଠେଲି ତଳେ ପକାଇ ଏକ ଖଣ୍ଡାରେ ଆକ୍ରମଣ କରି ଲହୁ ଲୁହାଣ କରିବା ସହିତ ୫ଟି ମେଣ୍ଢା ନେଇ ଆସିଥିବା କାର୍‌ରେ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ସେହିପରି ହେଲାରୀ ଗ୍ରାମର ସୁମନ ବେହେରାଙ୍କ ଗୁହାଳ କବାଟ ଭାଙ୍ଗି କେହି ଦୁବୃର୍ତ୍ତ ୫ଟି ଛେଳି ନେଇ ପଳାଇଯାଇଥିଲେ। ସକାଳୁ ସୁମନ ଉଠି ତାଙ୍କ ଗୁହାଳରେ ଛେଳି ନଥିବା ଦେଖି ବହୁ ଖୋଜା ଖୋଜି କରି ନପାଇବାରେ ଗୋପ ଥାନାରେ ଅଭିଯୋଗ କରିଛନ୍ତି।

## ମତଦାନ କେନ୍ଦ୍ର ବିଭକ୍ତି କରଣ, ବିଡ଼ିଓଙ୍କ ସର୍ବଦଳୀୟ ବୈଠକ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଅପେକ୍ଷାକୃତ ବୃହତ ମତଦାନ କେନ୍ଦ୍ରର ବିଭକ୍ତି କରଣ ପାଇଁ ବିଡ଼ିଓଙ୍କ ଅଧକ୍ଷତାରେ ସର୍ବ ଦଳୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁମତି ସେଠୀ, ଉପାଧକ୍ଷ ପ୍ରଣୀତ କାନ୍ତି ସାମଲଙ୍କ ସହ ବିଭିନ୍ନ ରାଜନୈତିକ ଦଳ କଂଗ୍ରେସ ପକ୍ଷରୁ ବ୍ଲକ୍ ସଭାପତି ରଜନୀ କାନ୍ତ ଚାନ୍ଦ, ବିଜେପି ସାଂସଦ ପ୍ରତିନିଧି ଗିରିଶ ଚନ୍ଦ୍ର ସାମଲ, ବିଜେଡି ବ୍ଲକ୍ ସଭାପତି ଲକ୍ଷ୍ମୀଧର ସାହୁ, ବିଜେଡି ପୂର୍ବତନ ଯୁବ ସଭାପତି ଦୀପ୍ତି ସୂର୍ଯ୍ୟ ବିଶ୍ୱାଳ, ୨୨ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ପ୍ରଣବ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଚିଠି ନମ୍ବର ୩୬୪୬ମୂଳେ ରାଜ୍ୟ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ସହ ଉପ ମୁଖ୍ୟ ସଚିବଙ୍କ ଚିଠି ନମ୍ବର ୩୭୪୨ ମୂଳେ ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳ ଓ ବିଡ଼ିଓ ମାନଙ୍କୁ ଏଥିପାଇ ଅବଗତ କରାଯାଇଅଛି। ଆନୁସଂଗିକ ଭିତିଭୂମି ଥିବା ମତଦାନ କେନ୍ଦ୍ର ମାନଙ୍କରେ ନୂତନ କେନ୍ଦ୍ର ହେବାକୁ ଯାଉଛି। ପୂର୍ବରୁ ୧୨୦୦ ଶହରୁ ଉର୍ଦ୍ଧ୍ୱ ଭୋଟର ଥିବା ମତଦାନ କେନ୍ଦ୍ର ମାନଙ୍କୁ ଭାଙ୍ଗି ନୂତନ ୨୬ ଗୋଟି ମତଦାନ କେନ୍ଦ୍ର ହେବ। ସେଗୁଡିକ ମଧ୍ୟରେ ଚିଙ୍ଗିଡିପୁର ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, କରଞ୍ଜିଗୁଣ୍ଡପୁର ପ୍ରାଥମିକ ବିଦ୍ୟାଳୟ, ଭଗିବିନ୍ଧା ନୋଡାଲ ସ୍କୁଲ, ରାଜେନ୍ଦ୍ରପୁର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହୁରା ସରକାରୀ ବିଦ୍ୟାଳୟ, ବାଲିଗଡିଆ ପ୍ରାଥମିକ ବିଦ୍ୟାଳୟ, ମତାବାଜ୍ ଶାସନ ବିଦ୍ୟାଳୟ, ଗିରିଧାରୀ ଉଚ୍ଚ ବିଦ୍ୟାଳୟ, ବନ୍ଧାଳ-ମଢ଼ିଆଳି ଉଚ୍ଚ ବିଦ୍ୟାଳୟ, ଥଇଳା ପ୍ରକଳ୍ପ ବିଦ୍ୟାଳୟ, ମୋବାରକପୁର ଉଚ୍ଚ ବିଦ୍ୟାଳୟ, ପିରିପୁର ପ୍ରାଥମିକ ବିଦ୍ୟାଳୟ, କୁଲଣା ପ୍ରାଥମିକ ବିଦ୍ୟାଳୟ, ଝୁଟଣା ପ୍ରାଥମିକ ବିଦ୍ୟାଳୟ ଓ ଅନ୍ୟାନ୍ୟ କେନ୍ଦ୍ର ପାଇ ପ୍ରସ୍ତାବ ରହିଛି। ସେହି ପ୍ରସ୍ତାବିତ କେନ୍ଦ୍ର ମାନଙ୍କର ବି ଏଲ୍ ଓ ମାନଙ୍କ ଠାରୁ ଆବଶ୍ୟକ ତଥ୍ୟ ଲୋଡାଯାଇଛି। ପରିବାର ସମସ୍ତ ସଦସ୍ୟ ଗୋଟିଏ କେନ୍ଦ୍ରରେ ଭୋଟ ଦେଇପାରିବେ ଓ ଅନ୍ୟାନ୍ୟ ଭୋଟର ନିକଟତମ କେନ୍ଦ୍ରରେ ଭୋଟ ଦେବା ସର୍ତ୍ତକୁ ଦୃଷ୍ଟିରେ ରଖାଯାଇ ନିଷ୍ପତ୍ତି ହେବ ବୋଲି ବିଡ଼ିଓ ଦେବଦତ୍ତ ଦାଶ ସମସ୍ତଙ୍କୁ ଅବଗତ କରାଇଥିଲେ।

# ଚାଷୀ ପଞ୍ଜିକରଣ ନିୟମକୁ ନେଇ ଅଡୁଆରେ ସମିତି ସମ୍ପାଦକ ଓ ଚାଷୀ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଥିବା ୧୬ଟି ସମବାୟ ସମିତିରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜୁଲାଇ ୧୯ ତାରିଖ ଠାରୁ ଆରମ୍ଭ ହୋଇଛି। ଚାଷୀ ପଞ୍ଜୀକରଣର ଶେଷ ତାରିଖ ଅଗଷ୍ଟ ୨୦ ପର୍ଯ୍ୟନ୍ତ ରହିଛି। ଚାଷୀ ପଞ୍ଜୀକରଣରେ ସରକାରଙ୍କ ପ୍ରଚଳିତ ନୂଆ ନିୟମକୁ ନେଇ ସମିତିର ସମ୍ପାଦକ ଓ ଚାଷୀ ଅଡୁଆରେ ପଡ଼ି ଯାଇଛନ୍ତି। ସରକାରଙ୍କ ନୂଆ ନିୟମ ଅନୁଯାୟୀ ଚାଷୀମାନଙ୍କ ପଞ୍ଜୀକରଣ ସମୟରେ ଆଇସ୍କାନ ଜରୁରୀ କରାଯାଇଛି। ଏହି ନିୟମ ଅନୁସାରେ ସମିତି ମାନଙ୍କରେ ଆଇସ୍କାନ ମେସିନ ଓ କର୍ମଚାରୀ ଅଭାବ ଥିବା ପରିଲକ୍ଷିତ ହୋଇଛି। ସମିତିରେ ଗୋଟିଏ ଗୋଟିଏ ଆଇସ୍କାନ ମେସିନ ରହିଛି। ଏହି ଆଇସ୍କାନ ମେସିନରେ ପ୍ରତିଦିନ କେତେ ଚାଷୀ ପଞ୍ଜୀକୃତ ହୋଇପାରିବେ ସେନେଇ ପ୍ରଶ୍ନ ଉଠିଛି। ସମିତିରେ ଚାଷୀ ପଞ୍ଜୀକରଣ ପାଇଁ ମଧ୍ୟ କର୍ମଚାରୀମାନଙ୍କର ଅଭାବ ରହିଛି। ଫଳରେ ନିର୍ଦ୍ଦିଷ୍ଟ ସମୟରେ ଚାଷୀ ପଞ୍ଜୀକରଣ କରିବା ସମ୍ଭବ ହୋଇପାରିବ ନାହିଁ। ଚାଷୀମାନେ ନୂଆ ନିୟମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମିତିର ସମ୍ପାଦକମାନେ ବି ନିର୍ଦ୍ଦିଷ୍ଟ ସମୟରେ ବ୍ଲକର ୩୧ ପଞ୍ଚାୟତର କିପରି ୨୫ହଜାର ଚାଷୀଙ୍କର ନାମ ପଞ୍ଜୀକୃତ କରିପାରିବେ ତାହା ମଧ୍ୟ ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଚାଷୀ ପଞ୍ଜୀକରଣ ସମୟରେ ଭାଗଚାଷୀମାନେ ସେମାନଙ୍କ ଜମି ମାଲିକଙ୍କ ଠାରୁ ଅନୁମତିପତ୍ର ଆଣିବାକୁ ନିୟମ ରହିଛି। ସେହିପରି ଜମି ମାଲିକଙ୍କର ମୃତ୍ୟୁ ହୋଇଥିଲେ ତାଙ୍କର ଉ□ରାଧିକାରୀ କେଉଁଠୁ ଅନୁମତି ପତ୍ର ପାଇବେ। ମୃତ ଚାଷୀର ଯେତେଜଣ ପୁଅ ଝିଅ ଥିବେ ସେମାନଙ୍କର ଉତ୍ତରାଧିକାରୀ ପ୍ରମାଣପତ୍ର ତହସିଲ କାର୍ଯ୍ୟାଳୟକୁ ବାହାର କରିବାକୁ ପଡ଼ିବ। ଏହି ଉତ୍ତରାଧିକାରୀ ପ୍ରମାଣପତ୍ରକୁ ନେଇ ମୃତ ଚାଷୀର ଥିବା ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିବା ଆଶଂକା ରହିଛି। ଯାହାଫଳରେ ଏହି ପରିସ୍ଥିତିକୁ ସମ୍ପାଦକ ମାନଙ୍କୁ ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଉଛି। ସରକାର ଏହି ଅନୁମତିପତ୍ର ନିୟମକୁ ପରିବର୍ତ୍ତନ କରି ଚାଷୀ ଚିହ୍ନଟ ପାଇଁ ଅନ୍ୟ କୌଣସି ନିୟମ ଲାଗୁ କଲେ ଚାଷୀ ପଞ୍ଜୀକରଣରେ ଚାଷୀଙ୍କର ସମସ୍ୟା ହେବ ନାହିଁ। ସରକାରଙ୍କ ନୂଆ ନିୟମ ଅନୁଯାୟୀ ଯେଉଁମାନେ ପଞ୍ଜୀକୃତ ହେବେ ସେମାନଙ୍କର ବ୍ୟାଙ୍କ ଜମା ଖାତା ସହିତ ଅଧାର କାର୍ଡ଼ ସଂଯୋଗ ହୋଇଥିବା ବିଧେୟ ବୋଲି କୁହାଯାଇଛି। ସେହିପରି ଚାଷୀ ପଞ୍ଜୀକରଣ ପରେ ସଂଶୋଧନ କରାଯିବାକୁ ନିୟମର ପରିବର୍ତ୍ତନ କରାଯିବା ଆବଶ୍ୟତା ରହିଛି। ସରକାର ଧାନର ସହାୟକ ମୂଲ୍ୟ ୨୩ଶହରୁ ଥିବା ବେଳେ ବୋନସ ୮ଶହକୁ ମିଶାଇ ୩୧ଶହକୁ ବୃଦ୍ଧି କରିଛନ୍ତି। ଫଳରେ ଚାଷୀମାନେ ଖରିଫ୍ ଧାନ ଚାଷ କରିବାକୁ ଅଧିକ ଅଗ୍ରହ ପ୍ରକାଶ କରୁଛନ୍ତି। ସେହି ଅନୁସାରେ ଭାଗଚାଷୀଙ୍କର ମଧ୍ୟ ସଂଖ୍ୟା ହ୍ରାସ ପାଇଛି। ଚାଷୀଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ପଞ୍ଜୀକରଣ କ୍ଷେତ୍ରରେ ମଧ୍ୟ ଅଧିକ ପଞ୍ଜୀକୃତ ହେବେ। ସରକାରଙ୍କର ନୂଆ ନିୟମ ଚାଷୀଙ୍କୁ ପଞ୍ଜୀକୃତ କରିବାରେ ବାଧା ସୃଷ୍ଟି କରିବାରେ ସମ୍ଭାବନା ରହିଛି। ତେବେ ନିୟମକୁ ସରକାର ପରିବର୍ତ୍ତନ କରି ଚାଷୀଙ୍କୁ ସୁହାଇଲା ଭଳି ନିୟମ ଲାଗୁ କଲେ ସମସ୍ତ ଚାଷୀମାନେ ଠିକ୍ ସମୟରେ ପଞ୍ଜୀକୃତ ହୋଇ ପାରିବେ ବୋଲି ନିଶ୍ଚନ୍ତପୁର ସମବାୟ ସମିତି ସମ୍ପାଦିକା ଗୀତାଞ୍ଜଳି ଦାସ କହିଛନ୍ତି। ଏ ନେଇ ମଙ୍ଗଳପୁର ସମବାୟ ସମିତି ସମ୍ପାଦକ ଶଂକର୍ଷଣ ଜେନା କହନ୍ତି ଯେ, ସମିତିକୁ ଅଧିକ ଆଇସ୍କାନ ମେସିନ ଯୋଗାଇ ଦେଲେ ଠିକ୍ ସମୟରେ ଚାଷୀମାନେ ପଞ୍ଜୀକୃତ ହୋଇପାରିବେ। ଚାଷୀମାନଙ୍କ ଠାରୁ ଉତ୍ତରାଧିକାରୀ ପ୍ରମାଣପତ୍ର ନିୟମରେ ସରକାର କୋହଳ କଲେ ଚାଷୀ ଓ ସମ୍ପାଦକ ମାନେ ସୁରୁଖୁରୁରେ ଚାଷୀ ପଞ୍ଜୀକରଣ କରିପାରିବେ ବୋଲି ବାମନବିନ୍ଧା ସମବାୟ ସମିତି ସମ୍ପାଦକ ପ୍ରଭାତ କୁମାର ବେହେରା କହିଛନ୍ତି। ଅନଲାଇନ ପଞ୍ଜୀକରଣ ପରେ ସଂଶୋଧନ କରିବାକୁ ନିୟମ ଲାଗୁ କରାଯିବା ସହିତ ଚାଷୀ ପଞ୍ଜୀକରଣ ପାଇଁ ସମିତିରେ ଅଧିକ କର୍ମଚାରୀ ନିଯୁକ୍ତି ଦେଲେ ଚାଷୀ ପଞ୍ଜୀକରଣ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟରେ ଶେଷ ହୋଇପାରିବ ବୋଲି ପାଳିଆବିନ୍ଧା ସମିତି ସମ୍ପାଦକ ସଂଜୟ କୁମାର ନାୟକ ଓ ଗାନ୍ଧିନଗର ସମିତି ସମ୍ପାଦକ ଅଚ୍ୟୁତାନନ୍ଦ ମହାନ୍ତି କହିଛନ୍ତି।

## ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଲେ କୁନିଝିଅ ଶ୍ରାବନ୍ତୀ

ନିିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମର ୨ବର୍ଷ ୮ମାସର ଜଣେ କୁନି ଝିଅ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବାର ଜଣାଯାଇଛି। କେଂଟାଲୋ ଗ୍ରାମର ସରୋଜ କୁମାର ସାମଲ ଓ ରଶ୍ମିପ୍ରଭା ନାୟକଙ୍କର ଏକମାତ୍ର ୨ବର୍ଷ ୮ମାସର କନ୍ୟା ଶ୍ରାବନ୍ତୀ ସାମଲ ସ୍ଥାନୀୟ ଅସୁରେଶ୍ୱର ଅଙ୍କୁର ଶିକ୍ଷାନିକେତନରେ ଅଧ୍ୟୟନ କରନ୍ତି। ଶ୍ରାବନ୍ତୀ ୨୦ଟି ବିଷୟ ଉପରେ ଅନଲାଇନରେ ପରୀକ୍ଷା ଦେଇ କୃତୀତ୍ୱର ଶହ ସଫଳତା ଅର୍ଜନ କରିଛନ୍ତି। ଏଥିନିମନ୍ତେ ଇଣ୍ଡିଆ ବୁକ ଅଫ ରେକର୍ଡସ ତରଫରୁ ମେଲାଡ ଓ ମାନପତ୍ର ଦିଆଯାଇଥିବାର ଜଣାଯାଇଛି।

# ଗଡବଡପୁଟ ଗ୍ରାମରେ କୁଶାଣ ସମୟର ପ୍ରାଚୀନ ମୂର୍ତ୍ତି



କଣାସ, (ଭାସ୍କର ନ୍ୟୁଜ): ଉତ୍କଳ ବିଶ୍ୱ ବିଦ୍ୟାଳୟ ବାଣୀବିହାର ପ୍ରାଚୀନ ଇତିହାସ, ସଂସ୍କୃତି ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରଧ୍ୟାପକ ଡ. ଅନାମଚରଣ ବେହେରା ଏବଂ ତାଙ୍କର ସହକର୍ମୀ ପୁରୀ ଜିଲ୍ଲା କଣାସ ବ୍ଲକର ଗଡବଡପୁଟ ଗ୍ରାମକୁ ଆସି ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟରେ ସାମିଲି ହୋଇଥିଲେ। ଏହି ଗ୍ରାମରେ ଏକ ପ୍ରାଚୀନ ବିରଳ ମୁଦ୍ରା ମିଳିଥିଲା। ଯାହାକୁ ସେ କୁଶାଣ ସମୟର ବୋଲି ପ୍ରକାଶ କରିଥିଲେ। ଏହି ଅଂଚଳରୁ ପୁରାତନ ପ୍ରସ୍ତର ଯୋଗୁର ପ୍ରସ୍ତର କୁରାଢୀ ଏବଂ ଅନ୍ୟକ ଧାରୁଆ ପ୍ରସ୍ତରଖଣ୍ଡ ସଂଗ୍ରହ କରିଥିଲେ। ସେ ସମୟରେ ପ୍ରସ୍ତର ନିର୍ମିତ ହାତହତିଆର ଦ୍ୱାରା ମଣିଷ ମାନେ ବିଭିନ୍ନ କାର୍ଯ୍ୟ କରିପାରୁଥିଲେ। ଏହି ଗ୍ରାମର ମଲ୍ଲିକେଶ୍ୱର ମନ୍ଦିର ପ୍ରସିଦ୍ଧ ଶୈବ ପୀଠ ଗଙ୍ଗବଂଶର ରାଜା ଭାନୁଦେବଙ୍କ ସମୟରେ ନିର୍ମାଣ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି ଗ୍ରାମରେ ପୁରାତନ ସମୟରେ ବହୁ ସାମଗ୍ରୀ ମିଳିଥିବାରୁ ଏଠାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗବେଷଣା କରାଯାଇ ଖନନ କରାଗଲେ ପ୍ରାଚୀନ ମୁଦ୍ରା ଲୋକମାନଙ୍କ ବ୍ୟବହାର ଜିନିଷପତ୍ର ମିଳିବାର ଆଂଶଙ୍କା କରାଯାଉଛି। ପ୍ରାଧ୍ୟାପକ ତଥା ଗବେଷକ ବେହେରାଙ୍କ ସହିତ ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୃନ୍ଦାବନ ପାହାଡସିଂହ, ଗ୍ରାମବାସୀ ବୀରବର ପରିଡା ଉପସ୍ଥିତ ରହିଥିଲେ।

# ଚିତଉ ଅମାବାସ୍ୟା ବା ଅମୂସ ପରବ ପାଳିତ



ଉମରକୋଟ, (ଭାସ୍କର ନ୍ୟୁଜ୍): ଶ୍ରାବଣ ଅମାବାସ୍ୟାକୁ ଓଡ଼ିଶାରେ 'ଚିତାଲାଗି ଅମାବାସ୍ୟା' ରୂପେ ପାଳନ କରାଯାଉଥିବା ବେଳେ ଏହି ଦିନକୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜନଜାତିମାନେ ପାଳନ କରନ୍ତି 'ଉଆଁସ' ବା 'ଅମୂସ ପରବ' ଭାବରେ ଏହା ଚିତାଲାଗି ଅମାବାସ୍ୟା ଦିନ ପାଳିତ ହୁଏ। ବର୍ଷ ଆରମ୍ଭର ପ୍ରଥମ ପରବ ହେଉଛି 'ଉଆଁସ' ବା ଅମୁସ ପର୍ବ। 'ଅମୂସ୍' ପରବ ହେଉଛି କୃଷି କାର୍ଯ୍ୟକୁ ଉତ୍ତମ ରୂପେ ସୁରୁଖୁରୁରେ ସମ୍ପନ୍ନ କରି ଭଲ ଫସଲ ଆଶାରେ ପୂଜା କରିବାର ଦିନଟିଏ। କୃଷକ ଏହିଦିନ ମାଟି ଦେବତାର ପୂଜା ସହ ନିଜ କୂଳ ଦେବତା, ଗ୍ରାମଦେବତୀଙ୍କ ପୂଜା ମଧ୍ୟ କରେ। ଏଥିସହ ପଶୁସମ୍ପଦର ରକ୍ଷଣାବେକ୍ଷଣ ଓ ଯତ୍ନ ନେବାର ଦିନଟିଏ। ବର୍ଷା ଦିନରେ ଗାଁରେ ବ୍ୟାପୁଥିବା ସମସ୍ତ ରୋଗ ବ୍ୟାଧି ଓ ବିଭିନ୍ନ ଅପଶକ୍ତିକୁ ଦୂରେଇ ଦେବା ପାଇଁ ଏହି ଅମାବାସ୍ୟା ତିଥିର ବିଶେଷ ମହତ୍ତ୍ୱ ରହିଛି ଜନଜାତିଙ୍କ ମଧ୍ୟରେ, ଏଣୁ ଉଆଁସ ପରବ ପାଳନ କରିବା ପାଇଁ ଗାଁ ଗାଁ ରେ ଆରମ୍ଭ ହୋଇଯାଏ ପ୍ରସ୍ତୁତି। 'ଅମୂସ୍' ପରବ ପାଇଁ ଗୁହାଳକୁ ମରାମତି କରି ଗୋ ଓ ପଶୁ ସମ୍ପଦକୁ ବର୍ଷା ଋତୁରେ ଭଲରେ ରଖିବା ପାଇଁ ବ୍ୟବସ୍ଥା କରା ଯାଇଥାଏ। କୃଷକ ମାନେ ସେମାନଙ୍କର ସମସ୍ତ କୃଷି ଉପକରଣ ଗୁଡ଼ିକୁ ଭଲ ଭାବରେ ସଫା କରିବା ସହ ପୂଜା କରିଥାନ୍ତି। କୃଷି କାର୍ଯ୍ୟରେ ସହାୟତା କରିଥିବା ସ୍ୱରୂପ କୃତଜ୍ଞତା 'ଅମୂସ୍'ରେ ଗାଈ ଗଉଡ଼ିଆ ବା ଚରିଆ ଗାଁ ନିକଟସ୍ଥ ଜଙ୍ଗଲରେ ଥିବା ଔଷଧୀୟ ଗୁଳ୍ମ ମୁଖ୍ୟତଃ ରାସନା ଓ ଶତାବରୀ, ଦଶମୂଳ କନ୍ଦ ସଂଗ୍ରହ କରେ। ଗଛ ନିକଟରେ ସାଙ୍ଗରେ ନେଇଥିବା ଧୂପ, ଦୀପ, ଫୁଲ, ପାଣି ଦେଇ ପ୍ରଥମେ ପୂଜା କରି ବନଦେବୀଙ୍କ ଉପାସନା କରି କୃତଜ୍ଞତା ଜ୍ଞାପନ କରେ। ରସନା ଓ ଶତାବରୀ ଡାଳ, ପତ୍ର ଓ ଚେରକୁ ଧରି ଘରକୁ ଫେରେ। ଡାଳ ଚେର ମୂଳି ସବୁକୁ ଭଲଭାବେ ଶିଳରେ ବଟାହୁଏ। ବଟା ଯାଇଥିବା ଔଷଧରେ କିଛି ଲୁଣ ମିଶାଯାଇ ଛୋଟ ଛୋଟ ଶିଆଳି କିମ୍ବା ଖମ୍ଭ ଆଳୁ ପତ୍ରରେ ରଖି ପୁଡ଼ିଆ କରାଯାଏ। ଏହି ପୁଡ଼ିଆକୁ ସ୍ଥାନୀୟ ଭାଷାରେ 'ଚିପଟି' କହନ୍ତି,ଏହି ଔଷଧୀୟ ଚିପଟି ଖାଇଲେ ପଶୁ ମାନଙ୍କ ବର୍ଷା ଜନିତ ରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। ଉଆଁସ ବା ଅମୃସ ଏକ ଖୁସି ପାଳନ କରିବାର ଦିନଟିଏ। ଏହିଦିନ କୌଣସି କୃଷି କାର୍ଯ୍ୟ ହୋଇନଥାଏ। ଚାଷବାସ କାମରେ ବ୍ୟସ୍ତ ରହି ଶାରୀରିକ ପରିଶ୍ରମ କରି ଥକି ଯାଇଥିବା ଚାଷୀ ଭାଇ ଟିକେ ଖୋଜେ ବିଶ୍ରାମ ଆଉ ଟୋପେ ମହୁଲି। ସକାଳୁ ପୂଜା ପାଠ ସରି ଯିବା ପରେ ଭୋଜି ଭାତର ଆସର ଜମେ ଘରେ ଘରେ ପିଠାପଣା, ମାଛ ମାଂସର ଆସର ଜମିଥାଏ। ସମସ୍ତେ ଖୁସିରେ ମସଗୁଲ ରହନ୍ତି। ଅପେକ୍ଷା ରହେ ଆର ବର୍ଷକୁ।

## ମୋହନପୁର ଛକଠାରେ ଯାନବାହାନ ଯାଞ୍ଚ

ବେତନଟୀ, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ବୁଧବାର ରାତି ଦଶଟା ସମୟରେ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା। ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ରୁପସା ମୂଖ୍ୟ ରାସ୍ତାର କଦଳିଆ ଛକ ଓ ବୈଶିଙ୍ଗା ବଡ଼ସାହି ମୂଖ୍ୟ ରାସ୍ତାର ମୋହନପୁର ଛକଠାରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ମଦ୍ୟପାନ କରି ଗାଡ଼ି ଚାଳନା, ନାବାଳକ ଗାଡ଼ି ଚାଳକ, ବିନା ହେଲମେଟ ଓ ବିନା ସିଟବେଲ୍ଟ ଗାଡ଼ି ଚାଳନା ସହ ଟ୍ରାଫିକ ନିୟମର ଉଲ୍ଲଂଘନ ଆଦି ଅଭିଯୋଗରେ ୪ ଲକ୍ଷ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ତେବେ ପରିବହନ ବିଭାଗ ଓ ବୈଶିଙ୍ଗା ପୋଲିସର ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ଗୁରୁବାର ଅପରାହ୍ନରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବିଡ଼ିଓ ତ୍ରିବିକ୍ରମ କୁମୁରା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଶିକ୍ଷାନୁଷ୍ଠାନ ପ୍ରତିନିଧି ଯୋଗ ଦେଇଥିଲେ। ସ୍ୱାଧୀନତା ଦିବସ ପାଳନକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସକାଳ ଆଠଟା ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏନେଇ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା।

## ୨୫ରୁ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୁଲ୍ୟରେ ସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଆସନ୍ତା ୨୫, ୨୬ ଓ ୨୭ ଜୁଲାଇ ୨୦୨୫ ତାରିଖରେ ଇନଡୋର୍ ଷ୍ଟାଡିୟମ୍, ବାରିପଦାରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ପୁରୁଷ, ମହିଳା, ବାଳକ, ବାଳିକା ଓ ଭେଟେରାନ ସବୁ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବାରିପଦାର ଖେଳାଳିମାନେ ଜୟଜୀତ ଦାସ- ୯୩୩୭୬୨୩୩୫୫, ସେହିପରି କରଞ୍ଜିଆ ପାଇଁ ଜୟନ୍ତ କୁମାର ମହାନ୍ତ- ୯୧୨୪୨୦୬୭୯୪, ଉଦଳା ପାଇଁ ଦୀପକ କୁମାର ପରିଡା- ୯୪୩୭୧୬୧୬୦୬, ରାଇରଙ୍ଗପୁର ପାଇଁ ଶାଶ୍ୱତ କୁମାର ବଳ- ୯୪୩୮୭୧୦୧୩୩ଙ୍କ ସହିତ ସମ୍ପର୍କ କରି ନିଜର ନାମ ପଞ୍ଜୀକରଣ କରାଇପାରିବେ ଓ ଆବଶ୍ୟକ ସ୍ଥଳେ ଟୁର୍ଣ୍ଣାମେଣ୍ଟର ଆୟଜକ ସମ୍ପାଦକ ବିଭୁତି ଭୂଷଣ ଦାସ- ୭୦୦୮୬୬୦୧୦୫ ଙ୍କୁ ମଧ୍ୟ ଯୋଗାଯୋଗ କରିପାରିବେ।ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ୟାଡମିଣ୍ଟନ୍ ଖେଳାଳିମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ନିଜର ପ୍ରତିଭାର ପ୍ରଦର୍ଶନ କରିବାକୁ ଟୁର୍ଣ୍ଣାମେଣ୍ଟର ଆୟଜକ ସଭାପତି କିଶୋର କୁମାର ବିଶ୍ୱାଳ ନିବେଦନ କରିଛନ୍ତି।

# ଅବହେଳିତ ଅବସ୍ଥାରେ ଯୋଗୀଡ଼ୁଙ୍ଗରି ଶୈବ ପୀଠ

ଝରୀଗାଁ, (ଭାସ୍କର ନ୍ୟୁଜ): ଲୋକଙ୍କର ଆସ୍ଥା ଓ ବିଶ୍ୱାସ ର କେନ୍ଦ୍ର ସ୍ଥଳୀ ହଉଚି ଏହି ଶୈବ ପୀଠ ଯୋଗୀ ପାହାଡ଼ ଝରୀଗାଁ ସଦର ମହକୁମା ଠାରୁ ତିରିଶି କିଲୋମିଟର ଦୂର। ରାସ୍ତା ପାଣି ଏବଂ କରେଣ୍ଟ ଭଳି ଜରୁରୀ ଆବଶ୍ୟକତା ଅଭାବରୁ ଏବେ ଏହି ଯୋଗୀପାହାଡ଼ର କୌଣସିପ୍ରକାର ବିକାଶ ହୋଇପାରୁନି, ଦିନେ ଏହି ପାହାଡ ଥିଲା ସନ୍ଥ ନାରାୟଣ ବାବା ଙ୍କ ଯୋଗ ଓ ତପ ର କେନ୍ଦ୍ର ସ୍ଥଳୀ ଆଜକୁ ପାଖାପାଖି ନବେ ବର୍ଷ ହେବ ସନ୍ଥ ଶ୍ରୀ ନାରାୟଣ ବାବା ଯୋଗ ସାଧନା ବଳ ରେ ଏଠାରେ ଭଗବାନଙ୍କୁ ପ୍ରାପ୍ତ କରିଥିଲେ, ସେଥିପାଇଁ ଏହି ପାହାଡ କୁ ଯୋଗୀ ପାହାଡ ବା ଆଂଚଳିକ ଭାଷାରେ ଯୋଗୀ ଡ଼ଙ୍ଗରି ବୋଲି କୁହନ୍ତି ବାବାଙ୍କ ନିର୍ଦ୍ଦେଶରେ ଗୋଟିଏ ପଥର ପଠେଇ ବା ପରେ ତା ମଧ୍ୟରେ ଶିବ ଆବିର୍ଭାବ ହେଇଥିବା ଲୋକେ ଦେଖିବାକୁ ପାଇଥିଲେ ଏହା ଏକ ପଥର ଗୁମ୍ଫା ମଧ୍ୟରେ ରହିଥିବା ବେଳେ ଯୋଗେଶ୍ୱର ନାମରେ ଏଠାରେ ଶିବ ପୂଜା ପାନ୍ତି ବାବା ଙ୍କ ତୀରୋଧାନ ପରେ ତାଙ୍କରି ଶିଷ୍ୟ ମାନେ ଏହି ପାହାଡର ରକ୍ଷଣାବେକ୍ଷଣ ସହିତ ଶିବଙ୍କୁ ପୂଜା କରି ଆସୁଛନ୍ତି। ଆଜିବି ଏହି ପାହାଡ଼ରେ ସନ୍ଥ ନାରାୟଣ ବାବା ଙ୍କ ଯୋଗ ସ୍ଥଳି ଏବଂ ସମାଧି ପୀଠ ରହିଛି ଏହି ଯୋଗୀ ପାହାଡ କୁ ଛତିଶଗଡ ଏବଂ ଓଡିଶା ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଲୋକେ ଆସିଥାନ୍ତି। ସମସ୍ତଙ୍କ ବିଶ୍ୱାସ ରହିଛି ଯୋଗେଶ୍ୱର ବାବାଙ୍କ ନିକଟରେ ଯାହା ମାନସିକ କଲେ ତାହା ଫଳପ୍ରଦ ହୋଇଥାଏ ନିଃସନ୍ତାନ ଏଠି ଠାକୁରଙ୍କ କରୁଣାରୁ ସନ୍ତାନ ସନ୍ତତି ପ୍ରାପ୍ତ କରିଥିବା କୁହନ୍ତି। ଏହି ପୀଠକୁ ନେଇଁ ଲୋକଙ୍କ ବିଶ୍ୱାସ ରହିଥିବା ବେଳେ ଏଭଳି ଏକ ପିଠ ପ୍ରତି ସରକାର ଅଣ ଦେଖା କରୁଥିବାରୁ ଏହା ଏବେ ଅସଜଡ଼ା ହୋଇ ପଡି ରହିଛି ଏଠାକୁ ଗମନା ଗମନ ପାଇଁ ଭଲ ରାସ୍ତା ଟିଏ ନାହିଁ ମନ୍ଦିର କୁ ଯିବାକୁ ହେଲେ ଗୋଟେ ନାଳ ପାର କରି ଯିବାକୁ ପଡେ ଏହି ନାଳରେ ବ୍ରିଜଟି ନଥିବାରୁ ଗାଡି ମଟର ଇତ୍ୟାଦି ମନ୍ଦିର ନିକଟକୁ ପହଂଚି ପରେ ନାହିଁ। ବର୍ଷା ଦିନ ଏହି ମାଟି ରାସ୍ତା କାଦୁଅ ପଚପଚ ହୋଇ ପଡୁ ଥିବାରୁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡେ, ଏଠାରେ ରାସ୍ତା ବ୍ୟତୀତ ପିଇବା ପାଣି ଏବଂ କରେଣ୍ଟ ର ମଧ୍ୟ ନିତାନ୍ତ ଆବଶ୍ୟକତା ରହିଛି ଶିବ ରାତ୍ର ଠାରୁ ଆରମ୍ଭ କରି ବିଭିନ୍ନ ପୂଜା ପାର୍ବଣରେ ଏଠାକୁ ଭକ୍ତଙ୍କ ସୁଅ ଛୁଟୁ ଥିବା ବେଳେ ପଇଁବା ପାଣି ଲାଗି ଶ୍ରଦ୍ଧାଳୁ ନାହି ନଥିବା ସମସ୍ୟା ଭୋଗୀ ଥାନ୍ତି ଏହି ସମ୍ପୂର୍ଣ୍ଣ ଯୋଗୀ ପାହାଡ ଟି ପଥର ଗୁମ୍ଫା ରେ ପରିପୂର୍ଣ୍ଣ ଆଉ ଏହି ଗୁମ୍ଫା ଗୁଡିକରେ ଭାଲୁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ବନ୍ୟ ପ୍ରାଣୀ ଏଠାରେ ରୁହନ୍ତି ଆଜି ପର୍ଯ୍ୟନ୍ତ କୌଣସି ଦିନେ କାହାର କ୍ଷତି ପହଞ୍ଚାଇ ନଥିଲେ ମଧ୍ୟ ପୂଜାପାର୍ବଣ ସମୟରେ ଏଠାରେ ପୂଜକ ଠାରୁ ଆରମ୍ଭ କରି ନିକଟ ଗ୍ରାମବାସୀ ଙ୍କୁ ରାତ୍ର ଯାପନ କରିବାକୁ ପଡିଥାଏ ଏହାଛଡା ଏଠାରେ କରେଣ୍ଟ ର ନିତାନ୍ତ ଆବଶ୍ୟକତା ରହିଥିବାରୁ ପ୍ରଶାସନ ତୁରନ୍ତ ଏହି ଯୋଗୀ ଡ଼ଙ୍ଗରି କୁ ବିଦ୍ୟୁତ ସଂଯୋଗ ଲାଗି ପଦକ୍ଷେପ ନେବା ଲାଗି ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଫାତିଙ୍କୁ ରୌପ୍ୟ ପଦକ

ରାଉରକେଲା (ଭାସ୍କର ନ୍ୟୁଜ୍): ସେଲ, ରାଉରକେଲା ଇସ୍ପାତ କାରଖନା (ଆରଏସପି)ର ଡକ୍ଟର ଫ୍ଲୋରା ହାଇଦର ଏବଂ ମହମ୍ମଦ ଫରାଜ ଅବାସିଙ୍କ ଝିଅ ଫାତିମା ଆବାସି ଦ୍ୱିତୀୟ ଓଡ଼ିଶା ରାଜ୍ୟ ଓପେନ ସୁଟିଂ ଚାମ୍ପିଅନସିପରେ ୧୦ମିଟର ଏୟାର ପିସ୍ତଲ ମହିଳା ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ହାସଲ କରି ଷ୍ଟିଲ୍ ସିଟି ପାଇଁ ଗୌରବ ଆଣିଛନ୍ତି। ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ଜୁନ୍ ୨୬ ରୁ ୨୯ ପର୍ଯ୍ୟନ୍ତ ଉତ୍କଳ କରାଟେ ସ୍କୁଲ ସୁଟିଂ ରେଞ୍ଜ ଏବଂ କଳିଙ୍ଗ ଷ୍ଟାଡିୟମ ସୁଟିଂ ରେଞ୍ଜରେ ଓଡ଼ିଶା ରାଇଫଲ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉଦୀୟମାନ ପ୍ରତିଭା ତାଳଚେର ରାଇଫଲ୍ କ୍ଲବ୍ ଦ୍ୱାରା ଆୟୋଜିତ ଏକ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ସେକ୍ଟର ୧୪ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ ରେ ଦଶମ ଶ୍ରେଣୀରେ ପଢୁଥିବା ଏହି ଯୁବ ପ୍ରତିଭା ଜଣକ ଖେଳ ପ୍ରତି ଗଭୀର ଆଗ୍ରହୀ ଥିବାବେଳେ ଭବିଷ୍ୟତରେ ମଦ୍ୟ ଅଧିକ କୀର୍ତ୍ତି ସ୍ଥାପନ କରିବାକୁ ଆଶା ରଖିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ସୋମବାର ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସେଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁଲାଇ ୨୫ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।



# କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କଲେ ରାଜ୍ୟପାଳ



କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଏବଂ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମପତି ଆଜି କିଟ୍, କିସ୍ ଓ କିମ୍ସ ପରିଦର୍ଶନରେ ଆସି କିସ୍‌ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। କିସ୍ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିବାରେ କମ୍ଭମପତି ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜ୍ୟପାଳ। ଆଜି ପୂର୍ବାହ୍ନରେ ରାଜ୍ୟପାଳ ଡ. କମ୍ଭମପତି ସପତ୍ନୀକ କିଟ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍କୁଲ୍ ବୁଲିବା ସହ ସେଠାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ରୁରାଲ ମ୍ୟାନେଜମେଣ୍ଟ କ୍ୟାମ୍ପସ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ କିଟ୍‌ର ଆକର୍ଷଣୀୟ ସ୍କଲ୍‌ପଚର୍ ପାର୍କ ପରିଦର୍ଶନ କରି ବିମୋହିତ ହୋଇଥିଲେ। ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ହିଂସାକୁ ନେଇ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ହିଂସାକୁ ନେଇ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା କଂଗ୍ରେସ । କଂଗ୍ରେସ ଭବନରେ ସ୍ୱତନ୍ତ୍ର ଆପ୍‌ର ଉନ୍ମୋଚନ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । କୌଣସି ମହିଳା ନିର୍ଯ୍ୟାତନାର ଶିକାର ହେଲେ ଇମେଲ କରି କିମ୍ବା କ୍ୟୁଆର କୋଡ଼ ସ୍କାନ କରି ଅଭିଯୋଗ କରିପାରିବେ । ଆସନ୍ତାକାଲି ଠାରୁ ଏହି ଆପ୍ କାର୍ଯ୍ୟ କରିବା ସହ ଖୁବଶୀଘ୍ର ଟୋଲ ଫ୍ରି ନମ୍ବର ଜାରି କରାଯିବ । ଅଭିଯୋଗ ଆସିଲେ କଂଗ୍ରେସର ଟିମ ଯାଇ ପୀଡିତାଙ୍କୁ ଭେଟି ତାଙ୍କୁ ନ୍ୟାୟ ଦେବା ପାଇଁ ସରକାର ଓ ପୋଲିସ ଉପରେ ଚାପ ପକାଇବ । ନାରୀ ନିର୍ଯ୍ୟାତନା ବିରୋଧରେ କଂଗ୍ରେସ ତାହାର ସାଇଲେନ୍ସ ମୁଭମେଣ୍ଟ ଜାରି ରଖିବ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଦାସ । ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ନ୍ୟାୟ ପାଇଁ ମହିଳାମାନେ ଲଢୁଛନ୍ତି। ଯେଉଁମାନେ ନ୍ୟାୟ ପାଉନାହାନ୍ତି, ସେମାନେ 'ଆପ' ମାଧ୍ୟମରେ ନ୍ୟାୟ ପାଇବେ।ଏବେ ପୋର୍ଟାଲ ଭାବେ ଅଛି। ପନ୍ଦର ଦିନ ପରେ 'ଆପ' ହୋଇପାରିବ। ସେହିପରି ଇମେଲ ବି ରହିବ ବୋଲି ସୂଚନା ଦେଇଛନ୍ତି। କଂଗ୍ରେସ ଭବନରେ ଏହା ଖୋଲିବ। ଚବିଶ ଘଣ୍ଟା ଅଭିଯୋଗ ହୋଇପାରିବ। ଆମେ ଉଦ୍ୟମ କରିବୁ ସମାଧାନ ପାଇଁ। ଆମେ ସରକାରରେ ନାହୁଁ। ତେଣୁ ଚାପ ସୃଷ୍ଟି କରିବୁ। ସୌମ୍ୟାଶ୍ରୀ ସରକାରର ବହୁଲୋକଙ୍କୁ କହିବା ପରେ ମଧ କେହି ଶୁଣିନଥିଲେ। ମାତ୍ର ଆମେ କେମିତି ଅଭିଯୋଗ ଉପରେ କାମ ହେବ ଚେଷ୍ଟା କରିବୁ। ଟୋଲ ଫ୍ରି ନମ୍ବର ମଧ ଜାରି ହେବ ବୋଲି ଭକ୍ତ କହିଛନ୍ତି। ପିସିସି ମିଡିଆ ବିଭାଗ ଅଧକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ ଗଣମାଧମ ଉପାଧକ୍ଷ ସନ୍ତୋଷ କୁମାର ପ୍ରଧାନ, ଗୀତାଞ୍ଜଳି ମହାନ୍ତି, ପ୍ରଣତି ମିଶ୍ର, ଚୈତାଳୀ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ଜାନକୀ ମଲ୍ଲିକ, ଉର୍ବଶୀ ମିଶ୍ର, ଅନିମା ମିଞ୍ଜ, ଶ୍ରୀୟାସ୍ମିତା ପଣ୍ଡା, କୁସୁମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଅନାସ୍ଥା ଆଣିଲେ ସରକାର ଆହତ ହେବେନି ନିଜେ କ୍ଷତାକ୍ତ ହେବେ । ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ବିରୋଧୀଙ୍କ ଅଧିକାର ଅଛି ସେମାନେ ଅନାସ୍ଥା ଆଣି ପାରିବେ । କିନ୍ତୁ ଟିକେ ହୋମ ୱାର୍କ କରିକି ଆସନ୍ତୁ । ବିଜେଡି କଂଗ୍ରେସ ୪୦ ବର୍ଷର ହିସାବ ନେଇକି ଆସନ୍ତୁ । ଆମେ ଗୋଟିଏ ବର୍ଷର ହିସାବ ଦେବୁ । ସେମାନେ ଲମ୍ବା ସମୟ ଧରି କଣ କରିଛନ୍ତି ଆମେ ବର୍ଷକରେ କଣ କରିଛୁ ।

### ଏନସିଇଆରଟି ପୁସ୍ତକରେ ପାଇକ ବିଦ୍ରୋହ ସ୍ଥାନ ନ ପାଇବା ପ୍ରସଙ୍ଗ

# ପାଇକ ବିଦ୍ରୋହକୁ ସ୍ଥାନ ନଦେବା ରାଜ୍ୟବାସୀଙ୍କ ସହିତ ପ୍ରତାରଣା: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିକଟରେ ପ୍ରକାଶିତ ହୋଇଥିବା ଏନସିଇଆର୍ଟି ପାଠ୍ୟକ୍ରମରେ ପାଇକ ବିଦ୍ରୋହ ସ୍ଥାନ ନପାଇବାକୁ ନେଇ ବିଭିନ୍ନ ବର୍ଗରୁ ସମାଲୋଚନା କରାଯାଉଥିବା ବେଳେ ବିଜୁ ଜନତା ଦଳ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପିକୁ ଘେରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ ଲେନିନ ମହାନ୍ତି ଏହାକୁ ଦୃଢ଼ ସମାଲୋଚନା କରିବା ସହିତ ବିଜେପି ଓ ଶ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଅନେକ ଅସମାହିତ ପ୍ରଶ୍ନ କରିଥିଲେ। ଡ. ମହାନ୍ତି କହିଥିଲେ, ୧୮୧୭ ମସିହାରେ ହୋଇଥିବା ପାଇକ ବିଦ୍ରୋହ ବ୍ରିଟିଶ ସରକାରଙ୍କ ନୀତି ବିରୋଧରେ ପ୍ରଥମ ଦୃଢ଼ ସଂଗ୍ରାମ। ଏହି ପାଇକ ବିଦ୍ରୋହ କେବଳ ଓଡିଶାର ଗାରିମାମୟ ଐତିହ୍ୟ ନୁହେଁ, ଏହା ଭାରତ ଇତିହାସର ଏକ ଗୌରବମୟ ଦିଗ। ଏହା ପୂର୍ବରୁ ଏନସିଇଆରଟି ପୁସ୍ତକରେ ସ୍ଥାନ ଦେଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦେଇଛି। ପାଇକ ବିଦ୍ରୋହକୁ ଭାରତର ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମର ମାନ୍ୟତା ଦେବା ପାଇଁ ଓଡିଶା ଦାବୀ କରି ଆସୁଥିବା ବେଳେ କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରିଥିଲେ ମଧ ଏହି ବିଦ୍ରୋହ ଏନସିଇଆର୍ଟି ପୁସ୍ତକରେ ସ୍ଥାନ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡ. ମହାନ୍ତି କହିଥିଲେ, ନିର୍ବାଚନ ସମୟରେ, ଓଡ଼ିଆ ଅସ୍ମିତାର ନାରା ଦେଉଥିବା ବିଜେପି ପାଇକ ବିଦ୍ରୋହକୁ ଏନସିଇଆର୍ଟରେ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ନିକଟରେ ପ୍ରକାଶିତ ହୋଇଥିବା ପାଠ୍ୟକ୍ରମରେ ସ୍ଥାନ ପାଇନାହିଁ। ଏହାକୁ ନେଇ ବିଭିନ୍ନ ବର୍ଗରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ, ଏନସିଇଆର୍ଟି ତରଫରୁ ପ୍ରକାଶିତ ପୁସ୍ତକର ଦ୍ୱିତୀୟ ଭଲ୍ୟୁମରେ ଏହା ସ୍ଥାନ ପାଇବ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। ହେଲେ, ଏହି ସ୍ପଷ୍ଟୀକରଣ ଗ୍ରହଣୀୟ ନୁହେଁ ବୋଲି ଡ. ମହାନ୍ତି କହିଥିଲେ।

# ନାରୀ ସୁରକ୍ଷା ନେଇ ୨୬ରେ ଆନ୍ଦୋଳନ କରିବ ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ସରକାର ଓଡ଼ିଶାକୁ ଆସିବା ପରେ ବୋଧେ କାହାର ନଜର ଲଗାଯାଇଛି। ନାରୀ ସୁରକ୍ଷାରେ ଭାରତ ବର୍ଷରେ ଉଦାହରଣ ସୃଷ୍ଟି କରିଥିଲା ଓଡିଶା। କିନ୍ତୁ ବର୍ତ୍ତମାନ ସ୍ଥିତି ଓଲଟା। ଦୁଷ୍କର୍ମ, ଆତ୍ମହତ୍ୟା, ଆତ୍ମାହୁତି ଘଟଣା ରାଜ୍ୟରେ ବଢି ବଢି ଚାଲିଛି। ଦେଶରେ ନିନ୍ଦିତ ହେଲାଣି ଓଡିଶା। ପ୍ରବାସୀ ଓଡିଆ ମୁଣ୍ଡ ଟେକି ଚାଲି ପାରୁନି ବୋଲି କହି ବିଜେପି ସରକାରକୁ ନିଶାନା କରିଛନ୍ତି ବିଜେଡି ସାଧାରଣ ସଂପାଦକ ପ୍ରଦୀପ ମାଝୀ । ସେ କହିଛନ୍ତି, ଯେଉଁଠି ନାରୀ ଅସୁରକ୍ଷିତ ସେଠି ଓଡିଶାକୁ କିପରି ବିଜେପି ସରକାର ପୂର୍ବ ଭାରତର ମୁଖଶାଳା କରିବେ। ମାଲାକନଗିରି ଘଟଣା ହୃଦୟ ବିଦାରକ। ୧୫ ବର୍ଷ ର ନାବାଳିକା ଦୁଇ ଦୁଇ ଥର ଧର୍ଷଣ ହେବ। ରେସକ୍ୟୁ ହେବା ପରେ ବି ଧର୍ଷଣ ର ଶିକାର ହେଲା। ଡବଲ ଇଞ୍ଜିନ୍ , ଡବଲ ଧର୍ଷଣ। ପୋଲିସ ଅଭିଯୋଗ ପରେ ବି କିଛି କାର୍ଯ୍ୟାନୁଷ୍ଠାନ ନାହିଁ ଅଭିଯୁକ୍ତ ବିରୋଧରେ। ନ୍ୟାୟ ନମିଳିବାରୁ ଲଜ୍ଜା ସହିନପାରି ବିଷ ପିଇ ଆତ୍ମହତ୍ୟା ପାଇଁ ଚେଷ୍ଟା କଲେ। ଏବେ ସେ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛି। ବନ୍ଧୁ ଗାଁ କୋରାପୁଟରେ ଜୁଲାଇରେ ଦୁଷ୍କର୍ମ କରାଯାଉଛି। କିଛି ନ୍ୟାୟ ନାହିଁ। ଅନୁସୂଚିତ ଜନଜାତି ବିଭାଗର ମନ୍ତ୍ରୀ ଚୁପ୍। ଦକ୍ଷିଣ ଓଡିଶାରେ ନାରୀ ସୁରକ୍ଷାକୁ ନେଇ ଆନ୍ଦୋଳନ କରିବ ବିଜେଡି । ଆସନ୍ତାକାଲି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମାଲାକନଗିରି ଯାଇ ପୀଡିତାଙ୍କ ପରିବାର ଓ ଡାକ୍ତରଖାନାକୁ ଯାଇ ତଥ୍ୟ ସଂଗ୍ରହ କରିବୁ। ୨୬ ତାରିଖରେ ଡିଆଇଜି ଅଫିସ ଘେରାଉ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି ।

## ଗିରଫ ହେଲେ ବିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗିରଫ ହେଲେ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ। ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ବାନ୍ଧିଲା ଭିଜିଲାନ୍ସ । ଏହା ସହ ଜଗନ୍ନାଥ ପଟ୍ଟନାୟକଙ୍କ ନାଁରେ ୱାଇଲଡ ଲାଇଫ ପ୍ରୋଟେକ୍ସନ ଆକ୍ଟରେ ମାମଲା ରୁଜୁ ହୋଇଛି । ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ଘରେ ରେଡ କରିଥିଲା ଭିଜିଲାନ୍ସ। ବାସଭବନ ସମେତ ୪ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ। ରେଡରେ ୬ ଜଣ ଡ଼ିଏସପି, ୧୦ ଇନ୍ସପେକ୍ଟର ସାମିଲ ଥିଲେ । ଭୁବନେଶ୍ୱର ବଡଗଡ଼ରେ ଥିବା ଘର, ବାଲିଅନ୍ତାରେ ଫାର୍ମ ହାଉସ, ରାୟଗଡାରେ ଥିବା ପୈତୃକ ଘର ଓ ଭୁବନେଶ୍ୱର ଅଫିସରେ ରେଡ୍ କରାଯାଇଥିଲା । ୪ଟି ସ୍ଥାନରେ ଚଢ଼ାଉ କରି କୋଟି କୋଟି ଟଙ୍କାର ସଂପତ୍ତି ପାଇଛି ଭିଜିଲାନ୍ସ । ଭୁବନେଶ୍ୱରରେ ଗୋଟିଏ, ଗୁଣପୁରରେ ୨ଟି ବହୁତଳ କୋଠା ଠାବ । ଭୁବନେଶ୍ୱରରେ ୩ ଦାମୀ ଫ୍ଲାଟ୍ ସହ ଦେଢ଼ ଏକର ଜମିର ଫାର୍ମ ହାଉସ୍ ଠାବ ହୋଇଛି ।

### ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଏକାଦଶାହ

# କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱରର ଛାତ୍ରୀଙ୍କ ଏକାଦଶାହରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି। ଏହି ଅବସରରେ କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଜଗନ୍ନାଥ ପଟ୍ଟନାୟକ, ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ,ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ,ମିଡିଆ ସେଲ ଅଧକ୍ଷ ଅରବିନ୍ଦ ଦାଶ ଏବଂ ବହୁ ମହିଳା କଂଗେସ ନେତ୍ରୀ ବାଲେଶ୍ୱରର ଦିବଂଗତା ଛାତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଅନୁରୂପ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗେଟ ସମ୍ମୁଖରେ ପିସିସି ସଭାପତି ମଧ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ କହିଛନ୍ତି, ରାଜ୍ୟରେ ନାରୀଙ୍କ ଉପରେ ଅତ୍ୟାଚାରକୁ ରୋକିବା ପାଇଁ ଜନ ଜାଗରଣର ଆବଶ୍ୟକତା ରହିଛି। ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ, ନାରୀ ସମାଜ ଉପରେ ହେଉଥିବା ଲଜ୍ୟାଜନକ ଅତ୍ୟାଚାର ବିରୁଦ୍ଧରେ ନ୍ୟାୟ ପାଇଁ ଏବଂ ବଳଙ୍ଗା ପୀଡ଼ିତାଙ୍କ ଆସୁ ଆରୋଗ୍ୟ ପାଇଁ ଗୋଟିଏ ମିନିଟ ଆଜି ୯ ଟା ବେଳେ କଂଗ୍ରେସ ଭବନ ସମେତ ରାଜ୍ୟବ୍ୟାପୀ ପାର୍ଥନା କରାଯାଇଥିଲା। ବାଲେଶ୍ୱର ପୀଡିତାଙ୍କ ପାଇଁ ପ୍ରତୀତାତ୍ମକ ଭାବେ ଆଜି ବାଣୀବିହାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ପ୍ରାର୍ଥନା ସଭା କରିଛୁ । ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ସଂଗଠନ ଏବଂ ସମସ୍ତ ମହିଳା ସମାଜକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଶ୍ରୀ ଦାସ।

## ଗ୍ରାଉଣ୍ଡରେ କେମିତି ଲୋକଙ୍କ କାମ ହେବ ରାଜ୍ୟପାଳ ଅଧିକ ଗୁରୁତ୍ୱ ଦେଉଛନ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରୋଟୋକାଲ ପରିଧି ବାହାରକୁ ଆସି ସାଧାରଣ ଲୋକଙ୍କ ସହ କଥା ହେଉଛନ୍ତି ରାଜ୍ୟପାଳ । ପୂର୍ବରୁ କଲାମଙ୍କ ଉଦାହରଣ ରହିଛି । ପୂର୍ବ ରାଜ୍ୟପାଳ ଗଣେଶୀ ଲାଲ ମଧ ଲୋକଙ୍କ ସହ ମିଶୁଥିଲେ । ଏବେର ରାଜ୍ୟପାଳ ଲୋକଙ୍କ ସହଯୋଡି ହେବା ଏବଂ ସମସ୍ୟା ସାମାଧାନ ଉଦାହରଣ ସୃଷ୍ଟି କରିଛନ୍ତି । ସିଧାସଳଖ ମନ୍ତ୍ରୀ ଅଧିକାରୀଙ୍କ ସହ ସାକ୍ଷତ କରି ସମୀକ୍ଷା ଆଲୋଚନା କରୁଛନ୍ତି । କେବଳ ସରକାରୀ ଦଳ ନୁହେଁ ଆଗକୁ ବିରୋଧୀ ଦଳ ନେତା ଏବଂ ବିଧାୟକଙ୍କ ସହ ଆଲୋଚନା କରିବେ । ବିଧାୟକଙ୍କୁ ଡାକି ମଧ ନିର୍ବାଚନୀ ମଣ୍ଡଳୀ କଥା ଆଲୋଚନା କରୁଛନ୍ତି । କେବଳ କାଗଜ ପତ୍ର ନୁହେଁ ଗ୍ରାଉଣ୍ଡରେ କେମିତି ଲୋକଙ୍କ କାମ ହେବ ସେ ଦିଗରେ ରାଜ୍ୟପାଳ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

## ଅନାସ୍ଥା ଆଣିବା ପାଇଁ ଆମ ପାଖରେ ନମ୍ବର ଅଛି: ତାରା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନାସ୍ଥା ଆଣିବା ପାଇଁ ଆମ ପାଖରେ ନମ୍ବର ଅଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ସେ କହିଛନ୍ତି ଆମେ ୧୪ ବିଧାୟକ ଓ ଆମ ସହ ଜଣେ ସିପିଆଇ ବିଧାୟକ ଅଛନ୍ତି । ବିଜେଡି ଜଦି ସମର୍ଥନ ନ କରେ ବିଜେପି ସହ ଅଛି ଜଣାପଡ଼ିଯିବ । ବିଧାନସଭାରେ ଆଲୋଚନା ହେଉ । ଅନାସ୍ଥା ପ୍ରସ୍ତାବ କାଟ ଖାଇବ ନା ନାହିଁ ଭୋଟିଂ ପରେ ଜଣାପଡିବ ବୋଲି ସେ କହିଛନ୍ତି ।

## ଛାତ୍ର କଂଗ୍ରେସ ଆନ୍ଦୋଳନ ବେଳେ ବାଡ ଭାଙ୍ଗିବା ଘଟଣାରେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ର କଂଗ୍ରେସ ଆନ୍ଦୋଳନ ବେଳେ ଭୁବନେଶ୍ୱର ରାଜରାସ୍ତାରେ ବାଡ ଭାଙ୍ଗିବା ଘଟଣା । ଆନ୍ଦୋଳନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ନେବ ବିଭାଗ । ଏନେଇ ବିଚାର ବିମର୍ଶ ପରେ ପରବର୍ତ୍ତୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବ ସ୍ମାର୍ଟ ସିଟି ଲିମିଟେଡ୍ । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି କିନ୍ତୁ ସରକାରୀ ସମ୍ପତ୍ତି ନଷ୍ଟ କରିବାର ଅଧିକାର ନାହିଁ । ଯେଉଁମାନେ ଆନ୍ଦୋଳନ କରୁଥିଲେ ସେମାନେ ସରକାରୀ ସମ୍ପତ୍ତି ନଷ୍ଟ କରିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ନିଆଯିବ । ମଙ୍ଗଳବାର ସନ୍ଧ୍ୟାରେ ଛାତ୍ର କଂଗ୍ରେସର କିଛି ସଦସ୍ୟ ଜେଲରୁ ରାଲି ବାହାର କରି ଆସିବା ବେଳେ ରାମ ମନ୍ଦିରରୁ ମାଷ୍ଟରକ୍ୟାଣ୍ଟିନ ମଧ୍ୟରେ ସ୍ମାର୍ଟ ସିଟି ଲଗାଇଥିବା ବିଏମସି ବାଡ଼କୁ ଭାଙ୍ଗି ଥିଲେ ।

## କବିଚନ୍ଦ୍ର କାଳୀଚରଣଙ୍କ ପୁଣ୍ୟତିଥିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ



ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ଓଡ଼ିଆ ସାହିତ୍ୟ ତଥା ନାଟ୍ୟ ଜଗତକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଚିରସ୍ମରଣୀୟ।

# ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ




କଟକ(ଭାସ୍କର ନ୍ୟୁଜ୍): ଚଳିତବର୍ଷ ସ୍ୱାଧୀନତା ଦିବସର ସମସ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ପାଳନ କରାଯିବା ନିମନ୍ତେ ଏଥିସହ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ ପୂର୍ବକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇସ୍ପିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ ସମାରୋହକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ସଫଳତାର ସହ ପାଳନ କରିବା ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟର ତଦାରଖ କରାଯିବାକୁ ଜିଲ୍ଲାପାଳ କହିଥିଲେ । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କଟକ ବାରବାଟୀ ଷ୍ଟାଡିୟମ ପଡିଆରେ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଭ୍ୟାସ ପରେଡ ଏବଂ ୧୫ ତାରିଖରେ ସ୍ୱାଧୀନତା ଦିବସ ପରେଡ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି । ସକାଳ ୯ ଘଟିକା ସମୟରେ ମୁଖ୍ୟଅତିଥି ଐତିହାସିକ ବାରବାଟୀ ଷ୍ଟାଡିୟମ ପଡିଆରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିବେ ଏବଂ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ । ସ୍ୱାଧୀନତା ଦିବସ ପାଳନ ଅବସରରେ ଚଳିତ ଥର ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ମଧ ନିଷ୍ପତି ଗ୍ରହଣ କରାଯାଇଛି । ଜିଲ୍ଲାର ମୁଖ୍ୟ ପ୍ରବେଶ ପଥ ଓ ଐତିହାସିକ ପୀଠ ତଥା ସରକାରୀ କାର୍ଯ୍ୟାଳୟଗୁଡିକୁ ମଧ ଆଲୋକ ସଜ୍ଜିକରଣ କରାଯିବାକୁ କଟକ ମହାନଗର ନିଗମକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୂର୍ବବର୍ଷର ବିବରଣୀ ପାଠ କରିବା ସହ ବୈଠକ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମାବେଶ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ ସ୍ଥାନୀୟ ଟାଉନହଲ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସୂଚନା ଓ ଜନ ସଂପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ ଏବଂ ହେମସାଗର ମହାନନ୍ଦ ତଥା ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଗଣ ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋତ୍ତମ ପରୀକ୍ଷା ଫଳ ଓ ସର୍ବାଧିକ ଏ୧ ଗ୍ରେଡ୍ ହାସଲ ଲକ୍ଷ୍ୟ ନେଇ ପ୍ରକାଶ ଅଭିନବ କାର୍ଯ୍ୟକ୍ରମର ଉଦ୍‌ଘାଟନ ମଧ୍ୟ କରାଯାଇଥିଲା। ସମ୍ମିଳନୀରେ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଓ ଭୂମିକା, ବିଦ୍ୟାଳୟ ସୁପରିଚାଳନା, ବିଦ୍ୟାଳୟସ୍ତରୀୟ ଶୈକ୍ଷିକ ଉନ୍ନତି ଯୋଜନା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଆର୍ଥିକ ପରିଚାଳନା, ପ୍ରି ମାଟ୍ରିକ ଛାତ୍ରବୃତ୍ତି, ବିଦ୍ୟାଳୟ କ୍ରୀଡ଼ା, ପଞ୍ଚସଖା ଶିକ୍ଷା ସେତୁ, ବିଭାଗୀୟ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆଦି ବିଷୟରେ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରିବା ସହ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ପ୍ରଦାନ କରାଯାଇଥିଲା। ନର୍ଲା ବିଇଓ ତପିମଣି ଜାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ବିରେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ରୁପସିଂ ରାଉତ, ସୋମନାଥ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାର ପ୍ରଧାନଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ

## ଏକଜୁଟ ହୋଇ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସାରା ଦେଶରେ ଶ୍ରେଷ୍ଠ ମଜଦୂର ସଂଘର ମାନ୍ୟତା ଲାଭ କରିଥିବା ଭାରତୀୟ ମଜଦୂର ସଂଘ ସାରା ଦେଶରେ ତାହାର ୭୧ ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ସଂଘ ଶାଖା ପକ୍ଷରୁ ସ୍ଥାନୀୟ ଅମଲା ଭବନ ଠାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ୨୩ ତାରିଖ ବୁଧବାର ଦିନ ଏହି ଦିବସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶ୍ରମିକ ସଂଗଠନର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ଅଙ୍ଗନବାଡି ସଂଘ, ପାଚିକା ସଂଘ, ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୂର ସଂଘ ଭଳି ବିଭିନ୍ନ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ ଏଥିରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ ସଂଘଚାଳକ ଜୟ ନାରାୟଣ ବାବୁ, ମୁଖ୍ୟବକ୍ତା ଭାରତୀୟ ମଜଦୂର ସଂଘ ଓଡିଶା ରାଜ୍ୟ ପ୍ରଭାରୀ, ବିରଞ୍ଚି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କୃଷି ଗ୍ରାମୀଣ ମଜଦୂର ସଂଘ ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ପ୍ରଭାରୀ ବିଶ୍ୱ ରଞ୍ଜନ ସାହା, ଭାରତୀୟ ମଜଦୂର ସଂଘ କଳାହାଣ୍ଡିର ଜିଲ୍ଲା ସଭାପତି ଡୋଳାମଣି ସାହୁ, ଜିଲ୍ଲା ସଂପାଦକ ଲୋଚନ ସାହୁ ଉପସ୍ଥିତ ଥିଲାବେଳେ ଅନ୍ୟତମ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅଖିଳ ଭାରତୀୟ ମଧ୍ୟାହ୍ନ ଭୋଜନ କମିଟିର ସଦସ୍ୟ ତପସ୍ୱିନୀ ମହାରଣା ମଧ୍ୟ ଉପସ୍ଥିତ ଥିଲେ। ଅତିଥି ମାନେ ଭାରତୀୟ ମଜଦୂର ସଂଘର ଐତିହ୍ୟ, ସମ୍ମାନ ତଥା କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ଦେଶର ସର୍ବବୃହତ ସଂଘ ହୋଇଥିବାରୁ ଏହାର ସଦସ୍ୟମାନେ ଗର୍ବ କରିବା ଉଚିତ ଓ ନିଷ୍ଠାର ସହ କାମ କରିଯିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂଘ ତଥା ସମାଜ ନିମନ୍ତେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିବାରୁ କଳାହାଣ୍ଡି ଜିଲ୍ଲା ଅଙ୍ଗନବାଡି ଜିଲ୍ଲା ସଭାପତି ସଂଜୀବନୀ ପାଢ଼ୀ, ପାଚିକା ସଂଘ ସଭାପତି, ପାଚିକା ସଂଘ ସଭାପତି ବିମଳା ଗଉଡ, କୃଷି ଗ୍ରାମୀଣ ମଜଦୂର ମହାସଂଘର ଜିଲ୍ଲା ସଭାପତି ସୁରେନ୍ଦ୍ର ମୋହନ କର, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୂର ସଂଘର ଜିଲ୍ଲା ସଭାପତି ଭବାନୀ ଶଙ୍କର ରାଉତ, ସିଆର୍‌ସି. ସଭାପତି ଝରଣା ସାହୁ ଓ ଇସି.ସଭାପତି ନଳିନୀ ବାଗଙ୍କୁ ଜିଲ୍ଲା ମଜଦୂର ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କଳାହାଣ୍ଡି ବିଶ୍ୱକର୍ମା ମଜଦୂର ସଂଘର ଜିଲ୍ଲା ସମ୍ପାଦକ ନବୀନ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ଯୁବ ସାମ୍ବାଦିକ



କୋକସରା, (ଭାସ୍କର ନ୍ୟୁଜ୍) : ରକ୍ତ କମ୍ ଥିବା କାରଣରୁ କୋକସରା ବ୍ଲକ ଲଡୁଗାଁର ରମାବତୀ ଧଙ୍ଗଡାମାଝୀ (୩୫) ନବରଙ୍ଗପୁର ଠାରେ ଗୁରୁତର ଅସ୍ତ୍ରୋପଚାର ହୋଇପାରୁ ନଥିଲା। ବିଭିନ୍ନ ସ୍ଥାନରେ ଥିବା ରକ୍ତ ଭଣ୍ଡାରରେ ଖୋଜାଖୋଜି ପରେ ମଧ୍ୟ ମହିଳାଙ୍କ ପାଇଁ ଆବଶ୍ୟକ ଥିବା 'ଏବି' ପଜିଟିଭ ଗ୍ରୁପର ରକ୍ତ ମିଳି ନଥିଲା। ଏଣୁ ପରିବାର ଲୋକେ ଚିନ୍ତାରେ ଥିଲେ। ଏଭଳି ସମୟରେ ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ୍" କଳାହାଣ୍ଡିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନର ଯୋଗାଯୋଗ ପରେ ଯୁବ ସାମ୍ବାଦିକ ପ୍ରଦୀପ ସେଠୀଆ ରକ୍ତଦାନ କରି ମହିଳାଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇ ପାରିଛନ୍ତି। ସୂଚନା ଯେ' ରମାବତୀ ଧଙ୍ଗଡାମାଝୀଙ୍କ ଏକ ଗୁରୁତ୍ୱର ଅସ୍ତ୍ରୋପଚାର ନିମନ୍ତେ ନବରଙ୍ଗପୁର ଜିଲ୍ଲା ସ୍ଥିତ ଖ୍ରୀଷ୍ଟୀୟାନ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। କିନ୍ତୁ ଦେହରେ ରକ୍ତ ପରିମାଣ କମ୍ ଥିବାରୁ ତାଙ୍କ ଅସ୍ତ୍ରୋପଚାର ହୋଇ ପାରୁନଥିଲା। ମହିଳାଙ୍କ ରକ୍ତ ବର୍ଗ 'ଏବି' ପଜିଟିଭ୍ ହେଇଥିବାରୁ ପରିବାର ସମ୍ପର୍କୀୟ ଅନେକ ଲୋକ ମାନଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ରକ୍ତ ଯୋଗାଡ଼ ହୋଇ ପାରି ନଥିଲା। ଖ୍ରୀଷ୍ଟିଆନ ହସ୍ପିଟାଲର ରକ୍ତ ଭଣ୍ଡାର ଓ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ରକ୍ତ ଭଣ୍ଡାରରେ ମଧ୍ୟ 'ଏବି' ପଜିଟିଭ୍ ବର୍ଗର ରକ୍ତ ଗଚ୍ଛିତ ନଥିଲା। ରକ୍ତ ଯୋଗାଡ଼ ନ ହେବାରୁ ରୋଗୀ ସମ୍ପର୍କୀୟ ଅନେକ ଚିନ୍ତାରେ ରହିଥିଲେ। ରକ୍ତ ଅଭାବ ଯୋଗୁଁ ଅସ୍ତ୍ରୋପଚାର ହୋଇପାରୁନାହିଁ ଏବଂ ମହିଳା ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଏହି ଦୁଃଖଦ ବିଷୟ ଜଣେ ବ୍ୟକ୍ତି କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ୍' ପରିବାରର ପ୍ରତିଷ୍ଠାତା ଉମାକାନ୍ତ ସୁନାନୀଙ୍କୁ ଜଣାଇବାରୁ ଗୁରୁତ୍ୱର ସହ ନେଇ ସାଙ୍ଗେ ସାଙ୍ଗେ ଅଞ୍ଚଳରେ କାର୍ଯ୍ୟରତ ଯୁବ ସାମ୍ବାଦିକ ପ୍ରଦୀପ ସେଠୀଆଙ୍କୁ ଫୋନ୍ ମାଧ୍ୟମରେ ରକ୍ତ ଆବଶ୍ୟକତା ଖବର ଜଣାଇଥିଲେ। ଏହାପରେ ସାମ୍ବାଦିକ ସେଠୀଆ ନିଜର ବ୍ୟସ୍ତ ବହୁଳ କାର୍ଯ୍ୟକୁ ପଛରେ ପକାଇ ସାଙ୍ଗେ ସାଙ୍ଗେ ନିଜର ବନ୍ଧୁ ମାଧବ ଠାକୁର, ରିଙ୍କୁ ମଙ୍ଗରାଜ ଓ ଉମାକାନ୍ତ ସୁନାନୀଙ୍କ ସହିତ ବାଇକ୍ ଯୋଗେ ଶହେରୁ ଊର୍ଦ୍ଧ୍ୱ କି.ମି ନବରଙ୍ଗପୁର ଖ୍ରୀଷ୍ଟୀୟାନ ହସ୍ପିଟାଲର ରକ୍ତ ଭଣ୍ଡାରକୁ ପହଞ୍ଚି ନିଜର ବହୁମୂଲ୍ୟ 'ଏବି' ପଜିଟିଭ୍ ବର୍ଗର ରକ୍ତଦାନ କରିଥିଲେ। ଚଳି ଥର ମିଶାଇ ସାମ୍ବାଦିକ ସେଠୀଆ ୩୨ ଥର ରକ୍ତଦାନ କରିସାରିଲେଣି।

## ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚିଲେ ବ୍ଲକ ଉପାଧ୍ୟକ୍ଷ

କୋକସରା, (ଭାସ୍କର ନ୍ୟୁଜ୍) : ନିଆଁ ଲାଗି ଯିବାରୁ ଘର ପୋଡି ସର୍ବସ୍ୱାନ୍ତ ହୋଇଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ଗ୍ରାମର ଦିବ୍ୟାଙ୍ଗ ଲିଙ୍ଗରାଜ ବେଶ୍ରାଙ୍କ ପରିବାରକୁ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସାକ୍ଷାତ କରିଛନ୍ତି। ଏବଂ ବର୍ତ୍ତମାନ ପରିସ୍ଥିତିରେ ଯେମିତି ଘର ଚଳିବ ସେଥିପାଇଁ ସେ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆସବାବପତ୍ର ଓ ପୋଷାକ ଓ ବହିପତ୍ର ଯୋଗଦେଇଛନ୍ତି। ଏଥି ସହିତ ଉକ୍ତ ପରିବାରକୁ ସରକାରୀ ସ୍ତରରେ ଯେମିତି ସହଯୋଗ ମିଳି ପାରିବ ସେନେଇ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହ ଅନ୍ତୋଦୟ ଯୋଜନାରେ ଘର ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଯେ' ଗତ ୧୮ ତାରିଖରେ ଘର ଛାଡ଼ି ଦିବ୍ୟାଙ୍ଗ ଲିଙ୍ଗରାଜ ବେଶ୍ରାଙ୍କ ପରିବାର ସମ୍ପର୍କୀୟ ଘରକୁ କୁଣିଆ ହୋଇ ଯାଇଥିଲେ। ତେବେ ସହି ରାତ୍ରିରେ କୌଣସି ପ୍ରକାରେ ନିଆଁ ଲାଗି ତାଙ୍କ ଘର ପୋଡି ଯାଇଥିଲା। ଏହା ଫଳରେ ଘରେ ଥିବା ଚାଉଳ, ଡାଲି ସହ ଆସବାବପତ୍ର ଓ ବିଦ୍ୟାର୍ଥୀଙ୍କ ଡ୍ରେସ, ବହି ଖାତା, ଗୃହ ପାଳିତ ପକ୍ଷୀ କୁକୁଡ଼ା ଆଦି ପୋଡି ଯାଇଥିଲା। ଯାହା ଫଳରେ ସମ୍ପୂର୍ଣ୍ଣ ପରିବାର ଲୋକେ ଦୁଃଖରେ ଭାଙ୍ଗି ଯାଇଛନ୍ତି।

## ବୁଢ଼ୀପଦରେ ହରାଲି ଉଆଁସ ପାଳିତ



ନର୍ଲା, (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଠାରେ ଗୁରୁବାର ହରାଲି ଉଆଁସ ପାଳିତ ହୋଇଯାଇଛି। ପୂର୍ବେ ମଗଧା ଯାଦବ ମାନେ କ୍ଷତ୍ରୀୟ ବୃତ୍ତି ସହ କୃଷି କର୍ମ ମଧ୍ୟ କରୁଥିଲେ। ଏମାନେ କୃଷି କାର୍ଯ୍ୟ ସାରି ଶ୍ରାବଣ ମାସର କୃଷ୍ଣ ପକ୍ଷ ଅମାବାସ୍ୟା ଦିନ କ୍ଷେତରେ ବିଜୟର ପ୍ରତୀକ ଭାବେ କେନ୍ଦୁ ଶାଖା ସ୍ଥାପନ କରୁଥିଲେ ଓ ଏହାପରେ ରାଜ୍ୟ ରକ୍ଷା ପାଇଁ ସୀମାକୁ ଚାଲି ଯାଉଥିଲେ କିମ୍ବା ସମରାଭ୍ୟାସ କ୍ଷେତ୍ରକୁ ଯାଇ ଗୋଷ୍ଠୀଗତ ଭାବେ ସମରାଭ୍ୟାସ କରୁଥିଲେ। ଏହି ପରମ୍ପରା ବର୍ତ୍ତମାନ ସୁଦ୍ଧା ଅନୁସୃତ ହୋଇ ଆସୁଛି। ଚିତାଲାଗି ଅମାବାସ୍ୟା ଦିନ ଯାଦବ ପରିବାରମାନେ ଏହି ପର୍ବକୁ ପାରମ୍ପରିକ ରିତିନିତି ଅନୁକ୍ରମେ ପାଳନ କରିଛନ୍ତି। ଯାଦବ ରମଣୀ ଓ ଗୃହକର୍ତ୍ତା ସକାଳୁ ଗାଧୁଆ ପାଧୁଆ ସାରି ଗୁହାଳରେ ଗାଇ ଗୋରୁଙ୍କୁ ବନ୍ଦାପନା କରିଥିଲେ। ଗୋ ବନ୍ଦାଣ ପରେ ଚାଷୀ କୃଷି କ୍ଷେତ୍ରକୁ ଯାଇ କେନ୍ଦୁ ବୃକ୍ଷକୁ ପୂଜା କରିବା ସହ ସେହି ବୃକ୍ଷରୁ ଏକ ଶାଖା ଆଣି କ୍ଷେତରେ ସ୍ଥାପନ କରିଥିଲେ। ପୂର୍ବାହ୍ନରେ ଚରଡାଙ୍ଗ ଏବଂ ମଧ୍ୟାହ୍ନରେ ପିଦରରେ ପିତୃ ଉପାସନା ସହ ଅସ୍ତ୍ର ଶସ୍ତ୍ର ପୂଜା କରାଯାଇଥିଲା। ସନ୍ଧ୍ୟାରେ ଗୁହାଳ ପୂଜା ପରେ ଭୋଜି ଭାତର ଆସର ଜମିଥିଲା।

## ନିଖୋଜ ଯୁବକର ମୃତ ଦେହ ଠାବ, ହତ୍ୟା ସନ୍ଦେହ

**ଶବ ଆଣିବାକୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପରିବାର**

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଯୁବକଙ୍କ ନିଖୋଜର ଦୀର୍ଘଦିନ ପରେ ମୃତ ଦେହ ଠାବ ହୋଇଥିବା ଖବର ମିଳିଛି। ଆନ୍ଧ୍ରପ୍ରଦେଶ ବବଲୀ -ଜି ଆର ପି ପୋଲିସ ମୃତ ଦେହ ଠାବ କରିଥିବା ନେଇ ଧର୍ମଗଡ଼ ପୋଲିସ ସୂଚନା ଦେଇଛି। ସେଠାକାର ପୋଲିସ ମୃତ ଯୁବକର ଏକ ଫୋଟ ଧର୍ମଗଡ଼ ଥାନାକୁ ପ୍ରେରିତ କରିଥିବା ବେଳେ ନିଖୋଜ ଯୁବକକୁ ଚିହ୍ନଟ କରିବାକୁ ଧର୍ମଗଡ଼ ପୋଲିସ ପରିବାରକୁ ଡାକି ଚିହ୍ନଟ କରିଛି। ସୂଚନା ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଅଁଏଲାଜୋର ଗ୍ରାମର ଜଣେ ଯୁବକ ଚେନ୍ନାଇକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ବିଜୟ ନଗରମ ଠାରେ ନିଖୋଜ ହୋଇଥିବା ନେଇ ଧର୍ମଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ନିଖୋଜ ଦାଦନ ଶ୍ରମିକ ଜଣକ ହେତୁରମ୍ ଜୁଏଡ (୩୨) ପିତା- ଅଖିଳ ଯୁଏଡ୍ ବୋଲି ଜଣାପଡିଛି। ଅଭିଯୋଗ ମତେ ହେତୁରାମ ଗତ ୧୩/ ୬ ଶୁକ୍ରବାର ଦିନ ବଡ ଘୁମର ଗ୍ରାମର ନିରଞ୍ଜନ ଗୋପାଳ ଓ ଥବିର ଗୋପାଳ ସହ ମିଶି ଦାଦନ ଖଟିବାକୁ ଚେନ୍ନାଇ ଅଭିମୁଖେ ବାହାରିଥିଲେ। ରାତି ୧/ ୩୦ଘଣ୍ଟା ସମୟରେ କେସିଙ୍ଗା ଷ୍ଟେସନ ଠାରୁ ଟାଟା ଏଲ୍ ପି ଧାନବାଦ ଏକ୍ସପ୍ରେସ ଯୋଗେ ଯାତ୍ରା କରୁଥିଲେ। କିନ୍ତୁ ସକାଳ ୭ ଘଣ୍ଟା ୩୦ ମିନିଟ ସମୟରେ ଆନ୍ଧ୍ରପ୍ରଦେଶର ବିଜୟ ନଗରମ ଷ୍ଟେସନ ଠାରେ ହେତୁରାମ୍‌କୁ ଟ୍ରେନରେ ନ ଦେଖି ଦୁଇ ସାଙ୍ଗ ଖୋଜା ଖୋଜି କରି ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଯାହା ଫଳରେ ଉକ୍ତ ଦୁଇ ଯୁବକ ନିଜ ଗାଁକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ଗତ ତା ୧୬/୬ ରିଖ ଦିନ ପୁଅ ନିଖୋଜ ଥିବା ନେଇ ଧର୍ମଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକେ। ହେଲେ ମୃତ ହେତୁରାମ ଜୁଏଡ଼ଙ୍କ ମୃତ ଦେହ ଆନ୍ଧ୍ରପ୍ରଦେଶ ବବଲୀ ଜିଆର୍‌ପି ପୋଲିସ ଠାବ କରିଥିବା ସୂଚନା ମିଳିଛି। ଅନ୍ୟପଟେ ଏହା ଏକ ସୁକଳ୍ପିତ ହତ୍ୟା ହୋଇଥିବା ପରିବାର ପକ୍ଷରେ କୁହାଯାଇଛି। ଏହି ହତ୍ୟାକାଣ୍ଡ ପଛରେ ନିରଞ୍ଜନ ଗୋପାଳ ଓ ଥବିର ଗୋପାଳ ଥିବା ପରିବାର ପକ୍ଷରୁ କୁହାଯାଉଛି। ସବୁଠି ଦୁଃଖ କଥା-ଅତି ଗରିବ ଶ୍ରେଣୀର ହୋଇଥିବା ଯୋଗୁଁ ଶବ ଆଣିବାକୁ ସମର୍ଥ ଜୁଟାଇ ପାରି ନାହାନ୍ତି। ଗୁରୁବାର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇ ଶବ ଗାଁକୁ ଆଣିବା ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ଉପଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ମୃତ ଦେହ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏହାର ତଦନ୍ତ କରି ସମ୍ପୃକ୍ତ ୨ ଜଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ପରିବାର ଜଣାଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାରରେ ବିଧବା ସ୍ତ୍ରୀ ଓ ୪ବର୍ଷର ଶିଶୁ ପୁତ୍ର ରହିଥିବା ଜଣା ପଡିଛି।

## ସୂଚନା ଅଧିକାର ଆଇନ ଉଲ୍ଲଂଘନ କରୁଛି ଉଦ୍ୟାନ କୃଷି ବିଭାଗ

କୋକସରା, (ଭାସ୍କର ନ୍ୟୁଜ୍) : ସରକାର ଜନସାଧାରଣଙ୍କ ସୁବିଧା ଓ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ସବୁ ବିଭାଗରେ ସୂଚନା ଆଇନ ପ୍ରଚଳିତ କରିବା ସହିତ ସେସବୁ ବିଭାଗରେ ଜଣେ ସୂଚନା ଅଧିକାର ଅଧିକାରୀ ରହିଥାନ୍ତି। ଆବେଦନକାରୀଙ୍କ ତଥ୍ୟକୁ ଏକ ମାସ ମଧ୍ୟରେ ଦେବାର ନିୟମ ରହିଛି। ମାତ୍ର ସହାୟକ ଉଦ୍ୟାନ କୃଷି ନିର୍ଦ୍ଦେଶକ ଧର୍ମଗଡ଼ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସରକାରଙ୍କ ଏହି ଆଇନକୁ ଉକ୍ତ ଅଫିସର ଲୋକ ସମ୍ପର୍କ ଅଧିକାରୀ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି। ଆବେଦନର ୪୯ ଦିନ ବିତିଯାଇଥିଲେ ମଧ୍ୟ ତଥ୍ୟ ଦେବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। କୋକସରା ଅଞ୍ଚଳର ଜଣେ ସୂଚନା କର୍ମୀ କୋକସରା ବ୍ଲକ ଉଦ୍ୟାନ ବିଭାଗୀ ସମ୍ବନ୍ଧୀୟ ତଥ୍ୟ ଗତ ୦୪/୦୬/୨୫ ତାରିଖରେ ଧର୍ମଗଡ଼ ସହାୟକ ଉଦ୍ୟାନ କୃଷି ନିର୍ଦ୍ଦେଶକ କାର୍ଯ୍ୟାଳୟରେ ସୂଚନା ଆଇନ ଅଧିକାର ବଳରେ ତଥ୍ୟ ମାଗିଥିଲେ। ତେବେ ଜନସୂଚନା ଅଧିକାରୀ ଆବେଦନ ସୂଚନାର ସମୟ ସୀମା ପାଇବାର ୩୦ ଦିନ ମଧ୍ୟରେ ଧାରା-୫-୨ ଅନୁଯାୟୀ ସୂଚନା ଯୋଗାଇଦେବର ନିୟମ ଥିଲେ ମଧ୍ୟ ଆବେଦନର ୪୯ ଦିନ ବିତିଯାଇଥିଲେ ସୁଦ୍ଧା ତଥ୍ୟ ଦେବାରେ ସମ୍ପୃକ୍ତ ବିଭାଗ ଅବହେଳା କରୁଛନ୍ତି। ଏଣେ ସୂଚନା ଅଧିକାର କର୍ମୀ ଧାରା-୭(୧)ଓ ଧାରା-୭(୫) ଅନୁଯାୟୀ ଅତିରିକ୍ତ ଫିସ୍ ତଥ୍ୟ ବାବଦକୁ ପୈଠ ମଧ୍ୟ କରିଛନ୍ତି। କିନ୍ତୁ ସୂଚନାଦେଲେ ଭାଣ୍ଡାମିର ପର୍ଦା ଫାସ ହୋଇଯିବ ସେ' ଆଳରେ ସୂଚନା ଦେବାକୁ ବା ଜନସୂଚନା ଅଧିକାରୀ ପି.ଆଇ.ଓ. ବା ଏ.ପି.ଆଇ.ଙ୍କୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଉତ୍ତର ରଖିବା ବଦଳରେ ସୁରକ୍ଷା ଦେଉଛନ୍ତି। ବିଭାଗ ପକ୍ଷରୁ କାଗଜାତର ନକଲ ପାଇଁ ଆବଶ୍ୟକ ଅର୍ଥରାଶି ୩୨ ଶହ ୫୨ ଟଙ୍କା ଜମାକରିବାକୁ ଚିଠି ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ଚିଠି ମୁତାବକ ସମସ୍ତ ଅର୍ଥରାଶି ପୈଠ କରିବା ପରେ ୧୪/୦୭/୨୫ ସୁଦ୍ଧା ତଥ୍ୟ ହସ୍ତାନ୍ତର ହେବା ସୂଚନା ଥିଲା। ହେଲେ ଆଜକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ ହୋଇ ପାରିଲାନାହିଁ। ଯାହାକୁ ନେଇ କର୍ମୀ ଜଣକ ବିଭାଗର କାର୍ଯ୍ୟକଳାପ ଉପରେ ସନ୍ଦେହ ସ୍ପଷ୍ଟ ବାରି ହେଉଥିବା କହିଛନ୍ତି। ଏପଟେ ବୁଧବାର କର୍ମୀ ଜଣକ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଭେଟି (ଘ) ଫର୍ମ ଧାରା (୧୯)୧ରେ ଏକ ସ୍ମାରକ ପତ୍ରପ୍ରଦାନ କରିଛନ୍ତି। ଏବଂ ସୂଚନା ଦେବାରେ ବିଳମ୍ବ କାରଣ ପଚାରିବାରୁ ସହାୟକ ଉଦ୍ୟାନ କୃଷି ନିର୍ଦ୍ଦେଶକ ମଳୟ କୁମାର ସିଂ ଆମର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହେବାକୁ ଥିଲା ତେଣୁ ଆମେ ସମସ୍ତେ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ବ୍ୟସ୍ତ ଥିଲୁ ଏଣୁ ତଥ୍ୟ ଦେବାରେ ବିଳମ୍ବ ହୋଇଛି ବୋଲି ସଫେଇ ଦେଇଛନ୍ତି। ଅନ୍ୟପଟେ କାର୍ଯ୍ୟାଳୟର ଲୋକ ସୂଚନା ଓ ସମ୍ପର୍କ ଅଧିକାରୀଣୀ ପ୍ରଭାତୀ ନାୟକ ମଧ୍ୟ ଅନୁରୂପ ପ୍ରତିକ୍ରିୟା ରଖିବା ସହ ମୋତେ ପାସୱାର୍ଡ ଜଣାନଥିବା କହି ଶୀଘ୍ର ଆପଣଙ୍କୁ ତଥ୍ୟ ଦିଆଯିବ ବୋଲି କହିଥିବା କର୍ମୀ ଜଣକ ପ୍ରକାଶ କରିଛନ୍ତି। ଅନ୍ୟପଟେ କୋକସରା ଉଦ୍ୟାନ କୃଷି କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା ହୋଇଥିବାରୁ ତଥ୍ୟ ଦେଲେ ସତ ଲୋକ ଲୋଚନକୁ ଆସିବା ଭୟରେ ଜାଣିଶୁଣି ବିଳମ୍ବ କରୁଥିବା ଓ ତଥ୍ୟ ପ୍ରଦାନରେ ଅବହେଳା କରୁଥିବାରୁ ଏହି କାର୍ଯ୍ୟାଳୟରେ ବହୁ ଦୁର୍ନୀତି ହୋଇଥିବା ସନ୍ଦେହ ହେଉଛି।

## ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଚାଲିଛି ଯୁକ୍ତ ଦୁଇ କଲେଜ ପାଠପଢ଼ା

- ଟଏଲେଟ୍, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଠପ୍
- କ୍ୟାମ୍ପସ ଭିତରୁ ବାହାରୁଛି ବଡ଼ ବଡ଼ ବିଷାକ୍ତ ସାପ



କୋକସରା, (ଭାସ୍କର ନ୍ୟୁଜ୍) : ଗ୍ରାମାଞ୍ଚଳରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସରକାର ଶିକ୍ଷାର ବିକାଶ ପାଇଁ ଆଠରୁ ଦଶ କିମି ଦୂରରେ ଗୋଟାଏ ଲେଖାଏଁ ଯୁକ୍ତ ଦୁଇ କଲେଜ ଖୋଲିଛନ୍ତି। ଯାହାକି ଉଚ୍ଚ ଶିକ୍ଷା ଅଧ୍ୟୟନରେ ବାଟ ଫିଟିବ। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକର ଡ଼ହଗାଁ, ଡଙ୍ଗରିଗୁଡ଼ା, ନେଙ୍ଗିଗୁଡ଼ା, ଆମପାଣି ଠାରେ ୫ ଗୋଟି ନୂତନ ଯୁକ୍ତ ଦୁଇ ବିଦ୍ୟାଳୟ ସରକାରଙ୍କ ପକ୍ଷରୁ ଖୋଲାଯାଇଛି। ତେବେ ଆମପାଣି ଏସ୍‌ଏସ୍‌ଡି ହାଇସ୍କୁଲ ପକ୍ଷରୁ ଚାଲିଥିବା ନୂତନ ଯୁକ୍ତ ଦୁଇ କଲେଜଟି ବର୍ତ୍ତମାନ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଚାଲିଥିବା ଅଭିଯୋଗ ହେଉଛି। ଆମପାଣି ଏସ୍‌ଏସ୍‌ଡ଼ି ସ୍କୁଲରେ ଶ୍ରେଣୀ ଗୃହ ଅଭାବରୁ ଗତ ବର୍ଷ ଆଉ କୌଣସି ପ୍ରକାର ପାଠ ପଢା ହୋଇ ପାରିନଥିଲା। ଫଳରେ ଛାତ୍ରଛାତ୍ରୀ ମାନେ ଆଉ କଲେଜକୁ ପାଠ ପଢିବା ପାଇଁ ଆସିନପାରି ଶିକ୍ଷାରୁ ବଞ୍ଚିତ ରହିଥିଲେ। ଚଳିତ ଶିକ୍ଷା ବର୍ଷରେ ଯୁକ୍ତ ଦୁଇର କାଉନସିଲ୍ ପରୀକ୍ଷା ରହିଥିବାରୁ କିଛି ଦିନ ତଳେ ଏକ ଠିକା ସଂସ୍ଥା ଦ୍ୱାରା ତରବରିଆ ଭାବେ ଆମପାଣିରେ ଥିବା ପୁରୁଣା ଆଶ୍ରମ ସ୍କୁଲ ଗୃହକୁ ମରାମତି କରି ପାଠ ପଢା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ଏଠାରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ କୌଣସି ଶୌଚାଳୟ କିମ୍ବା ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ। କଲେଜ କ୍ୟାମ୍ପସର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଚାରିଆଡ଼େ ଖାଲି ଗଛ, ଲତା ବୁଦା ସହିତ ଇତସ୍ତତ ଇଟା, ବାଲି ମେଟାଲ ସବୁ ପଡ଼ି ରହିଛି। ଯାହାକି ବର୍ଷା ଦିନେ ବିପଦକୁ ଆହୁରି ଆମନ୍ତ୍ରଣ କରୁଛି। ଏହା ମଶା ମାଛିଙ୍କର ଭଣ୍ଡାର ଘର କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଅନ୍ୟପକ୍ଷେ କ୍ୟାମ୍ପସରେ ଲତା ବୁଦା ସବୁ ସଫା କରିନଥିବା ହେତୁ ଅନେକ ସମୟରେ ଏଠାରେ ବଡ଼ ବଡ଼ ବିଷଧର ସର୍ପ ମାନଙ୍କ ବାହାରୁଥିବା ମଧ୍ୟ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୁଣି ଶ୍ରେଣୀ ଗୃହ ମାନଙ୍କରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ତୀବ୍ର ଅସନ୍ତୋଷ ଭାବ ପ୍ରକାଶ ପାଇଛି। ପ୍ରକାଶ ଯେ ଆମପାଣି ଏସ୍‌ଏସ୍‌ଡ଼ି ଅଧିନରେ ଚାଲୁଥିବା ଯୁକ୍ତ ଦୁଇ କଲେଜରେ ୧୨୮ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ରହିଥିବା ବେଳେ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ୬୮ ଜଣ ଛାତ୍ରଛାତ୍ରୀ ଆଡମିସନ୍ ନେଇଛନ୍ତି ଏବଂ ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ୪୭ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ସୂଚନା ରହିଛି। ଏନେଇ ଏସ୍‌ଏସ୍‌ଡି ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳିନଥିଲା। ବର୍ତ୍ତମାନ କଲେଜରେ ନିୟମିତ ଶିକ୍ଷାଦାନ ଚାଲୁଥିବାରୁ କଲେଜ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମିତ୍ତ ଯଥା ସମ୍ଭବ କଲେଜ ପରିସରକୁ ସଫା ସୁତୁରା ରଖି ଆବଶ୍ୟକ ପଦକ୍ଷେପ ମାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରାଶିଫଳ

**ଶୁକ୍ରବାର, ୨୫ ଜୁଲାଇ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।



**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ। ବିରୋଧୀମାନେ ସକ୍ରିୟ ରହିବେ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଚାକିରିରେ ମିଳିବ। ବ୍ୟବସାୟ ଭଲ କରିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୌଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡ଼ି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଶ୍ରୀପତି ଆଚାର୍ଯ୍ୟ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯